# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୨/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, October 22/2019 | ★★★★★★

୪୫ଶ ଭାଗ ୩୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-


# ମହାରାଷ୍ଟ୍ର, ହରିୟାଣାରେ ପୁଣି ଭାଜପା

**ମହାରାଷ୍ଟ୍ର - ୨୮୮**

| ସର୍ଭେ ସଂସ୍ଥା | ଭାଜପା+ ଶିବସେନା | କଂଗ୍ରେସ+ ଏନ୍‌ସିପି | ଅନ୍ୟାନ୍ୟ |
|---|---|---|---|
| ଟାଇମ୍ସ ନାଓ | ୨୩୦ | ୪୮ | ୧୦ |
| ନ୍ୟୁଜ ୧୮ – ଆଇପିଏସ୍‌ଓଏସ୍ | ୨୪୩ | ୪୧ | ୦୪ |
| ଇଣ୍ଡିଆଟୁଡେ – ଆକ୍ସିସ | ୧୬୬–୧୯୪ | ୭୨–୯୦ | ୨୨–୩୪ |
| ଏବିପି ନ୍ୟୁଜ୍– ସି ଭୋଟର | ୧୯୨–୨୧୬ | ୫୫–୮୧ | ୪–୨୧ |
| ରିପବ୍ଲିକ– ଜନ୍ କୀ ବାତ୍ | ୨୧୬–୨୩୦ | ୫୨–୫୯ | ୮–୧୨ |
| ନ୍ୟୁଜ୍ ଏକ୍ସ – ପୋଲ୍‌ଷ୍ଟ୍ରାଟ୍ | ୧୮୮–୨୦୦ | ୭୪–୮୯ | ୬–୧୦ |

**ହରିୟାଣା - ୯୦**

| ସର୍ଭେ ସଂସ୍ଥା | ଭାଜପା | କଂଗ୍ରେସ | ଅନ୍ୟାନ୍ୟ |
|---|---|---|---|
| ଟାଇମ୍ସ ନାଓ | ୭୧ | ୧୧ | ୮ |
| ନ୍ୟୁଜ ୧୮ – ଆଇପିଏସ୍‌ଓଏସ୍ | ୭୫ | ୧୦ | ୫ |
| ଏବିପି ନ୍ୟୁଜ୍– ସି ଭୋଟର | ୭୨ | ୮ | ୧୦ |
| ରିପବ୍ଲିକ– ଜନ୍ କୀ ବାତ୍ | ୫୨–୬୩ | ୧୫–୧୯ | ୮–୧୨ |
| ନ୍ୟୁଜ୍ ଏକ୍ସ – ପୋଲ୍‌ଷ୍ଟ୍ରାଟ୍ | ୭୫–୮୦ | ୯–୧୨ | ୧–୪ |

**ବୁଥ୍ ଫେରନ୍ତା ଜନମତ ସର୍ଭେ**

ନୂଆଦିଲ୍ଲୀ,୨୧।୧୦

ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନ ଲାଗି ଭୋଟଗ୍ରହଣ ସୋମବାର ଶେଷ ହୋଇଛି। ଗୁରୁବାର ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ତେବେ ଭୋଟଗ୍ରହଣ ଶେଷ ହେବା ପରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ବୁଥ୍ ଫେରନ୍ତା ଜନମତ (ଏକ୍‌ଜିଟ୍ ପୋଲ୍) ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ଉଭୟ ରାଜ୍ୟରେ ଭାଜପା ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସହ ପୁଣିଥରେ ସରକାର ଗଢ଼ିବ ବୋଲି ଅଧିକାଂଶ ଗଣମାଧ୍ୟମ ପୂର୍ବାନୁମାନ କରିଛନ୍ତି। ☞ପୃଷ୍ଠା–୪

# ୭୮.୯୬% ମତଦାନ, ୨୪ରେ ଗଣତି

**ବିଜେପୁର ଉପନିର୍ବାଚନ**

ବରଗଡ଼ ଅଫିସ୍/ଭୁବନେଶ୍ୱର (ବ୍ୟୁରୋ), ୨୧।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ସୋମବାର ମତଦାନ ପ୍ରକ୍ରିୟା ଶେଷ ହୋଇଛି। ନିର୍ବାଚନ ମଣ୍ଡଳୀର ୨୮୫ଟି ବୁଥ୍‌ରେ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା। ସର୍ବଶେଷ ସୂଚନା ମୁତାବକ ☞ପୃଷ୍ଠା–୪


Vencobb FRESH CHICKEN — Taste the difference!

21.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 62 | 109 | 119 |
| DKL | 63 | 110 | 120 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 66 | 114 | 124 |
| BHM | 59 | 105 | 115 |

*Conditions Apply

Issued in the Interest of Consumers


**ଆଜିର ସମ୍ପାଦକୀୟ**

## ସାଂକେତିକ

**ଆଜିର ମନ୍ତବ୍ୟ**

“ଯଦି ପାକିସ୍ତାନ ଭାରତ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ ନ କରେ, ତେବେ ‘ପିଓକେ’ରେ ଥିବା ଆତଙ୍କବାଦୀ ଶିବିରକୁ ସେନା ପକ୍ଷରୁ ଧ୍ୱଂସ କରାଯିବ।

–ସତ୍ୟପାଳ ମଲିକ, ଜମ୍ମୁ–କଶ୍ମୀର ରାଜ୍ୟପାଳ







ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଶ୍ରୀଯୁକ୍ତ ସଂଜୟ ହଂସ

# ଏଥର ଦୁଇଗୁଣ ଆନନ୍ଦ
# ଧନତେରାସ୍ ଓ ଦୀପାବଳୀକୁ ଚମକାଇବ ଲାଲ୍‌ଚାନ୍ଦ୍‌ର ଅଫର



ଦଶହରା ପରେ ଧନତେରାସ୍ ଓ ଦୀପାବଳୀ। ଆଗେଇଚାଲିଛି ପର୍ବପର୍ବାଣୀର ଧାରା। ସଭିଙ୍କ ମନରେ ଉଲ୍ଲାସ। ଏହି ଉଲ୍ଲାସକୁ ଦ୍ୱିଗୁଣିତ କରିଛି ଲାଲ୍‌ଚାନ୍ଦ୍। ସବୁଥର ଭଳି ଏଥର ମଧ୍ୟ ଲାଲ୍‌ଚାନ୍ଦ୍ ଦିନକୁ ଦିନ ଗ୍ରାହକମାନଙ୍କ ପାଇଁ ନେଇଆସୁଛି ନୂଆ ନୂଆ ମନଛୁଆଁ ଅଫର। ଏଥର ଧନତେରାସ୍ ଓ ଦୀପାବଳୀରେ ଯେଉଁସବୁ ରିହାତି ଓ ଲକି ଡ୍ର ଯୋଜନା ଲାଲ୍‌ଚାନ୍ଦ୍ ଆଣିଛି, ତାହା ଗ୍ରାହକମାନଙ୍କୁ ଚମତ୍କୃତ କରିବ ନିଶ୍ଚୟ।

ବର୍ଷର ଏଇ ପାଞ୍ଚଟି ଦିନରେ ଯେପରି ମା’ ଲକ୍ଷ୍ମୀଙ୍କ କୃପା ସଭିଙ୍କ ଉପରେ ବୃଷ୍ଟି ହେବ ଓ ସମସ୍ତଙ୍କ ଗୃହ ସୁଖ ସମୃଦ୍ଧିରେ ପୂର୍ଣ୍ଣ ହେବ ଏହି କାମନା କରି ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଶ୍ରୀ ସଂଜୟ ହଂସ ଘୋଷଣା କରିଛନ୍ତି ଏଥରର ସବୁଠୁ ବଡ଼ ଅଫର।

ସୁନା ଅଳଙ୍କାରର ଗଢ଼ା ମୂଲ୍ୟ କମ୍ କରାଯାଇ ରଖାଯାଇଛି ଗ୍ରାମ୍ ପ୍ରତି ଫ୍ଲାଟ୍ ୨୯୫ ଟଙ୍କା। ଡିଜାଇନର ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଗ୍ରାମ୍ ପ୍ରତି ଫ୍ଲାଟ୍ ୩୯୫ ଟଙ୍କା। ସେହିପରି ହୀରା ଅଳଙ୍କାରରେ ରହିଛି ଫ୍ଲାଟ୍ ୨୦ ପ୍ରତିଶତ ଛାଡ଼। ଦୀପାବଳୀ ଓ ଧନତେରାସ୍ ଉପଲକ୍ଷେ ବିଭିନ୍ନ ଓଜନ ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ମଧ୍ୟ ଯଥେଷ୍ଟ ପରିମାଣରେ ଉପଲବ୍ଧ। ଖାଲି ସେତିକି ନୁହେଁ, ଏଥିରେ ଗଢ଼ା ମଜୁରୀ ସଂପୂର୍ଣ୍ଣ ରୂପେ ଛାଡ଼ କରାଯାଇଛି ବୋଲି କହିଛନ୍ତି ଶ୍ରୀ ହଂସ।

ଏତେ ସବୁ ରିହାତି ପରେ ମଧ୍ୟ ଲାଲ୍‌ଚାନ୍ଦ୍ ଗ୍ରାହକମାନଙ୍କ ପାଇଁ ଆଣିଛନ୍ତି ଅନେକ ଉପହାର। ସେସବୁ ଭିତରେ ରହିଛି ୬ଟି ହୋଣ୍ଡା ଆକ୍ଟିଭା, ଚାରିଟି କେଲ୍‌ଭିନ୍ କ୍ଲେନ୍ ହାତଘଣ୍ଟା, ୩୦ଟି ବ୍ଲୁଷ୍ଟୋନ୍ ହୀରା ଅଳଙ୍କାର ଓ ୧୦୦ଟି ସାନ୍ତ୍ୱନାମୂଳକ ପୁରସ୍କାର ଏବଂ ୩୬ଟି ଲକ୍ଷପତି ପୁରସ୍କାର। ତା’ ମାନେ ୩୬ ଜଣ ଗ୍ରାହକ ହେବେ ଲକ୍ଷପତି।

ତିନି ଦଶନ୍ଧି ତଳୁ ମାତ୍ର ୧୦୦ ବର୍ଗଫୁଟର ଛୋଟିଆ ଦୋକାନରୁ ଆରମ୍ଭ ହୋଇ ପୂର୍ବଭାରତର ବୃହତ୍ତମ ଅଳଙ୍କାର ସୋରୁମ୍ ଭାବରେ ଗଣା ହେବାର ସୌଭାଗ୍ୟ ଲାଭ କରିଛି ଲାଲ୍‌ଚାନ୍ଦ୍। ନିକଟରେ ନନ୍ଦନକାନନ ରୋଡ୍‌ର ରଘୁନାଥପୁର ଠାରେ ଏହାର ୩୦ ହଜାର ବର୍ଗଫୁଟର ବିଶାଳ ଫ୍ଲାଗ୍‌ସିପ୍ ଷ୍ଟୋର୍ ଉଦ୍‌ଘାଟିତ ହୋଇଛି। ବଲିଉଡ୍ ଅଭିନେତ୍ରୀ ତଥା ଫେସନ୍ ଆଇକନ୍, ସୋନମ୍ କାପୁର୍ ଆହୂଜା ରିବନ କାଟି ଏହାକୁ ଉନ୍ମୋଚନ କରିଥିଲେ।

ଲାଲ୍‌ଚାନ୍ଦ୍ ବ୍ରାଣ୍ଡର ଆହୁରି ଦୁଇଟି ବଡ଼ ସୋରୁମ୍ ଅଛି। ସେଥିରୁ ଗୋଟିଏ ଅଛି ମାଷ୍ଟର କ୍ୟାଣ୍ଟିନ୍ ଛକ, ଭୁବନେଶ୍ୱରରେ ଓ ଅନ୍ୟଟି କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍, କଟକରେ। ୨୦ ହଜାର ବର୍ଗଫୁଟ ପରିମିତ ପ୍ରତ୍ୟେକଟି ଷ୍ଟୋର୍ ଉଚ୍ଚମାନ ଓ ଅଳଙ୍କାରର ଶୁଦ୍ଧତା ପାଇଁ ବେଶ୍ ପରିଚିତ।

ଲାଲ୍‌ଚାନ୍ଦ୍‌ର ସର୍ବବୃହତ ରଘୁନାଥପୁର ସ୍ଥିତ ଷ୍ଟୋରରେ ରହିଛି ଏକ୍ସପୋର୍ଟ କ୍ୱାଲିଟି ତଥା ଅନ୍ତର୍ଜାତୀୟ ସ୍ତରର ଅଳଙ୍କାର। ସୁନା, ହୀରା ଏବଂ ରୂପାର ନିଖୁଣ ଏବଂ ଅବର୍ଣ୍ଣନୀୟ କାରିଗରୀ ଏଠାରେ ଦେଖିବାକୁ ମିଳେ। ଦୀପାବଳୀ ଉପଲକ୍ଷେ କର୍ପୋରେଟ୍ ଗିଫ୍ଟ ସାମଗ୍ରୀର ବିଶାଳ ରେଞ୍ଜ୍ ଏଠାରେ ଉପଲବ୍ଧ। ଏସବୁରେ ମଧ୍ୟ ରହିଛି ଅନେକ ରିହାତି। ଯେପରିକି ରୂପା ଅଳଙ୍କାର ଓ ରୂପା ବାସନର ଗଢ଼ା ମଜୁରୀରେ ୩୦ ପ୍ରତିଶତ ରିହାତି, ଫ୍ୟାସନ୍ ଅଳଙ୍କାରରେ ୨୦ ପ୍ରତିଶତ ରିହାତି, ଆର୍ଟିଫ୍ୟାକ୍ଟ ଓ ଗିଫ୍ଟ ଆଇଟମ୍ ଉପରେ ୧୫ ପ୍ରତିଶତ ରିହାତି ଓ ବ୍ରାଣ୍ଡେଡ୍ ହାତଘଣ୍ଟା ଉପରେ ୧୦ ପ୍ରତିଶତ ରିହାତି ଅଛି। ଏହିସବୁ ଅଫର ଗୁଡ଼ିକ ଲାଲ୍‌ଚାନ୍ଦ୍‌ର କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍, କଟକ ସୋରୁମ୍‌ରେ ମଧ୍ୟ ଉପଲବ୍ଧ।

ଲାଲ୍‌ଚାନ୍ଦ୍‌ର ରଘୁନାଥପୁର ସୋରୁମ୍‌ରେ ଏହି ଉତ୍ସବ ଋତୁ ପାଇଁ ଆସିଛି ସ୍ୱତନ୍ତ୍ର ଡିଜାଇନ୍‌ର ଅଳଙ୍କାର ସମ୍ଭାର। ଏସବୁ କେବଳ ଲାଲ୍‌ଚାନ୍ଦ୍‌ର ଫ୍ଲାଗ୍‌ସିପ୍ ଷ୍ଟୋର୍ ବ୍ୟତୀତ ଅନ୍ୟ କେଉଁଠି ମିଳିବ ନାହିଁ। ଏବେ ଲୋକେ ଉପହାର ଆକାରରେ ହୀରା ମୁଦି ଦେବାପାଇଁ ଖୁବ୍ ପସନ୍ଦ କରୁଛନ୍ତି। ତାହାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଫାଇନ୍ କଟ୍ ହୀରାଯୁକ୍ତ ମୁଦିର ବିଶାଳ ସଂଗ୍ରହ ଏଠାରେ ଉପଲବ୍ଧ।

ଶ୍ରୀ ହଂସଙ୍କ ପାଇଁ ସଫଳତାର ମନ୍ତ୍ର ହେଉଛି - ସୁଲଭ ମୂଲ୍ୟ, ଉତ୍ତମ ଗୁଣବତ୍ତା, ନିଖୁଣ କାରିଗରୀ ଏବଂ ଉତ୍କୃଷ୍ଟ ଗ୍ରାହକ ସେବା। ଏଥିପାଇଁ ସେ କେବଳ ଓଡ଼ିଶା ଅଥବା ଭାରତ କାହିଁକି ବିଦେଶାଗତମାନଙ୍କର ମଧ୍ୟ ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇପାରିଛନ୍ତି।

ସେ କହନ୍ତି - ‘ମୋର କଠିନ ପରିଶ୍ରମ କେବଳ ଗ୍ରାହକମାନଙ୍କ ଶ୍ରଦ୍ଧା ପାଇଁ ଉତ୍ସର୍ଗୀକୃତ। ମୁଁ ଦିନରାତି କଠିନ ପରିଶ୍ରମ କରେ, ଯେପରି ମୋର ଗ୍ରାହକମାନେ ସବୁଠାରୁ ବେଶି ଉପକୃତ ହୋଇପାରିବେ। ଗ୍ରାହକମାନଙ୍କ ମୁହଁରେ ହସ ଦେଖିବାରେ ମୋର ସବୁଠୁ ବେଶି ଖୁସି। ଗ୍ରାହକମାନଙ୍କର ଆନନ୍ଦ ଉଲ୍ଲାସକୁ ଦୁଇଗୁଣ କରିବା ପାଇଁ ମୁଁ ଉତ୍ସବ ଋତୁ ମାନଙ୍କପାଇଁ ସବୁଠାରୁ ଅଧିକ ଅଫର ସଞ୍ଚୟ କରି ରଖିଥାଏ।’

ଏହି ସମୟରେ ଲାଲ୍‌ଚାନ୍ଦ୍‌ରୁ ସପିଂ କରି ଗ୍ରାହକମାନେ ବମ୍ପର ଲକି ଡ୍ରରେ ଭାଗ ନେବାର ସୁଯୋଗ ପାଇପାରିବେ। କଟକର କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ସ୍ଥିତ ସୋରୁମ୍ ପାଇଁ କଟକର ଶହୀଦ ଭବନ ଠାରେ ଆସନ୍ତା ନଭେମ୍ବର ୬ ତାରିଖରେ ଲକି ଡ୍ର ଅନୁଷ୍ଠିତ ହେବାକୁ ଥିବା ବେଳେ ଭୁବନେଶ୍ୱରର ରଘୁନାଥପୁର ସୋରୁମ୍ ଓ ମାଷ୍ଟରକ୍ୟାଣ୍ଟିନ୍ ଛକସ୍ଥିତ ସୋରୁମ୍ ପାଇଁ ଲକି ଡ୍ର ହୋଟେଲ୍ ନିଉ ମାରିଅନ୍, ଭୁବନେଶ୍ୱର ଠାରେ ନଭେମ୍ବର ୭ ତାରିଖରେ ଅନୁଷ୍ଠିତ ହେବ।

ପାଞ୍ଚଦିନ ବ୍ୟାପି ଚାଲୁଥିବା ଦୀପାବଳୀ ଉତ୍ସବ ମଧ୍ୟରେ ଆସେ ଧନତେରାସ୍। ଯାହାକୁ ଧନ ଓ ସମ୍ପଦର ଉତ୍ସବ ବୋଲି ମଧ୍ୟ କୁହାଯାଇଥାଏ। ଧନତେରାସ୍‌କୁ ‘ଧନ ତ୍ରୟୋଦଶୀ’ ବୋଲି ମଧ୍ୟ କୁହାଯାଏ। ଏହା ହେଉଛି କାର୍ତ୍ତିକ ମାସ କୃଷ୍ଣପକ୍ଷର ତ୍ରୟୋଦଶ ଦିନ। ପୌରାଣିକ କଥା ଅନୁସାରେ ଏହି ସମୟରେ ଦେବତା ଓ ରାକ୍ଷସମାନେ ଅମୃତ ପାଇଁ ସମୁଦ୍ର ମନ୍ଥନ କରିଥିଲେ ଓ ସମୁଦ୍ର ମଧ୍ୟରୁ ମା’ ଲକ୍ଷ୍ମୀ ପ୍ରକଟ ହୋଇଥିଲେ। ସେଥିପାଇଁ ଧନତେରାସ୍‌ର ଦିନ ଗୁଡ଼ିକରେ ସୁନା, ହୀରା ଓ ରୌପ୍ୟର ମୂଲ୍ୟବାନ ଅଳଙ୍କାର କ୍ରୟ କଲେ ମା’ ଲକ୍ଷ୍ମୀ ପ୍ରସନ୍ନ ହେବାର ବିଶ୍ୱାସ ରହିଛି। ଏଥର ଧନତେରାସ୍ ପଡ଼ୁଛି ଅକ୍ଟୋବର ୨୫ରେ।

ଏହି ଅବସରରେ ଶ୍ରୀ ହଂସ ସମଗ୍ର ଓଡ଼ିଶା ବାସୀଙ୍କୁ ଧନତେରାସ୍ ଓ ଦୀପାବଳୀର ଶୁଭେଚ୍ଛା ଜଣାଇଛନ୍ତି।

ଆଉ ଡେରି ନକରି ନିକଟସ୍ଥ ଲାଲ୍‌ଚାନ୍ଦ୍ ସୋରୁମ୍‌କୁ ଆସନ୍ତୁ ଏବଂ ଆପଣଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବା ସହ ଲାଭକରନ୍ତୁ ଅନେକ ରିହାତି ଓ ଉପହାର।




LALCHND

Odisha’s Most Trusted Jeweller



ମୁଁ ମୁମ୍ବାଇ ଆସିବା ବେଳେ ଏକ ଛୋଟ ଘରେ ରହୁଥିଲି। ଦୁଇବର୍ଷ କାଳ ମୋ ପାଠପଢ଼ା ଖର୍ଚ୍ଚ ଶିକ୍ଷକ ତୁଲାଇଥିଲେ।
- ରାଜକୁମାର ରାଓ, ବଲିଉଡ୍ ଅଭିନେତା





# କିମ୍‌ଙ୍କ ବିକିନୀ ଫଟୋକୁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ:** ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖ୍ ଏବଂ ବିଗ୍ ବି ଅମିତାଭ୍ ବଚ୍ଚନଙ୍କ ସହ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିବା ଅଭିନେତ୍ରୀ କିମ୍ ଶର୍ମା ଏବେ ଚର୍ଚ୍ଚାରେ। ଏବେ ଆପଣ ଭାବୁଥିବେ ଫିଲ୍ମ ଇଣ୍ଡଷ୍ଟ୍ରିରୁ ବିଦାୟ ନେବାର ଏତେ ବର୍ଷ ପରେ କିମ୍‌ଙ୍କୁ ନେଇ ପୁଣି କାହିଁକି ଚର୍ଚ୍ଚା ? ତେବେ ଆମେ କହି ରଖୁଛୁ, ଦୁଇଟି କାରଣରୁ ବଲିଉଡ୍‌ର ଏହି ହଟ୍ ଅଭିନେତ୍ରୀଙ୍କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ୩୯ ବର୍ଷୀୟା କିମ୍ ନିଜ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଏକ ବିକିନୀ ଫଟୋ ଶେୟାର କରିଛନ୍ତି, ଯାହାକୁ ନେଇ ସେ ସୋସିଆଲ ମିଡିଆରେ ଚର୍ଚ୍ଚାରେ ଅଛନ୍ତି। ସୁଇମିଂ ପୁଲ୍‌ରେ କିମ୍ ଏକ ମଲ୍‌ଟି କଲର୍ ବିକିନୀ ପିନ୍ଧି ଫଟୋ ଶେୟାର କରିବା ସହ କ୍ୟାପଶନ୍‌ରେ 'ହାପି ଗାର୍ଲ' ଲେଖିଛନ୍ତି। ୩୯ ବର୍ଷ ବୟସରେ ମଧ୍ୟ କିମ୍ ଖୁବ୍ ସୁନ୍ଦର ଆଉ ଫିଟ୍ ଦେଖାଯାଉଛନ୍ତି। ତାଙ୍କ ବିକିନୀ ଫଟୋକୁ ଫ୍ୟାନ୍ସଙ୍କ ସହ ବି-ଟାଉନ୍‌ର ଅନେକ ସେଲିବ୍ରିଟି ମଧ୍ୟ ଖୁବ୍ ପସନ୍ଦ କରିବାସହ କମେଣ୍ଟ ଦେଇ ପ୍ରଶଂସା ମଧ୍ୟ କରୁଛନ୍ତି।

ଅନ୍ୟପକ୍ଷରେ, ମହାରାଷ୍ଟ୍ର ଏବଂ ହରିୟାଣାରେ ଏବେ ବିଧାନସଭା ନିର୍ବାଚନ ଚାଲିଛି। ଏହି ସମୟରେ କିମ୍ ଏକ ଫଟୋ ଜରିଆରେ ଭୋଟ୍ ଦେବାକୁ ଅପିଲ୍ କରିଛନ୍ତି। କିମ୍ ନିଜ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଆଉ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଭୋଟ୍ ଦେଇ ଫେରିଥିବା ଜଣାପଡୁଛି। ଫଟୋଟି ଶେୟାର କରି ସେ କ୍ୟାପଶନ୍‌ରେ ଲେଖିଛନ୍ତି, "ପରିସ୍ଥିତି ଯେତେ ମଳିନ ପଡ଼ିଯାଇଥିଲେ ମଧ୍ୟ ପରିବର୍ତ୍ତନର ଆଶା ଛାଡ଼ିବା ଉଚିତ ନୁହେଁ। ସିଷ୍ଟମ୍‌କୁ ସୁଧାରିବାର ଏହା ଏକମାତ୍ର ମାଧ୍ୟମ।"

କିମ୍‌ଙ୍କ ଏହି ଦୁଇଟି ଫଟୋ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ସାଉଁଟୁଛି। ୨୦୦୦ ମସିହାରେ କିମ୍ ଫିଲ୍ମ 'ମୋହୋବତେଁ'ରୁ ନିଜର ଡେବ୍ୟୁ କରିଥିଲେ। ପରେ ପରେ ସେ 'ଫିଦା', 'କେହେତା ହେ ଦିଲ୍ ବାର୍-ବାର୍', 'ତୁମସେ ଅଚ୍ଛା କୌନ୍ ହେ' ଏବଂ 'ମନି ହେ ତୋ ହନୀ ହେ' ଭଳି ଫିଲ୍ମରେ ନଜରକୁ ଆସିଥିଲେ।

# ବିରାଟ ହେବେ ସୁପର ହିରୋ



**ନୂଆଦିଲ୍ଲୀ:** ଭାରତୀୟ କ୍ରିକେଟ୍ ଟିମ୍ କ୍ୟାପ୍ଟେନ୍ ବିରାଟ୍ କୋହଲି ଖୁବ୍‌ଶୀଘ୍ର ନୂଆ ଅବତାରରେ ଟିଭି ପରଦାରେ ନଜରକୁ ଆସିବେ। ପିଲାଙ୍କ କାର୍ଟୁନ ଶୋ'ରେ ସୁପରହିରୋ ହୋଇ ନଜର ଆସିବେ ବିରାଟ। ଷ୍ଟାର ଇଣ୍ଡିଆ ନେଟୱର୍କ ପକ୍ଷରୁ ସୁପରହିରୋ ଏନିମେଟେଡ୍ ସିରିଜ୍ 'ସୁପର୍ ଭି' ଲଞ୍ଚ ହେବାକୁ ଯାଉଛି। ଏହି ସିରିଜ ବିରାଟଙ୍କୁ ନେଇ ନିର୍ମାଣ କରାଯାଉଛି। ଯେଉଁଥିରେ 'ସୁପର୍ ଭି' ଦୁନିଆକୁ ରକ୍ଷା କରୁଥିବା ଦେଖିବାକୁ ମିଳିବ। ସିରିଜ୍‌ର ପ୍ରିମିୟର୍ ବିରାଟଙ୍କ ଜନ୍ମଦିନ ଅର୍ଥାତ ନଭେମ୍ବର ୫ରେ ରିଲିଜ ହେବ, ଯାହାକୁ ଦର୍ଶକେ ଷ୍ଟାର୍‌ପ୍ଲସ୍, ଷ୍ଟାର୍‌ସ୍ପୋର୍ଟ୍‌ସ, ଡିଜ୍‌ନୀ ଚ୍ୟାନେଲ ଏବଂ ହଟ୍‌ଷ୍ଟାର୍‌ରେ ମଧ୍ୟ ଦେଖିପାରିବେ।

ସିରିଜରେ ୧୫ ଏପିସୋଡ୍ ଥିବାବେଳେ ଭରପୂର କମେଡି, ଆକ୍ସନ ଏବଂ ଡ୍ରାମା ଦେଖିବାକୁ ମିଳିବ। ଏହା ଜଣେ ବାଳକର କାହାଣୀ, ଯିଏ ନିଜ ପରିବାର ଓ ସମ୍ପର୍କୀୟଙ୍କ ଆଶା ଆକାଂକ୍ଷାର ବୋଝ ତଳେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ। ୧୫ବର୍ଷୀୟ ଏହି ବାଳକ 'ସୁପର୍ ଭି'ର ବିଶେଷ ଭାବରେ କ୍ରିକେଟ୍‌ରେ ପ୍ରତି ଦୁର୍ବଳତା ରହିଥାଏ। ଖୁବ୍ କମ୍ ବୟସରେ 'ସୁପର୍ ଭି'କୁ ତାର ସୁପର୍ ପାୱାର୍ ଥିବା ଜଣାପଡ଼େ ଏବଂ ସେ ଦୁନିଆକୁ କିଛି ସୁପର୍ ଭିଲେନ୍‌ଙ୍କଠାରୁ ରକ୍ଷା କରିଥାଏ।

ଏନେଇ ବିରାଟ କହିଛନ୍ତି, ପିଲାବେଳେ ତାଙ୍କୁ ମଧ୍ୟ ସୁପର୍ ହିରୋମାନେ ବହୁତ ଭଲ ଲାଗୁଥିଲେ। କୁନି ଦର୍ଶକଙ୍କ ନିକଟରେ ପହଞ୍ଚିବାକୁ ଆନିମେଶନ ଏକ ଭଲ ମାଧ୍ୟମ। ଏହା ଏକ ରୋମାଞ୍ଚ ଭରା ସିରିଜ। ଏହା ସାପ୍ତାହିକ ଶୋ ହୋଇଥିବାବେଳେ ପ୍ରତି ଏପିସୋଡ୍ ଶେଷରେ ବିରାଟ ଏକ ବାର୍ତ୍ତା ଦର୍ଶକଙ୍କୁ ଦେବେ ବୋଲି କହିଛନ୍ତି।

**'ସୁପର ଭି' ହୋଇ ଦୁନିଆକୁ ରକ୍ଷା କରିବେ**

# ୩୨୦ମୂଷା ସହ ଭ୍ୟାନ୍‌ରେ ରହୁଛନ୍ତି ମହିଳା



**କାଲିଫର୍ନିଆ:** ଆମେରିକାର କାଲିଫର୍ନିଆଠାରେ ଜଣେ ମହିଳା ୩୨୦ ମୂଷା ସହ ଏକ ଭ୍ୟାନ୍‌ରେ ରହୁଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଡିଓଗେ ହ୍ୟୁମାନ ସୋସାଇଟି (ପ୍ରାଣୀ କଲ୍ୟାଣ ପାଇଁ ଉଦ୍ଦିଷ୍ଟ) ନାମକ ଏକ ବେସରକାରୀ ସଂସ୍ଥାକୁ ଖବର ଦେଇଥିଲେ। ଅଭିଯୋଗ ପରେ ପୂରା ଘଟଣା ପଦାକୁ ଆସିଛି। ସମ୍ପୃକ୍ତା ମହିଳାଙ୍କ ନାଁ କର୍ଲା। ନିଜର ଘର ନ ଥିବାରୁ ସେ ଏହି ଲିଭିଂ ଭ୍ୟାନ୍‌ରେ ରୁହନ୍ତି। ମୂଷାମାନଙ୍କ ସହ ଭ୍ୟାନ୍‌ରେ ରହିବା ସମ୍ପର୍କରେ ପଚାରିବାରେ କର୍ଲା କୁହନ୍ତି, ପ୍ରଥମେ ତାଙ୍କ ପାଖରେ ମାତ୍ର ଦୁଇଟି ମୂଷା ଥିଲା। କିନ୍ତୁ ସମୟକ୍ରମେ ସେମାନଙ୍କ ବଂଶବୃଦ୍ଧି ଘଟି ଏବେ ୩୦୦ରୁ ଊର୍ଦ୍ଧ୍ୱ ମୂଷା ଅଛନ୍ତି। କର୍ଲା ସମସ୍ତ ମୂଷାଙ୍କୁ ଭ୍ୟାନ୍ ଭିତରେ ପିଞ୍ଜରାରେ ରଖିଛନ୍ତି। ସେ ରହୁଥିବା ଗାଡ଼ି ମଧ୍ୟ ତାଙ୍କୁ କେହି ଦାନ ସୂତ୍ରରେ ଦେଇଥିବା ଜଣାପଡ଼ିଛି। ୱାଶିଂଟନ୍‌ପୋଷ୍ଟର ରିପୋର୍ଟ ମୁତାବକ କର୍ଲା ମୂଷାମାନଙ୍କୁ ଲିଭିଂ ଭ୍ୟାନ୍‌ରେ ରଖି ପର୍ଯ୍ୟାପ୍ତ ପରିମାଣର ଖାଇବା ଓ ପାଣି ପିଇବାକୁ ଦେଉଥିଲେ। ତେଣୁ ଏ କ୍ଷେତ୍ରରେ ପ୍ରାଣୀ ନିର୍ଯାତନା ମାମଲା ଲାଗୁ କରାଯିବ ନାହିଁ ବୋଲି ସ୍ଥାନୀୟ ଏକ ଏନ୍‌ଜିଓରେ କାମ କରୁଥିବା ଡେନ୍ କୁକ୍ କହିଛନ୍ତି।

# ଭାରତରେ ରହିଛି ପୃଥିବୀର ଦ୍ୱିତୀୟ ବୃହତମ ପ୍ରାଚୀର

**ଜୟପୁର:** ବିଶ୍ୱରେ ସବୁଠାରୁ ବଡ଼ ପ୍ରାଚୀର ଚାଇନାରେ ରହିଛି। ପଞ୍ଚମ ଶତାବ୍ଦୀରେ ନିର୍ମିତ ଏହି ପ୍ରାଚୀର ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଗୋଟିଏ । ଏହି ପ୍ରାଚୀର ଭଳି ଭାରତରେ ମଧ୍ୟ ନିର୍ମିତ ହୋଇଛି ଏକ ବୃହତ୍ ପ୍ରାଚୀର। ଏହା ସମ୍ପର୍କରେ କମ୍ ଲୋକ ଜାଣିଛନ୍ତି। ଏହା ଉପରେ ୧୦ଟି ଘୋଡ଼ା ଏକା ସଙ୍ଗେ ଦୌଡ଼ି ପାରିବା ଭଳି ସୁବିଧା ରହିଛି। ରାଜସ୍ଥାନର କୁମ୍ଭଲଗଡ଼ ଦୁର୍ଗ ଚାରିପଟେ ରହିଛି ଏହି ପ୍ରାଚୀର। ରାଜସମନ୍ଦ ଜେଲ୍ଲାସ୍ଥିତ କୁମ୍ଭଲଗଡ଼ ଦୁର୍ଗକୁ ରାଣା କୁମ୍ଭ ନିର୍ମାଣ କରିଥିଲେ। ଏହି ଦୁର୍ଗଟି ଅଜେୟଗଡ଼ ନାମରେ ପ୍ରସିଦ୍ଧି ଲାଭ କରିଥିଲା । ଦୁର୍ଗ ଚାରିପଟେ ନିର୍ମିତ ହୋଇଥିବା ପ୍ରାଚୀରକୁ ଭାଙ୍ଗି ପ୍ରବେଶ କରିବାକୁ ଆକବର ଚେଷ୍ଟା କରିଥିଲେ, କିନ୍ତୁ ସଫଳ ହୋଇପାରି ନ ଥିଲେ। ଏହି ପ୍ରାଚୀର ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟର ମାନ୍ୟତା ପାଇଛି।



# ଗଛ ନେଲା ପ୍ରଥମ ବଟାନିକାଲ ସେଲ୍‌ଫି

**ଲଣ୍ଡନ:** ଗଛ ସେଲ୍‌ଫି ନେଉଛି। ଏହା ବିଶ୍ୱାସ ହେଉନଥିଲେ ବି ସତ। ଲଣ୍ଡନ ଚିଡ଼ିଆଖାନାରେ ରହିଥିବା ଏକ ଗଛ ନେଇଛି ଏମିତିକା ସେଲ୍‌ଫି। ଏହି ଘଟଣାକୁ ସାମ୍ନାକୁ ଆଣିଛନ୍ତି ଜୁଲୋଜିକାଲ ସୋସାଇଟି ଅଫ୍ ଲଣ୍ଡନ୍‌ର ବୈଜ୍ଞାନିକମାନେ। ଛାଇରେ ବଢୁଥିବା ଫର୍ନ ଜାତୀୟ ଗଛ ନିଜେ ଶକ୍ତି ଉତ୍ପନ୍ନ କରି ପ୍ରତି ୨୦ ସେକେଣ୍ଡ୍‌ରେ ଫଟୋ ନେଉଛି ବୋଲି ଗବେଷକମାନେ କହିଛନ୍ତି। ଗବେଷକମାନେ କୁହନ୍ତି, ଗଛ ଉତ୍ପନ୍ନ କରୁଥିବା ଶକ୍ତିକୁ ଉପଯୋଗ କରି ଗଛରେ ଲଗାଯାଇଥିବା ପାୱାର କ୍ୟାମେରା ଓ ସେନ୍‌ସର ଗଛକୁ ସେଲ୍‌ଫି ନେବାରେ ସାହାଯ୍ୟ କରେ। ବୈଜ୍ଞାନିକମାନେ ମାଇକ୍ରୋବାଏଲ ଫୁଏଲ ସେଲ୍ ବିକଶିତ କରିଛନ୍ତି। ଏକ ଫୁଏଲ ସେଲ୍ ଏକ ମିଲି ୱାଟ୍ ପାୱାର ଉତ୍ପନ୍ନ କରେ। ଏମିତି କେତେକ ସେଲ୍‌କୁ ଯୋଡି ଫୁଏଲ ସେଲ୍ ଡିଭାଇସ ବିକାଶ କରାଯାଇଛି। ଏହା ମାଇକ୍ରୋଅର୍ଗାନିଜମ୍ ଉପସ୍ଥିତିରେ କେମିକାଲ ଏନର୍ଜିକୁ ଇଲେକ୍ଟ୍ରିକାଲ ଏନର୍ଜିରେ ପରିଣତ କରିଥାଏ। ଏହି ଶକ୍ତି ସାହାଯ୍ୟରେ କ୍ୟାମେରା ମାଧ୍ୟମରେ ଜଙ୍ଗଲରେ ଘଟୁଥିବା ବିଭିନ୍ନ ଘଟଣା ଉପରେ ନଜର ରଖାଯାଇପାରିବ ଯେଉଁଠି ପହଞ୍ଚିବା ଲାଗି ମଣିଷକୁ କଷ୍ଟ ହୋଇଥାଏ। ଫୁଏଲ ସେଲ୍ ଡିଭାଇସ ଗଛର ବୃଦ୍ଧି, ତାପମାନ ତଥା ଆର୍ଦ୍ରତା ସମ୍ବନ୍ଧରେ ମଧ୍ୟ ତଥ୍ୟ ଯୋଗାଇଦେବ ବୋଲି ବୈଜ୍ଞାନିକମାନେ କହିଛନ୍ତି।



# ବିଲ୍ଡିଂରେ ୮ ହଜାର ଗଛ

**ନୂଆଦିଲ୍ଲୀ:** ଦିଲ୍ଲୀର ନେହେରୁ ପ୍ଲେସ୍‌ସ୍ଥିତ ଏକ ବିଲ୍ଡିଂକୁ ଯଦି କେହି ଯାଆନ୍ତି ତେବେ ପୂରା ପ୍ରଦୂଷଣମୁକ୍ତ ପରିବେଶ ରହିଥିବା ଅନୁଭବ କରିପାରିବେ। ବିଲ୍ଡିଂର ମୁଖ୍ୟ ଦରଜା ପାଖରୁ ଆରମ୍ଭ କରି ପ୍ରାୟ ସବୁ ଜାଗାରେ ଖାଲି ଗଛ ହିଁ ଦେଖିବାକୁ ମିଳିବ। ନେହରୁ ପ୍ଲେସ୍‌ସ୍ଥିତ ପାହାଡପୁର ବିଜନେଶ ସେଣ୍ଟରରେ ଏହି ସ୍ୱଚ୍ଛ ବିଲ୍ଡିଂରେ ବିଶୁଦ୍ଧ ବାୟୁ ରହିଥିବା ଯୋଗୁ ଏହାକୁ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯାଇଛି। ୫୫ ହଜାର ବର୍ଗଫୁଟ ଜାଗାରେ ନିର୍ମିତ ଏହି ବିଲ୍ଡିଂର ମାଲିକ ହେଉଛନ୍ତି କମଲ ମିତ୍ତଲ। ତିନି ଦଶକ ପୂର୍ବରୁ ଇଣ୍ଡୋର ପଲ୍ୟୁଶନ୍ କିପରି କମ୍ କରାଯିବ ତାହା ଉପରେ ଏଠାରେ ଗବେଷଣା କରାଯାଉଛି ଓ ସ୍ୱଚ୍ଛ ବାୟୁ ମିଳିବା ଲାଗି ନିୟମିତ ନୂଆ ନୂଆ ପଦ୍ଧତି ଅବଲମ୍ବନ କରାଯାଉଛି। ସ୍ୱଚ୍ଛ ବାୟୁ ଉପଲବ୍ଧ ହେବା ପାଇଁ କରାଯାଉଥିବା ନୂଆ ପଦ୍ଧତିରେ ଏହି ବିଲ୍ଡିଂ ନାମରେ ୧୦ଟି ପ୍ୟାଣ୍ଟେଟ ରହିଛି। ୩୦ ବର୍ଷରୁ ଊର୍ଦ୍ଧ୍ୱ ଏହି ବିଲ୍ଡିଂରେ ପାଖାପାଖି ୮ ହଜାର ଗଛ ରଖାଯାଇଛି। ରିସେପଶନ୍‌ଠାରୁ ଆରମ୍ଭ କରି,କ୍ୟାବିନ,ମିଟିଂହଲ୍ ତଥା ଟଏଲେଟ୍ ଯାଏ ଯୁଆଡେ ଚାହିଁବେ ଖାଲି ଗଛ ଦେଖିବାକୁ ପାଇବେ। ନିୟମିତ ସକାଳ ୧୦ଟା ଠାରୁ ୬ମହଲା ବିଶିଷ୍ଟ ଏହି ବିଲ୍ଡିଂ ମଧ୍ୟରେ ସ୍ୱଚ୍ଛ ବାୟୁ ଉପରେ ରିପୋର୍ଟ ସଂଗ୍ରହ କରାଯାଏ। ପୂର୍ବରୁ ଏହି ବିଲ୍ଡିଂରେ ମାଇକ୍ରୋସଫ୍ଟ କମ୍ପାନୀର ଅଫିସ ଚାଲିଥିଲା। ରିସେପଶନ୍ ପାଖରେ ପିଏମ୍ ୨.୫ ଠିକ୍ ଅଛି ମାନେ ବିଲ୍ଡିଂର ବାୟୁ ସ୍ୱଚ୍ଛ ରହିଛି ବୋଲି ଜଣାପଡେ। ବିଲ୍ଡିଂରେ ପ୍ରାୟ ୧୫୦ ଜଣ ଲୋକ କାମ କରୁଛନ୍ତି। ପ୍ରତିଦିନ ଏମାନଙ୍କର ଅମ୍ଳଜାନ ସ୍ତର ମାପ କରାଯାଏ। ପ୍ରତି ସପ୍ତାହରେ ମେଡିକାଲ ଚେକ୍‌ଅପ୍ ମଧ୍ୟ କରାଯାଉଛି। ଦେଖାଯାଇଛି, ଗତ ୧୦ ବର୍ଷ ମଧ୍ୟରେ କେହି ବି ରୋଗରେ ପୀଡିତ ହେବା ଦର୍ଶାଇ ଛୁଟି ନେଇନାହାନ୍ତି।



# ବିଶ୍ୱର ସବୁଠାରୁ ବୟସ୍କା ଶୁଟର

**ବାଗପତ୍(ଉତ୍ତରପ୍ରଦେଶ):** ଯେଉଁ ବୟସରେ ଜଣେ ମଣିଷ ସମସ୍ତ କାର୍ଯ୍ୟରୁ ଅବସର ନେଇ ଅନ୍ୟର ସାହାରାରେ ବଞ୍ଚିଥାଏ, ସେହି ବୟସରେ ଜଣେ ମହିଳା ଭାରତ ଏବଂ ବିଦେଶରେ ନାରୀ ସମାଜ ପାଇଁ ଏକ ପ୍ରେରଣା ସାଜିଛନ୍ତି। ସେ ହେଉଛନ୍ତି ଉତ୍ତରପ୍ରଦେଶର ବାଗ୍‌ପତ ଜିଲାର ଜୋହରି ଗ୍ରାମର ୮୭ ବର୍ଷୀୟା ସାର୍ପ ଶୁଟର୍ ଚନ୍ଦ୍ରୋ ତୋମର୍। ବୟସ ସତେ ଯେମିତି ତାଙ୍କ ପ୍ରତିଭା ଏବଂ ଆଗ୍ରହ ଆଗରେ ହାର୍ ମାନିଯାଇଛି। ସେ ସମସ୍ତଙ୍କ ମଧ୍ୟରେ ଶୁଟର୍ ଦାଦି ନାମରେ ପରିଚିତ। ଏବେ ବି ସେ ଗାଁର ପିଲାଙ୍କୁ ଶୁଟିଂ ତାଲିମ ଦେଉଛନ୍ତି। ସାରା ଜୀବନ ଓଢ଼ଣି ତଳେ ରହିଥିବା ଦାଦି ଦିନେ ବିଶ୍ୱରେ ଏକ ପରିଚିତ ଚେହେରା ପାଲଟିଯିବେ, ତାହା କେବେ ଚିନ୍ତା କରି ନ ଥିଲେ। ୬୫ବର୍ଷ ବୟସ ପର୍ଯ୍ୟନ୍ତ ସେ ଜଣେ ସାଧାରଣ ଦାଦିଭାବେ ହିଁ ଜୀବନ ବିତାଉଥିଲେ। ଶିକ୍ଷା ଲାଭର ସୁଯୋଗ ପାଇ ନ ଥିବା ଦାଦି ଏକ ଯୌଥ ପରିବାରରେ ଚଳି ଆସିଥିଲେ। ଘର କାମ ଛଡ଼ା ବାହାର ଦୁନିଆ କ'ଣ ସେ ଜାଣି ନ ଥିଲେ। ହେଲେ ୧୯୯୮ରେ ହଠାତ୍ ତାଙ୍କ ଭାଗ୍ୟ ବଦଳିଯାଇଥିଲା। ନାତୁଣୀ ଶେଫାଳୀ ଶୁଟିଂ ରେଞ୍ଜକୁ ତାଲିମ ପାଇଁ ଜୋହରି ରାଇଫଲ୍ କ୍ଲବ୍‌କୁ ଯିବା ସମୟରେ ଚନ୍ଦ୍ରୋ ଦାଦି ପ୍ରତିଦିନ ତାଙ୍କ ସହ ଯାଉଥିଲେ। ସେଠାରେ କେବଳ ପୁଅମାନଙ୍କୁ ଦେଖି ନାତୁଣୀ ଭୟ କରୁଥିବାବେଳେ ଦିନେ ସେ ରାଇଫଲ୍ ଲୋଡ୍ କରିପାରୁ ନ ଥିଲେ। ଏହି ସମୟରେ ଦାଦି ତାଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଯାଇଥିଲେ। ସମସ୍ତଙ୍କୁ ଦେଖି ଦାଦି ପ୍ରଥମଥର ପାଇଁ ଶୁଟ୍ କରିଥିବାବେଳେ ତାହା ସିଧା 'ବୁଲ୍ସ ଆଏ'ରେ ଲାଗିଥିଲା। ତାଙ୍କ ଶୁଟିଂ ଦେଖି କ୍ଲବ୍‌ର ସଭାପତି ରାଜ୍‌ପାଲ ସିଂ ତାଙ୍କ ମଧ୍ୟରେ ରହିଥିବା ପ୍ରତିଭାକୁ ଚିହ୍ନିପାରିଥିଲେ। ଏହା ହିଁ ଦାଦିଙ୍କ ଜୀବନର ଗତିପଥ ବଦଳାଇ ଦେଇଥିଲା। ସେହି ସମୟରେ ରାଜ୍‌ପାଲ ଦାଦିଙ୍କୁ ଶୁଟିଂ ଶିଖିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ପରିବାର ଲୋକଙ୍କ ଠାରୁ ସହଯୋଗ ମିଳିବା କଷ୍ଟକର ଥିଲା। ଫଳରେ ସେ ସାହସ ଜୁଟାଇ ସମସ୍ତଙ୍କ ଅଜାଣତରେ ତାଲିମ ନେଇଥିଲେ। ଜୀବନର ପ୍ରଥମ ଶୁଟିଂ ପ୍ରତିଯୋଗିତାରେ ଉଭୟ ଦାଦି ଏବଂ ନାତୁଣୀ ଶେଫାଳୀ ପଦକ ହାସଲ କରିବାରେ ସକ୍ଷମ ହୋଇଥିଲେ। ଏହି ଖବର ବିଭିନ୍ନ ଖବରକାଗଜରେ ଫଟୋ ସହ ପ୍ରକାଶ ପାଇବା ପରେ ପରିବାର ପକ୍ଷରୁ ପ୍ରତିବନ୍ଧକ ଆସିଥିଲା। ହେଲେ ଦାଦି ହାରି ନ ଯାଇ ଘରେ ହିଁ ଅଭ୍ୟାସ ଜାରି ରଖିଥିଲେ। ମାତ୍ର ଏବେ ତାଙ୍କ ପ୍ରତିଭା ଓ ଇଚ୍ଛାଶକ୍ତି ଦେଖି ପରିବାର ଲୋକେ ମଧ୍ୟ ସମର୍ଥନ କରିବାକୁ ବାଧ୍ୟ ହୋଇଛନ୍ତି।



# କାନ୍ଦିବା ପାଇଁ ବି ଦିଆଯାଏ ପ୍ରଶିକ୍ଷଣ

**ଟୋକିଓ:** ସୁସ୍ଥ ଓ ନିରାମୟ ଜୀବନ ପାଇଁ କାନ୍ଦିବା ମଧ୍ୟ ସ୍ୱାସ୍ଥ୍ୟ ଉପଯୋଗୀ। କାନ୍ଦିବା ଦ୍ୱାରା ମନ ଖୁସି ତୁଳନାରେ ଅଧିକ ଉପକାର ମିଳିଥାଏ। ପରିବର୍ତ୍ତିତ ଜୀବନଶୈଳୀରେ ମାନସିକ ଚାପଠାରୁ ଦୂରେଇ ରହିବା ଲାଗି କେତେକ ବିକଶିତ ଦେଶରେ କାନ୍ଦିବା ଟ୍ରେନିଂ ଦିଆଯାଇଥାଏ। ଜାପାନରେ କାମ ଚାପରେ ବହୁଲୋକ ବିଭିନ୍ନ ସମସ୍ୟା ଭୋଗିଥାନ୍ତି। ଏଥିରୁ ଦୂରେଇ ରହିବା ପାଇଁ ଏଠାକାର ଅଫିସ୍ ଓ ସ୍କୁଲରେ କାନ୍ଦିବା ଟ୍ରେନିଂ ଦିଆଯାଇଥାଏ। କାନ୍ଦିବା ଦ୍ୱାରା ମନ ହାଲକା ହୋଇ ମାନସିକ ଚାପ ଦୂରେଇ ଯାଇଥାଏ ବୋଲି ସ୍ଥାନୀୟ ନିପ୍ପନ ମେଡିକାଲ୍ ସ୍କୁଲରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ ହୋଇଛି। ଆଖିରୁ ଲୁହ ବୋହିଲେ ମାନସିକ ଚାପ ଧୀରେ ଧୀରେ କମିବାକୁ ଲାଗିଥାଏ। ଫଳରେ ମନ ହାଲକା ହୋଇ ଫ୍ରେଶ୍ ଲାଗିଥାଏ। ନୂତନ ଉତ୍ସାହରେ କାମ ଅବା ପାଠ ପଢ଼ିବାକୁ ଇଚ୍ଛା ହୋଇଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।





ପାକିସ୍ତାନ ଏକପାଖିଆ ଭାବେ ଭାରତକୁ ଡାକ ସେବା ବନ୍ଦକରିଛି। ଏଭଳି ନିଷ୍ପତ୍ତି ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରୁଛି ବୋଲି ଭାରତ କହିଛି। ଏଭଳି ପଦକ୍ଷେପ ଗ୍ରହଣ କରିବା ପୂର୍ବରୁ ଭାରତକୁ ଅବଗତ କରାଯିବା ଉଚିତ ଥିଲା ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ୩୭୦ ଧାରା ଉଚ୍ଛେଦ ପରେ ପାକିସ୍ତାନ ହାବଭାବରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି।

ପୋଲିସ୍ ଉପସ୍ଥିତିରେ ଡାକ୍ତରଙ୍କ ଦାଦାଗିରି




# ୫ ଜିଲାର ୮.୩୦ ଲକ୍ଷ ଲୋକଙ୍କୁ ମିଳିବ ବିଶୁଦ୍ଧ ପାନୀୟ ଜଳ

- ଖର୍ଚ୍ଚ ହେବ ୧୩୨୪ କୋଟି
- ୨୪ ମାସରେ ଶେଷ ହେବ ପ୍ରକଳ୍ପ କାର୍ଯ୍ୟ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ): ବସୁଧା, ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭ୍‌ଲପମେଣ୍ଟ କର୍ପୋରେଶନ(ଓମ୍ବାଡାକ) ଏବଂ ଜାତୀୟ ଗ୍ରାମ୍ୟ ପାନୀୟ ଜଳଯୋଗାଣ ଯୋଜନାରେ ୫ ଜିଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ୮,୩୦, ୩୯୧ ଲୋକଙ୍କୁ ରାଜ୍ୟ ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ଚୂଡ଼ାନ୍ତ ହୋଇଥିବା ୧୩୨୪.୮୩ କୋଟି ଟଙ୍କାର ଟେଣ୍ଡରକୁ ସୋମବାର ରାଜ୍ୟ କ୍ୟାବିନେଟ୍ ମୋହର ମାରିଛି। ଭୂତଳ ଜଳ ଖଣି ଦ୍ୱାରା ପ୍ରଭାବିତ ହେଉଥିବା ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ୩ଟି ବ୍ଲକ ଅନ୍ତର୍ଗତ ୩୮୪ଟି ଗ୍ରାମକୁ ୪ଟି ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯିବ। ୩ଟି ବ୍ଲକ ଅଧୀନରେ ଥିବା ୬୩ଟି ପଞ୍ଚାୟତର ୩୮୪ଟି ଗ୍ରାମରେ ବାସ କରୁଥିବା ୩,୨୦,୫୮୪ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏହା ଦ୍ୱାରା ଯାଜପୁର ଜିଲାର ସୁକିନ୍ଦା ବ୍ଲକ ଅଧୀନରେ ଥିବା ୨୦ଟି ପଞ୍ଚାୟତର ୭୧ଟି ଗ୍ରାମର ୧,୦୧,୦୬୮, କେନ୍ଦୁଝର ଜିଲାର ହାଟଡିହି ବ୍ଲକ ଅନ୍ତର୍ଗତ ୨୯ଟି ପଞ୍ଚାୟତ ଅଧୀନରେ ଥିବା ୨୦୦ ଗ୍ରାମର ୧,୨୬,୬୩୩ ଓ ମୟୂରଭଞ୍ଜ ଜିଲାର କୁସୁମି ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତର ୧୧୩ ଗ୍ରାମର ୯୨,୮୮୩ ଜନସାଧାରଣ ଉପକୃତ ହୋଇପାରିବେ। ଉକ୍ତ ୪ଟି ପ୍ରକଳ୍ପ ପାଇଁ ୬୪୧ କୋଟି ୫୭ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ କରାଯାଇଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ସେହିପରି ବସୁଧା ଯୋଜନାରେ ଢେଙ୍କାନାଳ ଜିଲାର ୨ଟି ଜଳ ଯୋଗାଣ ପ୍ରକଳ୍ପ ପାଇଁ ଡକାଯାଇଥିବା ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ଦୁଇଟି ପ୍ରକଳ୍ପ ଦ୍ୱାରା ଜିଲାର ୨ଟି ବ୍ଲକ ଅଧୀନରେ ଥିବା ୬୩ଟି ପଞ୍ଚାୟତ ଅନ୍ତର୍ଗତ ୩୧୭ଟି ଗ୍ରାମର ୩,୧୭,୯୧୪ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୩୪୯.୩୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

ସେହିପରି ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପ (ଏନ୍ଆର୍‌ଡିଡବ୍ଲୁପି) ଯୋଜନାରେ ଦେବଗଡ଼ ଜିଲାର ଦୁଇଟି ବ୍ଲକ ଅଧୀନରେ ଥିବା ୩୮ ଗ୍ରାମପଞ୍ଚାୟତର ୪୩୨ଟି ଗ୍ରାମରେ ରହୁଥିବା ୧,୯୧,୮୯୩ ଜଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ବାରକୋଟ ବ୍ଲକ ଅନ୍ତର୍ଗତ ୨୧୬ ଗ୍ରାମର ୧,୦୦,୨୨୫ ଏବଂ ରିଆମାଳ ବ୍ଲକ୍ ଅନ୍ତର୍ଗତ ୨୧୬ ଗ୍ରାମର ୯୧,୬୬୮ ଜଣ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ୩୩୩ କୋଟି ୮୮ ଲକ୍ଷ ଟଙ୍କାର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।




# ଅବଢ଼ା ଯୋଜନା ପାଇଁ ଖର୍ଚ୍ଚ ହେବ ୩୨୦୮ କୋଟି

**କ୍ୟାବିନେଟ୍ ନିଷ୍ପତ୍ତି**
- ଦେବୋତ୍ତର ଆଇନରୁ ବାଦ୍ ପଡ଼ିଲା ଗୋବର୍ଦ୍ଧନ ପୀଠ
- ଶଙ୍କରାଚାର୍ଯ୍ୟଙ୍କ ଉପରେ ସମ୍ପୂର୍ଣ୍ଣ ପରିଚାଳନା ଭାର
- ଜାତିଗତ ପ୍ରମାଣପତ୍ର ପାଇଁ ଦେବାକୁ ପଡ଼ିବନି ୟୁଜର ଫି

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଅବଢ଼ା ଯୋଜନା ପାଇଁ ରାଜ୍ୟ ସରକାର ବୃହତ୍ ବ୍ୟୟବରାଦ କରିଛନ୍ତି। ଆସନ୍ତା ୩ ବର୍ଷ ପାଇଁ ସରକାର ଏହି ଯୋଜନା ସକାଶେ ୩୨୦୮ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଏହି ଯୋଜନାରେ ୭୧୯ କୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ୨୦୨୦-୨୧ରେ ୧୪୦୨ କୋଟି ଏବଂ ୨୦୨୧-୨୨ରେ ୧୦୮୭ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସୋମବାର ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବ ଉପରେ ମୋହର ମାରିଛି।

ପୁରୀରେ ତୀର୍ଥଯାତ୍ରୀମାନଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଯାତ୍ରୀମାନଙ୍କୁ ଉନ୍ନତ ସୁବିଧାସୁଯୋଗ, ନିରାପତ୍ତା ଏବଂ ପୁରୀର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ୨୦୧୭-୧୮ରେ ରାଜ୍ୟ ସରକାର ଅବଢ଼ା ଯୋଜନା କାର୍ଯ୍ୟକାରୀ କରିବାକୁ ଘୋଷଣା କରିଥିଲେ। ଏହି ଯୋଜନାରେ ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା, ଐତିହ୍ୟ କ୍ଷେତ୍ରର ବିକାଶ, ସେତୁ ପ୍ରକଳ୍ପ, ମୂଷା ନଦୀର ପୁନରୁଦ୍ଧାର, ବହୁତଳ କାର୍ ପାର୍କିଂ, ପୁରୀ ହ୍ରଦ ଉନ୍ନତୀକରଣ, ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର , ଗୃହ ନିର୍ମାଣ ଯୋଜନା, ରଘୁନନ୍ଦନ ପାଠାଗାର, ଆଚାର୍ଯ୍ୟ ହରିହର ଛକର ଉନ୍ନତୀକରଣ, ଅଠର ନଳା ଐତିହ୍ୟର ଉନ୍ନତୀକରଣ ଓ ବିଭିନ୍ନ ମଠର ଉନ୍ନତି ଆଦି ପ୍ରକଳ୍ପକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହିସବୁ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଉକ୍ତ ବ୍ୟୟବରାଦ କରିଛନ୍ତି । ଏହି ଯୋଜନାରେ ହବିଷିଆଳିମାନଙ୍କ ପାଇଁ ନୂତନ ଆଶ୍ରୟସ୍ଥଳୀ ନିର୍ମାଣ, ପୁରୀର ବିଭିନ୍ନ ସ୍ଥାନରେ ରାସ୍ତାର ଉନ୍ନତୀକରଣ, ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ବାତ୍ୟା ଫନୀର ପରବର୍ତ୍ତୀ ସମୟରେ ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ବିଚାରପତି ବି.ପି. ଦାଶଙ୍କ ତଦନ୍ତ କମିଟି ସୁପାରିସ ଆଧାରରେ ରାଜ୍ୟ ସରକାର କେତେକ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ସମସ୍ତ ଯୋଜନାକୁ ଅବଢ଼ା ଯୋଜନାରେ ସାମିଲ କରାଯାଇଛି।

ଏଥିସହିତ ପୁରୀ ଗୋବର୍ଦ୍ଧନ ପୀଠର ପରିଚାଳନା ଅଧିକାର ରାଜ୍ୟ ସରକାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଉପରେ ନ୍ୟସ୍ତ କରିଛନ୍ତି। ହିନ୍ଦୁ ଧାର୍ମିକ ଅନୁଷ୍ଠାନ କ୍ଷେତ୍ରରେ ଶଙ୍କରାଚାର୍ଯ୍ୟଙ୍କ ଅଗ୍ରଣୀ ଓ ମୁଖ୍ୟ ଭୂମିକାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ହିନ୍ଦୁ ଦେବୋତ୍ତର ଅଧିନିୟମ ୧୯୫୧କୁ ସଂଶୋଧନ କରାଯାଇଛି। ଏହି ଅଧିନିୟମରୁ ଗୋବର୍ଦ୍ଧନ ପୀଠକୁ ବାଦ୍ ଦିଆଯାଇଛି। ଏହି ମଠ ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ରହିବ ନାହିଁ। ସମସ୍ତ ପରିଚାଳନାଗତ କାର୍ଯ୍ୟ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସମ୍ପାଦନ ହେବ। ଆଇନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।

ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମୋଟ ୧୧ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ତଫସିଲ ଭୁକ୍ତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ରେସିଡେଣ୍ଟ, ଇନ୍‌କମ୍ ସାର୍ଟିଫିକେଟ, ଜାତିଗତ ପ୍ରମାଣ ପତ୍ର ପାଇଁ ଆବେଦନ ଫି, ୟୁଜର ଫି ଏବଂ ଅନ୍ୟାନ୍ୟ ଫି ଦେବାକୁ ପଡ଼ିବ ନାହିଁ। ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି।




# ନଭେମ୍ବର ୨୧ରେ ଓଟିଇଟି ପରୀକ୍ଷାଫଳ

- ଆନ୍‌ସର-କି'ରେ ତ୍ରୁଟି ଥିବା ମନ୍ତ୍ରୀଙ୍କ ସ୍ୱୀକାର
- ପରୀକ୍ଷାର୍ଥୀଙ୍କୁ ଫେରାଯିବ ରିଚେକିଂ ଫି'

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପରୀକ୍ଷା ଫଳ ଆସନ୍ତା ନଭେମ୍ବର ୨୧ରେ ପ୍ରକାଶ ପାଇବ। ଏ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେପଟେ ଓଟିଇଟି ଆନ୍‌ସର-କି'ରେ ବ୍ୟାପକ ତ୍ରୁଟି ଥିବା ମନ୍ତ୍ରୀ ସ୍ୱୀକାର କରିଛନ୍ତି। ରିଚେକିଂ ପାଇଁ ଛାତ୍ରୀଛାତ୍ରଙ୍କଠାରୁ ନିଆଯାଇଥିବା ଫି'କୁ ଫେରାଇ ଦିଆଯିବ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ମନ୍ତ୍ରୀ ଦାଶ ମାଧ୍ୟମିକ ଶିକ୍ଷା ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ, ଗତ ୨୦୧୮ ଅକ୍ଟୋବରରେ ଓଏସ୍‌ଏସ୍‌ଟିଇଟି ପରୀକ୍ଷା ହୋଇଥିଲା। ସେତେବେଳେ ମଧ୍ୟ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଥିଲା ଓ ପିଲା ଆନ୍‌ସର-କି'କୁ ଚ୍ୟାଲେଞ୍ଜ କରିଥିଲେ। ପରେ ଦୁଇ ଦୁଇଥର ଗ୍ରେସ୍ ମାର୍କ ମିଳିଥିଲା କିନ୍ତୁ ପ୍ରତିଶ୍ରୁତି ଅନୁସାରେ ରିଚେକିଂ-ଫି ପିଲାଙ୍କୁ ଆଜିଯାଏ ଫେରାଗଲା ନାହିଁ। ତେବେ ୨୦୧୯ ଫେବୃୟାରୀ ୨୧ରେ ଓଏସ୍‌ଏସ୍‌ଟିଇଟି ରେଜଲ୍ଟ ବାହାରିଥିଲା। ଏଣୁ ଏବେ ମଧ୍ୟ ସମାନ ପରିସ୍ଥିତି ଉପୁଜିଥିବାବେଳେ ରିଚେକିଂ-ଫି ଫେରାଇବା ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯିବା ନେଇ ପରୀକ୍ଷାର୍ଥୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ୧୬ରେ ଓଟିଇଟି ଅଫ୍‌ଲାଇନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଯୋଗୁ ବାତିଲ୍ ହୋଇଥିଲା। ପରେ ଅଗଷ୍ଟରେ ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହେଲା। ସେତେବେଳେ ମଧ୍ୟ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା। କିନ୍ତୁ ବୋର୍ଡ ଏହାକୁ ସ୍ୱୀକାର କରି ନ ଥିଲା। ପ୍ରଥମେ ଓଟିଇଟିର ଅଫ୍‌ଲାଇନ୍ ପ୍ରଶ୍ନପତ୍ର ଲିକ୍‌କୁ ନେଇ ବିକ୍ଷୋଭ ସାଙ୍ଗକୁ କ୍ରାଇମ୍‌ବ୍ରାଞ୍ଚର ହସ୍ତକ୍ଷେପ, ପରେ ଅନ୍‌ଲାଇନ୍ ପରୀକ୍ଷାର ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାପରେ ଆନ୍‌ସର-କି'ରେ ବ୍ୟାପକ ତ୍ରୁଟି ଥିବା ଅଭିଯୋଗ ହୋଇଥିଲା। ଓଟିଇଟି ଅନ୍‌ଲାଇନ୍ ଆନ୍‌ସର-କି'ରେ ବ୍ୟାପକ ତ୍ରୁଟି ସାଙ୍ଗକୁ ଖାମ୍‌ଖିଆଲ ଭାବେ ମାର୍କିଂ କରାଯାଇଥିବା ଓଟିଇଟି ଛାତ୍ର ସଂଘର ଆବାହକ ଦୀନବନ୍ଧୁ ପତି ଅଭିଯୋଗ ଆଣିଥିଲେ। ଅଭିଯୋଗ ଅନୁସାରେ, ଗତ ଅଗଷ୍ଟ ୫ରୁ ୧୮ ଯାଏ ୪୫ଟି ଶିଫ୍ଟରେ ଓଟିଇଟି ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଯାହାର ଆନ୍‌ସର-କି' ଗତ ୫ ତାରିଖରେ ପ୍ରକାଶ ପାଇଛି। ପ୍ରତି ସିଫ୍ଟରେ ୧୦ରୁ ଅଧିକ ଉତ୍ତର ଭୁଲ୍ ଥିବା ସାମ୍ନାକୁ ଆସିଥିଲା। ସଂଘ ପକ୍ଷରୁ ପରୀକ୍ଷାର୍ଥୀଙ୍କୁ ୧୦ରୁ ୧୫ ମାର୍କ ଗ୍ରେସ୍ ଦିଆଯିବା ଦାବି ଉଠିଥିଲା। ପ୍ରତି ପ୍ରଶ୍ନ ପିଛା ୫୦୦ଟଙ୍କା ଫି' ନିଆଯିବାକୁ ମଧ୍ୟ ବିରୋଧ କରାଯାଇଥିଲା। ସେତେବେଳେ ଏହି ଘଟଣାକୁ ନେଇ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯିବା ସହିତ ତୁରନ୍ତ ସମାଧାନ କରିବା ପାଇଁ ଦାବି ଉଠିଥିଲା। ଏହାର ତଦନ୍ତ କରିବା ପାଇଁ ମଧ୍ୟ ମନ୍ତ୍ରୀ ମାଧ୍ୟମିକ ଶିକ୍ଷା ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ।





କର୍ଣାଟକର ହୁବାଳି ରେଲୱେ ଷ୍ଟେଶନରେ ଟ୍ରେନରୁ ଏକ ଅଜଣା ପାର୍ସଲ ଉଠାଇବା ମାତ୍ରେ ଭୟଙ୍କର ବିସ୍ଫୋରଣ ହେବାରୁ ୨ ଜଣ ଗୁରୁତର ହୋଇପଡ଼ିଛନ୍ତି। ଏହା ପରେ ପୋଲିସ ଓ ରେଳ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଯାଞ୍ଚ ଆରମ୍ଭ କରିଥିଲେ। ପ୍ଲାଟଫର୍ମକୁ କର୍ଡନ କରାଯାଇ ସର୍ଚ୍ଚ ଅପରେଶନ ଜାରି ରହିଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ପ୍ରଜ୍ଞା
ପରିବାରବର୍ଗ



ଶୁଭଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ ଅଦାଲତ ଅବମାନନା ମାମଲା

# ୪ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ, ୨୧।୧୦**



ଆଇନଜୀବୀଙ୍କ କୋର୍ଟ ବର୍ଜନ ଆନ୍ଦୋଳନକୁ ନେଇ ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ରୁଜୁ ହୋଇଥିବା ଅଦାଲତ ଅବମାନନା ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୪ରେ ଅନୁଷ୍ଠିତ ହେବ। ତେବେ ସୋମବାର ହାଇକୋର୍ଟଙ୍କ ଫୁଲ୍ ବେଞ୍ଚ ଏହି ମାମଲାର ଶୁଣାଣି କରିଥିଲା। ଶୁଣାଣି ପରେ ସମସ୍ତ ପ୍ରତିପକ୍ଷ ହାଜର ହୋଇ ଜବାବ ରଖିବା ପାଇଁ ୪ ସପ୍ତାହ ମହଲତ ମାଗିଥିଲେ।

ପ୍ରକାଶଥାଉ କି, ହାଇକୋର୍ଟରେ ୨ଜଣ ନୂଆ ବିଚାରପତିଙ୍କ ନିଯୁକ୍ତି ସୁପାରିସ ଓ ଅନ୍ୟ ଦାବିକୁ ନେଇ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରହିଛି। ଆଇନଜୀବୀଙ୍କ ନିୟମିତ ଆନ୍ଦୋଳନ ଯୋଗୁ ମାମଲାଗୁଡ଼ିକର ଶୁଣାଣି ହୋଇପାରୁ ନ ଥିବା ଦର୍ଶାଇ ହାଇକୋର୍ଟଙ୍କ ରେଜିଷ୍ଟ୍ରାର୍ ଜେନେରାଲ ନିଜ ଆଡୁ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଏହି ମାମଲାର ପ୍ରାରମ୍ଭିକ ଶୁଣାଣି ଗତ ୧୫ରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଥର ପାଇଁ ହାଇକୋର୍ଟଙ୍କ ଫୁଲ୍ ବେଞ୍ଚ ଏହି ମାମଲାର ଶୁଣାଣି କରିଥିଲେ। ଉକ୍ତ ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ଆଇନ ସଚିବଙ୍କ ସହ ହାଇକୋର୍ଟ ବାର୍ ଆସୋସିଏଶନ ଓ ରାଜ୍ୟର ୬୮ଟି ବାର୍ ଆସୋସିଏଶନକୁ ମିଶାଇ ମୋଟ୍ ୧୩୬ଜଣ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରାଯାଇଥିଲା।

■ ହାଇକୋର୍ଟ ଆଇନଜୀବୀଙ୍କ କୋର୍ଟ ବର୍ଜନ ଆନ୍ଦୋଳନ ପ୍ରସଙ୍ଗ

# ୧ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ

**କଟକ ଅଫିସ,୨୧।୧୦**

ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଅଦାଲତରେ ରହିଥିବା ସମସ୍ୟାର ସମାଧାନ ନେଇ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରହିଛି। ପୂର୍ବରୁ ଆସୋସିଏଶନ ପକ୍ଷରୁ କେବଳ ମୁଖ୍ୟ ବିଚାରପତିଙ୍କ କୋର୍ଟ ବର୍ଜନ କରାଯାଇଥିବାବେଳେ ଗତ ୧୪ରେ ସବୁ ଖଣ୍ଡପୀଠଙ୍କ ଅଦାଲତକୁ ବର୍ଜନ କରାଯାଇଥିଲା। ଏହାକୁ ନେଇ ହାଇକୋର୍ଟ ପକ୍ଷରୁ ଅଦାଲତ ଅବମାନନା ମାମଲା ଚାଲୁ ରହିଥିବାବେଳେ ସୋମବାର ବାର୍ ଆସୋସିଏଶନର ପୁନର୍ବାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ନଭେମ୍ବର ୧ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ କଟକ ଓ ଏହାର ଆଖପାଖ ଅଞ୍ଚଳରେ ରହିଥିବା ବିଭିନ୍ନ ବାର୍ ଆସୋସିଏଶନର ସଭାପତି, ସମ୍ପାଦକ ଏବଂ ଷ୍ଟିଅରିଂ କମିଟିର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଭେଟିବା ଲାଗି ଆଲୋଚନା ହେବ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସଞ୍ଜୟ କୁମାର ଦାସ କହିଛନ୍ତି।

# ସମୁଦ୍ରରେ ବୁଡ଼ିଯାଉଥିବା ୨ ପର୍ଯ୍ୟଟକ ଉଦ୍ଧାର

**ପୁରୀ ଅଫିସ, ୨୧।୧୦:** ସମୁଦ୍ର ସ୍ନାନ ବେଳେ ବୁଡ଼ିଯାଉଥିବା ୨ଜଣ ପର୍ଯ୍ୟଟକଙ୍କୁ ସୋମବାର ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ସେମାନେ ହେଲେ ବିହାର ମିଠୁପୁର ଅଞ୍ଚଳର ପବନ କୁମାର ପାଣ୍ଡେ (୩୮) ଓ ପ୍ରବୀର କୁମାର ପାଣ୍ଡେ(୨୪)। ଅପରାହ୍ନ ୨ଟାରେ ହୋଟେଲ ମହୋଦଧି ସମ୍ମୁଖ ସମୁଦ୍ରରେ ଦୁହେଁ ଗାଧୋଉଥିବା ବେଳେ ବୁଡ଼ିଯାଉଥିଲେ। ଏହାଦେଖି ସେଠାରେ ଉପସ୍ଥିତ ଲୋକେ ଲାଇଫଗାର୍ଡଙ୍କୁ ଡାକ ପକାଇଥିଲେ। ଲାଇଫଗାର୍ଡମାନେ ଦୁହିଁଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ।

■ ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

# ଯାଜପୁର ଜିଲା ବନ୍ଦକୁ ମିଳିଲା ସ୍ୱତଃ ସମର୍ଥନ




ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ କର୍ମୀମାନେ ବନ୍ଦ ପାଳନ କରୁଛନ୍ତି।

**ଯାଜପୁର ଅଫିସ,୨୧।୧୦**

■ ସ୍ୱାଭାବିକ ଜୀବନଯାତ୍ରା ଠପ
■ ୫୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଗିରଫ

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବିରେ ସୋମବାର ସମଗ୍ର ଯାଜପୁର ଜିଲାରେ ବନ୍ଦ ପାଳନ କରାଯାଇଛି। ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗରେ ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ଜିଲା ବନ୍ଦ ଡାକରାକୁ ସାଧାରଣ ଲୋକଙ୍କ ସ୍ୱତଃପ୍ରବୃତ୍ତ ସମର୍ଥନ ମିଳିଥିଲା। ଏହା ପ୍ରଭାବରେ ଜିଲାର ଯାଜପୁର ସହରଠାରୁ ଆରମ୍ଭ କରି ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ବ୍ୟାସନଗର, ସୁକିନ୍ଦା, ପାଣିକୋଇଲି, ବିଞ୍ଝାରପୁର, ଦଶରଥପୁର, ବରୀ, କୁଆଖିଆ, ଧର୍ମଶାଳା, ଚଣ୍ଡିଖୋଲ, ବଡଚଣା ସମେତ ସମସ୍ତ ସହର ଓ ଗ୍ରାମାଞ୍ଚଳରେ ମଧ୍ୟ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ସୋମବାର ଭାଜପା ପକ୍ଷରୁ ବନ୍ଦ ପାଳନ ଡାକରା ଦିଆଯାଇଥିବାବେଳେ ଏହାର ସୂଚନା ନ ପାଇ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଆସିଥିବା ଲୋକେ ନାହିଁ ନ ଥିବା ହଇରାଣ ହୋଇଥିବା ଦେଖିବାକୁ ମିଳିଥିଲା। ବ୍ୟାସନଗରରେ ଜିଲାପାଳଙ୍କ ଜନଶୁଣାଣି ମଧ୍ୟ ସଫଳ ହୋଇପାରି ନ ଥିଲା। ବଡ଼ଚଣା, ବରୁଆଁ, ପାଣିକୋଇଲି, ଜାରକା, ବ୍ୟାସନଗର ପ୍ରଭୃତି ଅଞ୍ଚଳରୁ ୫୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀଙ୍କୁ ଗିରଫ କରିଥିବାବେଳେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା। ବ୍ୟାସନଗର ସହରରେ କାଁଭାଁ ଛୋଟମୋଟ ଦୋକାନ ଖୋଲା ରହିଥିଲା। ଗାଡି ଚଳାଚଳ ବନ୍ଦ ରହିଥିବାରୁ ସାଧାରଣ ଲୋକେ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ହଟହଟା ହୋଇଥିଲେ।

## ପ୍ରଥମ ପୃଷ୍ଠାରୁ...

## ମହାରାଷ୍ଟ୍ର,

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ସରକାର ଗଠନ ଲାଗି କୁହୁକ ସଂଖ୍ୟା ୧୪୫ ହୋଇଥିଲାବେଳେ ଭାଜପା-ଶିବସେନା ମେଣ୍ଟକୁ ୨୩୦ ଆସନ ମିଳିବ ବୋଲି ଟାଇମ୍ସ ନାଓ ଏକ୍‌ଜିଟ ପୋଲ୍ ପୂର୍ବାନୁମାନ କରିଛି। ଏଥିରେ କଂଗ୍ରେସ ଏନ୍‌ସିପି ମେଣ୍ଟକୁ ମାତ୍ର ୪୮ ଆସନ ମିଳିବ ବୋଲି କୁହାଯାଇଥିଲାବେଳେ ଅନ୍ୟାନ୍ୟ ଦଳଙ୍କୁ ୧୦ଟିରେ ସୀମିତ ରହିବାକୁ ପଡିବ। ସେହିପରି ନ୍ୟୁଜ୍ ୧୮-ଆଇପିଏସ୍‌ଓଏସ୍ ସର୍ଭେ ଅନୁଯାୟୀ ଭାଜପା-ଶିବସେନା ମେଣ୍ଟକୁ ୨୪୩ ଆସନ ମିଳିବାକୁ ଥିଲାବେଳେ କଂଗ୍ରେସ-ଏନ୍‌ସିପିକୁ ୪୧ ଓ ଅନ୍ୟମାନଙ୍କୁ ୪ ଆସନ ମିଳିବ। ଦେବେନ୍ଦ୍ର ଫଡ଼ନବିସ୍ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବେ ବୋଲି ଭାଜପା ପକ୍ଷରୁ ଘୋଷଣା କରାଯାଇଛି। ଏବିପି ନ୍ୟୁଜ୍-ସି ଭୋଟର ଏକ୍‌ଜିଟ ପୋଲ୍ ଅନୁଯାୟୀ ଭାଜପା-ଶିବସେନା ମେଣ୍ଟକୁ ୧୯୨ରୁ ୨୧୬ ଆସନ ମିଳିବାକୁ ଥିଲାବେଳେ ବିରୋଧୀ ମେଣ୍ଟକୁ ୫୫ରୁ ୮୧ ଆସନ ମିଳିବା ପୂର୍ବାନୁମାନ କରାଯାଇଛି। ସେହିପରି ଇଣ୍ଡିଆ ଟୁଡେ-ଆକ୍ସିସ ସର୍ଭେରେ ଶାସକ ମେଣ୍ଟକୁ ୧୬୬-୧୯୪ ଆସନ ଏବଂ କଂଗ୍ରେସ-ଏନ୍‌ସିପି ମେଣ୍ଟକୁ ୭୨ରୁ ୯୦ ଆସନ ମିଳିବ ବୋଲି କୁହାଯାଇଛି। ରିପବ୍ଲିକ-ଜନ୍ କୀ ବାତ୍ ସର୍ଭେ ଅନୁଯାୟୀ ଭାଜପା-ଶିବସେନା ମେଣ୍ଟକୁ ୨୧୬-୨୩୦ ଏବଂ କଂଗ୍ରେସ-ଏନ୍‌ସିପିକୁ ୫୨-୫୯ ଆସନ ମିଳିବ। ନ୍ୟୁଜ୍ ଏକ୍ସ-ପୋଲ୍ ଷ୍ଟ୍ରାଟ୍ ସର୍ଭେ ଅନୁଯାୟୀ ଶାସକ ମେଣ୍ଟ ୧୮୮ରୁ ୨୦୦ ଆସନ ପାଇବାକୁ ଥିଲାବେଳେ ବିରୋଧୀ ମେଣ୍ଟକୁ ୭୪ରୁ ୮୯ ଏବଂ ଅନ୍ୟମାନଙ୍କୁ ୬ରୁ ୧୦ ଆସନ ମିଳିବ ବୋଲି କୁହାଯାଇଛି।

ହରିୟାଣାରେ ମଧ୍ୟ ଅନୁରୂପ ପୂର୍ବାନୁମାନ କରାଯାଇଛି। ଟାଇମ୍ସ ନାଓର ବୁଥ୍‌ଫେରନ୍ତା ଜନମତ ସର୍ଭେ ଅନୁଯାୟୀ ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭାରେ ଶାସକ ଭାଜପାକୁ ୭୧ ଆସନ ମିଳିବାକୁ ଥିବାବେଳେ କଂଗ୍ରେସକୁ ୧୧ ଓ ଅନ୍ୟ ଦଳଙ୍କୁ ୮ ଆସନ ମିଳିବ। ସେହିପରି ରିପବ୍ଲିକ୍ ଟିଭି- ଜନ କୀ ବାତ୍ ଅନୁଯାୟୀ ଭାଜପାକୁ ୫୨ରୁ ୬୩, କଂଗ୍ରେସକୁ ୧୫ରୁ ୧୯ ଏବଂ ଅନ୍ୟମାନଙ୍କୁ ୮ରୁ ୧୨ ଆସନ ମିଳିବ ବୋଲି ପୂର୍ବାନୁମାନ କରାଯାଇଛି। ଏଠାରେ ମ୍ୟାଜିକ୍ ନମ୍ବର ହେଉଛି ୪୬।

ସିଏନ୍‌ଏନ୍ ନ୍ୟୁଜ୍୧୮-ଆଇପିଏସ୍‌ଓଏସ୍ ଏକ୍‌ଜିଟ ପୋଲ୍‌ରେ ଭାଜପାକୁ ୭୫ ଆସନ ମିଳିବ ବୋଲି କୁହାଯାଇଥିଲାବେଳେ କଂଗ୍ରେସ ୧୦ଟିରେ ବିଜୟୀ ହେବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ଏହି ସଂସ୍ଥା ଆଇଏନ୍‌ଏଲ୍‌ଡିକୁ କୌଣସି ଆସନ ଦେଇନାହିଁ। ସେହିପରି ନ୍ୟୁଜ୍‌ଏକ୍ସ-ପୋଲ୍‌ଷ୍ଟ୍ରାଟ ସର୍ଭେ ଅନୁଯାୟୀ ଭାଜପା ୭୫ରୁ ୮୦ ଆସନ ପାଇବାକୁ ଥିବାବେଳେ କଂଗ୍ରେସ ୯ରୁ ୧୨ ଆସନରେ ସୀମିତ ରହିବ ଓ ଅନ୍ୟମାନଙ୍କୁ ୪ଟି ଆସନ ମିଳିବ। ଅବ୍‌କି ବାର ୭୫ ପାର୍ ବୋଲି ଭାଜପା ପକ୍ଷରୁ ହରିୟାଣାରେ ସ୍ଲୋଗାନ ଦିଆଯାଇଥିଲା। ନିର୍ବାଚନ ପ୍ରଚାରରେ ଭାଜପା ମୁଖ୍ୟତଃ ଜାତୀୟ ସୁରକ୍ଷା ଏବଂ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ପ୍ରାଧାନ୍ୟ ଦିଆଯାଇଥିଲା। ଭାଜପା ପାଇଁ ପ୍ରଚାରର ମଙ୍ଗ ଧରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଦଳ ଅଧ୍ୟକ୍ଷ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ଅନ୍ୟପକ୍ଷରେ ରାହୁଲ ଗାନ୍ଧୀ କଂଗ୍ରେସ ପାଇଁ ପ୍ରଚାରର ନେତୃତ୍ୱ ନେଇଥିଲେ।

## ୬୮.୯୬% ମତଦାନ

୬୮.୯୬% ମତଦାନ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ମତଦାନ ସମୟରେ କାଁ ଭାଁ କେତୋଟି ଘଟଣାକୁ ଛାଡ଼ିଦେଲେ ସେଭଳି କିଛି ବିଶୃଙ୍ଖଳା ଉପୁଜି ନ ଥିବା ଜଣାପଡ଼ିଛି। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ୫ଜଣ ପ୍ରାର୍ଥୀ ତଥା କଂଗ୍ରେସର ଦିଲୀପ କୁମାର ପଣ୍ଡା, ଭାଜପାର ସନତ କୁମାର ଗଡ଼ତିଆ, ବିଜେଡିର ରୀତା ସାହୁ, ଭାରତ ହିନ୍ଦୁ ମହାସଭାର ଅଶୋକ କୁମାର ମିଶ୍ରଲ ଏବଂ ସ୍ୱାଧୀନ ପ୍ରାର୍ଥୀ ବୃନ୍ଦାବନ ପୁରୋହିତଙ୍କ ଭାଗ୍ୟ ବର୍ତ୍ତମାନ ଇଭିଏମ୍‌ରେ ସିଲ୍ ହୋଇ ରହିଛି। ଆସନ୍ତା ୨୪ ତାରିଖରେ ଭୋଟ ଗଣତି ପରେ ଫଳାଫଳ ପ୍ରକାଶ ପାଇବ।

ବିଜେପୁର ଉପନିର୍ବାଚନରେ ସମୁଦାୟ ୨ଲକ୍ଷ ୩୨ହଜାର ୨୬୪ ମତଦାତା(ଭୋଟର)ଙ୍କ ପାଇଁ ମତଦାନ ବ୍ୟବସ୍ଥା ହୋଇଥିଲା। ସେମାନଙ୍କ ମଧ୍ୟରୁ ୨୦୯ ଜଣ ସର୍ଭିସ ଭୋଟର ଥିଲେ। ବରପାଲିର ୭୭ହଜାର ୫୮୬ ଭୋଟରଙ୍କ ପାଇଁ ୮୪ଟି ବୁଥ୍(ନଂ-୧ରୁ ୮୪), ବିଜେପୁରର ୮୩ହଜାର ୧ଜଣ ଭୋଟରଙ୍କ ପାଇଁ ୧୦୬ଟି ବୁଥ୍(ନଂ-୮୫ରୁ ୧୯୦) ଏବଂ ଗାଇସିଲେଟ୍‌ର ୭୧ହଜାର ୪୬୮ ଭୋଟରଙ୍କ ପାଇଁ ୯୫ଟି ବୁଥ୍(ନଂ-୧୯୧ରୁ ୨୮୫) କରାଯାଇଥିଲା। ବିଜେପୁର ବ୍ଲକ ଓ ଏନ୍‌ଏସିରେ ସର୍ବାଧିକ ୮୨.୫୬% ମତଦାନ ହୋଇଥିବାବେଳେ ଗାଇସିଲେଟ୍ ବ୍ଲକରେ ୮୦.୪୩ ଏବଂ ବରପାଲି ବ୍ଲକ ଓ ଏନଏସିରେ ସର୍ବନିମ୍ନ ୭୭.୨୮% ମତଦାନ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାଶ ସୂଚନା ଦେଇଛନ୍ତି।

### କିଛି ତଥ୍ୟ

ଭାରତ ୨୦୧୭-୧୮ରେ ଆମେରିକାଠାରୁ ୨ ବିଲିୟନ ଡଲାରର ଏଫ୍‌ଡିଆଇ ଲାଭ କରିଥିବା ବେଳେ ୨୦୧୮-୧୯ରେ ଏହା ୩.୧୩ ବିଲିୟନ ଡଲାର ରହିଛି।
– ବାଣିଜ୍ୟ ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରାଶ୍ୟାଧିପତିଙ୍କ ପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ନିକଟ ସମ୍ପର୍କୀୟଙ୍କ ସହାନୁଭୂତି ଲାଭ କରିବେ। କଳକାରଖାନା, ଜଳଜାତ ଦ୍ରବ୍ୟ ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। କିନ୍ତୁ ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ । ଅବଶ୍ୟ ଫେରିବା ବାଟରେ ବନ୍ଧୁଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ** ସ୍ୱସ୍ଥାନସ୍ଥ ଶୁକ୍ର ଯୋଗୁ ସାମାଜିକ ସ୍ତରରେ ବନ୍ଧୁଙ୍କ ନିକଟରୁ ଯାହା ଓ ଯେତିକି ପାଉଛନ୍ତି ତାହାକୁ ଆଦରର ସହିତ ଗ୍ରହଣ କରିବା ଭଲ ହେବ। ପାରିବାରିକ କ୍ଷେତ୍ରରେ ନିଜର ସମ୍ପର୍କୀୟମାନଙ୍କ ସହଯୋଗରୁ ଉପକୃତ ହେବେ ଓ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ଦୂରଦର୍ଶିତା ଅଭାବରୁ କୌଣସି କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ବୃହସ୍ପତିଙ୍କ ସ୍ଥାନ ସ୍ଥିତି ଜନିତ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ରରେ ସମସ୍ୟା ଦେଖାଦେବ। ତଥାପି କୌଣସି ଦୃଢ଼ ପଦକ୍ଷେପ ନେଲେ ଝାମେଲା ଅଧିକ ବଢ଼ି ଯାଇପାରେ। ଜମିଜମା ବିବାଦ, ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିପାରିବେ। କିଛି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**କର୍କଟ** ଏକାଧିକଗ୍ରହ ଚତୁର୍ଥସ୍ଥ ଯୋଗୁ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। କୌଣସି କାରଣ ନେଇ ଆପଣଙ୍କ ମନରେ ଥିବା ଆଶଙ୍କା ଅପରାହ୍ନେ ଦୂର ହୋଇଯିବ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ, ଯାହାକି ବନ୍ଧୁ ଗହଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯିବ। ପରିବହନ, ବ୍ୟବସାୟ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ଆର୍ଥିକ ପରିସ୍ଥିତି କ୍ରମଶଃ ବଦଳି ଯିବାରୁ ଏକ ପ୍ରକାର ମନ ହାଲୁକା ହୋଇଯିବ । କିନ୍ତୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ସମସ୍ୟାକୁ ବୃଦ୍ଧି କରିପାରେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ପରେ ଶାନ୍ତ ହେବ। ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ମନଟି ଏକପ୍ରକାର ଖୁସି ହୋଇଯିବ।

**କନ୍ୟା** ଦିନଟି ଯଦିଓ ପୂର୍ଣ୍ଣତଃ ମନ୍ଦ ନୁହେଁ ତଥାପି ବୁଝି ବିଚାରି କାମ କରନ୍ତୁ ନଚେତ୍ ସମସ୍ୟାକୁ ଡାକି ଆଣିଲା ଭଳି କାମ ହେବ। ବହୁତ ଦିନ ହେଲା ଇଚ୍ଛା କରୁଥିବା ଓ ଆଜି ସୁଦ୍ଧା ପାଇ ପାରିନଥିବା ଜିନିଷଟି ପାଇ ପାଇ ଖୁସି ହେବେ। ବାଣିଜ୍ୟ ଓ ବ୍ୟବସାୟରେ ସମସ୍ୟା ଲାଗି ରହିଥିଲେ ମଧ୍ୟ ତାହା ବିଶେଷ ଉତ୍କଟ ହେବ ନାହିଁ।

**ତୁଳା** ଆଜି ପିଲାଙ୍କ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଦୀର୍ଘ ଦିନରୁ ରହିଥିବା ସମସ୍ୟାର ସମାଧାନ ହୋଇଯିବ। ହଠାତ୍ ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ, ଫଳରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବିଛା** ଦୀର୍ଘଦିନ ହେଲା ଆପଣ ଯାହାକୁ ଭଲ ଭାବିଛନ୍ତି ସେହି ବ୍ୟକ୍ତି ନିଜର ଫାଇଦା ହାସଲ ପାଇଁ ଚେଷ୍ଟା କରିପାରେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଘଟିବ। କଳା,ସାହିତ୍ୟ, ରାଜନୀତି କ୍ଷେତ୍ରରେ ବେଶ୍ ଆଦୃତି ସହ ପ୍ରତିଷ୍ଠା ମିଳିବ । ସାଙ୍ଗଠନିକ କାର୍ଯ୍ୟ,ସଭା ସମିତି, ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ଧନୁ** ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହିବ ନାହିଁ। କିଛି ଗୁପ୍ତକଥା,କଳାଧନ,କଚେରି ମାମଲା, ଅନ୍ୟମାନଙ୍କ ଘରୋଇ କଥାର ଆଲୋଚନା ସମ୍ପର୍କିତ ଅଯଥା ଚିନ୍ତା କରିପାରନ୍ତି। ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରିବହନ,ବ୍ୟବସାୟ, ଶିଳ୍ପ,ବାଣିଜ୍ୟରେ ଉନ୍ନତି କରିବେ।

**ମକର** ଆଜିର କାମ ହାସଲ ସକାଶେ ଖର୍ଚ୍ଚାନ୍ତ ହେବେ ସିନା କାମ ଅଟକିବ ନାହିଁ । ମାଲିମକଦ୍ଦମା, ନିର୍ମାଣ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଟକି ଥିବା କାମଟି ସହଜରେ ହାସଲ କରିବେ।

**କୁମ୍ଭ** ଆଜି ଯାହା କରନ୍ତୁ କିମ୍ବା ଯୁଆଡେ ଯାଆନ୍ତୁନା କାହିଁକି ଲାଭବାନ୍ ନିଶ୍ଚିତ ହେବେ। ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିବ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡ଼ା, ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ରହିବା ହେତୁ ସାମୟିକ ଶାନ୍ତି ଲାଭ କରିବେ।

**ମୀନ** ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ କିନ୍ତୁ ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଚେଷ୍ଟା କରୁଥିବା କାମରେ ଅବଶ୍ୟ ସଫଳତା ପାଇବେ। ପାରିପାର୍ଶ୍ୱିକ ସ୍ଥିତି କେତେକାଂଶରେ ବଦଳିଯିବା କାରଣରୁ ସାମାନ୍ୟ ଚିନ୍ତିତ ରହିପାରନ୍ତି।

ଆଜି କାର୍ତ୍ତିକ କୃଷ୍ଣ ନବମୀ ମଙ୍ଗଳବାର, ଅକ୍ଟୋବର ୨୨ ତାରିଖ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୨ମି. ମଧ୍ୟେ, ଘ୭।୧୮ମି. ଗତେ ଘ୧୧।୩୨ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୦ମି. ଗତେ ଘ୮।୪୫ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୦।୨୦ମି. ଗତେ ଘ୧୧।୫୩ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୩୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୨୩ମି. ଗତେ ଘ୩।୪୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

SALE

BDA Yellow zone plot near Pitapalli Square, 200mtr from NH. Ready for construction. 9437827966, 7978441564. D-14873

3800 Sqft. GA plot immediately sale at Surya Nagar, Bhubaneswar, Contact Deepak: 9937329999 (Broker excuse). D-68019

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200ରୁ 2,00,000/- plot (outright/ installment) 8144706560, 9348817649. D-66800

ଭୁବନେଶ୍ୱର ପଟିଆ ବିଗ୍‌ବଜାର, ରଘୁନାଥପୁର Royal Lagoon, Patia station, ଫୁଲନଖରା ନିକଟରେ Simplex, Duplex, 1, 2, 3BHK flat ମିଳୁଛି. 9658122456, 8327785834. D-68406

2600sqft. Boundary wall plan approval plot at Pokhariput, Bhubaneswar Rs.72,000,00/- 9861125539, 9040521173. D-67242

Mouza Krushnasaranpur-Ph(IV) Sqft. 450/, 1200 ବର୍ଗଫୁଟକୁ 5,40,000/-ରେ କିଣନ୍ତୁ। A.K. Swain-9337028135. D-68402

4BHK duplex with Gated Community at Balianta (land1400 & construction- 2200@ 55,00,000/- 2600@ 65,00,000/-) Mplanets: 9938219397, 9861022055. D-14782

Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826. D-68407

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68133

ଫୁଲନଖରା DPS ପାଖରେ NH ଠାରୁ 1KM ଦୂରରେ ଘରବାରି ପ୍ଲଟ୍ ମିଳୁଅଛି। sqft. 1300 ଟଙ୍କା। Contact No- 9556247343, 9348042481. D-14872

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। Possession, Registration immediate 9178660666. D-14854

30'road BDA Yellowzone 2nos. gharabari boundary plot near SUM Hospital, Kalinga Nagar DAV School (size-2024) sqft.1950/- 9437240766, 9937044887. D-68405

packers & movers

India's No.1 Packers-Leo Packers & Movers since 1975, Nationwide Network-9438133699. D-14664

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Ayurvedic full body massage ladies/gents smart experts therapist-8480939300 D-66979

Full body herbal massage with refreshment expert therapist. 7381239385, 06742540855. D-68138

Experience full body massage with us (expert). Call: 7377048581, 06742597822. D-68139

Herbal full body massage by smart / expert therapist. Contact: 8338067247. D-68140

Summer special mesmerizing offer expert therapeutic refreshing massage appointment. 9668374480. D-68141

Newly open full body massage by ladies, gents therapist. 8018656899 D-60844

Ayurvedic full body massage by ladies, gents therapist. 7008773793 D-60845

Refresh your mind and soul with best therapy at Orchid Salon/Spa. 9937287222. D-66983

AFFIDAVIT

By virtue of an affidavit before Notary, Bhubaneswar, I Ravina Kalsi have changed my name to Ravviina Kalsi. Henceforth I shall be known as Ravviina Kalsi for all purposes. D-67091

Affidavit before Executive Magistrate, Gondia, 04.10.19, my name has changed from Tunulata Mohanty, W/o. Akshaya Mohanty to Satyabhama Mohanty, W/o. Laxmidhar Mohanty, Vill/Post-Mathatentulia, Gondia, Dhenkanal for LIC Policy No.584897708 and all legal purposes. D-66826

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ମୁଖ୍ୟ ବିରୋଧୀ ଦଳ ନେତା ବିଲାୱଲ ଭୁଟ୍ଟୋ-ଜର୍ଦ୍ଦାରି ସମାଲୋଚନା କରିବା ସହ ସେ ପୂର୍ଣ୍ଣକାଳ ଶାସନ କରିବାକୁ ଅକ୍ଷମ ବୋଲି କହିଛନ୍ତି। ତାଙ୍କ ଶାସନ କରିବାର ନୀତିକୁ ନେଇ ଲୋକେ ଅସନ୍ତୁଷ୍ଟ ଥିବା ବିଲାୱଲ୍ ପ୍ରକାଶ କରିଛନ୍ତି। ପାକିସ୍ତାନ ସରକାର ଲୋକଙ୍କ ଆସ୍ଥାଭାଜନ ହେବା ସହ ଏକତା ଓ ବିକାଶକୁ ଗୁରୁତ୍ୱ ଦେବା ଜରୁରୀ ବୋଲି ସେ ମତ ଦେଇଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଶାନ୍ଭୀ ସହସ୍ରା



ରାହୁଲ ପାଲ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

### ■ ରାଜ୍ୟସ୍ତରୀୟ ପୋଲିସ ଶହୀଦ ସ୍ମୃତି ଦିବସ

# ଶହୀଦ ଯବାନଙ୍କୁ ତୋପ ସଲାମି

**କଟକ ଅଫିସ, ୨୧।୧୦**

କଟକ ବକ୍ସିବଜାରସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ୬୦ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ସ୍ମୃତି ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ବିଜୟ କୁମାର ଶର୍ମା ଯୋଗଦେଇ ପୋଲିସ ବିଭାଗରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶହୀଦ୍ ସ୍ତମ୍ଭ ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଆରକ୍ଷୀ ବାହିନୀ ପକ୍ଷରୁ ତୋପ ସଲାମି ଦିଆଯାଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଓଏସ୍‌ଏପି ୨ୟ ବାଟାଲିୟନ, ଝାରସୁଗୁଡାର ଉପ ଦୁର୍ଗପତି ଆଶିଷ କୁମାର ଦୁବେଙ୍କ ନେତୃତ୍ୱରେ ପରେଡ ପ୍ରଦର୍ଶିତ ହୋଇଥିଲା। ଡିଜିପି ଶର୍ମା ୧୦ ଜଣ ଶହୀଦଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତବର୍ଷ ଦେଶରେ ପୋଲିସ ବିଭାଗରେ ୨୯୨ ଜଣ ଯବାନ କାର୍ଯ୍ୟରତ ସମୟରେ ପ୍ରାଣବଳି ଦେଇଛନ୍ତି। ସେଥିମଧ୍ୟରେ ଓଡ଼ିଶାର ୨ ଜଣ ଅଛନ୍ତି। ସେମାନେ ହେଲେ ହାବିଲଦାର ମେଜର ସୁଜିତ କୁମାର ମିଞ୍ଜ ଏବଂ ଓଏପିଏଫ/୧୩୭ ଜୟରାମ କବାଶି।



ଶହୀଦ ସ୍ତମ୍ଭରେ ଡିଜିପି ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ସୂଚନାଯୋଗ୍ୟ, ୧୯୫୯ ଆଜିର ଦିନରେ ଚାଇନାର ସୈନିକମାନଙ୍କ ଆକ୍ରମଣରେ ଲଦାଖ ଅଞ୍ଚଳରେ କର୍ତ୍ତବ୍ୟରତ ୧୦ ଜଣ ସିଆର୍‌ପିଏଫ ଯବାନ ପ୍ରାଣବଳି ଦେଇଥିଲେ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାରା ଦେଶରେ ପ୍ରତିବର୍ଷ ଅକ୍ଟୋବର ୨୧ ତାରିଖକୁ ପୋଲିସ ଶହୀଦ ସ୍ମୃତି ଦିବସ ଭାବେ ପାଳନ କରାଯାଉଛି।

## ମହିଳାଙ୍କୁ ପିଟି ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ପୁରୁଷୋତ୍ତମପୁର,୨୧।୧୦(ଡି.ଏନ୍.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ସୋମବାର ସ୍ୱାମୀ ହତ୍ୟାକରି ପୋଡିଦେଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଭୂତସରସିଙ୍ଗିର ଜୟନ୍ତୀ ସେଠୀ। ଜୟନ୍ତୀଙ୍କ ସାନଭାଇ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଜୟନ୍ତୀଙ୍କୁ ସୋମବାର ସକାଳେ ତାଙ୍କ ସ୍ୱାମୀ ପିଟିପିଟି ମାରିବା ପରେ ପୋଡି ଦେଇଥିଲେ। ଏହି ଖବର ଭାଇ ଜଗନ୍ନାଥ ପାଇବା ପରେ ଜଗନ୍ନାଥ ପୁରୁଷୋତ୍ତମପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଗାଁରେ ପହଞ୍ଚି ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାକୁ ଆଣିଥିଲା। ଖବର ଲେଖାହେବା ସୁଦ୍ଧା ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନାହିଁ।

## ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଜମି ଅଧିଗ୍ରହଣ ଆରମ୍ଭ

# ପ୍ରତ୍ୟକ୍ଷ ଜମି କିଣିଲେ ସରକାର

**ପୁରୀ ଅଫିସ, ୨୧।୧୦**

ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଜମି ଅଧିଗ୍ରହଣ ଆରମ୍ଭ ହୋଇଛି । ସୋମବାର ବାସେଳିସାହି ଓ ମଣିକର୍ଣ୍ଣିକା ସାହିର ୫ ପରିବାରଠୁ ପ୍ରତ୍ୟକ୍ଷ ଜମି କିଣିଛନ୍ତି ସରକାର। ଏହି ବିସ୍ଥାପିତ ୫ ପରିବାରକୁ ମୋଟ ୮କୋଟି ୪୪ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏହି ପରିବାର ମଧ୍ୟରୁ ୨୦ ଜଣଙ୍କୁ ଥଇଥାନ ଓ ପୁନର୍ବାସ କ୍ଷତିପୂରଣ ସହାୟତା ସମେତ ଅଧିକ ୧୦ ପ୍ରତିଶତ ଟଙ୍କା ଦିଆଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଜୋନ ପାଇଁ ସ୍ୱତନ୍ତ୍ର ଥଇଥାନ ପ୍ୟାକେଜର ସାମାଜିକ ପ୍ରଭାବ ନିର୍ଦ୍ଧାରଣ (ଏସ୍‌ଆଇଏ) ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ସରକାର ପ୍ରତ୍ୟକ୍ଷ ଜମି କିଣିବା ନିଶ୍ଚିତ ବଡ଼ ସଫଳତା ବୋଲି କୁହାଯାଉଛି।

ଜଣେ ପ୍ରଶାସନିକ ଅଧିକାରୀଙ୍କ ସୂଚନା ମୁତାବକ, ଜିଲା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଏହି ଡିଡ୍ କରାଯାଇଛି। ବାସେଳିସାହି ଓ ମଣିକର୍ଣ୍ଣିକା ସାହିର ୫ ପରିବାର ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱେଚ୍ଛାକୃତ ଭାବେ ସରକାରଙ୍କୁ ଜମି ହସ୍ତାନ୍ତର କରିଛନ୍ତି। ସମ୍ପୃକ୍ତ ପରିବାରଗୁଡ଼ିକର ଜମି ଏବଂ ସେଥିରେ ନିର୍ମିତ କୋଠା



■ ୫ ପରିବାରକୁ ଦିଆଗଲା ୮ କୋଟି ୮୪ ଲକ୍ଷ ଟଙ୍କା

■ ୨୦ ଜଣ ପୁନର୍ବାସ ଓ ଥଇଥାନ ଯୋଜନାରେ ଏକକାଳୀନ ସହାୟତା ନେଲେ

ମୂଲ୍ୟ ବାବଦରେ ୨କୋଟି ୧୪ ଲକ୍ଷ ୮,୩୫୦ ଟଙ୍କା ଡବଲ ହିସାବରେ ଦିଆଯାଇଛି। ବିସ୍ଥାପିତ ହେବାକୁ ଥିବା ଏହି ପରିବାରଗୁଡ଼ିର ୨୦ ଜଣ ସଦସ୍ୟଙ୍କୁ ପୁନର୍ବାସ ଓ ଥଇଥାନ ଯୋଜନାରେ ଏକକାଳୀନ ସହାୟତା ରାଶି ୩୦ଲକ୍ଷ ଲେଖାଏ ମୋଟ ୬କୋଟି ଏବଂ ଅଧିକ ୧୦ପ୍ରତିଶତ ହିସାବରେ ୬୦ଲକ୍ଷ ଟଙ୍କା ଦିଆଯାଇଛି। ମୋଟ ୮କୋଟି ୮୪ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଜିଲାପାଳ ବଲୱନ୍ତ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଜମି କିଣାଯାଇଛି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ସୁରକ୍ଷା ଜୋନ ଜମି ଅଧିଗ୍ରହଣ ଅଧିକାରୀ କୈଳାସ ନାୟକ, ତହସିଲଦାର ଆଶିଷ ସାହୁଙ୍କ ସମେତ ୫ ଶିକ୍ଷାନବୀସ ଆଇଏଏସ୍ ଅଧିକାରୀ ଏବଂ ଶିକ୍ଷାନବୀସ ଓଏଏସ୍ ଅଧିକାରୀଙ୍କ ସହଯୋଗରେ ଏହି ଜମି କିଣିବା ଆରମ୍ଭ ହୋଇଛି। ସ୍ୱେଚ୍ଛାକୃତ ଭାବେ ଜମି ହସ୍ତାନ୍ତର କରିବାକୁ ପ୍ରାୟ ୩୦ରୁ ଅଧିକ ପରିବାର ଆଗ୍ରହ ପ୍ରକାଶ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୫ ପରିବାର ଜମି ଦେଇଛନ୍ତି। ଆଗକୁ ଅନ୍ୟ ପରିବାର ଜମି ବିକି ଅଧିକ ୧୦ ପ୍ରତିଶତ ସହାୟତା ରାଶି ନେବେ ବୋଲି ପ୍ରଶାସନ ଆଶା ରଖିଛି।

# ବଳାତ୍କାରୀଙ୍କୁ ୧୫ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୨୧।୧୦**

ଗଞ୍ଜାମ ଜିଲା ଅତିରିକ୍ତ ଦୌରାଜଜ (ଏଡିଜେ)-୨ ସୋମବାର ଏକ ବଳାତ୍କାର ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ବଳାତ୍କାରୀ ବିଶ୍ବୁ ବେହେରା(୫୫)ଙ୍କୁ ବିଚାରପତି ଜଗଦୀଶ ପ୍ରସାଦ ମହାନ୍ତି ୧୫ ବର୍ଷ ଜେଲ ଦଣ୍ଡ ଦେଇଛନ୍ତି। ଏହାସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ପ୍ରକାଶଯେ, ୨୦୧୬ ଏପ୍ରିଲରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜଣେ ନାବାଳିକା ଘରେ ଏକାକୀ ଥିବା ବେଳେ ଏହାର ସୁଯୋଗ ନେଇ ବିଶ୍ବୁ ତାଙ୍କୁ ବଳାତ୍କାର କରିଥିଲେ। ଏ କଥା ଘର ଲୋକଙ୍କୁ ଜଣାଇଲେ ଗୁଣି କରି ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବାକୁ ବିଶ୍ବୁ ଧମକ ଦେଇଥିଲେ। ପୀଡିତା ଜଣକ ତାଙ୍କ ଘରେ ଏକାକୀ ଥିବା ବେଳେ ବିଶ୍ବୁ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ଫଳରେ ସେ ୪ ମାସର ଗର୍ଭବତୀ ହୋଇଥିଲେ।

ପରିବାର ଲୋକେ ଏକଥା ଝିଅଠାରୁ ଶୁଣିବା ପରେ ପୁରୁଷୋତ୍ତମପୁର ଥାନାରେ ୨୦୧୬ ସେପ୍ଟେମ୍ବର ୧୨ରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୧୩୪/୧୬ରେ ଅଭିଯୁକ୍ତ ବିଶ୍ବୁଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ପରେ ପୋଲିସ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଅଭିଯୁକ୍ତ ଜଣଙ୍କ ଆଜି ଯାଏ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଭାବେ ଥିଲେ। ସୋମବାର ଏହି ମାମଲାର ବିଚାର ବେଳେ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।







CLASSIFIED DISPLAY







MORE SPACE • SAME PRICE

CLASSIFIED DISPLAY

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable






# ସାଂକେତିକ

ଲିଙ୍ଗଗତ ସମାନତା ଓ ନାରୀ ସଶକ୍ତୀକରଣ ଏକ ଜାତିକୁ ସମୃଦ୍ଧ କରିଥାଏ। ପରିବାର ଓ ସେଥିରେ ଥିବା ପୁରୁଷଙ୍କ ସହନଶୀଳତାର ଅଭାବ ଯୋଗୁ ଭାରତରେ ବିଶେଷକରି ମହିଳାମାନେ ଆଜି ପର୍ଯ୍ୟନ୍ତ ସେଭଳି ଶ୍ରମବଳରେ ଯୋଗଦେଇ ପାରୁନାହାନ୍ତି। କେବଳ କିଛି ଅଂଶ କୁଟୀର ଶିଳ୍ପ, ନିର୍ମାଣ ଓ ମୁଖ୍ୟତଃ କୃଷିକ୍ଷେତ୍ରରେ ସେମାନଙ୍କ ଯୋଗଦାନ ଆଖିଦୃଶିଆ ରହିଛି। ଫଳରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ମହିଳାଙ୍କ ଅବଦାନ ଅତି ନଗଣ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବେଟି ବଚାଅ, ବେଟି ପଢ଼ାଅ' ସ୍ଲୋଗାନ୍ ଦେଇଥିବା ବେଳେ ତା'ର ସେଭଳି ବାସ୍ତବ ପ୍ରତିଫଳନ ଦୃଷ୍ଟିକୁ ଆସୁ ନ ଥିଲା। ଏବେ କେନ୍ଦ୍ର ସରକାର ନାରୀଙ୍କୁ ଅଧିକ ସଶକ୍ତ କରିବା ଲାଗି ସେମାନଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଦେଶର ସୈନିକ ସ୍କୁଲରେ ଆସନ୍ତା ଶିକ୍ଷାବର୍ଷ ୨୦୨୧-୨୦୨୨ରୁ ପର୍ଯ୍ୟାୟକ୍ରମେ ଝିଅମାନେ ପାଠ ପଢ଼ିବା ନେଇ ଏକ ପ୍ରସ୍ତାବକୁ ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅନୁମୋଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦୁଇବର୍ଷ ପୂର୍ବେ ମିଜୋରାମର ଛିଙ୍ଗ୍‌ଛିପ୍ ସୈନିକ ସ୍କୁଲରେ ଝିଅମାନଙ୍କ ନାମଲେଖା ସକାଶେ ପ୍ରତିରକ୍ଷା ମନ୍ତ୍ରଣାଳୟ ଆରମ୍ଭ କରିଥିବା ପାଇଲଟ୍ ପ୍ରକଳ୍ପ ସଫଳ ହେବା ପରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

କେନ୍ଦ୍ର ସରକାରଙ୍କ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କହିଲା ବେଳକୁ ମନେରଖିବାକୁ ହେବ ଯେ, ଭାରତର ସ୍କୁଲ ସ୍ତରରେ ଝିଅଙ୍କ ଡ୍ରପ୍‌ଆଉଟ୍ (ସ୍କୁଲ ଛାଡ଼ିବା) ହାର ପୁଅଙ୍କଠାରୁ ଯଥେଷ୍ଟ ଅଧିକ। ଏଠାରେ ପ୍ରଶ୍ନ ଉଠୁଛି, ଭାରତରେ କେତୋଟି ସୈନିକ ସ୍କୁଲ ଅଛି? ଉତ୍ତର ହେଉଛି ୨୭। ଓଡ଼ିଶା ଭଳି ରାଜ୍ୟରେ ଭୁବନେଶ୍ୱରରେ ଗୋଟିଏ ସ୍କୁଲ ରହିଛି। ତେଣୁ ସମଗ୍ର ଦେଶରେ ଥିବା ସୈନିକ ସ୍କୁଲରେ କିଛି ଝିଅ ପଢ଼ିବାର ସୁଯୋଗ ପାଇପାରନ୍ତି। ଏହା ପରେ ଚିନ୍ତା ହେଉଛି ଯେ, ସେହି ଝିଅମାନେ କେବଳ ସେନାରେ ଯୋଗଦେବା ସକାଶେ ଏହି ସ୍କୁଲରେ ନାମ ଲେଖାଇବେ କି ? ଏଠାରେ ସ୍ପଷ୍ଟ ଭାବେ କହିହେବ ଯେ, ସଶସ୍ତ୍ର ବାହିନୀରେ ମହିଳାଙ୍କ ଯୋଗଦାନକୁ ଆମ ସହ ସମସ୍ତେ ସ୍ୱାଗତ କରନ୍ତି। ସେଥିରେ ଦ୍ୱିମତ ନାହିଁ। ମାତ୍ର ତାହା ଭାରତୀୟ ମହିଳାଙ୍କ ଶିକ୍ଷାଗତ ଯୋଗ୍ୟତା ଏବଂ ନିଯୁକ୍ତି ହାରରେ ସେଭଳି କୌଣସି ପ୍ରଭାବ ପକାଇବ କି ବୋଲି ପ୍ରଶ୍ନ ହେବା ସ୍ୱାଭାବିକ।

ଇତିହାସକୁ ଦେଖିଲେ ଭାରତୀୟମାନେ ଇସ୍ରାଏଲର ଇହୁଦୀଙ୍କ ଭଳି ନୁହନ୍ତି। ଐତିହାସିକ ରୂପରେ ଭାରତ କେବେହେଲେ ବଡ଼ ଯୁଦ୍ଧ ଘଟାଇ ଅନ୍ୟ କୌଣସି ଦେଶକୁ ଅକ୍ତିଆର କରିନାହିଁ। ମହାଭାରତ ଥିଲା ପାରିବାରିକ ଯୁଦ୍ଧ ଏବଂ ତାହା ସମ୍ପତ୍ତି ଓ ନାରୀ ସକାଶେ ଘଟିଥିଲା। ରାମାୟଣ ମଧ ସେହି ନାରୀ ପାଇଁ ହୋଇଥିଲା। ଅବଶ୍ୟ ଆଜି ଲୋକେ କହିପାରନ୍ତି କାର୍ଗିଲ ଓ ବାଲାକୋଟ୍ ଭଳି ଯୁଦ୍ଧ ଭାରତ ଜିତିଛି। ସେଭଳି ଚିନ୍ତାଧାରା ସହିତ ଆମେ କୌଣସି ଯୁକ୍ତି କରିବାକୁ ଚିନ୍ତା କରୁନାହୁଁ। କିନ୍ତୁ ଆଜିର ପୃଥିବୀରେ ସଶସ୍ତ୍ର ବାହିନୀର କିଛିଟା ଆବଶ୍ୟକତା ଥିବା ବେଳେ ସୈନ୍ୟଙ୍କୁ ବ୍ୟବହାର କରି ଯୁଦ୍ଧ କରିବାର ଯୁଗ ବିତିଗଲାଣି। ଏଭଳି ସ୍ଥଳେ ଭାରତୀୟ ନାରୀ ଶକ୍ତିକୁ କେଉଁ ଦିଗକୁ ମୁହାଁଇବାକୁ ଆମ ସରକାର ଚାହୁଁଛନ୍ତି ବୁଝିବା କଷ୍ଟକର। ସୈନିକ ସ୍କୁଲରେ ଝିଅମାନେ ପଢ଼ିବାର ନିଷ୍ପତ୍ତି ସ୍ୱାଗତଯୋଗ୍ୟ ହୋଇଥିବା ବେଳେ ତାହା କେବଳମାତ୍ର ସାଂକେତିକ ବୋଲି ମନେହୁଏ। ସମାଲୋଚନା କରିବା ଉଦ୍ଦେଶ୍ୟରେ ନୁହେଁ, କିନ୍ତୁ ସମୟ ଆସିଲାଣି ଝିଅମାନଙ୍କ ସାଧାରଣ ଶିକ୍ଷାରେ ବୃଦ୍ଧି ଘଟାଇବା ପାଇଁ ପରିବାରର ସହଯୋଗ କେଉଁ ଭାବେ ବଜାୟ ରଖିହେବ। ଛାତ୍ରୀଙ୍କ ଉପରେ ପଡୁଥିବା ଘରୋଇ ଚାପ ଯୋଗୁ ମୁଖ୍ୟତଃ ସ୍କୁଲ ଛାଡ଼ିବା ପାଇଁ ସେମାନେ ବାଧ୍ୟ ହୋଇଥାଆନ୍ତି। ଏହା ସହିତ ଛାତ୍ରୀଙ୍କ ପ୍ରତି ଉଭୟ ମାନସିକ ଓ ଶାରୀରିକ ସୁରକ୍ଷା ଦିଗରେ ଧ୍ୟାନ ଦିଆଯିବା ନିତାନ୍ତ ଦରକାର। ଏଠାରେ ମନେରଖିବାକୁ ହେବ ଯେ, ହାତଗଣତି ମହିଳା ରାଜନେତା, ଆଇପିଏସ୍ କିମ୍ବା ଆଇଏଏସ୍ ଅଫିସର ଉଚ୍ଚ ସ୍ଥାନରେ ଥିଲେ ମଧ ସାଧାରଣ ମହିଳାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଉନାହିଁ। ଅନ୍ୟପଟେ ଯଦି ଜଣେ ମହିଳା ମୁଖ୍ୟ ବିଚାରପତି ପଦବୀରେ ପହଞ୍ଚି ପାରୁଛନ୍ତି, ତା'ହେଲେ ତାଙ୍କ ଉପରେ କୋପଦୃଷ୍ଟି ରଖି ସେଠାରେ ବିଦା କରିବା ହୋଇଯାଉଛି ଆମ ବ୍ୟବସ୍ଥାର ମୂଳ ଦାୟିତ୍ୱ। ଏଭଳି ସ୍ଥଳେ କେତେଜଣ ମହିଳା ସେନାରେ ଅଫିସର ପଦବୀ ହାସଲ କରି ଏବଂ ସେହି ପୋଷାକ ପିନ୍ଧି ଫଟୋ ଉଠାଇଲେ ତାହା ସମସ୍ତଙ୍କ ଆଖିକୁ ସୁଖ ଆଣିଦେଇପାରେ, କିନ୍ତୁ ଭାରତର ନାରୀସମାଜ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ।

# ମୋ ସରକାର: ସ୍ୱପ୍ନ ବଡ଼ ରାତି ଛୋଟ



ସହଦେବ ସାହୁ

ଗତ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା 'ମୋ ସରକାର' ଯୋଜନା ଅକ୍ଟୋବର ୨ରୁ ଚାଲୁ ହେଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ତ ମହତ୍ ବୋଲି ସମସ୍ତେ କହିବେ, ମୋ ମତରେ ସେ ଗଣତନ୍ତ୍ରର ନୂଆ ସଂଜ୍ଞା ଦେଇଛନ୍ତି। ତେଣୁ ତାଙ୍କୁ ଧନ୍ୟବାଦ। ସମୟକୁ ଚାହିଁ ସେ ଯେଉଁ ୫-ଟିଉପରେ ଜୋର୍ ଦେଇଛନ୍ତି ତାହା ମଧ ପ୍ରଶଂସନୀୟ। କିନ୍ତୁ ଏ ଦିଗରେ କେତେଗୁଡ଼ିଏ ବାଧା ରହିଛି ଯାହାକୁ ଅଧିକାରୀମାନେ ବାରମ୍ବାର ଉଠାଇବେ। ଉପରର କେତେକ କର୍ମଚାରୀ ଉଦ୍‌ବୁଦ୍ଧ ହେଲେ ବି ଯେ ପର୍ଯ୍ୟନ୍ତ ସବୁ କର୍ମଚାରୀ ଏବଂ ଶାସକ ଦଳର ପ୍ରତି ଲୋକ ସେମାନଙ୍କ କର୍ତ୍ତବ୍ୟ ଠିକ୍‌ଭାବେ ନ କରିଛନ୍ତି, ସେ ପର୍ଯ୍ୟନ୍ତ ସଫଳତା ଆସିବ ନାହିଁ।

'ମୋ ସରକାର' ଘୋଷଣା ଅନୁଯାୟୀ ମୁଖ୍ୟମନ୍ତ୍ରୀ ନିଜେ ଗାନ୍ଧୀ ଜୟନ୍ତୀରେ ପ୍ରଥମେ ଶହୀଦ ନଗର ଥାନା ଓ କ୍ୟାପିଟାଲ ହସ୍‌ପିଟାଲରେ ଦଶ ଦଶ ଜଣଙ୍କୁ ଫୋନ କରି ପଚାରିଛନ୍ତି ସେମାନଙ୍କ ଅଭିଜ୍ଞତା। 'ମୋ ସରକାର' ୱେବ୍ ସାଇଟ୍‌ରେ ସେମାନଙ୍କ ନମ୍ବର ମିଳିବ। ସବୁ ଥାନା ଓ ସବୁ ଜିଲା ମହକୁମାରେ ଥିବା ହସ୍ପିଟାଲରେ ପହଞ୍ଚୁଥିବା ନାଗରିକମାନଙ୍କଠାରୁ ଫୋନ୍‌ରେ ବୁଝିବେ। ଦ୍ୱିତୀୟ ପର୍ଯ୍ୟାୟରେ ସବୁ ବିଭାଗରେ ସେହି ପ୍ରକାର କାର୍ଯ୍ୟଧାରା ୨୦୨୦ ମାର୍ଚ୍ଚ ୫ରୁ ନିଆହେବ। ନାଗରିକ ସେବାରେ ଗୁଣବତ୍ତା ବଢ଼ାଇବା ଲାଗି ମୁଖ୍ୟମନ୍ତ୍ରୀ ନିଜେ ଏଥିରେ ସମ୍ପୃକ୍ତ ରହିବେ। କ୍ୟାବିନେଟ୍ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ସିଧାସଳଖ ଲୋକଙ୍କ ସହ ଟେଲିଫୋନ୍‌ରେ କଥା ହେବେ। ସାଧାରଣ ନାଗରିକଙ୍କୁ ଡାଏଲ୍ କରି ଥାନା ଓ ଜିଲାମୁଖ୍ୟ ହସ୍‌ପିଟାଲରେ ସେମାନଙ୍କ ଅଭିଜ୍ଞତା ବିଷୟରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ସେମାନଙ୍କ ମତ ନେବେ। ଅଗଷ୍ଟ ୧୫ ଭାଷଣରେ ମୁଖ୍ୟମନ୍ତ୍ରୀ କହିଲେ 'ମୁଁ ତ ତୁମ ମୁଖ୍ୟମନ୍ତ୍ରୀ। ମୁଁ ତୁମକୁ ସିଧା ଫୋନ୍ କରିବି, ହସ୍ପିଟାଲ, ଥାନା ଓ ସରକାରୀ ଦପ୍ତରମାନଙ୍କରେ ତୁମେମାନେ ପାଉଥିବା ବ୍ୟବହାର ବିଷୟରେ ପଚାରିବି। ପଞ୍ଚାୟତ ଅଫିସରେ ଦରଖାସ୍ତ କରିବାର ୪୮ ଘଣ୍ଟା ଭିତରେ ଗାଁରେ ବିଜୁଳି ସଂଯୋଗ ଦିଆଯିବ।'

ବିରୋଧୀ ଦଳମାନେ ମୁଖ୍ୟମନ୍ତ୍ରୀଙ୍କ ନୂଆ ଘୋଷଣାକୁ ସମାଲୋଚନା କରୁଛନ୍ତି। ସେମାନଙ୍କ ମତରେ ରାଜ୍ୟରେ ତ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡିଛି, ମୁଖ୍ୟମନ୍ତ୍ରୀ ତ ଖୋଦ ଆୟୁଷ୍ମାନ ଭାରତ ଯୋଜନା ଗ୍ରହଣ କରୁନାହାନ୍ତି, ସେ କେମିତି ଲୋକଙ୍କ ଆପତ୍ତି ଶୁଣିବେ? ଅଧିକାଂଶ ଥାନା ତ ଲୋକଙ୍କ ଅପହଞ୍ଚ, ସେଠାରେ ଲୋକଙ୍କ ଦୁଃଖରୁ ପୋଲିସ ଫାଇଦା ଉଠାଉଛନ୍ତି। ଏଭଳି ଅବସ୍ଥାକୁ ସୁଧାରିବାକୁ ତ 'ମୋ ସରକାର' ଯୋଜନା! ଆରମ୍ଭ ନ ହେଉଣୁ ଦୋଷ ଦେବା ଠିକ୍ ହେବ ନାହିଁ।

ଅସଲ କଥାଟା ବିରୋଧୀ ଦଳମାନେ କହୁନାହାନ୍ତି। ୫- ଟି ଭିତରେ ଅଛି ଟେକ୍ନୋଲୋଜି, ତାହା ତ ଲୋକଙ୍କୁ ପୂରା ଛୁଇଁନାହିଁ, ସରକାର କେମିତି ସମସ୍ତଙ୍କ ମୁହଁରୁ ଶୁଣିବାକୁ କହୁଛନ୍ତି? ଓଡ଼ିଶାରେ ଟେଲିଡେନ୍ସିଟି (ପ୍ରତି ୧୦୦ ଲୋକରେ ଥିବା ଟେଲିଫୋନ କନେକ୍ସନ୍ ସଂଖ୍ୟା) ୭୯.୫୮, ତାହା ଜାତୀୟ ସ୍ତରର ୯୧.୦୯ଠାରୁ ବହୁତ କମ୍! ଟେଲିଡେନ୍ସିଟି ଅର୍ଥନୈତିକ ପ୍ରଗତିରେ ଉପରକୁ ଉଠିବାର ଏକ ବଡ଼ ଉପାୟ। କଥାବାର୍ତ୍ତା ହେବାର ଟେକ୍ନୋଲୋଜିରେ ବେତାର ସଂଯୋଗ ବା ୱାଇଫାଇ ଦରକାର, ତା' ଲାଗି ପ୍ରୟୋଜନୀୟ ବ୍ୟବସ୍ଥା ହେଉଛି ସ୍ମାର୍ଟ ଫୋନ୍ ବା କମ୍ପ୍ୟୁଟର ଏବଂ ତାହା ସର୍ବଦା ବିଜୁଳି ସରବରାହ ନ ପାଇଲେ ଅଚଳ। ପଇସାବାଲା ବ୍ୟାଟେରି ବ୍ୟବହାର କରିବେ, ଆଉ କମ୍ ପଇସାବାଲା ଅପେକ୍ଷା କରିଥିବେ ବିଜୁଳି ଆସିବା ଯାଏ। ଓଡ଼ିଶାର ସହରରେ ବେତାର ଟେଲିଡେନ୍ସିଟି ୧୬୦.୮ ଅର୍ଥାତ୍ ପ୍ରତି ଶହେ ସହରବାସୀ ୧୬୦.୮ଟି ଫୋନ୍ ରଖିଛନ୍ତି, ମଫସଲରେ ଟେଲିଡେନ୍ସିଟି ୬୧.୬। ଓଡ଼ିଶାରେ ଇଣ୍ଟରନେଟ୍ ଗ୍ରାହକ ସଂଖ୍ୟା ୨୮.୨୨%, (ଜାତୀୟ ସଂଖ୍ୟା ୩୮.୦୨%): ଗାଁ ଗହଳରେ ୧୬% ଓ ସହରାଞ୍ଚଳରେ ୮୩.୩%। ସାରା ରାଜ୍ୟରେ ଇଣ୍ଟରନେଟ୍ ଗ୍ରାହକ ସଂଖ୍ୟା ୧,୨୧,୮୦,୦୦୦ ବୋଲି ଇକୋନମିକ୍ ସର୍ଭେ କହୁଛି। ପ୍ରତି ସ୍ମାର୍ଟ ମୋବାଇଲ ଗୋଟିଏ ଗୋଟିଏ ଇଣ୍ଟରନେଟ୍ ବ୍ୟବହାରକାରୀ, ତା' ଛଡା କମ୍ପ୍ୟୁଟର ପାଇଁ ବି ଇଣ୍ଟରନେଟ୍। ତେଣୁ ଇଣ୍ଟରନେଟ୍ ବ୍ୟବହାରକାରୀ ବ୍ୟକ୍ତିଙ୍କ ସଂଖ୍ୟା ୫୦ ଲକ୍ଷରୁ ବେଶି ହେବ ନାହିଁ। ଏହା ଜନସଂଖ୍ୟାର ୮ ଭାଗରୁ ଭାଗେ। ଇକୋନମିକ୍ ସର୍ଭେ ଦେଖାଉଛି ମଫସଲରେ ୫୬ ଲକ୍ଷ ୭୦ ହଜାର, ହାରାହାରି ଦୁଇଟା ଫୋନ୍ ଉଚ୍ଚ ମଧ୍ୟବିତ୍ତ ପରିବାରର ଲୋକେ ବ୍ୟବହାର କରୁଛନ୍ତି, କଲେଜପଢୁଆ ପିଲାଏ ବି। ମଫସଲରେ ଇଣ୍ଟରନେଟ୍ ବ୍ୟବହାରକାରୀ ପ୍ରାୟ ୨୫ ଲକ୍ଷରୁ ବେଶି ହେବେ ନାହିଁ। ୨୦୧୬-୧୭ରେ ଟେଲିକମ୍ୟୁନିକେଶନ୍ ବିଭାଗ ବ୍ଲକ୍ ଅଫିସରଙ୍କ ଜରିଆରେ କରିଥିବା ସର୍ଭେରୁ ଜଣାଯାଏ ଯେ ମୋଟ ୫୧,୩୧୧ ଗାଁ ଭିତରୁ ୧୧,୦୦୦ ଗାଁ ମୋବାଇଲ ସେବା ବିବର୍ଜିତ। ତହିଁରୁ ୧୦,୦୦୦ ଗାଁ ମାଓବାଦୀ ପ୍ରବଣ। ମୋବାଇଲ୍ ଟାୱାର୍ ସଂଖ୍ୟା ଏ ଅଞ୍ଚଳରେ ନ ବଢ଼ିଲେ ଟେଲିଡେନ୍ସିଟି ବଢ଼ିବ ନାହିଁ। ଏଥିଲାଗି ସ୍ୱତନ୍ତ୍ର ଅର୍ଥ ବରାଦ ଦରକାର। ଏ ତ ସରକାର କହୁଥିବା 'ସ୍ୱାଭିମାନ ଅଞ୍ଚଳ'ର କଥା। ଟେଲିଡେନ୍ସିଟି ବଢ଼ାଇବା ପାଇଁ ଓଡ଼ିଶା ସରକାର ଓଡ଼ିଶା ମୋବାଇଲ୍ ଟାୱାର୍ସ, ଅପ୍ଟିକାଲ୍ ଫାଇବର କେବୁଲ ଆଣ୍ଡ ରିଲେଟେଡ୍ ଟେଲିକମ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପଲିସି, ୨୦୧୭ ଘୋଷଣା କରିଛନ୍ତି, ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ସୁବିଧା (ରାଇଟ୍ ଅଫ୍ ୱେ) ଅନୁମତି ଟେଲିକମ୍ ସର୍ଭିସ୍ ପ୍ରୋଭାଇଡର୍ ଓ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପ୍ରୋଭାଇଡର୍‌ମାନଙ୍କୁ ଦେବେ। ଗଜପତି, କଳାହାଣ୍ଡି, କନ୍ଧମାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲାର ଗାଁଗୁଡ଼ିକରେ ଟାୱାର୍ସ ବା ଅପ୍ଟିକାଲ୍ ଫାଇବର କେବୁଲ ବସାଇବାକୁ କେହି ଆସୁନାହାନ୍ତି। ସେଗୁଡିକରେ କ'ଣ କେବେ 'ମୋ ସରକାର' କାମ କରିବ ନାହିଁ? 'ମୋ ସରକାର' କ'ଣ କେବଳ ଧୋବଧାଉଳିଆ ଲୋକଙ୍କ ପାଇଁ?

ଏ ପରିସ୍ଥିତିରେ ଫୋନ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ କଥା ହେଉଥିବା କେତେଜଣ ତ ଛଙ୍କା ହୋଇ ଆସୁଥିବେ ଏବଂ ଶାସକ ଦଳର ଲୋକେ ତାଙ୍କ ସପକ୍ଷର ଲୋକଙ୍କୁ ଆଣିବାର ଚେଷ୍ଟାରେ ଥିବେ। ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଉଥିବା ଲୋକେ ମୁଖ୍ୟମନ୍ତ୍ରୀଙ୍କଠାରୁ ସଂକ୍ଷେପରେ ଉତ୍ତର ପାଇବେ।

ଏ ଦିଗରେ ନବୀନ ପଟ୍ଟନାୟକ ନୂଆ ନୁହନ୍ତି। କେନ୍ଦ୍ର ସରକାର ଥାନାଗୁଡ଼ିକର ଗୁଣବତ୍ତା ପରୀକ୍ଷା ୨୦୧୭ରୁ ଆରମ୍ଭ କରିଦେଇଛନ୍ତି, କିନ୍ତୁ ବେଶି ଆଗେଇନାହାନ୍ତି। ଦେଶର ୧୫୦୦୦ ଥାନାକୁ (୧୦,୦୦୦ ସହରୀ ଓ ୫୦୦୦ ମଫସଲୀ; ତହିଁରୁ କେତେକ ନିର୍ଦ୍ଦିଷ୍ଟ କାମ ପାଇଁ ଥାନା, ସାଇବର୍, ମହିଳା ବା ଶିଶୁ) କେତେଗୁଡ଼ିଏ ମାନଦଣ୍ଡରେ ବର୍ଗୀକରଣ କରିବାର ପ୍ରଚେଷ୍ଟାରେ ଭାରତ ସରକାର କେଏମ୍‌ପିଜି, ପ୍ରାଇସ୍ ୱାଟର ହାଉସ୍ କୁପର୍ସ, ଡିଲୟେଟ୍, ଆର୍ନଷ୍ଟ ଆଣ୍ଡ ୟଙ୍ଗ ଏବଂ ଗ୍ରାଣ୍ଟ ଥର୍ଟନ୍ ଭଳି ଗ୍ଲୋବାଲ୍ କନ୍‌ସଲ୍‌ଟାନ୍ସି କମ୍ପାନୀଙ୍କୁ ଟେଣ୍ଡର ମାଗିଛନ୍ତି। ୨୦୧୫ରେ ଗୁଜରାଟର କଚ୍ଛଠାରେ ପୋଲିସ ଡିଜିମାନଙ୍କ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ଦ୍ଦେଶ ଦେଇଥିଲେ ଯେ, ଭଲ କାମ ପାଇଁ ଦେଶର ଥାନାଗୁଡ଼ିକୁ ର୍‌ୟାଙ୍କିଂ ଦିଆଯାଉ, ତା'ହେଲେ ସେମାନଙ୍କ ଭିତରେ ଲୋକାଭିମୁଖୀ କାମ କରିବା ପାଇଁ ଆଗ୍ରହ ବଢ଼ିବ। ତଦନୁଯାୟୀ ସ୍କିମ୍‌ଟିଏ କରାଗଲା ଯେ ପ୍ରତି ରାଜ୍ୟର ସର୍ବୋତ୍ତମ ୧୦ଟି ଥାନା ଚିହ୍ନଟ କରାଯାଉ। ଦୁଇ ସ୍ତରୀୟ ଚିହ୍ନଟରେ ପ୍ରଥମ ହେବ ନାରୀ ସମ୍ପର୍କିତ ଅପରାଧ, ଅନୁସୂଚିତ ଜାତି ଓ ଉପଜାତି ସମ୍ପର୍କିତ ଅପରାଧ ଏବଂ ସମ୍ପତ୍ତି ସମ୍ପର୍କିତ ଅପରାଧର ଏତଲା କିପରି ତଦନ୍ତ କରାଯାଇଛି। ଦ୍ୱିତୀୟ ସ୍ତରର ଦୁଇଟି ଯାଞ୍ଚରେ ମାମଲା କିପରି ଧରିଲେ ଓ ସାରିଲେ, ରେକର୍ଡ କିପରି ରଖୁଛନ୍ତି ଆଦି ଦେଖାଯିବ। ଏଥିରେ ୮୦% ମାର୍କ ରହିବ, ବାକି ୨୦% ନାଗରିକମାନଙ୍କ ସହ ବ୍ୟବହାର ସମ୍ପର୍କରେ। ତିନି ଭାଗରେ ଯଥା- ଥାନାରୁ ଫେରିଥିବା ବ୍ୟକ୍ତି, ବଜାରର ଦୋକାନୀ ଏବଂ ସାଧାରଣ ପଦଚାରୀଙ୍କ ମତ ନିଆଯିବ। ଅଧିକ ମାର୍କ ଅଛି ପିଲାଙ୍କ ପାଇଁ କୋଠରି, କାନ୍ଥରେ ଚିତ୍ର, ପାଠାଗାର, ବ୍ୟାୟାମଶାଳା ଥିବା ଉପରେ। ୨୦୧୭ରେ କୋଏମ୍ବାଟୁରର ଆର୍‌ଏସ୍ ପୁରମ୍, ହାଇଦ୍ରାବାଦର ପଞ୍ଜାଗୁଟ୍ଟା ଓ ଲକ୍ଷ୍ନୌର ଗୁଡାମ୍ବା ୧ମ, ୨ୟ ଓ ୩ୟ ହୋଇଥିଲେ। ୨୦୧୮ରେ ରାଜସ୍ଥାନର କାଲୁ, ଆଣ୍ଡାମାନ ନିକୋବରର କାମ୍ପବେଲ୍ ବେ ଥାନା ଏବଂ ପଶ୍ଚିମବଙ୍ଗର ଫରାକ୍କା ଯଥାକ୍ରମେ ୧ମ, ୨ୟ ଓ ୩ୟ ହୋଇଥିଲେ। ଏହାର ଅନୁସରଣରେ ଆମ ରାଜ୍ୟର 'ମୋ ସରକାର' ଯୋଜନାରେ ପୋଲିସଠାରୁ ଆରମ୍ଭ କରି ସବୁ ସରକାରୀ କାମରେ କେତେଦୂର ଲୋକେ ସନ୍ତୁଷ୍ଟ ତାହା ଜାଣି ସଂଶୋଧନମୂଳକ ପଦକ୍ଷେପ ନେବା କଥା। ସ୍ୱପ୍ନ ତ ଅନେକ, ରାତି ଛୋଟକୁ ଗଣ୍ଡଗୋଳ କରିବା ଲୋକଙ୍କ ସଂଖ୍ୟା ଖୁବ୍ ବେଶି। 'ମୋ ସରକାର' କି ଭଳି କାମ କରୁଛି ତାହା ସମୟ କହିବ। ଏବେ ତ ଆରମ୍ଭ।

ଇମେଲ୍: sahadevas@yahoo.com

# ବିଜ୍ଞାପନ ବଜାର ଓ ଆମ ଲୀନାମାନେ



ସୁଧାକର ଦାସ

ପନ୍ଦର ବର୍ଷ ପରେ ନାୟକନାୟିକାଙ୍କ ମିଳନ, ପ୍ରେମ କରୁଥିବା ସମୟରେ ନାୟକ ନାୟିକାକୁ ଛାଡି ଚାଲିଯାଇଥିଲା ବିଦେଶକୁ, ଏବେ ଆସି ଜାଣୁଛି ତା' ପତ୍ନୀର ପରିଚୟ ଦେଇ ତା' ଘରେ ଆସ୍ଥାନ ଜମେଇ ବସିଛି ନାୟିକା, ଅଗଣାରେ ୫ ବର୍ଷର କୁନି ପୁଅ- ହାଇ ଭୋଲ୍‌ଟେଜ୍ ଡ୍ରାମା। କ୍ୟାମେରା ପଡୁଛି ଥରେ ନାୟକ ମୁହଁରେ, ଥରେ ନାୟିକା ମୁହଁରେ, ପୁଣିଥରେ କୁନିପୁଅର ମୁହଁ ଉପରେ। ସିକ୍...ସାକ୍...ସିକ୍...ସାକ୍... ହଠାତ୍ ଆସିଗଲା ବିଜ୍ଞାପନ ବିରତି, ଚିଡି ଉଠିଲେ ଆରତି ଦେବୀ। ଓଃ... କାହିଁକି ଏମାନେ ଏମିତି କରନ୍ତି? ଉଠିଗଲେ ବସିବା ଜାଗାରୁ ଏଇ ବିରତି ସମୟ ଭିତରେ ଟିକେ ପାଣି ପି' ଦେଇ ଆସିବା ପାଇଁ। ଏଇ ମୁହୂର୍ତ୍ତକୁ କେତେବେଳୁ ଅନେଇ ବସିଥିଲା ଆରତି ଦେବୀଙ୍କ ୮ ବର୍ଷର ନାତୁଣୀ ଲିପ୍ସା। ସେ ଚଟାପଟ ଟିଭି ରିମୋଟ୍‌କୁ ଉଠେଇନେଲା ଚାନେଲ ଚେଞ୍ଜ କରି ଆରପଟେ ଚାଲିଥିବା କାର୍ଟୁନ ଶୋ' ଦେଖିବା ପାଇଁ। ନୋ ବେଟା, ଲିପ୍ସାର ହାତ ଶିଥିଳ ହୋଇଗଲା ସେଇ ରିମୋଟ ଉପରେ। ସେ ଅସହାୟ ଓ ଆତଙ୍କିତ ଆଖିରେ ଚାହିଁଲା ତା' ମା' ଲୀନାର ମୁହଁକୁ। ଲୀନା ଡାଇନିଂ ଟେବୁଲରେ ବସି ପରିବା କାଟୁ କାଟୁ ପୂରା ହଜିଯାଇଥିଲେ ଟିଭିରେ ଦେଉଥିବା ବିଜ୍ଞାପନ ବଜାରରେ। ପ୍ରଥମେ ଗୋଟେ ସାବୁନ, ତା'ପରେ ଥଣ୍ଡା ପାନୀୟ, ତା'ପରେ ସାନିଟାରୀ ନାପ୍‌କିନ୍, ତା'ପରେ ମୋବାଇଲ ଫୋନ, ତା'ପରେ ଗୋଟେ ଆଇସ୍କ୍ରିମ୍‌ର ବିଜ୍ଞାପନ ପରେ ପୁଣି ଆରମ୍ଭ ହୋଇଗଲା ଧାରାବାହିକ। ଆରତି ଦେବୀ ଫେରି ଆସିଥିଲେ ସୋଫା ଉପରକୁ। ଲୀନା ଚାଲିଯାଇଥିଲେ କିଚେନକୁ ଡିନର୍ ପ୍ରସ୍ତୁତ କରିବା ପାଇଁ।

ସେଦିନ ରାତିରେ ଅଭିଜିତ୍ ଘରକୁ ଫେରି ଦେଖିଲେ ଘରଟା କେମିତି ଚୁପ୍‌ଚାପ୍। ଡିନର୍ ଟେବୁଲରେ ବସୁ ବସୁ ପଚାରିଲେ କ'ଣ ହେଇଛି? ଝିଅକୁ ମାରିଲ କାହିଁକି? ସେ ଡିନର୍ ଖାଇଛି ତ? ହଁ, ସେ ଖାଇଛି- ଏତକ କହି ନିଜ ମୋବାଇଲ ଫୋନ କାନରେ ଲଗେଇ ଶୋଇବା ଘର ଭିତରକୁ ପଶିଗଲା ଲୀନା। ଲୀନାଙ୍କ ମା' ଫୋନ କରିଥିଲେ। ଅଭିଜିତ୍ ଏଥର ମା' ମୁହଁରୁ ଶୁଣିଲେ ସବୁ କଥା। ଟିଭି ଦେଖାକୁ ନେଇ ଏତେ କଥା, ଲୀନା ଚାହୁଁଛି ସବୁ ବିଜ୍ଞାପନ ଦେଖିବ, ଲିପ୍ସା ଚାହୁଁଛି କାର୍ଟୁନ ଦେଖିବ। ସବୁ ଶୁଣିସାରି ଗୋଟେ ହାଲ୍‌କା ହୁଁ ମାରି ଅଭିଜିତ୍ ହାତ ଧୋଇବାକୁ ଉଠିଲା ବେଳକୁ ଆରତି ଦେବୀ ପଚାରିଲେ- ହଇରେ ଅଭି, ଏ ଟିଭିବାଲା ସବୁ କାହାଣୀ ଭିତରେ ଏ ବିଜ୍ଞାପନ କାହିଁକି ଦଉଛନ୍ତି କିରେ? ସେ ପ୍ରଚାରଗୁଡା ବି ଏତେ ବେଢଙ୍ଗିଆ, ମୁଁ ତ ବେଳେବେଳେ ଆଖି ବୁଜି ଦେଉଛି।

ବୋଉ ଯେ ଏସବୁ ଧାରାବାହିକର ବ୍ୟବସାୟିକ ଦିଗଗୁଡା ବୁଝିପାରିବ, ସେ ନେଇ ଦ୍ୱନ୍ଦ୍ୱରେ ଥିଲେ ଅଭିଜିତ୍। ବୋଉ ଯେତେବେଳେ ପଚାରିଲାଣି, ତା'କୁ ତ କିଛି ଗୋଟେ ଉତ୍ତର ଦେବାକୁ ପଡିବ। ଅଭିଜିତ୍ କହିଲେ- ଦେଖ ବୋଉ, ଏ ଧାରାବାହିକରେ ଯେତେ ଟଙ୍କା ଖର୍ଚ୍ଚ ହୁଏ ସବୁ ଟଙ୍କା ଏଇ ପ୍ରଚାର କରୁଥିବା କମ୍ପାନୀମାନେ ଦିଅନ୍ତି, ନ ହେଲେ ଏସବୁ ତିଆରି ହେବ କେମିତି, ଆଉ ତମେ ସବୁ ଦେଖିବ କେମିତି? ଏଥର ମା'ଙ୍କର ଦ୍ୱିତୀୟ ପ୍ରଶ୍ନ- ଇଏ ଯାହା ସବୁ କାହାଣୀ ଦେଖଉଛି, କଳାକାରମାନେ ଯେମିତି ଅଧାଲଙ୍ଗଳା ପୋଷାକପତ୍ର ପିନ୍ଧୁଛନ୍ତି- ଇଏ ସବୁ କ'ଣ ଆମ ଚଳଣିର କଥା? ହାଲ୍‌କା ହସି ଅଭିଜିତ୍ କହିଲେ, ଏବେ କାହାଣୀ କାହିଁ ବୋଉ? ଆଗରୁ କାହାଣୀର ମଝି ମଝିରେ ବିଜ୍ଞାପନ ଆସୁଥିଲା, ଏବେ ତ ବିଜ୍ଞାପନ ମଝି ମଝିରେ କାହାଣୀ ଆସୁଛି। ଯେମିତି ବିଜ୍ଞାପନ ଦେଖେଇବା ପାଇଁ ଧାରାବାହିକର କାହାଣୀ ଗୋଟାଏ ବାହାନା। ତେବେ ଏସବୁ ନ ଦେଖେଇଲେ କମ୍ପାନୀମାନେ ବିଜ୍ଞାପନ ଦେବେନି ବୋଉ। ସେମାନେ ଯେମିତି ଚାହିଁବେ, କାହାଣୀ ସେମିତି ଲେଖାହେବ। କ'ଣ କହୁଛୁ ମ'? ଇଏ କେମିତିକା କଥା? ଆଶ୍ଚର୍ଯ୍ୟ ଆଖିରେ ପ୍ରଶ୍ନ ଆରତି ଦେବୀଙ୍କର। ଅଭିଜିତ୍ କହି ଚାଲିଲେ- ବୋଉ, ୫୦ ଟଙ୍କାର ଦେହଲଗା ସାବୁନ, ୧୫୦ ଟଙ୍କାର ସାନିଟାରୀ ନାପକିନ କ'ଣ ଆମ ଗାଁ ଝରିଆ ରାଉତ ସ୍ତ୍ରୀ, ଝିଅ କି ବୋହୂ କିଣିପାରିବେ? ନା ସେମାନଙ୍କୁ ଏ ପିଠିପେଟ ଦେଖଉଥିବା କଳାକାରମାନଙ୍କ ଅଭିନୟ ଭଲ ଲାଗିବ? ଏଗୁଡା ଭଲ ଲାଗିବ ଆମ ଭଳି ନ ହେଲେ ଆମଠୁ ଉପର ସ୍ତରରେ ଥିବା ପରିବାରର ଝିଅବୋହୂମାନଙ୍କୁ। ତେଣୁ ସେମାନଙ୍କୁ ଯେମିତି ବେଶପୋଷାକ, ଯେମିତି କାହାଣୀ ଭଲ ଲାଗିବ, ସେମିତି କାହାଣୀ ଆଉ ଚରିତ୍ର ତମେ ସବୁ ଏବେ ଟିଭିରେ ଦେଖୁଛ। ଆରତି ଦେବୀଙ୍କ ମୁଣ୍ଡ ଉପରଦେଇ କଥାଗୁଡା ଚାଲିଗଲା। ମୁହଁରେ ସେଇ ବିସ୍ମୟ ଲାଗି ରହିଥାଏ। ଅଭିଜିତ୍ ପୁଣି ବୁଝେଇବାକୁ ଚେଷ୍ଟା କଲେ। ଦେଖ ବୋଉ, କମ୍ପାନୀ ସବୁ ସେଇ ଧାରାବାହିକରେ ବିଜ୍ଞାପନ ଦେବେ, ଯୋଉ ଧାରାବାହିକକୁ ତାଙ୍କ ଜିନିଷ କିଣୁଥିବା ଲୋକମାନେ ଦେଖିବେ ବା ଦେଖୁଛନ୍ତି।

ଆରତି ଦେବୀ ଏଥର ସବୁ ବୁଝିପାରିଥିବାର ହସଟିଏ ହସିଲେ। ତାଙ୍କ ମୁହଁରୁ ହସ ନ ଲିଭୁଣୁ, ଅଭିଜିତ୍ କହିଲେ- ବୁଝିଲୁ ବୋଉ, ଆମ ଚଳଣି, ଆମ ଭାବନା, ଆମ ଆଶା ଆକାଂକ୍ଷା ଆଉ ଆମ ସ୍ୱପ୍ନକୁ ନେଇ ଏବେ ବଜାରରେ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ଭିତରେ ଚାଲିଛି ତୀବ୍ର ପ୍ରତିଯୋଗିତା। ଆମ ମନକୁ ଚହଲେଇ ଦେଇ, ଆମ ଭାବନାକୁ ଉସ୍କେଇ ଦେଇ, ଆମ ଇନ୍ଦ୍ରିୟକୁ ମତେଇ ଦେଇ ଯିଏ ଯେତେ ନିଜ ଆଡକୁ ପ୍ରଭାବିତ କରିପାରୁଛି ତା'ର ଜିତାପଟ ଆଉ ଲାଭ ସେତେ ଅଧିକ। ସେଇଥିପାଇଁ ଆଜି ଟିଭି ଖୋଲିଲେ ମୌଳିକତା ନ ଥିବା, ମୂଲ୍ୟବୋଧ ନ ଥିବା, କୌଣସି ସକାରାତ୍ମକ ବାର୍ତ୍ତା ନ ଥିବା ମାଳ ମାଳ ଧାରାବାହିକ ଦେଖିବାକୁ ମିଳୁଛି। ଆଉ କିଛି କଥା କହି ଆସୁଥିଲେ ଅଭିଜିତ୍, ଏତିକିବେଳେ ସ୍ତ୍ରୀ ଲୀନା ତାଙ୍କୁ ତାଙ୍କ ଫୋନଟା ବଢେଇ ଦେଇ କହିଲେ- ନିଅ, ତୁମର ଫୋନ ଆସିଛି। ତମେ ଚାହିଁଲେ ସଂସାରଟାକୁ ବଦଳେଇ ଦବ ଆଉ... ଅଭିଜିତ୍ ଫୋନଟି ଧରି ଉଠିଗଲେ ବସିବା ଜାଗାରୁ।

ମୋ-୯୪୩୭୨୭୪୮୫୭

## ଏଇ ଭାରତରେ

ସମାଜରେ ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ବିନା କିଛି ପାଇବା ଆଶାରେ ବିଭିନ୍ନ ସେବା ଯୋଗାଇ ଦେଇଥାନ୍ତି। ତେବେ ଜଣେ ସାଧାରଣ ୱେଲ୍‌ଡର ମାଗଣାରେ ଅକ୍ସିଜେନ ସିଲିଣ୍ଡର୍ ଯୋଗାଇଦେବା କିଛି କମ୍ କଥା ନୁହେଁ। ଛତିଶଗଡ଼ର ଏହି ବ୍ୟକ୍ତିଙ୍କ ନାମ ସତ୍ୟନାରାୟଣ ସୋନି। ସେ ମାଗଣାରେ ରୋଗୀମାନଙ୍କୁ ଅକ୍ସିଜେନ ସିଲିଣ୍ଡର୍ ଯୋଗାଇ ଦେଉଛନ୍ତି। ବିଳାସପୁରର ପିଣ୍ଡ୍ରା ନିବାସୀ ସତ୍ୟନାରାୟଣ ୯ ବର୍ଷ ହେବ ଏହି କାର୍ଯ୍ୟ କରିଆସୁଛନ୍ତି। ଲୋକମାନେ ତାଙ୍କୁ ଶ୍ରଦ୍ଧାରେ ଡାକନ୍ତି ସିଲିଣ୍ଡରବାଲା ଭାଇ ସାହେବ । ପିଣ୍ଡ୍ରାର ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ତାଙ୍କର ଏକ ଦୋକାନ ରହିଛି। ସେଠାରେ ସେ ୱେଲ୍ଡିଂ କାମ କରନ୍ତି। ଦୋକାନରେ ସବୁବେଳେ ସିଲିଣ୍ଡର୍ ମହଜୁଦ ରଖି ୨୪ ଘଣ୍ଟା ଫୋନ୍ କଲ୍ ରିସିଭ୍ କରି ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ସଜାଗ ରହୁଛନ୍ତି। ଏଯାବତ୍ ସତ୍ୟନାରାୟଣ ମାଗଣାରେ ସିଲିଣ୍ଡର୍ ଯୋଗାଇ ଦେଇ ୫୦୦ ଲୋକଙ୍କ ଜୀବନ ବଞ୍ଚାଇ ସାରିଲେଣି। ଏକାଦଶ ଯାଏ ପଢ଼ିଥିବା ସତ୍ୟନାରାୟଣ କୁହନ୍ତି, ତାଙ୍କ ମା' ଶ୍ୱାସରୋଗରେ ପୀଡିତ ଥିଲେ ଓ ତାଙ୍କୁ ପିଣ୍ଡ୍ରାସ୍ଥିତ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅକ୍ସିଜେନ ସିଲିଣ୍ଡର ନ ଥିବାରୁ ତାଙ୍କ ମା'ଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସତ୍ୟନାରାୟଣ ଅତ୍ୟନ୍ତ ଦୁଃଖିତ ହୋଇଥିଲେ। ସେବେଠାରୁ ଏଭଳି ପରିସ୍ଥିତିର କେହି ସାମ୍ନା ନ କରନ୍ତୁ ବୋଲି ଭାବି ରୋଗୀମାନଙ୍କୁ ଏଭଳି ସେବା ଯୋଗାଇ ଆସୁଛନ୍ତି। ପିଣ୍ଡ୍ରା ଏକ ପଛୁଆ ଅଞ୍ଚଳ। ଏଠାରେ ରୋଗୀଙ୍କ ପାଇଁ ଆବଶ୍ୟକ ଅକ୍ସିଜେନ ସିଲିଣ୍ଡର ଉପଲବ୍ଧ ହୁଏ ନାହିଁ। ଏଣୁ ଲୋକମାନେ ଚିକିତ୍ସା ଲାଗି ପାଖ ସହରକୁ ଯାଆନ୍ତି। ଏହି ଅସୁବିଧା ଦୂର କରିବା ଲାଗି ସତ୍ୟନାରାୟଣ ରୋଗୀମାନଙ୍କୁ ଅକ୍ସିଜେନ ସିଲିଣ୍ଡର ଯୋଗାଇଦେଇ ଅନେକ ଜୀବନ ବଞ୍ଚାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅକ୍ଟୋବର ୧୯୯୪

- ଭାରତରେ ଖାଦ୍ୟ ଉତ୍ପାଦନ ବୃଦ୍ଧି ଏବଂ ରିଲିଫ ସହାୟତା ପାଇଁ ଜାପାନର ୯୩୭ ନିୟୁତ ୟେନ ଆର୍ଥିକ ସହାୟତା।
- ସିଓଲରେ ଥିବା ଏକ ନଦୀର ପୋଲ ଭୁଶୁଡି ପଡିବା ଫଳରେ ୪୮ ଜଣଙ୍କର ମୃତ୍ୟୁ ଘଟିଛି।
- କରାଚୀରେ ହିଂସାକାଣ୍ଡ ଘଟି ୩୩ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### କାଳିଆ ଟଙ୍କା ଫେରସ୍ତକୁ ନେଇ ଚିନ୍ତା

ମହାଶୟ,

ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫ହଜାର ଟଙ୍କା ଲେଖାଏଁ କାଳିଆ ଯୋଜନାରେ ସହାୟତା ଯୋଗାଇଦେବା ପାଇଁ ଘୋଷଣା କରିଥିଲେ। ୫୨ଲକ୍ଷ ଚାଷୀଙ୍କୁ ଟଙ୍କା ଦିଆଯାଇଥିଲା। ଅବଶିଷ୍ଟ ଚାଷୀଙ୍କୁ ଶପଥ ଦିନ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ପ୍ରକୃତ ଚାଷୀ ବଦଳରେ ଅନେକ ଅଯୋଗ୍ୟ ବ୍ୟକ୍ତି ଟଙ୍କା ପାଇଛନ୍ତି। ଏପରିକି ଗୋଟିଏ ପରିବାରର ଗୋଟିଏ ଜମିକୁ ଦେଖାଇ ୨ ପୁଅ, ମାଆ, ଭାଇ ଓ ଭାଉଜ ଟଙ୍କା ନେଇଛନ୍ତି। ଏଭଳି ସ୍ଥଳେ ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଅର୍ଥ ଫେରସ୍ତ ଆଣିବା ପାଇଁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟଙ୍କା କିପରି ଫେରସ୍ତ ଅଣାଯିବ ସେ ନେଇ ବିଚରା ସରକାରୀ କର୍ମଚାରୀ ଏବେ ଚିନ୍ତାରେ ପଡ଼ିଛନ୍ତି।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ସରକାରଙ୍କ ଉତ୍ତରଦାୟିତ୍ୱ

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରିମାସୀରେ ଦେଶର ଅଭିବୃଦ୍ଧି ୫ ପ୍ରତିଶତକୁ ହ୍ରାସ ପାଇଛି। ବିଶେଷତଃ ନିର୍ମାଣ କ୍ଷେତ୍ର ଓ କୃଷି କ୍ଷେତ୍ରରେ ଦୁର୍ବଳ ପ୍ରଦର୍ଶନ ଏହାର ମୁଖ୍ୟ କାରଣ। ବେକାରି ହାର ଗତ ୪୫ ବର୍ଷରେ ସର୍ବାଧିକ ହୋଇଛି। ଏହି ନିମ୍ନଗାମୀ ଅର୍ଥନୀତି ଓ ଊର୍ଦ୍ଧ୍ୱଗାମୀ ବେକାରିର କାରଣ ଯାହା ହେଉନା କାହିଁକି, ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଉତ୍ତରଦାୟିତ୍ୱ ନେବାକୁ ହେବ। ପରିସ୍ଥିତିରେ ସୁଧାର ଆଣିବା ପାଇଁ ଆର୍ଥିକ କ୍ଷେତ୍ରରେ ବ୍ୟାପକ ସଂସ୍କାର ଓ ଅଧିକରୁ ଅଧିକ କଠୋର ପଦକ୍ଷେପ ନେବାକୁ ପଡ଼ିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''ବେଦନାର ଅଶ୍ରୁକଣା
ଝରେ ଯେବେ ନୟନର କୋଣୁ
''ହୃଦୟ ଶୀତଳ କରି
ଧରା ଧୂଳି ଝାଡି ଦେଇ ମନୁ।
''ନିର୍ମଳ ସେ ପୂତ ଜଳେ
ଅନ୍ତର ବେଦନା ତୋର ଲିପ
''ଜୀବନ ମନ୍ଦିର ଚୂଳେ
ଜଳି ଉଠୁ ଆଶା ମହାଦୀପ !
''ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର !''

(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | 4 | | 3 | | 8 | 9 | A | | | | | 6 | |
| | | | | | | | 0 | | 9 | | E | B | 5 | |
| | 8 | | | 1 | | | C | | 3 | 0 | | | D | |
| | | | | | | 1 | 7 | | | | | | | 0 |
| | | | | 2 | | | E | 5 | 1 | C | | 3 | | |
| | | 1 | D | | 4 | | | | | | | | A | 2 |
| | | B | | | 1 | | A | | | 8 | 6 | | | |
| | | E | | | | 9 | | B | C | | | 4 | | |
| 4 | | | 6 | C | 5 | | | 1 | | | | 0 | | |
| | | 6 | | 7 | 0 | 4 | | 3 | 2 | B | | | | |
| | E | | 1 | | | | | 6 | A | 5 | 8 | | 4 | |
| | 3 | | | 6 | | | | | | | 4 | 9 | | |
| | | | | | D | 0 | | | 7 | | 2 | A | | |
| | | | 9 | | E | | 3 | | | | | 7 | | |
| 0 | 2 | | 8 | | | E | 5 | | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 1 | D | 7 | B | 6 | 2 | A | 3 | 0 | 5 | 9 | C | 8 | E |
| B | 9 | 0 | 3 | 8 | 2 | 7 | D | 1 | C | A | E | 5 | 4 | 6 |
| C | 7 | 2 | E | D | 5 | 0 | B | 6 | 1 | 8 | 4 | 3 | 9 | A |
| 3 | E | A | 9 | C | 0 | 4 | 5 | 8 | D | 6 | B | 7 | 2 | 1 |
| 6 | 5 | 8 | 1 | A | 4 | 9 | C | E | 2 | 7 | 3 | B | 0 | D |
| A | 3 | 4 | B | 5 | E | 1 | 2 | 7 | 8 | 9 | C | D | 6 | 0 |
| 7 | B | E | 8 | 6 | 3 | 5 | 4 | D | A | 0 | 1 | 2 | C | 9 |
| 8 | 2 | 9 | C | 1 | A | 6 | E | 0 | B | D | 5 | 4 | 7 | 3 |
| 0 | 6 | 5 | D | 2 | 9 | 3 | 8 | C | E | 4 | 7 | A | 1 | B |
| D | C | 1 | 0 | 4 | 7 | A | 9 | B | 3 | 2 | 6 | E | 5 | 8 |
| 2 | D | B | 5 | 9 | 8 | C | 1 | A | 4 | E | 0 | 6 | 3 | 7 |
| 5 | 0 | 6 | A | 7 | C | 8 | 3 | 2 | 9 | B | D | 1 | E | 4 |
| 1 | A | C | 4 | 0 | D | E | 6 | 9 | 7 | 3 | 2 | 8 | B | 5 |
| E | 8 | 7 | 6 | 3 | 1 | B | 0 | 4 | 5 | C | A | 9 | D | 2 |
| 9 | 4 | 3 | 2 | E | B | D | 7 | 5 | 6 | 1 | 8 | 0 | A | C |

ଗତକାଲିର ଉତ୍ତର



ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଚାଲିଥିବାବେଳେ ଠାଣେରେ ଜଣେ ସ୍ଥାନୀୟ ବିଏସ୍‌ପି ନେତା ଭୋଟଦେବା ପରେ ଇଭିଏମ୍ ଉପରେ କାଳି ଫିଙ୍ଗିବା ଘଟଣାକୁ ନେଇ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଛି। ଠାଣେ ହେଡ୍ ପୋଷ୍ଟ ଅଫିସ ନିକଟ ଏକ ବୁଥରେ ଏଭଳି ଘଟଣା ଘଟିଛି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ମଧ୍ୟ ହୋଇଛି। ଇଭିଏମ୍ ବଦଳରେ ବାଲାଟ ପେପର ବ୍ୟବହାର କରିବାକୁ ସେ ଦାବି କରିଥିଲେ। ପୋଲିସ ତାଙ୍କୁ ଗିରଫ କରିଛି।



## ଜିଲା ଚିଠି ସୁବର୍ଣ୍ଣପୁର

# ପାଥୋ କ୍ଲିନିକ୍‌ରେ ଠକାମି

ସୁବର୍ଣ୍ଣପୁର ଜିଲାରେ ବେଧଡ଼କ ଭାବେ ଚାଲିଛି ପାଥୋ ଓ ପଲି କ୍ଲିନିକ୍। ଜିଲାରେ ମୋଟ ୬୪ଟି ପାଥୋ କ୍ଲିନିକ୍ ଥିବାବେଳେ ତନ୍ମଧ୍ୟରୁ ୬୦ଟି ବେଆଇନ ଭାବେ ଚାଲିଛି। ସରକାରୀ ନୀତି ନିୟମକୁ ଖୋଲା ଉଲ୍ଲଂଘନ କରି କ୍ଲିନିକ୍‌ଗୁଡିକ ସହର ଓ ଗ୍ରାମାଞ୍ଚଳରେ ଖୋଲିଛି। ଓଡ଼ିଶା କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ୧୯୯୦ ଅନୁଯାୟୀ ଏହି ୬୦ କ୍ଲିନିକ୍ ପଞ୍ଜୀକୃତ ହୋଇନି। ଏମ୍‌ବିବିଏସ୍ ଡାକ୍ତରଙ୍କ ଅନୁମତି ମଧ୍ୟ ମିଳିନି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଫାୟାର କ୍ଲିୟରାନ୍ସର ପ୍ରମାଣପତ୍ର ନାହିଁ। କିନ୍ତୁ ପ୍ରଶାସନର ନୀରବ ସମର୍ଥନରେ ଏସବୁ ଦୀର୍ଘ ବର୍ଷ ଧରି ଚାଲିଛି। ଏଠାରେ ରକ୍ତ, ମଳ, ମୂତ୍ର, କଫ ଓ ଇସିଜି ଆଦି ପରୀକ୍ଷା ହେଉଛି। କିଛି ଅପାଠୁଆ ଲୋକେ ଏହା ଦ୍ୱାରା ଭଲ ବ୍ୟବସାୟ କରୁଛନ୍ତି। କିନ୍ତୁ ରୋଗୀ ଠିକ୍ ରିପୋର୍ଟ ନ ପାଇ ଠକାମିର ଶିକାର ହେଉଛି। ଯାହା ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଅକ୍ଟୋବର ୨ ତାରିଖରୁ ରାଜ୍ୟରେ ଆରମ୍ଭ ହୋଇଛି ମୋ ସରକାର କାର୍ଯ୍ୟକ୍ରମ। ପ୍ରାଥମିକ ପର୍ଯ୍ୟାୟରେ ହସ୍‌ପିଟାଲକୁ ଏଥିରେ ସାମିଲ କରାଯାଇଛି। ହସ୍‌ପିଟାଲରେ ଚିକିତ୍ସା ସେବାକୁ ବ୍ୟାପକ କରିବା ଲକ୍ଷ୍ୟ ରହିଛି। ଡାକ୍ତରଖାନାରେ ରୋଗୀଙ୍କୁ ଭଲ ବ୍ୟବହାର, ଉତ୍ତମ ଚିକିତ୍ସା ସେବା, ମାଗଣା ଔଷଧ ଓ ବିଭିନ୍ନ ପ୍ରକାର ପରୀକ୍ଷା ମାଗଣାରେ ହେଉଛି କି ନାହିଁ ସରକାର ନଜର ରଖିବେ। କୌଣସି ରୋଗୀଙ୍କୁ ଘରୋଇ ପାଥୋ କ୍ଲିନିକ୍‌କୁ ଯିବା ପାଇଁ କେହି ବାଧ୍ୟ କରିପାରିବେ ନାହିଁ। ଏହି କାର୍ଯ୍ୟକ୍ରମକୁ ଲୋକେ ସ୍ୱାଗତ କରୁଛନ୍ତି। ହେଲେ ଡାକ୍ତରଖାନାରେ ଗହଳି କାରଣରୁ ରୋଗୀ ବେସରକାରୀ ପାଥୋ କ୍ଲିନିକ୍‌କୁ ଯିବାକୁ ଏକ ପ୍ରକାର ବାଧ୍ୟ ହେଉଛି। ଅଣ ପଞ୍ଜୀକୃତ କ୍ଲିନିକ୍‌ରେ ପରୀକ୍ଷା କରାଇ ରୋଗୀମାନେ ହୀନସ୍ତା ହେଉଛନ୍ତି। ଭୁଲ ରିପୋର୍ଟ କାରଣରୁ ରୋଗ ଭଲ ହେଉନି। ଗୋଟିଏ ପଟେ ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ରହିବା ଓ ଭିତ୍ତିଭୂମିର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଛି। ଏହାର ସୁଯୋଗରେ ଛତୁ ଫୁଟିଲା ଭଳି ବେଆଇନ କ୍ଲିନିକ୍ ପରିସ୍ଥିତିକୁ ଅଣାୟତ୍ତ କରିଛି। ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ ରାଜ୍ୟର ବିଭିନ୍ନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ପରିଦର୍ଶନରେ ଯାଉଛନ୍ତି। ମୋ ସରକାର କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି। ଚିକିତ୍ସାଳୟରେ କିପରି ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ସେ ସମ୍ପର୍କରେ ରୋଗୀଙ୍କଠାରୁ ପଚାରି ବୁଝୁଛନ୍ତି। ଚିକିତ୍ସାରେ ଅବହେଳା ପ୍ରଦର୍ଶନ କରୁଥିବା ରୋଗୀଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ କରୁ ନ ଥିବା ଡାକ୍ତର ଓ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଭୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ୪ଟି ବେଆଇନ ପାଥୋ କ୍ଲିନିକ୍ ୧ ସପ୍ତାହ ହେଲା ବନ୍ଦ ରହିଛି। କ୍ଲିନିକ୍‌ର ନାମ ଲିଭାଇ ଦିଆଯାଇଛି। କିନ୍ତୁ ଅନ୍ୟ ସ୍ଥାନରେ ଥିବା ବେଆଇନ କ୍ଲିନିକ୍ ବେଧଡ଼କ ଚାଲିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଚଢାଉ କରି ଏଭଳି ବେଆଇନ କ୍ଲିନିକ୍‌ଗୁଡିକୁ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି।

– ମୃତ୍ୟୁଞ୍ଜୟ ଶତପଥୀ

### ୟୁଏସ୍‌ଆଇଏସ୍‌ପିଏଫ୍‌ର ବାର୍ଷିକ ନେତୃତ୍ୱ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ

# 'ଭାରତ-ଆମେରିକା ବ୍ୟବସାୟିକ ସମ୍ପର୍କକୁ ମଜଭୁତ କରିଛି ଉର୍ଜା'

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ବନ୍ଧକୁ ମଜଭୁତ କରିବାରେ ଉର୍ଜା କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଛି। ସୋମବାର ନୂଆଦିଲ୍ଲୀଠାରେ ଆୟୋଜିତ ଭାରତ-ଆମେରିକା ରଣନୈତିକ ସହଯୋଗୀ ଫୋରମ(ୟୁଏସ୍‌ଆଇଏସ୍‌ପିଏଫ୍‌)ର ବାର୍ଷିକ ନେତୃତ୍ୱ ସମ୍ମିଳନୀରେ ଆମେରିକାର ରାଷ୍ଟ୍ରଦୂତଙ୍କ ସହ ସାର୍ବଜନୀନ ଆଲୋଚନା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଆମେରିକାର ରାଷ୍ଟ୍ରଦୂତ ଟିମ୍ ରୋଏମର୍‌ଙ୍କ ସହ ସାକ୍ଷାତ୍କାର ସମୟରେ ବିଭିନ୍ନ ପ୍ରଶ୍ନର ଉତ୍ତରରେ ଧର୍ମେନ୍ଦ୍ର କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ରଣନୈତିକ ଉର୍ଜା ସହଯୋଗ କାରଣରୁ ଗତ ତିନି ବର୍ଷରେ ଅଭୁତପୂର୍ବ ପରିବର୍ତ୍ତନ ହୋଇଛି। ଭାରତ ଓ ଆମେରିକା ମଧ୍ୟରେ ପାରସ୍ପରିକ ବାଣିଜ୍ୟିକ ବ୍ୟବସାୟ ୨୦୧୪ ପରେ କ୍ରମାଗତ ଭାବେ ବଢିଚାଲିଛି। ଏ ଦିଗରେ ଉର୍ଜା ପ୍ରମୁଖ ଭୂମିକା ଗ୍ରହଣ କରିଛି।




ଆମେରିକାର ରାଷ୍ଟ୍ରଦୂତଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଭାରତ ଆମେରିକା ଠାରୁ ୨୦୧୮-୧୯ ଆର୍ଥିକ ବର୍ଷରେ ୩.୫୮ ବିଲିୟନ ଆମେରିକୀୟ ଡଲାରର ଅଶୋଧିତ ତୈଳ ଆମଦାନୀ କରିଛି। ଏହି ମର୍ମରେ ଭାରତ ଆମେରିକାଠାରୁ ମୋଟ ୭.୨ ବିଲିୟନ ଆମେରିକୀୟ ଡଲାରର ଏଲ୍‌ଏନ୍‌ଜି ସମେତ ପେଟ୍ରୋଲିୟମ ଉତ୍ପାଦ ଆମଦାନୀ କରିଛି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଅଶୋଧିତ ତୈଳ ଉତ୍ପାଦନ କରିବା ଦିଗରେ ଆମେରିକା ପ୍ରମୁଖ ୧୦ ଦେଶ ତାଲିକାରେ ରହିପାରିଛି। ଏଲ୍‌ଏନ୍‌ଜି ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଆମେରିକା ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତୀୟ କମ୍ପାନୀଗୁଡିକ ପ୍ରଥମରୁ ଆମେରିକାର ତୈଳ ଏବଂ ଗ୍ୟାସ୍ ଆସେଟ୍‌ଗୁଡିକରେ ପୁଞ୍ଜି ନିବେଶ କରୁଛନ୍ତି। ଆମେରିକା ପାଇଁ ବର୍ତ୍ତମାନ ଭାରତ ବିଶ୍ୱରେ ଚତୁର୍ଥ ସର୍ବବୃହତକାରୀ ଅଶୋଧିତ ତୈଳ ଆମଦାନିକାରୀ ଦେଶ। ଅନ୍ୟପଟେ ଏଲ୍‌ଏନ୍‌ଜି କ୍ଷେତ୍ରରେ ତୃତୀୟ ସର୍ବବୃହତକାରୀ ଦେଶଭାବେ ରହିଛି। ଚଳିତବର୍ଷ ଭାରତ ପ୍ରାୟ ୪.୫ ବିଲିୟନ ଆମେରିକୀୟ ଡଲାରର ତୈଳ ଏବଂ ଗ୍ୟାସ ଆମଦାନୀ କରିବ। ତୈଳ କମ୍ପାନୀଗୁଡିକ ଉପରେ ଆକ୍ରମଣ ଓ ଅଣ-ଜଳବାୟୁ ପରିବର୍ତ୍ତନ ସମ୍ପ୍ରତି ତୈଳ ଏବଂ ଗ୍ୟାସର ବିକାଶ ଦିଗରେ ବିଶ୍ୱ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେବେ ଏହି ସମୟରେ ଭାରତ ଆଗାମୀ ଦିନରେ ଉର୍ଜା ପ୍ରମୁଖ ଭୂମିକା ଗ୍ରହଣ କରିବ। କାରଣ ଏବେ ଭାରତ ବିଶ୍ୱ ଅର୍ଥନୀତି ବ୍ୟବସ୍ଥାରେ ଦ୍ରୁତ ବୃଦ୍ଧି ପରିଲକ୍ଷିତ ହୋଇଛି। ଆମେରିକା ଓ ଚାଇନା ପରେ ଭାରତ ବିଶ୍ୱର ତୃତୀୟ ବୃହତ୍ ଉର୍ଜା ବ୍ୟବହାରକାରୀ ରାଷ୍ଟ୍ର ହୋଇପାରିଛି। ୨୦୨୦ ମଧ୍ୟଭାଗ ସୁଦ୍ଧା ଭାରତ ଉର୍ଜା ବଜାରୀକରଣରେ ଚାଇନାଠାରୁ ଟପିବ ବୋଲି ଆକଳନ କରାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୮ କୋଟି ଗରିବ ମହିଳାଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରାଯାଇପାରିଛି। ଅପରପକ୍ଷରେ ଭାରତ ଆମେରିକା ମଧ୍ୟରେ ଉର୍ଜା ସହଯୋଗକୁ ମଜଭୁତ୍ କରିବାରେ ଏଲ୍‌ଏନ୍‌ଜି ମୁଖ୍ୟ ଭୂମିକା ନେବାର ପ୍ରତିଶ୍ରୁତି ରଖିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ମାଓବାଦୀ ଭୟରେ ପୁଣି ଗାଁ ଛାଡ଼ିଲେ ଗୋଟିଏ ପରିବାର

ମାଲକାନଗିରି/ଖଇରପୁଟ,୨୧।୧୦(ଡି.ଏନ.ଏ.): ମାଲକାନଗିରି ଜିଲା ଓରକେଲ ଥାନା ଅନ୍ତର୍ଗତ ଡାବୁଗୁଡ଼ା ଗ୍ରାମର ଗୋଟିଏ ପରିବାର ପୁଣି ମାଓବାଦୀଙ୍କ ଭୟରେ ନିଜ ଭିଟାମାଟି ଛାଡ଼ିଛନ୍ତି। ଗ୍ରାମର ଗୋଟିଏ ପରିବାରର ୧୩ ଜଣ ସଦସ୍ୟ ଗ୍ରାମ ଛାଡ଼ି କୁଡୁମୁଲୁଗୁମ୍ମାରେ ଆଶ୍ରୟ ନେଇଛନ୍ତି। ମାଓବାଦୀଙ୍କ ଧମକ ପରେ ସେମାନେ ଭୟଭୀତ ହୋଇ ନିଜ ଜୀବନ ବଞ୍ଚାଇବା ପାଇଁ ଭିଟାମାଟି ଛାଡି ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ମାଓବାଦୀମାନେ ଏହି ପରିବାରକୁ ପୋଲିସ ସୂଚନାକାରୀ ଭାବେ ସନ୍ଦେହ କରି ଚେତାବନୀ ଦେଇଥିଲେ । ପୂର୍ବରୁ ଡାବୁଗୁଡ଼ା ଗ୍ରାମ ନିକଟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ ଘଟଣା ସମୟରେ ଏହି ପରିବାର ପୋଲିସକୁ ସୂଚନା ଦେଇଥିବା ସନ୍ଦେହ କରି ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ମୁଦୁଲିପଡା ଥାନା ଅଧିକାରୀ ମାଧବ ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ଗ୍ରାମ ଛାଡିଥିବା ପରିବାର ଏନେଇ ଥାନାରେ ଅଭିଯୋଗ କରିଥିଲେ। ତେଣୁ ସେମାନେ ଗ୍ରାମ ଛାଡିବା ସତ। ସୂଚନାଯୋଗ୍ୟ ଯେ, ପୂର୍ବରୁ ମାଥିଲି ବ୍ଲକ ଅନ୍ତର୍ଗତ ତୁଳସୀ ଓ କେରମେଟି ଗ୍ରାମର ୬ଟି ପରିବାର ମାଓବାଦୀଙ୍କ ଭୟରେ ନିଜ ଗ୍ରାମ ଛାଡ଼ି ଚାଲି ଅନ୍ୟତ୍ର ଚାଲିଯାଇଛନ୍ତି।

**ନ୍ୟାଶନାଲ ଫର୍ଟିଲାଇଜର୍ସ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଏନ ଏଫ ଏଲ NFL
ଜୋନାଲ କାର୍ଯ୍ୟାଳୟ: ଏ/ଏ-୨, ଅଫିସ୍ କମ୍ପ୍ଲେକ୍ସ, ଗୌତମ ନଗର, ଭୋପାଳ-୨୩
ଫୋନ୍: ୦୭୫୫-୨୫୮୩୬୮୧, ୱେବ୍: www.nationalfertilizers.com

**ପରିବହନ ଠିକାଦାରଙ୍କ ନିଯୁକ୍ତି**

ପାରାଦୀପ ବନ୍ଦରରୁ ଓଡ଼ିଶା ରାଜ୍ୟକୁ ରାସାୟନିକ ସାରର ପରିବହନ ପାଇଁ ପରିବହନ ଠିକାଦାରଙ୍କ ନିଯୁକ୍ତି ଲାଗି ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଇ-ଟେଣ୍ଡର ଉପରଦର୍ଶିତ ୱେବ୍‌ସାଇଟ୍‌ରେ ଉପଲବ୍ଧ। ଟେଣ୍ଡର ଦାଖଲର ଶେଷ ତାରିଖ ହେଉଛି ତା୨୧।୧୧।୨୦୧୯ରିଖ। କେବଳ ଇ-ଟେଣ୍ଡରଗୁଡ଼ିକ ଗ୍ରହଣ କରାଯିବ। ଟେଣ୍ଡର ନିମନ୍ତେ ଶୁଦ୍ଧିପତ୍ର (ଯଦି ଥାଏ) କେବଳ ଏନ୍‌ଏଫ୍‌ଏଲ୍ ୱେବ୍‌ସାଇଟ୍‌ରେ ଜାରି କରାଯିବ।

ଜୋନାଲ ମ୍ୟାନେଜର

# ଦୀପାବଳି ପରେ କଂଗ୍ରେସର ସାଙ୍ଗଠନିକ ସଜଡ଼ା

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ଦୀପାବଳି ପରେ କଂଗ୍ରେସ ସାଙ୍ଗଠନିକ ସଜଡ଼ା କାର୍ଯ୍ୟକ୍ରମ ଚାଲିବ। ବିଜେପୁର ଉପନିର୍ବାଚନ ରହିବା ଯୋଗୁ ଏହି ପ୍ରକ୍ରିୟାରେ ବିଳମ୍ବ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ତୁରନ୍ତ ଶେଷ କରାଯିବ। ଦଳର ୩୩ ସାଙ୍ଗଠନିକ ଜିଲାକୁ ପର୍ଯ୍ୟବେକ୍ଷକ ପଠାଯାଇଛି। ଦଳର ବହୁ ବରିଷ୍ଠ ନେତାଙ୍କ ମଧ୍ୟରେ ଏହି ଦାୟିତ୍ୱ ବଣ୍ଟାଯାଇଛି। ସେମାନେ ବିଭିନ୍ନ ଜିଲା ଗସ୍ତ କରି ମତାମତ ଦେବେ। ବିଜେପୁର ନିର୍ବାଚନ ରହିବା ଯୋଗୁ ପ୍ରକ୍ରିୟାରେ ବିଳମ୍ବ ହୋଇଛି। ଆସନ୍ତା ଦୁଇ, ତିନିଦିନ ମଧ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଯିବ। ଦୀପାବଳି ପରେ ସେମାନେ ମତାମତ ଦେବେ। ଏହାପରେ ସେମାନଙ୍କ ମତାମତକୁ ନେଇ ଆଲୋଚନା କରାଯାଇ ପ୍ରସ୍ତୁତ ହେବା ତାଲିକା ଏଆଇସିସି( ଅଖିଳ ଭାରତ କଂଗ୍ରେସ କମିଟି) ନିକଟକୁ ପଠାଇ ଦିଆଯିବ। ସେଠାରୁ ଏଆଇସିସି ଅନୁମୋଦନ ପରେ କମିଟି ଘୋଷଣା ହେବ। ଏହାପରେ ପିସିସି କମିଟିଠାରୁ ଅନ୍ୟାନ୍ୟ କମିଟିଗୁଡିକ ଗଠନ କରାଯିବ। ଏହା ପୂର୍ବରୁ କେଉଁମାନଙ୍କୁ ନେଇ ସଙ୍ଗଠନ କରାଯିବ ତା' ଉପରେ ଅନ୍ୟମାନଙ୍କ ମତାମତ ନିଆଯିବ। ଏଥର ଛୋଟ କମିଟି ଗଠନ ହେବ ବୋଲି ସେ କହିଛନ୍ତି। ନିରଞ୍ଜନ ପୂର୍ବ ଦୋଷକୁ ସ୍ୱୀକାର କରି କହିଛନ୍ତି, ଅବଶ୍ୟ କମିଟି ଗଠନ ହେଲାପରେ ତା'ର ରୂପରେଖ କିପରି ରହୁଛି ଜଣାପଡିବ। ବହୁ ସମୟରେ ଆମେ ଯାହା କହିଥାଉ ଅବସ୍ଥା ଦୃଷ୍ଟିରୁ ତାହା କରିପାରି ନ ଥାଉ। ସୂଚନାଯୋଗ୍ୟ ଯେ, ନିକଟରେ ଏଆଇସିସି ପକ୍ଷରୁ ରାଜ୍ୟ କଂଗ୍ରେସର ସମସ୍ତ କମିଟିକୁ ଭାଙ୍ଗିଦିଆଯାଇଛି। ମାତ୍ର ଦଳର ସଭାପତି ଏବଂ କାର୍ଯ୍ୟକାରୀ ସଭାପତିଙ୍କୁ ସେମିତି ରଖିଛନ୍ତି। ନିରଞ୍ଜନ ନିଜ ପଦରେ ବଳବତ୍ତର ରହିବାପରେ ନୂଆ କମିଟି ଗଠନ ଉପରେ ଧ୍ୟାନ ଦେଇଥିଲେ। ଏକ ବୈଠକ କରି କମିଟି ଗଠନ ଦାୟିତ୍ୱ କେତେଜଣ ନେତାଙ୍କ ହାତରେ ଦେଇଥିଲେ। ୧୫ଦିନ ମଧ୍ୟରେ ସେମାନଙ୍କୁ ମତାମତ ଦେବା ପାଇଁ କହିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତାହା ହୋଇପାରିଲା ନାହିଁ। ବିଜେପୁର ଆଳ ଦେଖାଇ ବିଳମ୍ବ ହେଉଛି ବୋଲି ନିରଞ୍ଜନ ସଫେଇ ଦେଉଥିବା ଦଳୀୟ ମହଲରେ ଚର୍ଚ୍ଚା ହେଉଛି।

# ଗଜେନ୍ଦ୍ର ପ୍ରସାଦ ସାହୁ ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ



ଭୁବନେଶ୍ୱର, ୨୧।୧୦(ବ୍ୟୁରୋ): ଓଡ଼ିଶା ଲଳିତ କଳା ଏକାଡେମୀର ନୂତନ ସଚିବ ଭାବେ ଚିତ୍ରଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ସୋମବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ବର୍ତ୍ତମାନ ବିକେ ଆର୍ଟ କଲେଜରେ ବରିଷ୍ଠ ଅଧ୍ୟାପକ ଭାବେ କାର୍ଯ୍ୟରତ। ୧୯୮୬ ଡିସେମ୍ବର ୧୨ରେ ମହାବିଦ୍ୟାଳୟରେ ମୁଦ୍ରଣ କଳା ବିଭାଗରେ ସେ ଯୋଗଦେଇଥିଲେ। ଗଜେନ୍ଦ୍ର ସାହୁ ଅଧ୍ୟାପନା ସମୟରେ ମହାବିଦ୍ୟାଳୟର ଉନ୍ନତି କରିବା ସହିତ ଜଣେ ପ୍ରିୟ ଶିକ୍ଷକ ଭାବେ ନାଁ କରିଛନ୍ତି। ଜାତୀୟ କ୍ରୀଡ଼ା ପୁରସ୍କାର ସହ ନବ କଳେବର ଲୋଗୋ(ଯାହା ଡାକ ଟିକଟ ଭାବେ ପରିଚିତ), ପାଇକ ବିଦ୍ରୋହର ମୁଦ୍ରା, ଦିଲ୍ଲୀ ସାଧାରଣତନ୍ତ୍ର ଦିବସରେ ପ୍ରଜ୍ଞାପନ ମେଢ଼ ଇତ୍ୟାଦି ପ୍ରସ୍ତୁତ କରି ଓଡ଼ିଶାକୁ ଗୌରବ ଆଣି ଦେଇଛନ୍ତି। ଏହାଛଡ଼ା ୫ଥର କଲମ କାଳି ଚିତ୍ର ମାଧ୍ୟମରେ ନୂଆଦିଲ୍ଲୀରେ ପ୍ରଦର୍ଶନୀ କରି ଓଡ଼ିଶାର କଳା ସଂସ୍କୃତିକୁ ସମଗ୍ର ବିଶ୍ୱରେ ପରିଚିତ କରିପାରିଛନ୍ତି। ତେବେ ଆସନ୍ତା ୨୦୨୦ ଏପ୍ରିଲ ୧୨ରୁ ୧୬ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବାକୁ ଥିବା ପ୍ରଦର୍ଶନୀରେ ଆଉ ଏକ ବୃହତ୍ ଛବି ପ୍ରସ୍ତୁତ କରୁଛନ୍ତି, ଯାହାର ଆକାର ୨୦ଫୁଟx୮ଫୁଟ ରହିଛି। ଏହାକୁ ସେ କାନ୍‌ଭାସ୍ ଉପରେ କଲମ କାଳିରେ ପ୍ରସ୍ତୁତ କରୁଛନ୍ତି। ଏତେ ବଡ଼ କଲମ କାଳି ଛବି ଭାରତରେ ଆଗରୁ କେହି କରି ନ ଥିବା ଗଜେନ୍ଦ୍ର ସାହୁ ଦାବି କରିଛନ୍ତି। ଚିତ୍ରଶିଳ୍ପୀ ହେବା ସହିତ ସେ ଜଣେ କଣ୍ଠଶିଳ୍ପୀ ଭାବେ ମଧ୍ୟ ପରିଚିତ ଅଛନ୍ତି।

## ଫିମ୍ପି ମାରିଗଲା ୨ କୁଇଣ୍ଟାଲ ଚାଉଳ

ଏମଭି ୭୯,୨୧।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଭୁବନପଲି ପଞ୍ଚାୟତ କାର୍ଯ୍ୟାଳୟକୁ ଆଗୁଆ ୩ମାସ ପାଇଁ ମୋଟ ୩୧୯ କୁଇଣ୍ଟାଲ ଚାଉଳ ଆସିଥିଲା। ୩୯ କିଲୋ ଲେଖାଏ ଚାଉଳ ହିତାଧିକାରୀଙ୍କୁ ବଣ୍ଟନ ପାଇଁ ଆସିଥିବା ଏହି ଚାଉଳରୁ ୨କୁଇଣ୍ଟାଲ ଚାଉଳ ଫିମ୍ପି ମାରି ନଷ୍ଟ ହୋଇଯାଇଛି। ଏହି ଚାଉଳ ହିତାଧିକାରୀଙ୍କୁ ଦେବାରୁ ସେମାନେ ଏହାକୁ ନେବେ ନାହିଁ ବୋଲି ପ୍ରକାଶ କରିଥିଲେ। ଫଳରେ ସେଠାରେ କିଛି ସମୟ ଧରି ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଖବର ପାଇ ଯୋଗାଣ ଅଧିକାରୀ ପ୍ରଭଞ୍ଜନ ମହାନ୍ତି ଭୁବନପଲି ଆସି ଭଲ ଚାଉଳ ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ କରିଥିଲେ। ଏପରି ଘଟଣା ଯେପରି ଆଗାମୀ ଦିନରେ ନ ଘଟେ ସେନେଇ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ଠିକା କାର୍ଯ୍ୟ ପାଇଁ ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଡବ୍ଲ୍ୟୁଆର୍‌ଏସ୍-୧୭-୨୦୧୯-୨୦ ତାରିଖ: ୧୬।୧୦।୨୦୧୯ ।

ୱାଗନ୍ ରିପେୟାର୍ ଶପ୍ ଏସ୍‌ଇସିଆର, ରାୟପୁର (ଛତିଶଗଡ଼)ଠାରେ ନିମ୍ନଲିଖିତ କାର୍ଯ୍ୟର ସଫଳ ନିର୍ବାହ ପାଇଁ ଅଭିଜ୍ଞ ଠିକାଦାରମାନଙ୍କଠାରୁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ ଖୋଲା ଟେଣ୍ଡର ମାଧ୍ୟମରେ "ଆର୍‌ଏଫ୍‌୩୬୧ ଡ୍ରାଫ୍ଟ ଗିୟରର୍ ଓଭରହଲିଂ/ରିକଣ୍ଡିସନିଂ" ପାଇଁ କାର୍ଯ୍ୟ ଠିକା। **ଆନୁମାନିକ ଟେଣ୍ଡର ମୂଲ୍ୟ:** ଟ.୨୯,୫୪,୦୯୨.୮୦ (ଅଣତିରିଶ ଲକ୍ଷ ଚଉବନ ହଜାର ବୟାନବେ ଟଙ୍କା ଅଶୀ ପଇସା ମାତ୍ର) ଜିଏସ୍‌ଟି @୧୮% ସମେତ। **ପରିମାଣ ଓ ଠିକା ଅବଧି:** ସଂଲଗ୍ନ ଆନେକ୍ସର୍ ଅନୁଯାୟୀ ୦୨ (ଦୁଇ) ବର୍ଷ ଅବଧି ପାଇଁ । **ଅମାନତ ରାଶି (ଟ.):** ଟ.୫୯,୧୦୦.୦୦ (ଅଣଷଠି ହଜାର ଶହେ ଟଙ୍କା ମାତ୍ର)। **ଟେଣ୍ଡର ଫର୍ମ ମୂଲ୍ୟ:** ଟ.୩,୦୦୦/- (ତିନିହଜାର ଟଙ୍କା ମାତ୍ର)। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୮।୧୧।୨୦୧୯ରିଖ ୧୬.୦୦ ଘଟିକା। **ବିଡିଂ ଆରମ୍ଭ ତାରିଖ:** ତା୦୪।୧୧।୨୦୧୯ରିଖ। **ଯୋଗ୍ୟତା ମାନଦଣ୍ଡ:** ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ।

ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଟେଣ୍ଡରର ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ।

PR/R/WRS/AP/120 ଡେପୁଟି ସିଏମ୍‌ଇ-III/ଡବ୍ଲ୍ୟୁଆର୍‌ଏସ୍/ରାୟପୁର

South East Central Railway @secrail

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

No.37/OMC Date : 21.10.2019

**ADVERTISEMENT FOR RECRUITMENT OF EXECUTIVE IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. The Corporation has achieved an annual turnover of Rs.4053 crores in the FY 2018-19. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.

The Corporation invites application from dynamic & competent professionals in different discipline as follows.

**VACANCY :-**

| Sl. No. | Name of the Post | Scale of Pay (in Rs.) | Basic Pay (in Rs.) | Age as on 30.09.2019 | Total Post |
|---|---|---|---|---|---|
| 1 | Dy. General Manager (Legal), E-5 grade | 78,800/- to 2,09,200/- | 1,05,900/- | Not above 50 years | 01 (UR) |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates/ Marksheets / Testimonials, Experience Certificate in support of their eligibility by **Speed Post / Courier** in a cover superscribed "APPLICATION FOR THE POST OF ________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 07.11.2019 positively.** Applications received after the last date due to delay in postal/courier or any other reason shall not be entertained and will be rejected.

The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)

### ଗୁମୁଡୁମାହା ଗୁଳିକାଣ୍ଡ: ଦୋଷୀ ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

# ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମିଳୁନି କ୍ଷତିପୂରଣ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

କନ୍ଧମାଳ ଜିଲା ଗୁମୁଡୁମାହାରେ ପୋଲିସ ଗୁଳିରେ ମୃତ ବ୍ୟକ୍ତିଙ୍କ ପରିବାର ଓ ଆହତଙ୍କୁ ଏଯାଏ ମିଳିନି ନ୍ୟାୟ। ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମୃତକଙ୍କ ପରିବାରକୁ ଅତିରିକ୍ତ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇନାହିଁ। ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଉଛି ପ୍ରଶାସନ। ଶେଷରେ ନ୍ୟାୟ ପାଇଁ ମୃତକଙ୍କ ପରିବାର ପୁଣି ସୋମବାର ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ କମିଶନଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପୋଲିସ ଗୁଳିରେ ଦେଢ଼ ବର୍ଷର ପୁଅ ଓ ସ୍ତ୍ରୀକୁ ହରାଇ ନିଜେ ଗୁରୁତର ଆହତ ହୋଇଥିବା ଲୁଟ୍ ଦିଗଲଙ୍କ ସମେତ ବବି ମଲିକ, ବନମାଳୀ ମଲିକ, ଦୁଲାର ଦିଗଲ, ରୀନା ରାଣୀ ଓ ଅନ୍ୟ କେତେଜଣ ମିଳିତ ଭାବେ କମିଶନଙ୍କୁ ଭେଟିଥିଲେ। କୋଳରେ ଛୋଟ ଶିଶୁକୁ ଧରି ଆସିଥିବା ରୀନା କହିଛନ୍ତି, ପୋଲିସ ଗୁଳିଲେ ମୋ ମା' ଆରପାରିକୁ ଚାଲିଗଲେ। ପରେ ବାପା ବି ଆଖି ବୁଜିଲେ। କେମିତି ଚଳିବୁ ବୋଲି କହି ଭୋ ଭୋ ହୋଇ କାନ୍ଦି ପକାଇଥିଲେ। ଗତ ୧୨ ତାରିଖରେ ସେମାନେ ଏହି ଘଟଣା ବିଷୟରେ କମିଶନଙ୍କୁ ଜଣାଇବା ପାଇଁ ଆସିଥିଲେ। କିନ୍ତୁ କାର୍ଯ୍ୟାଳୟ ଛୁଟି ଥିବାରୁ ସେମାନେ ଫେରିଯାଇଥିଲେ। ଗୁଳିକାଣ୍ଡ ଘଟଣାରେ ଦୋଷୀ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଓ ଆହତଙ୍କୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ସ୍ଥାୟୀ ନିଯୁକ୍ତି, ଗ୍ରାମକୁ ପକ୍କା ରାସ୍ତା, ବିଜୁଳି, ପାଣି, ସ୍ୱାସ୍ଥ୍ୟକେନ୍ଦ୍ର, ମୋବାଇଲ୍ ଟାୱାର ଆଦି ବ୍ୟବସ୍ଥା କରିବା ପାଇଁ ସେମାନେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୧୮ ଅଗଷ୍ଟ ୨୪ରେ ମୃତକଙ୍କ ପରିବାରକୁ ଦୁଇମାସ ମଧ୍ୟରେ ଅଧିକ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କମିଶନ ଯେଉଁ ଆଦେଶ ଦେଇଥିଲେ ସରକାର ତାହା କାର୍ଯ୍ୟକାରୀ କରି ନ ଥିବା ନେଇ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନଙ୍କ ସହ ଆସିଥିବା ଦୁଇ ମାନବାଧିକାରୀ କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓ ନରେନ୍ଦ୍ର ମହାନ୍ତି ମଧ୍ୟ ଆଉ ଏକ ପୃଥକ୍ ଅଭିଯୋଗ ଦାଖଲ କରିଛନ୍ତି। ପ୍ରତ୍ୟେକ ପରିବାରଙ୍କୁ ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜମି ଯୋଗାଇ ଦେବା ପାଇଁ ସେମାନେ ଅନୁରୋଧ କରିଛନ୍ତି।

୨୦୧୬ ଜୁଲାଇ ୮ରେ ଏକ ଅଟୋରେ ଗ୍ରାମର କେତେଜଣ ଲୋକ ଯାଉଥିବାବେଳେ କାଦୁଅ ରାସ୍ତାରେ ଫସି ଯାଇଥିଲେ। ସେମାନେ ଅଟୋକୁ କାଦୁଅରୁ ବାହାର କରିବା ପାଇଁ ପଛରୁ ଠେଲୁଥିବାବେଳେ ପୋଲିସ ମାଓବାଦୀ ସନ୍ଦେହ କରି ଆଖିବୁଜା ଗୁଳି ଚଳାଇବାରୁ ୫ଜଣ ନିରୀହ ଆଦିବାସୀଙ୍କ ମୃତ୍ୟୁ ଘଟିଥିଲା ଓ ୮ଜଣ ଗୁରୁତର ଆହତ ହୋଇଥିଲେ। କନ୍ଧମାଳ ଜିଲା ଜଜ୍ ଘଟଣାର ତଦନ୍ତ କରିଥିଲେ ମଧ୍ୟ ଦୋଷୀ ପୋଲିସକୁ ଘଣ୍ଟଘୋଡ଼ାଇବା ପାଇଁ ପରବର୍ତ୍ତୀ ସମୟରେ ରିପୋର୍ଟକୁ ଚାପି ଦିଆଯାଇଥିବା ଅଭିଯୋଗ ହୋଇଥିଲା।

**ନ୍ୟାୟ ପାଇଁ ପୁଣି କମିଶନଙ୍କ ଦ୍ୱାରସ୍ଥ ହେଲେ ପରିବାର**



କମିଶନଙ୍କୁ ଭେଟିବାକୁ ଆସିଥିବା ମୃତକଙ୍କ ପରିବାର।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୭୫୧୦୦୭

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ସଙ୍କଟ ମୋଚନ ଷ୍ଟୋନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ନୃସିଂହ ନାରାୟଣ ସାମନ୍ତରାୟ,** ସା: ଲହଙ୍ଗା, ପୋ: ମୋଟା (ଗୋଡ଼ିପଡ଼ା), ଜିଲ୍ଲା: ଖୋର୍ଦ୍ଧା | **ସମ୍ପତ୍ତିର ମାଲିକମାନେ: ଶ୍ରୀ ନୃସିଂହ ନାରାୟଣ ସାମନ୍ତରାୟ,** ପିତା: ସ୍ୱ କାଶିନାଥ ସାମନ୍ତରାୟ ଏବଂ **ଶ୍ରୀମତୀ ତୁଳସୀ ସାମନ୍ତରାୟ,** ସ୍ୱାମୀ: ସ୍ୱ କାଶିନାଥ ସାମନ୍ତରାୟ | **ଶ୍ରୀ ନୃସିଂହ ନାରାୟଣ ସାମନ୍ତରାୟ,** ପିତା: ସ୍ୱ କାଶିନାଥ ସାମନ୍ତରାୟ ଏବଂ **ଶ୍ରୀମତୀ ତୁଳସୀ ସାମନ୍ତରାୟ,** ସ୍ୱାମୀ: ସ୍ୱ କାଶିନାଥ ସାମନ୍ତରାୟଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଖୋର୍ଦ୍ଧା, ଏସ୍‌ଆର୍‌ଓ: ଖୋର୍ଦ୍ଧା, ମୌଜା: ଗୋଡ଼ିପଡ଼ା, ଖାତା ନଂ.: ୨୧୮, ପ୍ଲଟ୍ ନଂ.: ୨୬୭, କ୍ଷେତ୍ର: ଏକର୦.୦୮୫ଡିସିମିଲି, ସ୍ୱତଃ: ସ୍ଥିତିବାନ, କିସମ: ଘରବାରି ଏବଂ ମୌଜା: ଲହଙ୍ଗା, ଖାତା ନଂ.: ୨୧୬, ପ୍ଲଟ୍ ନଂ.: ୧୪୫, କ୍ଷେତ୍ର: ଏକର୦.୩୬୦ଡିସିମିଲି | ୧୬.୧୦.୨୦୧୮ | ୧୯.୧୦.୨୦୧୯ | ୧୫.୧୦.୨୦୧୮ ସୁଦ୍ଧା ଟ.୪୮,୫୬,୯୭୦.୯୫ + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ଶ୍ରୀ ସତ୍ୟବ୍ରତ ସାହୁ,** ଫ୍ଲାଟ୍ ନଂ.: ସି-୩/୧, ସମସ୍ତି ୧୦୦୧ ଗ୍ରୀନ୍ସ ଆପାର୍ଟମେଣ୍ଟ, ଘାଟିକିଆ, ଭୁବନେଶ୍ୱର | **ସମ୍ପତ୍ତିର ମାଲିକ: ଶ୍ରୀ ସତ୍ୟବ୍ରତ ସାହୁ** | **ଶ୍ରୀ ସତ୍ୟବ୍ରତ ସାହୁ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଏସ୍‌ଆର୍‌ଓ: ଖଣ୍ଡଗିରି, ମୌଜା: ଘାଟିକିଆ, ଫ୍ଲାଟ୍ ନଂ.: ସି-୩/୧ (୨ ବିଏଚ୍‌କେ), ୩ୟ ମହଲା, ବ୍ଲକ୍-ସି, କ୍ଷେତ୍ର: ୪୮୮ ବର୍ଗଫୁଟ ସହିତ ଗୋଟିଏ କାର୍ ପାର୍କିଂ ସ୍ଥାନ ଯାହାକି ପ୍ରୋଜେକ୍ଟ ସମସ୍ତି ୧୦୦୧ ଗ୍ରୀନ୍ସ ଭାବେ ଚିହ୍ନିତ। | ୧୮.୦୪.୨୦୧୯ | ୧୮.୧୦.୨୦୧୯ | ୧୫.୦୪.୨୦୧୯ ସୁଦ୍ଧା ଟ.୨୯,୯୭,୦୭୮/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ଶ୍ରୀ ଭାଗିରଥି ଦାସ,** ପିତା: ରଘୁନାଥ ଦାସ, ସା: ଗମ୍ଭାରିଆ, ପୋ: କୁଳିଗାଁ, ଥାନା: ଖନ୍ତାପଡ଼ା, ଜିଲ୍ଲା: ବାଲେଶ୍ୱର | **ସମ୍ପତ୍ତିର ମାଲିକ: ଶ୍ରୀ ଭାଗିରଥି ଦାସ** | **ଶ୍ରୀ ଭାଗିରଥି ଦାସ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ସି/୪୮୧, ବ୍ଲକ୍-ସି, ୭ମ ମହଲା, ସୁଭଦ୍ରା ନିବାସ, କ୍ଷେତ୍ର: ୧୧୧୬ ବର୍ଗଫୁଟ, ପ୍ରୋଜେକ୍ଟ ସୁଦର୍ଶନ ଭାଟିକା, ମୌଜା: ହରିପୁର, ଖାତା ନଂ.: ୧୩୪/୬୦, ପ୍ଲଟ୍ ନଂ.: ୪୯୩, ୪୯୪, ୪୯୫, ୫୩୬, ୫୩୯, ୫୪୦, କ୍ଷେତ୍ର: ଏକର୩.୮୨୫ଡିସିମିଲି ଏବଂ ଖାତା ନଂ.: ୧୩୪/୬୧, ପ୍ଲଟ୍ ନଂ.: ୫୩୪, ୫୩୭, ୫୩୬/୬୯୯, କ୍ଷେତ୍ର: ଏକର୦.୪୫୦ଡିସିମିଲି, ତହସିଲ: ଭୁବନେଶ୍ୱର, ଡିଏସ୍‌ଆର୍‌ଓ/ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୦୮.୦୧.୨୦୧୯ | ୧୯.୧୦.୨୦୧୯ | ୦୭.୦୧.୨୦୧୯ ସୁଦ୍ଧା ଟ.୨୬,୫୩,୫୨୪/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ଶ୍ରୀ ବିଜୟ କୁମାର ଦାସ,** ପିତା: ବିଷ୍ଣୁ ପ୍ରସାଦ ଦାସ, ସା: ଜିଏଲ୍-୮, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର | **ସମ୍ପତ୍ତିର ମାଲିକ: ଶ୍ରୀ ବିଜୟ କୁମାର ଦାସ** | ଜୁଭାନ ଇନ୍‌ଫ୍ରା ପ୍ରା. ଲିଃ. ଦ୍ୱାରା ନିର୍ମିତ "ଜୁଭାନ ହାପି ହୋମ୍ସ ଫେଜ୍-୧"ରେ **ଶ୍ରୀ ବିଜୟ କୁମାର ଦାସ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ବାଲିଅନ୍ତା, ମୌଜା: କଞ୍ଚଳ, ଫ୍ଲାଟ୍ ନଂ.: ୦୪, (୧ ବିଏଚ୍‌କେ), ପ୍ରଥମ ମହଲା, ବ୍ଲକ୍-ଏ, ୪୪୦ ବର୍ଗଫୁଟ, ଫ୍ଲାଟ୍ ନଂ.: ୦୫ (୧ ବିଏଚ୍‌କେ), ପ୍ରଥମ ମହଲା, ବ୍ଲକ୍-ଏ, ୪୪୦ ବର୍ଗଫୁଟ ଏବଂ ଫ୍ଲାଟ୍ ନଂ.: ୦୬ (୧ ବିଏଚ୍‌କେ), ବ୍ଲକ୍-ଏ, କ୍ଷେତ୍ର: ୪୪୦ ବର୍ଗଫୁଟ | ୧୮.୦୪.୨୦୧୯ | ୧୬.୧୦.୨୦୧୯ | ୧୫.୦୪.୨୦୧୯ ସୁଦ୍ଧା ଟ.୨୩,୧୨,୯୪୭/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ଶ୍ରୀ ଚନ୍ଦ୍ର ଶେଖର ରାଉତ,** ପିତା: କୈଳାଶ ଚନ୍ଦ୍ର ରାଉତ, ସା: ୦୩, ସୁଭଶ୍ରୀ ରେସିଡେନ୍ସି, ସନ୍ତୋଷୀ ବିହାର, ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | **ସମ୍ପତ୍ତିର ମାଲିକ: ଶ୍ରୀ ଚନ୍ଦ୍ର ଶେଖର ରାଉତ** | ମେସର୍ସ ସାଇ କ୍ରିଷ୍ଣା ହୋମ୍ସ ପ୍ରା. ଲିଃ. ଦ୍ୱାରା ନିର୍ମିତ "ସାଇ କ୍ରିଷ୍ଣା ରେସିଡେନ୍ସି" ଆପାର୍ଟମେଣ୍ଟରେ **ଶ୍ରୀ ଚନ୍ଦ୍ର ଶେଖର ରାଉତ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୬୦୧, ୬ଷ୍ଠ ମହଲା, ବ୍ଲକ୍-ସରସ୍ୱତୀ କମ୍ପ୍ଲେକ୍ସ, କ୍ଷେତ୍ର: ୯୩୬ ବର୍ଗଫୁଟ, ମୌଜା: ନନ୍ଦପୁର ଏବଂ ପାଣ୍ଡିଆପଡ଼ା, ଜିଲ୍ଲା: ଖୋର୍ଦ୍ଧା, ତହସିଲ/ଡିଏସ୍‌ଆର୍‌ଓ: ଭୁବନେଶ୍ୱର, ଥାନା: ଖଣ୍ଡଗିରି, ଖାତା ନଂ.: ୨୨, ପ୍ଲଟ୍ ନଂ.: ୪, ୮, ୭, ୬, ୫, ୨, ୧୦, ୬୮, ୧୮, ୪୫, ୪୪, ୧୯, ୯, ୨୧୩ ଏବଂ ୨୧୪, କ୍ଷେତ୍ର: ଏକର୦.୯୬୫ଡିସିମିଲି, ସ୍ୱତଃ: ସ୍ଥିତିବାନ, କିସମ: ଘରବାରି | ୦୮.୦୧.୨୦୧୯ | ୧୬.୧୦.୨୦୧୯ | ୦୭.୦୧.୨୦୧୯ ସୁଦ୍ଧା ଟ.୨୦,୩୮,୦୭୪/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |
| **ଋଣଗ୍ରହୀତା: ଶ୍ରୀ ସାରଥି ପ୍ରସାଦ ଗୌଡ଼,** ହାଉସ୍ ନଂ.: ୮୧, ସେକ୍ଟର-୧୦ ବି, ବସୁନ୍ଧରା, ଗାଜିଆବାଦ, ପୋ: ଗାଜିଆବାଦ, ଉତ୍ତର ପ୍ରଦେଶ | **ସମ୍ପତ୍ତିର ମାଲିକ: ଶ୍ରୀ ସାରଥି ପ୍ରସାଦ ଗୌଡ଼** | ପ୍ଲାଟିନମ୍ ପାରାଡାଇଜ୍ ଆପାର୍ଟମେଣ୍ଟରେ **ଶ୍ରୀ ସାରଥି ପ୍ରସାଦ ଗୌଡ଼**ଙ୍କ ନାମରେ ଥିବା ଫ୍ଲାଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜାମୁକୁଳି, ସୁନ୍ଦରପଦା, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, କିସମ: ଘରବାରି, ପ୍ଲଟ୍ ନଂ.: ୬୫୨, ୬୫୩, କ୍ଷେତ୍ର: ଏକର୦.୬୦୨ଡିସିମିଲି, ଫ୍ଲାଟ୍ ନଂ.: ୭୦୨, ୭ମ ମହଲା, ବିଲ୍ଟ ଅପ୍ ଏରିଆ: ୧୧୫୦ ବର୍ଗଫୁଟ, ସହିତ କାର୍ ପାର୍କିଂ ସ୍ଥାନ | ୧୪.୦୧.୨୦୧୯ | ୧୬.୧୦.୨୦୧୯ | ୧୩.୦୧.୨୦୧୯ ସୁଦ୍ଧା ଟ.୧୭,୧୮,୪୬୩/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

**ତାରିଖ: ୨୧.୧୦.୨୦୧୯, ସ୍ଥାନ: ଭୁବନେଶ୍ୱର** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**



ଆଗାମୀ ୩ ମାସ ମଧ୍ୟରେ ସୋସିଆଲ ମିଡିଆ ଲାଗି ନୂଆ ଆଇନ ଆସିବ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଜାତୀୟ ସୁରକ୍ଷା ଲାଗି ଏହା ଉପରେ କଟକଣା ଲଗାଯିବା ଜରୁରୀ ବୋଲି କୁହାଯାଇଛି। ଗତ ମାସରେ ୩ ସପ୍ତାହ ସମୟ ଦେଇ କେନ୍ଦ୍ର ଏହା ଉପରେ ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟ କହିଥିଲେ। ଇଣ୍ଟରନେଟ ଟେକ୍ନୋଲୋଜିର ଦୁରୁପଯୋଗ ରୋକାଯିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା।

**ଘରୋଇ ଚିକିତ୍ସାକୁ ସରକାରୀ ଡାକ୍ତରଙ୍କ ପ୍ରାଧାନ୍ୟ**

# ଚାଲିଗଲା ନବଜାତ ଶିଶୁର ଜୀବନ

**ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ଡାକ୍ତରଖାନାରେ ଉତ୍ତେଜନା
- ୫ ଘଣ୍ଟା ଧରି ଶିଶୁର ମୃତଦେହ ଧରି ପ୍ରତିବାଦ
- ଶୁଣିଲେନି ଡାକ୍ତରଖାନା କର୍ତ୍ତୃପକ୍ଷ



**ଯାଜପୁର ଅଫିସ/ଯାଜପୁରରୋଡ (ନି.ପ୍ର.),୨୧।୧୦**

ଘରୋଇ ଚିକିତ୍ସାକୁ ପ୍ରାଧାନ୍ୟ ଦେଇ ସରକାରୀ ସେବାରେ ଅବହେଳା କରିବାରୁ ଜଣେ ନବଜାତ ଶିଶୁଙ୍କ ଜୀବନ ଚାଲିଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ। ଯାଜପୁର ଜିଲା ଧର୍ମଶାଳା ବ୍ଲକ ଗଡମଧୁପୁର ପନ୍ତୁରୀ ଗ୍ରାମର ସୁରେନ୍ଦ୍ର ମଲ୍ଲିକଙ୍କ ସ୍ତ୍ରୀ କୌଶଲ୍ୟା ରବିବାର ରାତିରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବାବେଳେ ସୋମବାର ପୂର୍ବାହ୍ନ ୯ଟାରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିଲା। ଦାୟିତ୍ୱରେ ଥିବା ଶିଶୁରୋଗ ବିଶେଷଜ୍ଞଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ କରି ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡାକ୍ତରଖାନା ପରିସରରେ ଶିଶୁଙ୍କ ମୃତଦେହ ରଖି ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶିଶୁର ପରିବାର ଓ ସ୍ଥାନୀୟ ଲୋକେ ପ୍ରତିବାଦ କରିଥିଲେ। ହେଲେ ଡାକ୍ତରଖାନା କର୍ତ୍ତୃପକ୍ଷ ନ ଶୁଣିବାରୁ ନିରାଶ ହୋଇ ଘରକୁ ଫେରିଥିଲେ। ଏନେଇ ସୁରେନ୍ଦ୍ର ମଲ୍ଲିକ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, କୌଶଲ୍ୟା ରବିବାର ରାତି ୨ଟା୧୫ରେ ଯାଜପୁରରୋଡ ସିଏଚସିରେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ତେବେ ଭୋର ୫ଟାରେ ଶିଶୁପୁତ୍ରର ହାତଗୋଡ ମୋଡି ହେବା ସହ ପ୍ରବଳ କାନ୍ଦିଥିଲା। ଏନେଇ ସେତେବେଳେ ଦାୟିତ୍ୱରେ ଥିବା ଡାକ୍ତର ଦେବାଶିଷ ସାହୁଙ୍କୁ ସୁରେନ୍ଦ୍ର ଜଣାଇଥିଲେ। ହେଲେ ଦେବାଶିଷ ଶିଶୁ ବିଶେଷଜ୍ଞଙ୍କ ସହଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଡାକ୍ତରଖାନା ପରିସରରେ ସରକାରୀ କ୍ୱାର୍ଟରରେ ରହୁଥିବା ଶିଶୁ ରୋଗ ବିଶେଷଜ୍ଞ ପୁଲକ ରଞ୍ଜନ ମଲ୍ଲିକଙ୍କ ପାଖକୁ ଧାଇଁ ଯାଇଥିଲେ ସୁରେନ୍ଦ୍ର। କ୍ୱାର୍ଟରରେ କବାଟ ବାଡେଇବା ସହ ପାଟିକରି ଡାକିଥିଲେ ହେଁ ଡାକ୍ତର ମଲ୍ଲିକ ଶୁଣି ନ ଥିଲେ। ହତାଶ ହୋଇ ସେଠାରୁ ଫେରି ଆସିବା ପରେ ଶିଶୁର ସ୍ୱାସ୍ଥ୍ୟବସ୍ଥା ଆହୁରି ବିଗୁଡୁଥିବା ଦେଖି ସୁରେନ୍ଦ୍ର ପୁଣି ଡାକ୍ତର ମଲ୍ଲିକଙ୍କ ପାଖକୁ ଯାଇଥିଲେ। ତଥାପି ମଲ୍ଲିକ ଶୁଣି ନ ଥିଲେ। ତେବେ ପୂର୍ବାହ୍ନ ୮ଟାରେ ପୁଣି ଯାଇ ଡାକିବାରୁ ଡାକ୍ତର ମଲ୍ଲିକ କୋଠା ଉପରେ ରହି ଏହା କ'ଣ ନର୍ସିଂହୋମ ବୋଲି ଭାବୁଛ କି ବୋଲି କହିବା ସହିତ ପିଲାକୁ ଗଣେଶ ମାର୍କେଟଠାରେ ଥିବା ତାଙ୍କ ନର୍ସିଂହୋମକୁ ନେବା ପାଇଁ କହିଥିଲେ। ସୁରେନ୍ଦ୍ର ପିଲାକୁ ଧରି ଉକ୍ତ ନର୍ସିଂହୋମରେ ପହଞ୍ଚିବା ପରେ ଡାକ୍ତର ମଲ୍ଲିକ ସେଠାରେ ନବଜାତ ଶିଶୁର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ସାଲାଇନ, ଇଂଜେକ୍ସନ ଆଦି ଲେଖି ଯାଜପୁର ସଦର ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ସୁରେନ୍ଦ୍ର ସାଲାଇନ ଓ ଇଂଜେକ୍ସନ ଧରି ପୁଣି ଯାଜପୁରରୋଡ ସିଏଚସିକୁ ଫେରି ସାଇଲାଇନ ଦେବାକୁ ଜଣେ ନର୍ସଙ୍କୁ ଅନୁରୋଧ କରିଥିଲେ। ହେଲେ ନର୍ସ ସାଲାଇନ ଦେବାବେଳେ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ। ତୁରନ୍ତ ଚିକିତ୍ସା କରାଇଥିଲେ ଶିଶୁଟି ବଞ୍ଚି ଯାଇଥାନ୍ତା ବୋଲି ସୁରେନ୍ଦ୍ର ପ୍ରକାଶ କରିଛନ୍ତି। ଏନେଇ ସୁରେନ୍ଦ୍ର ଫୋନ ଯୋଗେ ସିଡିଏମଓଙ୍କୁ ମଧ୍ୟ ଜଣାଇଛନ୍ତି। ସ୍ୱାସ୍ଥ୍ୟସେବାରେ ଘରୋଇ ବ୍ୟବସାୟୀକରଣକୁ ଅଧିକ ଗୁରୁତ୍ୱ ଦେଇ ସରକାରୀ ସେବାରେ ଅବହେଳା ଓ ଦାୟିତ୍ୱହୀନତା ମନୋଭାବ ଯୋଗୁ ଯାଜପୁରରୋଡ ସିଏଚସିରେ ଏଭଳି ଅନେକ ନବଜାତ ଶିଶୁ ଓ ପ୍ରସୂତି ମହିଳାଙ୍କ ମୃତ୍ୟୁ ହେଉଥିବା ନଜିର ରହିଛି। ଏ ସଂକ୍ରାନ୍ତରେ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପୁଲକ ରଞ୍ଜନ ମଲ୍ଲିକଙ୍କୁ ପଚାରିବାରେ, ନବଜାତ ଶିଶୁର ଛାତିରେ କ୍ଷୀର ଅଟକି ଯାଇଥିଲା। ତେଣୁ ତାକୁ ଜିଲା ସଦର ଡାକ୍ତରଖାନାକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ଶିଶୁର ଚିକିତ୍ସା କ୍ଷେତ୍ରରେ ସେ କୌଣସି ଅବହେଳା କରି ନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭୁଜା ବୋଲ ପିଠା ବୋଲ**
**ଭାତ ପରି କିଏ ହେବ ?**
**ମାଉସୀ ବୋଲ ପିଉସୀ ବୋଲ**
**ମାଆ ପରି କିଏ ହେବ ?**

ଭୁଜା ବା ମୁଢ଼ି ହେଉ କି ପିଠା ତାହା କେବେ ଭାତ ସମକକ୍ଷ ହୋଇପାରି ନ ଥାଏ। ସେହିପରି ମାଉସୀ ହୁଅନ୍ତୁ କି ପିଉସୀ ଯେତେ ସମ୍ପର୍କୀୟ ହୋଇଥିଲେ ମଧ୍ୟ ସେମାନେ କେବେ ମା' ପରି ସ୍ନେହମୟୀ ହୋଇପାରି ନ ଥାନ୍ତି। ସ୍ନେହ, ମମତା, ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ହେଉଛି ମା'। ମା'ର ଭୂମିକା ଆଉ କେହି ନେଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଭାଗ୍ୟକୁ ଭୋଗ ବସୁନ୍ଧରୀ**
**ଏ ପୃଥ୍ୱୀ ନୁହଁଇ କାହାରି।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। ସଂସାରରେ କେହି କାହାର ହୋଇ ନ ଥାନ୍ତି କି କେହି କାହା ପାଇଁ କିଛି କରି ନ ଥାନ୍ତି। ସମସ୍ତେ କର୍ମର ଦାସ। କର୍ମ ନ କଲେ ଜୀବନ ବୃଥା। ଯିଏ ଯେପରି କର୍ମ କରେ ସିଏ ସେପରି ଫଳ ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପୋଲିସର ସାହସିକତାକୁ ପ୍ରଶଂସା କଲେ ମୋଦି

**ଜାତୀୟ ପୋଲିସ ଦିବସ**



**ନୂଆଦିଲ୍ଲୀ,୨୧।୧୦(ପି.ଟି.)**

ଜାତୀୟ ପୋଲିସ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଷ୍ଟକର ପରିବେଶରେ କାର୍ଯ୍ୟ କରୁଥିବା ପୋଲିସ କର୍ମଚାରୀମାନଙ୍କ ସାହସିକତାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ପୋଲିସ ବଳ ଓ ସେମାନଙ୍କ ପରିବାରକୁ ସାଲ୍ୟୁଟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିବା ସହ କର୍ତ୍ତବ୍ୟରେ ଥାଇ ଶହୀଦ ହେଉଥିବା ପୋଲିସଙ୍କ ପାଇଁ ଦେଶ ଗର୍ବିତ ବୋଲି କହିଛନ୍ତି। ୧୯୫୯ର ଆଜିର ଦିନରେ ଚାଇନା ଆକ୍ରମଣରେ ଲଦାଖରେ ୧୦ ପୋଲିସ ପ୍ରାଣ ହରାଇଥିଲେ। ଏହାକୁ ମନେ ରଖିବା ପାଇଁ ପ୍ରତିବର୍ଷ ଉକ୍ତ ଦିନକୁ ପୋଲିସ ସ୍ମରଣୋତ୍ସବ ଦିବସ ଭାବେ ପାଳନ କରାଯାଇଥାଏ। ପୋଲିସଙ୍କୁ କାର୍ଯ୍ୟ କରିବା ଲାଗି ଉତ୍ତମ ପରିବେଶ ଯୋଗାଇ ଦିଆଯିବା ସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସୁବିଧା ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନିଆଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ କହିଛନ୍ତି। ପ୍ରତି ଲକ୍ଷେ ଲୋକରେ ୨୨୨ ପୋଲିସଙ୍କ ଆବଶ୍ୟକସ୍ଥଳେ ୧୪୪ ଜଣ ସେହି କାର୍ଯ୍ୟ ତୁଲାଉଛନ୍ତି। ସେଥିପାଇଁ ୯୦ ଭାଗ ପୋଲିସଙ୍କୁ ୧୨ ଘଣ୍ଟାରୁ ଅଧିକ କାର୍ଯ୍ୟ କରିବାକୁ ପଡୁଛି ଓ ତିନିଚତୁର୍ଥାଂଶ ସାପ୍ତାହିକ ଛୁଟି ନେଇପାରୁନାହାନ୍ତି ବୋଲି ଶାହ କହିଥିଲେ।

# କମଲେଶ ହତ୍ୟାକାଣ୍ଡ: ଅପରାଧୀଙ୍କୁ ଧରାଇଦେଲେ ୨.୫ ଲକ୍ଷ ପୁରସ୍କାର



**ଲକ୍ଷ୍ନୌ,୨୧।୧୦(ପି.ଟି.)**

ହିନ୍ଦୁବାଦୀ ନେତା କମଲେଶ ତିୱାରୀଙ୍କ ହତ୍ୟାକାଣ୍ଡ ସହ ସମ୍ପୃକ୍ତ ଦୁଇ ସନ୍ଦିଗ୍ଧଙ୍କୁ ଧରାଇଦେଲେ ୨.୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଦିଆଯିବ ବୋଲି ଉତ୍ତରପ୍ରଦେଶ ପୋଲିସ ସୋମବାର ଘୋଷଣା କରିଛି। ସେମାନେ ୧୭ରେ ଲକ୍ଷ୍ନୌ ଆସି ନିଜକୁ ଶେଖ୍ ଅଶଫାକୁଲ ହୁସେନ୍ ଓ ମୁଇନୁଦ୍ଦିନ ପଠାନ୍ ପରିଚୟ ଦେଇ ଏକ ହୋଟେଲରେ ରହିଥିଲେ। ହତ୍ୟାକାଣ୍ଡ ଦିନ ଉଭୟ ହୋଟେଲରୁ ମିଠା ପ୍ୟାକେଟ ଧରି ବାହାରିଯାଇଥିଲେ। ଶୁକ୍ରବାର ହିନ୍ଦୁ ସମାଜ ପାର୍ଟି ସଭାପତି କମଲେଶଙ୍କୁ ନାକା ହିନ୍ଦୋଲାସ୍ଥିତ ବାସଭବନରେ ହତ୍ୟା କରାଯାଇଥିଲା। ପୋଲିସ ହୋଟେଲ୍ ପ୍ରକୋଷ୍ଠରୁ ରକ୍ତଭିଜା ଶାର୍ଟ ଜବତ କରିଛି। ଅପରାଧୀଙ୍କୁ ଧରିବା ଲାଗି ଏସ୍‌ଆଇଟି ଗଠନ ହୋଇଥିବାବେଳେ ଗୁଜରାଟର ୩ ଜଣଙ୍କ ସମେତ ୫ ଜଣଙ୍କୁ ପୋଲିସ ଗିରଫ କରିଥିଲା। ୩ ଜଣଙ୍କୁ ପୋଲିସ ରିମାଣ୍ଡରେ ନେଇ ଜେରା କରୁଛି। ରବିବାର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କମଲେଶଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମସ୍ତ ସହାୟତା ଯୋଗାଇ ଦିଆଯିବା ସହ ଅପରାଧୀଙ୍କୁ ଦଣ୍ଡିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବିଜେଡି, ଭାଜପା କହୁଛନ୍ତି ଜିତିବେ, ହାର୍ ମାନିଗଲା କଂଗ୍ରେସ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ବିଜେପୁର ଉପନିର୍ବାଚନ ପାଇଁ ସୋମବାର ଭୋଟ ଶେଷ ହୋଇଛି। ଆସନ୍ତା ୨୪ରେ କିଏ ସେଠାରେ ବାଜି ମାରିବ ତାହା ସ୍ପଷ୍ଟ ହୋଇଯିବ। ତେବେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ଭାଗ୍ୟ ବର୍ତ୍ତମାନ ଇଭିଏମ୍‌ରେ ସିଲ୍ ହୋଇ ରହିଛି। ଏହାପୂର୍ବରୁ ବିଜେଡି ଓ ଭାଜପା ନେତାମାନେ ସେମାନଙ୍କ ପ୍ରାର୍ଥୀ ବିଜୟୀ ହେବେ ବୋଲି ଆଶା ରଖିଥିବା ବେଳେ ହାତ ଟେକିଦେଇଛି କଂଗ୍ରେସ। ବିଜେଡି ନେତା ତଥା ବରିଷ୍ଠ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ବିଜେଡି ସପକ୍ଷରେ ବିଜେପୁରବାସୀଙ୍କ ମତଦାନ ଯିବ ବୋଲି ଆମେ ଆଶାବାଦୀ। ବିଜେଡି ପ୍ରାର୍ଥୀ ରୀତା ସାହୁ ବଡ ବ୍ୟବଧାନରେ ବିଜୟୀ ହେବେ। ଲୋକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଶ୍ୱାସ ରଖିଛନ୍ତି ତା'ର ଫଳାଫଳ ଖୁବ୍‌ଶୀଘ୍ର ଜଣାପଡିବ ବୋଲି ସେ କହିଛନ୍ତି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଭାଜପା ପ୍ରାର୍ଥୀଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସ ରହିଛି। ମୁଖ୍ୟମନ୍ତ୍ରୀ ନିଜେ ଏହି ଆସନରୁ ଠିଆହୋଇ ଲୋକଙ୍କ ସୁଖଦୁଃଖ ବୁଝିବେ କହି ଶେଷରେ ଧୋକା ଦେଲେ। ସେହିପରି ଲୋକମାନଙ୍କୁ ପ୍ରଲୋଭନ ଦେଖାଇ ବିଭିନ୍ନ ଯୋଜନାର ଘୋଷଣା କରିଦେଇ ଚୁପ୍ ବସିପଡିଛନ୍ତି। ବିଜେପୁରବାସୀ ଏହାର ଜବାବ୍ ଭୋଟ୍‌ରେ ଦେଇଛନ୍ତି ବୋଲି ଗୋଲକ କହିଛନ୍ତି। କଂଗ୍ରେସ ବରିଷ୍ଠ ନେତା ତଥା ତାରାପ୍ରସାଦ ବାହିନୀପତି କହିଛନ୍ତି, ବିଜେପୁରରେ ବିଜେଡି ଏବଂ ଭାଜପା ଯେମିତି ଖର୍ଚ୍ଚ କରିଛନ୍ତି ସେଠାରେ କଂଗ୍ରେସ ଖାପ ଖାଇବ ନାହିଁ। ଆମର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କେବଳ ୨୦ ଲକ୍ଷ ଟଙ୍କା ଦେଇଛନ୍ତି। ଯେହେତୁ ଆମର ଅର୍ଥ ଅଭାବ ଅଛି, ଆମେ କେତେଦୂର ପାରିବୁ ଭଗବାନ ଜାଣନ୍ତି। ପରିଶ୍ରମ କରିଥିଲୁ, ସବୁବେଳେ ସଭା ହେଲେ ହଜାର ହଜାର ଲୋକ ପହଞ୍ଚୁଥିଲେ, ମାତ୍ର ସେଥିରୁ ଭୋଟରେ କେତେ ରୂପାନ୍ତରିତ ହେବ ସେକଥା ଜଣାନାହିଁ। କିନ୍ତୁ ସେଠାରେ ଆମର କିଛି ଭଲ ନାହିଁ ବୋଲି ତାରା କହିଛନ୍ତି।

# ଅତିରିକ୍ତ ବଜେଟ ପାଇଁ ଚାଲିଛି ପ୍ରସ୍ତୁତି

## ଆଜି ସବୁ ବିଭାଗ ପକ୍ଷରୁ ଖର୍ଚ୍ଚ ଦାବି ପ୍ରସ୍ତାବ ଦେବାର ଶେଷ ଦିବସ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ଓଡ଼ିଶା ବିଧାନସଭାର ଶୀତଅଧିବେଶନ ଆସନ୍ତା ନଭେମ୍ବର ମାସ ଅଧାରେ ହେବ ବୋଲି ଜଣାପଡିଛି। ଏହି ଅଧିବେଶନ କାଳରେ ରାଜ୍ୟ ସରକାର ଅତିରିକ୍ତ ଖର୍ଚ୍ଚ ଦାବି ଆଗତ କରିବେ। ଏଥିପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଆରମ୍ଭ ହୋଇଯାଇଛି। ଅତିରିକ୍ତ ବଜେଟରେ କେତେ ଟଙ୍କା ବ୍ୟୟବରାଦ କରାଯିବ ସେନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଖୁବ୍‌ଶୀଘ୍ର ଅନୁଷ୍ଠିତ ହେବ। ଏହା ପୂର୍ବରୁ ମଙ୍ଗଳବାର ସୁଦ୍ଧା ସବୁ ବିଭାଗ ପକ୍ଷରୁ ବଜେଟ ବ୍ୟୟବରାଦ ସମ୍ପର୍କିତ ପ୍ରସ୍ତାବ ରଖିବାକୁ କୁହାଯାଇଛି। ଏହିସବୁ ପ୍ରସ୍ତାବ ମିଳିବାପରେ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତାବକୁ ତର୍ଜମା କରାଯିବ। ସେହି ଅନୁଯାୟୀ ଏଥିରୁ କେତେ ଅର୍ଥ ରାଜ୍ୟ ସରକାର ବହନ କରିପାରିବେ ତା'ର ଏକ ତାଲିକା ପ୍ରସ୍ତୁତ କରିବେ। ତାଲିକା ପ୍ରସ୍ତୁତ ହେବାପରେ ସବୁ ବିଭାଗର ବଜେଟ ପ୍ରସ୍ତୁତକାରୀ ଟିମ୍ ସହ ଅର୍ଥ ସଚିବ ଏକ ବୈଠକ କରି ଜରୁରୀ ପ୍ରସ୍ତାବ ରଖି ବଳକା କାଟିବାକୁ ନିର୍ଦ୍ଦେଶ ଦେବେ। ସେହି ଅନୁଯାୟୀ ଅତିରିକ୍ତ ବଜେଟର ରୂପରେଖ ପ୍ରସ୍ତୁତ ହେବ। ରାଜ୍ୟ ସରକାର କେତେଗୁଡିଏ ଯୋଜନାରେ କ୍ୟାବିନେଟ୍ ବୈଠକ ଡାକି ବଜେଟ ବୃଦ୍ଧି କରିଛନ୍ତି। ଆସନ୍ତା ଶୀତ ଅଧିବେଶନରେ ଅତିରିକ୍ତ ଖର୍ଚ୍ଚ ଦାବି କରି ରାଜ୍ୟ ସରକାର ସେହି ଯୋଜନାଗୁଡିକର ବ୍ୟୟବରାଦ ବଢାଇବେ ବୋଲି ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ପାର୍ଲାମେଣ୍ଟ ଶୀତ ଅଧିବେଶନ ନେଇ ଏଯାଏ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା କାରଣରୁ ଶୀତଅଧିବେଶନ ତାରିଖ ଧାର୍ଯ୍ୟ କରାଯାଇ ନାହିଁ।


# CLASSIFIED DISPLAY

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101 7310644390
Vishal Mansion, Mahatma Gandhi Road, UP

ଦୀପାବଳିର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
CAPITAL ONE FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9354297908
H.No. 12, Sohana Distt. Mohali

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
ଆପଣଙ୍କ ସ୍ୱପ୍ନଗୁଡ଼ିକୁ ସାକାର କରନ୍ତୁ
ମାର୍କଶିଟ୍ ପ୍ରପର୍ଟି ଆଧାରକାର୍ଡ ପର୍ସନାଲ ପଶୁପାଳନ ଗୃହ ଋଣ ବ୍ୟବସାୟ ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
72899-99543 72899-48952
SCO-106, Second Floor, Vishal Tower, Cannaught Place, Delhi.

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155 9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS BUSINESS

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଦୀପାବଳି ଧମାକା
କୁପନ୍ ବାହାରିଲେ 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ କିମ୍ବା ଋଣ ପାଇଁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ ଋଣର ସୁବିଧା।
ସୁଧ 1% ବାର୍ଷିକ
ସବୁ ପ୍ରକାର ଋଣ ସୁବିଧା ପାଇଁ ଯୋଗାଯୋଗ କରନ୍ତୁ
ToofanFinance.in
7491845997 7079574972
New Ashok Nagar, East Delhi, Delhi

ଦୀପାବଳିର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9415512879
B-34/7 A Block Vijay Enclave, Bururi, New Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

DHARITRI Career appointment Every Wednesday and Saturday

DIWALI DHAMAKA
NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ।
ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9896736154 7988366521

FINANCE
ସରକାରୀ ଜନକଲ୍ୟାଣ ଯୋଜନା ଅନ୍ତର୍ଗତ ଦ୍ୱାରା ମାର୍କସିଟ, ସମ୍ପତି, ଆଧାରକାର୍ଡ, ବ୍ୟବସାୟ ଓ BPL, ବ୍ୟକ୍ତିଗତ ଋଣ (1ରୁ 90 Lakh) ପର୍ଯ୍ୟନ୍ତ ମାତ୍ର ୧୩୫୦/- ଟଙ୍କାରେ ୪୮ ଘଣ୍ଟାରେ ପାଆନ୍ତୁ। ବାର୍ଷିକ 1% ସୁଧ 40% ଛାଡ
Ashoka Finance
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7900883466 8743042068

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
MAHINDRA FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
95181-86720, 93069-59483
ADDRESS: T-51, GAUTAMPURI, DELHI


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରବଳ ବର୍ଷା ଯୋଗୁ କେରଳର ୧୨ ଜିଲା ବିଶେଷ ଭାବେ ପ୍ରଭାବିତ ହୋଇଛି। ଆଇଏମ୍‌ଡି ପକ୍ଷରୁ ଏଠାରେ ଆଗାମୀ ୪ ଦିନ ଲାଗି ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। କୋଚିରେ ସୋମବାର ଶିକ୍ଷାନୁଷ୍ଠାନ ବନ୍ଦ କରାଯାଇଥିଲା। କୋଲାମ, ଆଲାପୁଝା,ପଟାନାଥିଠା, କୋଟାୟମ, ଇଡୁକି, ଏର୍ନାକୁଲମ, ଥ୍ରିଶୁର, ପାଲାକାଡ୍, ମାଲାପୁରମ୍, କୋଝିକୋଡେ, ୱାୟନାଡ୍, କନ୍ନୁର କସରଗଡ଼ ଜିଲା ବହୁଳ ପ୍ରଭାବିତ ହୋଇଥିବା ପ୍ରକାଶ।



## ସଂକ୍ଷେପରେ

### ଅଖିଳ ଭାରତୀୟ ମୋଟର ପରିବହନ କଂଗ୍ରେସର ଉପାଧ୍ୟକ୍ଷ ଭାବେ ରବିନାରାୟଣ ଶତପଥୀ ନିର୍ବାଚିତ



**କଟକ ଅଫିସ, ୨୧।୧୦:** ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘର ସାଧାରଣ ସମ୍ପାଦକ ରବିନାରାୟଣ ଶତପଥୀ ଅଖିଳ ଭାରତୀୟ ମୋଟର ପରିବହନ କଂଗ୍ରେସର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଅଖିଳ ଭାରତୀୟ ମୋଟର ପରିବହନ କଂଗ୍ରେସରେ ସମସ୍ତ ପରିବହନ କମ୍ପାନୀର ମାଲିକ ସଦସ୍ୟ ଅଛନ୍ତି। ସୋମବାର ଦିଲ୍ଲୀରେ ଅନୁଷ୍ଠିତ ନିର୍ବାଚନରେ ସେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି। ପରିବହନ ବ୍ୟବସାୟର ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ସରକାରଙ୍କ ସହିତ ଆଲୋଚନା କରି ଯୋଜନା ପ୍ରଣୟନ କରିବା ଓ ମୋଟରଯାନ ଆଇନ ସଂଶୋଧନରେ ସଙ୍ଗଠନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ରବିନାରାୟଣ ଦ୍ୱିତୀୟ ଓଡିଆ ଭାବେ ନିର୍ବାଚିତ ହୋଇଥିବାରୁ ପୂର୍ବାଞ୍ଚଳ ସମସ୍ତ ଟ୍ରକ ମାଲିକ ସଂଘ, ପରିବହନ ମାଲିକ ସଂଘ, ମହାନଦୀ ବିହାର ଡେଭଲପମେଣ୍ଟ ଅସୋସିଏଶନ ସମେତ ବହୁ ସଂଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି।

### ମିଶନ ଇନ୍ଦ୍ରଧନୁଷ ଯୋଜନା
### ପୁରସ୍କୃତ ହେବେ ଓଡ଼ିଶାର ଦୁଇ ଜିଲା

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ):** ମିଶନ ଇନ୍ଦ୍ରଧନୁଷ ଯୋଜନାରେ ୯୦ ପ୍ରତିଶତରୁ ଅଧିକ ଟିକାକରଣ କରିଥିବାରୁ ଗଞ୍ଜାମ ଓ ଖୋର୍ଦ୍ଧା ଜିଲା ଜାତୀୟ ସ୍ତରରେ ପୁରସ୍କୃତ ହେବେ ବୋଲି ଜଣାପଡିଛି। ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ରୌପ୍ୟ ଜୟନ୍ତୀ ଅବସରରେ ଆସନ୍ତା ୩୧ରେ ନୂଆଦିଲ୍ଲୀଠାରେ ଆୟୋଜିତ ଉତ୍ସବରେ ପୁରସ୍କାର ଗ୍ରହଣ ସକାଶେ ଦୁଇ ଜିଲାର ପ୍ରତିନିଧିଙ୍କୁ ପଠାଇବାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ମନୋଜ ଝଲାନି ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ୧୯୯୪ରୁ ପୋଲିଓ ବିରୋଧରେ ଦିଲ୍ଲୀରୁ ଆରମ୍ଭ ହୋଇଥିବା ଯୋଜନାକୁ ସମଗ୍ର ଦେଶରେ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଛନ୍ତି। ପଲ୍‌ସ ପୋଲିଓ କାର୍ଯ୍ୟକ୍ରମକୁ ଏବେ ସୁଦ୍ଧା ୨୫ବର୍ଷ ପୂରଣ ହୋଇସାରିଛି। ଯେଉଁମାନେ ଏହି ଯୋଜନାକୁ ଠିକ୍‌ରେ ପାଳନ କରିଛନ୍ତି ସେମାନଙ୍କୁ ପୁରସ୍କାର ଦିଆଯିବ।

## ଭିମ୍‌ସାର ଘଟଣା ଭିନ୍ନ ରୂପ ନେଲା

# ସୀମା ଭୁଲିଯାଇଥିଲେ ଡାକ୍ତର

■ରୋଗୀ ସମ୍ପର୍କୀୟଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ
■ଡାକ୍ତରଙ୍କ ବିରୋଧରେ ମାମଲା ରୁଜୁ କଲା ପୋଲିସ
■ନର୍ସିଂହୋମ୍‌ରେ ଚିକିତ୍ସା ପାଇଁ ଡାକ୍ତର ବାଧ କରିଥିଲେ

ସମ୍ବଲପୁର,୨୧।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ଡାକ୍ତର ସୂର୍ଯ୍ୟକାନ୍ତ ପାଢୀଯୋଶୀଙ୍କୁ ରବିବାର ମାଡ଼ ଘଟଣା ସୋମବାର ବିବାଦୀୟ ହୋଇପଡିଛି। ଡାକ୍ତରମାନେ ନିଜ ସୀମାସରହଦ ଭୁଲି ଆଇନକୁ ହାତକୁ ନେବାକୁ ପଛାଇ ନ ଥିବା ଏକ ଭିଡିଓ ଭାଇରାଲରୁ ସ୍ପଷ୍ଟ ହୋଇଛି। ଡାକ୍ତର ପାଢୀଯୋଶୀଙ୍କୁ ମାଡ଼ ମରାଯାଇନି ବରଂ ତାଙ୍କୁ ଭେଟିବାକୁ ଯାଇଥିବା ରୋଗୀଙ୍କ ଦୁଇ ସମ୍ପର୍କୀୟଙ୍କୁ ଡାକ୍ତର ପାଢୀଯୋଶୀ ତାଙ୍କ ଡାକ୍ତରୀ ଛାତ୍ରଙ୍କ ସହ ମିଶି ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ବୁର୍ଲା ଥାନାରେ ସୋମବାର ସମ୍ପୃକ୍ତ ଡାକ୍ତରମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଅପରପକ୍ଷରେ ଓଡ଼ିଶା ଡାକ୍ତରୀ ସଂଘ(ଓମ୍‌ସା) ଖୁବ୍ ଶୀଘ୍ର ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ପଠାଇ ଘଟଣାର ତଦନ୍ତ କରିବ ବୋଲି ସଂଘ ସମ୍ପାଦକ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଜିଲା ଲଇକେରା ରେଙ୍ଗାଲବେଡା ଗ୍ରାମର ଠଣସୁନ୍ଦର ବେହେରା ଅସୁସ୍ଥତା ଯୋଗୁ ଭିମ୍‌ସାର ଆସିଥିଲେ। ଡାକ୍ତର ପାଢୀଯୋଶୀ କିନ୍ତୁ ତାଙ୍କୁ ଭିମ୍‌ସାରରେ ଚିକିତ୍ସିତ ନ ହେବାକୁ ପରାମର୍ଶ ଦେଇ ନିକଟସ୍ଥ ସମଲେଶ୍ୱରୀ ନର୍ସିଂହୋମ୍‌ରେ ଭର୍ତ୍ତି ହେବାକୁ କହିଥିଲେ। ସେଠାରେ ଉତ୍ତମ ଚିକିତ୍ସା କରାଯାଇ ପାରିବ। ସେ ସେଠାକୁ ଯାଇ ଚିକିତ୍ସା କରିବେ ବୋଲି କହିଥିଲେ। ଏଣୁ ଇଚ୍ଛା ନ ଥିଲେ ବି ବାଧ୍ୟବାଧକତା ଯୋଗୁ ଠଣସୁନ୍ଦର ଗତ ୧୫ ତାରିଖରେ ସମଲେଶ୍ୱରୀ ନର୍ସିଂହୋମ୍‌ରେ ଭର୍ତ୍ତି ହୋଇଥିଲେ। ପ୍ରତିଶ୍ରୁତି ଅନୁସାରେ ପ୍ରତିଦିନ ଡାକ୍ତର ପାଢୀଯୋଶୀ ଠଣସୁନ୍ଦରଙ୍କୁ ଚିକିତ୍ସା ଲାଗି ସମଲେଶ୍ୱରୀ ନର୍ସିଂହୋମ୍ ଆସୁଥିଲେ। ଇତିମଧ୍ୟରେ ଠଣସୁନ୍ଦରଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିଲା। ସେ ନର୍ସିଂହୋମରୁ ଡିସ୍‌ଚାର୍ଜ କରିଦେବାକୁ ଡାକ୍ତର ପାଢୀଯୋଶୀଙ୍କୁ କହିଥିଲେ। ସେ କିନ୍ତୁ ଡିସଚାର୍ଜର ନାଁ ଗନ୍ଧ ଧରୁ ନ ଥିଲେ। ଏଣେ ନର୍ସିଂହୋମ୍‌ରେ ରହିବା ଦ୍ୱାରା ଠଣସୁନ୍ଦରଙ୍କ ଉପରେ ଆର୍ଥିକ ବୋଝ ବଢ଼ି ଚାଲିଥିଲା। ରବିବାର ମଧ୍ୟାହ୍ନ ସାଢେ ୧୨ଟାରେ ଡାକ୍ତର ପାଢୀଯୋଶୀ ନର୍ସିଂହୋମକୁ ଆସିଥିଲେ। ଏହି ସମୟରେ ଠଣସୁନ୍ଦରଙ୍କ ପୁଅ ମୁକେଶ ତାଙ୍କୁ ଭେଟି ବାପାଙ୍କୁ ଡିସ୍‌ଚାର୍ଜ କରିବାକୁ ଅନୁରୋଧ କରିଥିଲେ। ହେଲେ ଡାକ୍ତର ପାଢୀଯୋଶୀ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଚାପୁଡା ମାରି ହତ୍ୟା ଧମକ ଦେଇଥିଲେ। ଏହାପରେ ସେଠାରୁ ଭିମ୍‌ସାରକୁ ଡ୍ୟୁଟିରେ ଚାଲି ଯାଇଥିଲେ। ଏହି ଖବର ପାଇବା ପରେ ଠଣସୁନ୍ଦରଙ୍କ ଶାଳକଙ୍କ ପୁଅ (ପୁତୁରା) ଝସକେତନ ରାଉତ ଆସି ପହଞ୍ଚି ଥିଲେ। ମୁକେଶଙ୍କ ସହ ସେ ଭିମ୍‌ସାର ଯାଇ ଡାକ୍ତର ପାଢୀଯୋଶୀଙ୍କୁ ଭେଟି ଡିସ୍‌ଚାର୍ଜ ପାଇଁ ଅନୁରୋଧ କରିଥିଲେ। ହେଲେ ସେଠାରେ ଡାକ୍ତର ପାଢୀଯୋଶୀ ଓ ଉପସ୍ଥିତ ଜୁନିୟର ଡାକ୍ତରମାନେ ସଂଘବଦ୍ଧଭାବେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଠଣସୁନ୍ଦର ଅଭିଯୋଗ କରିଛନ୍ତି।। ଏଣୁ ମାଡ ମାରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଠଣସୁନ୍ଦର ବୁର୍ଲା ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ଡାକ୍ତରମାନଙ୍କ ବିରୋଧରେ ଏକ ମାମଲା (ନଂ.୪୬୦/୧୯) ମଧ୍ୟ ରୁଜୁ ହୋଇଛି। ହେଲେ ଏହି ଘଟଣାରେ ପୋଲିସ କାହାକୁ ଗିରଫ କରିନାହିଁ। ସୂଚନାଯୋଗ୍ୟ, ରବିବାର ଡାକ୍ତର ପାଢୀଯୋଶୀଙ୍କୁ ମାଡ ମାରିବା ଅଭିଯୋଗରେ ରୋଗୀ ଠଣସୁନ୍ଦରଙ୍କ ପୁଅ ମୁକେଶ ଓ ପୁତୁରା ଝସକେତନ ଜେଲ ଯାଇଛନ୍ତି।

### କାନ ଧରାଇବା, ମୁଣ୍ଡିଆ ମରାଇବା ଭିଡିଓ ଭାଇରାଲ

ଏହି ଘଟଣାକୁ ନେଇ ସୋମବାର ଏକ ଭିଡ଼ିଓ ଭାଇରାଲ ହୋଇଛି। ଏଥିରେ କେତେଜଣ ଯୁବକ, ଡାକ୍ତର ଓ ପୋଲିସ ଅଛନ୍ତି। ପୋଲିସ ଉପସ୍ଥିତିରେ ସେହି ଯୁବକମାନେ ରୋଗୀ ଠଣସୁନ୍ଦରଙ୍କ ପୁତୁରା ଝସକେତନଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରୁଛନ୍ତି। କାନ ଧରି ଉଠ୍‌ବସ୍ କରାଇବା ସହ ଡାକ୍ତରଙ୍କ ଗୋଡ ଧରି ଭୁଲ୍ ମାଗିବାକୁ କହୁଛନ୍ତି। ପୋଲିସ ସମ୍ମୁଖରେ ମୁକେଶ ଓ ଝସକେତନଙ୍କୁ ଏଭଳି ନିର୍ଯାତନା ଦେଇ ଭିଡିଓ କରିବା ପଛରେ ଡାକ୍ତରମାନଙ୍କ ହାତ ରହିଥିବା ଅଭିଯୋଗ ହୋଇଛି।

### ସଫେଇ ଦେଲା ଜେଡିୟୁ

କନିଷ୍ଠ ଡାକ୍ତର ସଂଘ (ଜେଡିୟୁ)ଏହି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି ସଫେଇ ଦେଇଛି। ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନ ଘଟେ ସେଥିପ୍ରତି ଜେଡିୟୁ ଗୁରୁତ୍ୱ ଦେବ ବୋଲି କହିଛି। ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତରମାନେ ଘରୋଇ ନର୍ସିଂହୋମ୍‌କୁ କିଭଳି ନ ଯିବେ ସେ ଦିଗରେ କଡା ନିୟମ ରହିବା ଆବଶ୍ୟକ ରହିଛି। ସରକାରୀ ମେଡିକାଲ ନିକଟରେ ଘରୋଇ ମେଡ଼ିକାଲ ଓ ପାଥୋକ୍ଲିନିକଗୁଡିକ ବନ୍ଦ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଜେଡିୟୁ ସଭାପତି ଡାକ୍ତର ସଞ୍ଜୀବ ମିଶ୍ର କହିଛନ୍ତି।

# ସରକାରୀ ବାବୁଙ୍କୁ ଓଡ଼ିଆ ଭାଷାର ପ୍ରଶିକ୍ଷଣ

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ଓଡ଼ିଆ ଭାଷାରେ ପାଠ ପଢ଼ିବେ ସରକାରୀ ବାବୁ ଓ କର୍ମଚାରୀମାନେ। ପ୍ରଶାସନିକ କାର୍ଯ୍ୟରେ ଆବଶ୍ୟକ ହେଉଥିବା ଏବଂ ରାଜ୍ୟର ସାଧାରଣ ଲୋକ ବୁଝିପାରୁଥିବା ଓଡ଼ିଆ ଭାଷାରେ ବାବୁମାନଙ୍କ ଜ୍ଞାନ ରହିବା ଜରୁରୀ। ଏଣୁ ସୋମବାରଠାରୁ ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କ ପାଇଁ ଓଡ଼ିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସଂସ୍କୃତି ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ 'ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର' ନିମନ୍ତେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଲୋକସେବା ଭବନର ୧୫ ବିଭାଗରୁ ୪୦ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ସହିତ ନଥି ଉପସ୍ଥାପନ ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସେମାନଙ୍କୁ ଏକ ପାଠ୍ୟ ପୁସ୍ତିକା ଖସଡ଼ା ପ୍ରଦାନ କରାଯିବା ମାଧ୍ୟମରେ ସମସ୍ତ ପ୍ରଶାସନିକ କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦନ କରି ଓଡ଼ିଶାବାସୀଙ୍କୁ ସମସ୍ତ ତଥ୍ୟ ଅବଗତ କରାଇବା ଦିଗରେ ବ୍ରତୀ ହେବାକୁ ପରାମର୍ଶ ଦିଆଯାଇଥିଲା।



ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ 'ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବ୍ୟବହାର' ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ।

### ସାଧାରଣ ଲୋକଙ୍କୁ ଓଡ଼ିଆ ଭାଷାରେ ବୁଝାଇବାକୁ ଗୁରୁତ୍ୱ

ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଅତିରିକ୍ତ ଶାସନ ସଚିବ ହିମାଂଶୁ ଭୂଷଣ ପଣ୍ଡା ଏବଂ ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶକ ଡ. ତମସା ରାଣୀ ଦାଶ ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷାର ମହତ୍ତ୍ୱ, ସରକାରୀ ସ୍ତରରେ ଏହାର ଉପଯୋଗିତା ଏବଂ ସାଧାରଣ ଲୋକଙ୍କ ନିମନ୍ତେ ଭାଷାର ବ୍ୟବହାର ଉପରେ ଉଲ୍ଲେଖ କରିଥିଲେ। ପ୍ରଶିକ୍ଷାର୍ଥୀ ଓ ପ୍ରଶିକ୍ଷକଙ୍କ ମଧ୍ୟରେ ଆଦାନ ପ୍ରଦାନ ଜରିଆରେ ଓଡ଼ିଆ ଭାଷା ମାଧ୍ୟମ ହେଉ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଡ. କୈଳାଶ ଚନ୍ଦ୍ର ଟିକାୟତରାୟ, ସୁରେନ୍ଦ୍ର କୁମାର ମିଶ୍ର, ଡ. ହରପ୍ରସାଦ ମିଶ୍ର, ଡ. ସିତାଂଶୁ କୁମାର ଦାସ ଓ ଡ. ବୈଷ୍ଣବ ଚରଣ ମହାନ୍ତି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ।

ସୋମବାର କାର୍ଯ୍ୟକ୍ରମରେ ମାନକ ଭାଷା, କଥିତ ଭାଷା, ଲିଖିତ ଭାଷା, ଶବ୍ଦ ଭଣ୍ଡାରର ବ୍ୟବହାରିକ ରୂପ ଉପରେ ଆଲୋଚନା ହୋଇଥିଲା। ସେହିପରି ୨୨ ତାରିଖରେ ଓଡ଼ିଆ ଭାଷାର ପ୍ରଶାସନିକ ପ୍ରୟୋଗ(ଶୈଳୀ ଓ କୌଶଳ), ସଂଖ୍ୟା ଓ ତାରିଖର ବ୍ୟବହାର ଶୈଳୀ, ସଂକ୍ଷେପାକ୍ଷର ପ୍ରୟୋଗ, ଓଡ଼ିଆ ଭାଷା ବ୍ୟବହାରର ସମ୍ଭାବନା, ୨୩ ତାରିଖରେ ପ୍ରଶାସନିକ ଶବ୍ଦ ଚୟନ ଓ ଶବ୍ଦ ଗଠନ, ବନାନ ଶୁଦ୍ଧତା ଓ ଆବଶ୍ୟକତା, ବାକ୍ୟଗଠନ ଓ ଚିହ୍ନ ପ୍ରୟୋଗ, ୨୪ ତାରିଖରେ ଟିପ୍ପଣୀ ଚିଠା ଓ ଆଦେଶନାମା ପ୍ରସ୍ତୁତି, କର୍ମଶାଳାଗୁଡ଼ିକରେ ଆହୂତ ଟିପ୍ପଣୀର ଅନୁବାଦ ଇତ୍ୟାଦି ସମ୍ପର୍କରେ ଆଲୋଚନା ହେବ। ଆସନ୍ତା ୨୫ ତାରିଖରେ ପରୀକ୍ଷା ସହିତ ସମାପନ ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ଦୀପାବଳିରୁ ଆନନ୍ଦ ବିହାର ସୁବିଧା ସ୍ପେଶାଲ ଟ୍ରେନ

ଭୁବନେଶ୍ୱର, ୨୧।୧୦(ବ୍ୟୁରେ)



ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତା ରବିବାର ଦୀପାବଳିଠାରୁ ଆରମ୍ଭ ହେବାକୁ ଯାଉଛି ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ ସୁବିଧା ସ୍ପେଶାଲ(୮୨୪୧୯-୮୨୪୨୦) ଏକ୍ସପ୍ରେସ। ପୂଜା ଋତୁ ଓ ନିଯୁକ୍ତି ପ୍ରକ୍ରିୟା ଚାଲୁଥିବାରୁ ଅନ୍ୟ ଟ୍ରେନଗୁଡ଼ିକରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଏହି ସ୍ପେଶାଲ ଟ୍ରେନ ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ। ଟ୍ରେନ୍‌ଟି ପ୍ରତି ରବିବାର ଭୁବନେଶ୍ୱରରୁ ରାତି ୧୧ଟା ୫୫ରେ ଛାଡି ଆନନ୍ଦ ବିହାରରେ ମଙ୍ଗଳବାର ସକାଳ ୭ଟାରେ ପହଞ୍ଚିବ। ସେହିଭଳି ଆନନ୍ଦ ବିହାରଠାରୁ ପ୍ରତି ମଙ୍ଗଳବାର ଅପରାହ୍ନ ୧୨ଟା ୫୫ରେ ଛାଡ଼ି ଭୁବନେଶ୍ୱରରେ ବୁଧବାର ଅପରାହ୍ନ ୫ଟା ୪୫ରେ ପହଞ୍ଚିବ। ଏହି ସ୍ପେଶାଲ ଟ୍ରେନ କଟକ, ଭଦ୍ରକ, ବାଲେଶ୍ୱର, ହିଜଲୀ, ବାଙ୍କୁରା, ଆଦ୍ରା, ଗୋମୋହ, କୋଦରମା, ଗୟା, ସାସାରାମ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ, ଆଲ୍ଲାହାବାଦ ଓ କାନପୁର ଷ୍ଟେଶନରେ ରହଣିର ବ୍ୟବସ୍ଥା କରାଯାଇଛି। ଏହି ଟ୍ରେନ ଯୋଗୁ ଦିଲ୍ଲୀ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶାର ଯାତ୍ରୀମାନେ ଉପକୃତ ହେବେ।

ସୂଚନାଯୋଗ୍ୟ, ପୂର୍ବତଟ ରେଳପଥର ବାଣିଜ୍ୟ ବିଭାଗ ପାସେଞ୍ଜର ପ୍ରୋଫାଇଲ ମ୍ୟାନେଜମେଣ୍ଟ ଦ୍ୱାରା ନିୟମିତ ଟ୍ରେନଗୁଡ଼ିକର ଭିଡ଼ ପରିଚାଳନା କରାଯାଉଛି। ଭିଡ଼କୁ ନଜରରେ ରଖି ଟ୍ରେନଗୁଡ଼ିକରେ ଅତିରିକ୍ତ ବଗି ସଂଯୋଗ କରିବା ସହ ସ୍ପେଶାଲ ଟ୍ରେନର ବ୍ୟବସ୍ଥା କରାଯାଉଛି। ଏହି ଟ୍ରେନର ଚଳାଚଳ ପୃଷ୍ଠପୋଷକତାକୁ ଦେଖି ଆଗକୁ ଆହୁରି ସ୍ପେଶାଲ ଟ୍ରେନ କରିବାକୁ ଯୋଜନା କରାଯାଉଛି।

# ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

### ବଦଳିଲା ପାଣିପାଗ
■୪୮ ଘଣ୍ଟାରେ ଲଘୁଚାପର ରୂପ ନେବ
■୨୭ ପର୍ଯ୍ୟନ୍ତ ବର୍ଷା
■ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ
■ସତର୍କ ରହିବାକୁ ଜିଲାପାଳଙ୍କୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ



ବଦଳିଲା ପାଣିପାଗ। ପୁଣି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର, ତାମିଲନାଡୁ ଉପକୂଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ଅକ୍ଟୋବର ୨୩ରୁ ରାଜ୍ୟରେ ମେଘୁଆ ପାଗ ସହ ବର୍ଷା ଆରମ୍ଭ ହେବ। ଆସନ୍ତା ୨୪ରେ ରାଜ୍ୟର ଅଧିକାଂଶ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବ ଏବଂ ୨୭ ତାରିଖ ପର୍ଯ୍ୟନ୍ତ ଲାଗିରହିବ। ତେବେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷା ହେବା ସହ ଦୀପାବଳି ଦିନ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି।

ମଙ୍ଗଳବାର ଦକ୍ଷିଣ ବଙ୍ଗୋପସାଗରରେ ତାମିଲନାଡୁ ସଂଲଗ୍ନ ଉପକୂଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ୨୩ରେ ଲଘୁଚାପରେ ପରିଣତ ହେବ। ପରବର୍ତ୍ତୀ ସମୟରେ ଏହା ଉତ୍ତର-ପୂର୍ବ ଦିଗରେ ଗତି କରି ଆସନ୍ତା ୨୪ରେ ଆନ୍ଧ୍ର ଉପକୂଳ ଛୁଇଁବାର ସମ୍ଭାବନା ରହିଛି। ଅନ୍ୟପଟେ କେନ୍ଦ୍ରୀୟ ଆରବ ସାଗରରେ ସୃଷ୍ଟ ଲଘୁଚାପ କ୍ରମଶଃ ପୂର୍ବ ଦିଗକୁ ଗତି କରି ଆସନ୍ତା ୨୪ରେ ମୁମ୍ବାଇ ନିକଟରେ ପହଞ୍ଚିବ। ସେହିଦିନ ସନ୍ଧ୍ୟାରେ ଉଭୟ ଲଘୁଚାପର ମିଶ୍ରଣ ହେବ। ଫଳରେ ପୂର୍ବ-ପଶ୍ଚିମ ଦିଗରେ ମହାରାଷ୍ଟ୍ରଠାରୁ ବାଂଲାଦେଶ ପର୍ଯ୍ୟନ୍ତ ଏକ ବିସ୍ତୀର୍ଣ୍ଣ ଲଘୁଚାପ ବଳୟ ସୃଷ୍ଟି ହେବ। ଯାହାର ପ୍ରଭାବରେ ଓଡ଼ିଶାକୁ ବଙ୍ଗୋପସାଗରୀୟ ପବନ ଦକ୍ଷିଣ ଦିଗରୁ ବହିବ ଓ ବର୍ଷା ହେବ। ଭୁବନେଶ୍ୱର ସମେତ ଉପକୂଳବର୍ତ୍ତୀ ଅଞ୍ଚଳରେ ଆସନ୍ତା ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଅନ୍ୟପଟେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଝଡ଼ତୋଫାନ ସହ ବଜ୍ରପାତ ମଧ୍ୟ ହେବାର ଆଶଙ୍କା ରହିଛି। ମଙ୍ଗଳବାର କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନବରଙ୍ଗପୁରରେ ବର୍ଷା ହୋଇପାରେ। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, ବଲାଙ୍ଗୀର, ନୂଆପଡ଼ା, ବରଗଡ଼, ମୟୂରଭଞ୍ଜ, କେନ୍ଦୁଝର ଆଦି ୧୧ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏ ସବୁ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି। ସେହିପରି ବୁଧବାର ଗଜପତି, ଗଞ୍ଜାମ, ରାୟଗଡ଼ା, ପୁରୀ, କନ୍ଧମାଳ, ନୟାଗଡ଼, ନୂଆପଡ଼ା, ବଲାଙ୍ଗୀର ଆଦି ୮ଜିଲାରେ ପ୍ରବଳ ବର୍ଷା ହେବ। ଏନେଇ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଗୁରୁବାର ଗଜପତି, ଗଞ୍ଜାମ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନବରଙ୍ଗପୁର, କଟକ ଆଦି ୧୨ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ଏ ସବୁ ଜିଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସେହିପରି ଶୁକ୍ରବାର କେନ୍ଦୁଝର, ମୟୂରଭଞ୍ଜ, କଟକ, ବାଲେଶ୍ୱର, ଢେଙ୍କାନାଳ, ଯାଜପୁର ଓ ନୟାଗଡ଼ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି। ଏସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସେପଟେ ଆସନ୍ତା ୨୩ ତାରିଖରେ ରାଜ୍ୟରେ ଲଘୁଚାପଜନିତ ବର୍ଷା ହେବାର ଆଶଙ୍କା ରହିଥିବାରୁ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ କୃଷି ନିର୍ଦ୍ଦେଶକ ଓ ସଚିବଙ୍କୁ ସୂଚିତ କରାଯିବା ସହ ଜିଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲାପାଳମାନଙ୍କୁ କୁହାଯାଇଛି।

### ବାର୍‌ହା ଶିକାର ପାଇଁ ବିଛାଯାଇଥିଲା
# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଷୀ ମୃତ

ନୟାଗଡ଼ ଅଫିସ,୨୧।୧୦

ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମବାର ନୟାଗଡ଼ ଜିଲାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ ବରକୋଳି ଗ୍ରାମର ଘନଶ୍ୟାମ ଖଟୁଆ (୪୫)। ପ୍ରକାଶ ଯେ, ଗତ କିଛିଦିନ ହେବ ଖଣ୍ଡପଡ଼ା ଅଞ୍ଚଳରେ ବାର୍‌ହା ଉପଦ୍ରବ ଲାଗିରହିଛି। ଧାନ ଓ ପନିପରିବା ଫସଲ ଖାଇବା ପାଇଁ ବାର୍‌ହା ପଲ ସନ୍ଧ୍ୟା ପରେ କ୍ଷେତକୁ ଆସୁଛନ୍ତି। ଏହାକୁ ସୁଯୋଗ ମନେକରି ଶିକାରୀମାନେ ସକ୍ରିୟ ହୋଇଉଠିଛନ୍ତି। ସେମାନେ ବିଦ୍ୟୁତ୍ ତାର ସାହାଯ୍ୟରେ ବାର୍‌ହା ଶିକାର କରୁଛନ୍ତି। ଘନଶ୍ୟାମ ସକାଳେ ଚାଷକାମ ପାଇଁ ବିଲକୁ ଯାଉଥିବା ବେଳେ ବାଟରେ ପଡୁଥିବା ଏକ ଜଙ୍ଗଲ ମଧ୍ୟରେ ବିଛାଯାଇଥିବା ବିଦ୍ୟୁତ ତା'ର ସଂସ୍ପର୍ଶରେ ଆସି ଟଳିପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଏହାଦେଖି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖଣ୍ଡପଡ଼ା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ସୂଚନା ମିଳିଛି।

ଅପରପକ୍ଷେ ନୟାଗଡ଼ ସହର ଉପକଣ୍ଠ ଘଡୁଆଳ ଗ୍ରାମକୁ ସୋମବାର ସକାଳେ ଏକ ଗୟଳ ପଶିଆସି ଆତଙ୍କ ସୃଷ୍ଟି କରିଥିଲା। ଭୟରେ ଗ୍ରାମବାସୀ ଏଣେତେଣେ ଦୌଡିଥିବା ବେଳେ ଗୟଳ ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ସମସ୍ତେ ସୁସ୍ଥ ଅଛନ୍ତି।

### ■ ସାତକୋଶିଆରେ ଏନ୍‌ଟିସିଏର ୩ ଜଣିଆ ଟିମ୍
# ୨୫ ହେକ୍ଟରରେ ସୁନ୍ଦରୀ ଏନ୍‌କ୍ଲୋଜର ଯୋଜନା

ବନ୍ତଲା, ୨୧।୧୦(ଡି.ଏନ.ଏ.)

ଶିଥିଳ ପଡ଼ିଥିବା ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ସ୍ଥିତି ସହ ଏନ୍‌କ୍ଲୋଜର ମଧ୍ୟରେ ବର୍ଷେ ହେଲା ବନ୍ଦୀ ଜୀବନ କାଟୁଥିବା ବାଘୁଣୀ ସୁନ୍ଦରୀର ଗତିବିଧି ଅନୁଧ୍ୟାନ ପାଇଁ ଜାତୀୟ ବ୍ୟାଘ୍ର ପ୍ରାଧୀକରଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)ର ଏକ ୩ ଜଣିଆ ଟିମ୍ ସାତକୋଶିଆ ଆସିଛନ୍ତି। ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ସେମାନେ ସାତକୋଶିଆରେ ରହିବା ସହ ବାଘୁଣୀ ସୁନ୍ଦରୀର ବ୍ୟାଘ୍ର ପ୍ରକୃତି ପରିବର୍ତ୍ତନ ହୋଇଛି କି ନାହିଁ ଓ ଏନ୍‌କ୍ଲୋଜର ପରିସୀମା ୨୫ ହେକ୍ଟର ବୃଦ୍ଧି ସମ୍ପର୍କିତ ଯୋଜନା ଉପରେ କାର୍ଯ୍ୟ କରିବେ। ଏଥିସହ ଅଭୟାରଣ୍ୟରେ ଥିବା ୭୨ ହେକ୍ଟର ଚାରଣ ଭୂମି ଓ ନୂତନ କୁମ୍ଭୀର ପ୍ରଜନନ କେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ସୋମବାର ସାତକୋଶିଆରେ ପହଞ୍ଚିଥିବା ଏହି ଟିମ୍‌ରେ ଅବସରପ୍ରାପ୍ତ କାହ୍ନା ଟାଇଗର ରିଜର୍ଭର କ୍ଷେତ୍ର ନିର୍ଦ୍ଦେଶକ ଡା. ଖଗେଶ୍ୱର ନାଏକ, ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଏନ୍‌ଟିସିଏ କମଡି ହେମନ୍ତ ଭାସ୍କର, ଡେପୁଟି ଡାଇରେକ୍ଟର ଏନ୍‌ଟିସିଏ ଭି. କେ. ଶର୍ମା ରହିଛନ୍ତି। ମଙ୍ଗଳବାର ଓ ବୁଧବାର ଏହି ପ୍ରତିନିଧିମାନେ ସାତକୋଶିଆ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ଥିବାବେଳେ ତାଙ୍କ ସହିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରଦୀପ ରାଜ କରାଟେ, ସାତକୋଶିଆ ଡିଏଫଓ ରାମସ୍ୱାମୀ ପି, ଅନୁଗୋଳ ଡିଏଫଓ ଭି. କାର୍ତ୍ତିକ, ମହାନଦୀ ଡିଏଫଓ ଅଂଶୁପ୍ରଜ୍ଞା ଦାସ,ଏସିଏଫ୍ ଶୁଭେନ୍ଦୁ ବେହେରା ପ୍ରମୁଖ ଉପସ୍ଥିତ ରହିବେ। ଏନ୍‌ଟିସିଏର ତିନି ଜଣିଆ ପ୍ରତିନିଧି ଦଳ ପ୍ରଥମେ ରାଇଗୁଡା ଯାଇ ସୁନ୍ଦରୀର ଚଳଣି, ପ୍ରକୃତି, ଖାଦ୍ୟ, ଗତିବିଧି ସହିତ ଏନ୍‌କ୍ଲୋଜରର ପରିସୀମା ୨୫ ହେକ୍ଟରକୁ ବୃଦ୍ଧି ନିମନ୍ତେ ଅଞ୍ଚଳ ବୁଲି ଦେଖିବେ। ପରେ ରାଇଗୁଡା ରେଞ୍ଜ, ପମ୍ପାସର ରେଞ୍ଜ, ପୁରୁଣାକୋଟର ବଡ଼ ଦୁମୁକ, ଚୁଆଁରୀ, କନ୍ଧ ଅଏଡା, କଦଳୀ ଖୋଲା ଓ ଜିଲିଣ୍ଡା ରେଞ୍ଜରେ ହୋଇଥିବା ମୋଟ୍ ୭୨ ହେକ୍ଟର ଚାରଣ ଭୂମି ପରିଦର୍ଶନ କରିବେ। ଏଥିସହ ଶମ୍ବର, ହରିଣ, ଗୟଳ ଆଦି ତୃଣଭୋଜି ପ୍ରାଣୀଙ୍କ ସଂଖ୍ୟା ବିଷୟରେ ତଥ୍ୟ ସଂଗ୍ରହ କରିବେ। ପରେ କୁମ୍ଭୀର ପ୍ରଜନନ ପାଇଁ ଟିକରପଡା ପୁରୁଣା ବଙ୍ଗଳା ପାହାଡ଼ ଉପରେ ନିର୍ମିତ ଏନ୍‌କ୍ଲୋଜର ମଧ୍ୟରେ ଦୁଇଟି ବଡ଼ ପୋଲ ଓ ଗାଡ଼ ଘରକୁ ଏନ୍‌ଟିସିଏ ଟିମ୍ ଦେଖିବେ। ଏହାପରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡକୁ ଏହି ଟିମ୍ ଯିବାର ଯୋଜନା ରହିଥିବା ସୂଚନା ମିଳିଛି। ଏ ବିଷୟରେ ସାତକୋଶିଆ ଡିଏଫ୍‌ଓ କୁହନ୍ତି, ଏନ୍‌ଟିସିଏ ପ୍ରତିନିଧି ଦଳଙ୍କ ୨ ଦିନିଆ କାର୍ଯ୍ୟକ୍ରମ ରହିଛି। ସେମାନେ ମଙ୍ଗଳବାର ସାତକୋଶିଆ ଯାଇ ୬ରୁ ୭ ଟି ଚାରଣ ଭୂମିର ତଦାରଖ କରିବେ।



ଟିକରପଡ଼ା ପାହାଡ଼ ଉପରେ ନୂତନ ଭାବେ ନିର୍ମାଣ ହେଉଥିବା ଘଡ଼ିଆଳ ପ୍ରଜନନ କେନ୍ଦ୍ର।

■୭୨ ହେକ୍ଟର ଚାରଣ ଭୂମି ପରିଦର୍ଶନ କରିବେ
■ନୂତନ କୁମ୍ଭୀର ପ୍ରଜନନ ଓ ସଂରକ୍ଷଣ ପୋଲ ଦେଖିବେ



ଗୋରୁଙ୍କୁ କାୟମନୋବାକ୍ୟରେ ଭକ୍ତିପୂର୍ବକ ଅର୍ଚ୍ଚନା କଲେ ସର୍ବ ଦେବଦେବୀ ଓ ତୀର୍ଥ ଆଦି ଅର୍ଚ୍ଚନା ଫଳ ଲାଭ ହୁଏ।
- ମହର୍ଷି ବଶିଷ୍ଠ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କେନ୍ଦ୍ରୀୟ ଟ୍ରେଡ ୟୁନିୟନଙ୍କ ମିଳିତ ମଞ୍ଚ ପକ୍ଷରୁ ଧାରଣା, ହୋଟେଲ ମେ ଫେୟାର ଲାଗୁନ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସ୍କୁଲ ଅଫ ପ୍ରୋଗ୍ରେସିଭ ଆର୍ଟ ଆଣ୍ଡ କ୍ରାଫ୍ଟସର ମିଳିତ ଆନୁକୂଲ୍ୟରେ ଚିତ୍ରଶିଳ୍ପୀ ଡ.ମୁରଲୀଧର ଟାଲିଙ୍କ ରାଜ୍ୟସ୍ତରୀୟ ଜନ୍ମ ଜୟନ୍ତୀ ସମାରୋହ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୩ଟା ୩୦।
- ଜାତୀୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା, ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ହାରମୋନି ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟ ଉପଲକ୍ଷେ ଏଓବିଓଏ ଏବଂ ବିଇଏଫଆଇ ପକ୍ଷରୁ ମିଳିତ ସମାବେଶ, ଫେଡେରାଲ ବ୍ୟାଙ୍କ ସମ୍ମୁଖ, ବଜ୍ରକବାଟି ରୋଡ, ପୂର୍ବାହ୍ନ ୧୧ଟା ୩୦।

**ବାଲିଅନ୍ତା**

- ଶ୍ରୀନିକୁଞ୍ଜବିହାରୀ ଦେବଙ୍କ ସ୍ଥାପନାର ଶତବାର୍ଷିକୀ ପାଳନ ଅବସରରେ ଭାଗବତ ଗୀତା ପାରାୟଣ ଓ ଯଜ୍ଞ, ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର, ସକାଳ ୮ଟା। ପ୍ରବଚନ, ରାତି ୭ଟା।
- ବାଲିଅନ୍ତା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯, ବେଣୁପୁର, ଆଚାର୍ଯ୍ୟ ହରିହର ବିଦ୍ୟାପୀଠ, ପୂର୍ବାହ୍ନ ୧୦ଟା ୩୦।

**ପୁରୀ**

- ୧୭ତମ ଲୋକ କଳା ଓ ୧୦ତମ କୃଷି ମେଳାର ଉଦ୍‌ଘାଟନୀ ଉତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ଶରଧାବାଲି, ସନ୍ଧ୍ୟା ୬ଟା।

**ସାକ୍ଷୀଗୋପାଳ**

- ଅଁଳାନବମୀ ସମ୍ବନ୍ଧୀୟ ବୈଠକ, ସାକ୍ଷୀଗୋପାଳ ପାନ୍ଥଶାଳା, ଅପରାହ୍ନ ୪ଟା।

### ନନ୍ଦନକାନନ

## ମାର୍ମୋସେଟ ମୃତ, ଜଳହସ୍ତୀ ଶାବକ ଜନ୍ମ

**ବାରଙ୍ଗ,୨୧।୧୦(ଡି.ଏନ.ଏ.):** ନନ୍ଦନକାନନରେ ସୋମବାର ମାର୍ମୋସେଟର ମୃତ୍ୟୁ ଘଟିଛି। ଏହି ଖବର କର୍ତ୍ତୃପକ୍ଷଙ୍କୁ ମର୍ମାହତ କରିଥିବାବେଳେ ଅନ୍ୟପଟେ ଏକ ଜଳହସ୍ତୀ ଶାବକ ଜନ୍ମ ହେବାରୁ ଖୁସି ଖେଳିଯାଇଛି। ମାର୍ମୋସେଟ ହେଉଛି ଛୋଟ ମାଙ୍କଡ଼। ରବିବାର ସେ ଝାଡ଼ା ହୋଇ ଅସୁସ୍ଥ ହୋଇପଡ଼ିବାରୁ କର୍ମଚାରୀମାନେ ତାକୁ ଡାକ୍ତରଖାନାର ଆଇସିୟୁରେ ଭର୍ତ୍ତି କରିଥିଲେ। ଚିକିତ୍ସା ଚାଲିଥିବାବେଳେ ସୋମବାର ସକାଳେ ଏହାର ମୃତ୍ୟୁ ହୋଇଛି। ଏହି ମାର୍ମୋସେଟିର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି। ସେହିଭଳି ୬୨ ନମ୍ବର ଖୁଆଡରେ ଥିବା ଜଳହସ୍ତୀଟି ପୂର୍ବାହ୍ନରେ ଏକ ଶାବକ ଜନ୍ମ ଦେଇଥିବା ସେଠାକାର କର୍ମଚାରୀମାନେ ଦେଖିଥିଲେ। କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଶାବକଟିକୁ ନଜରରେ ରଖାଯାଇଛି। ତେବେ ଶାବକଟିର ଲିଙ୍ଗ ଚିହ୍ନଟ ହୋଇ ପାରିନାହିଁ। ଏହାର ଜନ୍ମ ପରେ ନନ୍ଦନକାନନର ମୋଟ ଜଳହସ୍ତୀ ସଂଖ୍ୟା ୧୪ରେ ପହଞ୍ଚିଛି। ଏଥିରେ ୩ଟି ଅଣ୍ଡିରା, ୮ଟି ମାଈ ଓ ଲିଙ୍ଗ ଚିହ୍ନଟ ହୋଇ ନ ଥିବା ୩ଟି ଶାବକ ଅଛନ୍ତି।

### ଆରମ୍ଭ ହେବ ଏମ୍‌ଆର୍‌ଏଫ୍ ସେଣ୍ଟର

# ସିମେଣ୍ଟ ଫ୍ୟାକ୍ଟ୍ରିକୁ ଶୁଖିଲା ପ୍ଲାଷ୍ଟିକ୍ ବର୍ଜ୍ୟ ବିକିବ ବିଏମ୍‌ସି

**ସ୍ମିତପ୍ରଜ୍ଞ ମିଶ୍ର**
**ଭୁବନେଶ୍ୱର, ୨୧।୧୦**

- ୧୦ ସ୍ଥାନ ଚିହ୍ନଟ, ଡିସେମ୍ବର ଶେଷ ସୁଦ୍ଧା ଆରମ୍ଭ ହେବ
- ଜରିଗୋଟାଳିଙ୍କ ମାଧ୍ୟମରେ ସଂଗ୍ରହ ହେବ ପ୍ଲାଷ୍ଟିକ ବର୍ଜ୍ୟ
- ୧ କେଜି ଶୁଖିଲା ପ୍ଲାଷ୍ଟିକ ବର୍ଜ୍ୟ ପାଇଁ ଦିଆଯିବ ୧୮ ଟଙ୍କା

ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ଅଣ୍ଟା ଭିଡ଼ିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ପରେ ସବୁ ଠିକା ସଂସ୍ଥାକୁ ସଫେଇ କରିବା ନେଇ ତାଗିଦ୍, ଆଉ ଏବେ ଆରମ୍ଭ ହେବାକୁ ଯାଉଛି ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି (ଏମ୍‌ଆର୍‌ଏଫ୍) ସେଣ୍ଟର। ଏଥିରେ ଶୁଖିଲା ବର୍ଜ୍ୟକୁ କମ୍ପୋଷ୍ଟ କରାଯିବ ଓ ଶୁଖିଲା ପ୍ଲାଷ୍ଟିକ୍ ବର୍ଜ୍ୟକୁ ଅଲଗା କରାଯିବ। ପରେ ଏହି ଶୁଖିଲା ପ୍ଲାଷ୍ଟିକ ବର୍ଜ୍ୟକୁ ରାଜ୍ୟରେ ଥିବା ସିମେଣ୍ଟ ଫ୍ୟାକ୍ଟ୍ରିଗୁଡ଼ିକୁ ବିକ୍ରି କରାଯିବ ବୋଲି ସିଟି ଇଞ୍ଜିନିୟର ଦେବ ସୁନ୍ଦର ମହାପାତ୍ର କହିଛନ୍ତି।

ତାଙ୍କ ସୂଚନାନୁସାରେ, ଏମ୍‌ଆର୍‌ଏଫ୍ ସେଣ୍ଟର ପାଇଁ ସହରରେ ୧୦ ସ୍ଥାନ ଚିହ୍ନଟ କରାଯାଇଛି। ଇତିମଧ୍ୟରେ ଗୋଟିଏ ସେଣ୍ଟର କାମ ଟିଟିଏସ୍ ପଦ୍ଧତିରେ ଆରମ୍ଭ ହୋଇସାରିଥିବାବେଳେ ଅନ୍ୟ ୯ଟି ପାଇଁ ସପ୍ତାହ ମଧ୍ୟରେ ଟେଣ୍ଡର କରାଯିବ। ପ୍ରତି ସ୍ଥାନରେ ୫ ଟନ୍‌ର ମେଶିନ ୟୁଏନ୍‌ଡିପି ଦ୍ୱାରା ବସାଯିବ ଓ କୋର ଗ୍ରୁପ୍ ଏନ୍‌ଜିଓ ଦ୍ୱାରା ଏହା ପରିଚାଳିତ ହେବ। ଏହା କାର୍ଯ୍ୟକ୍ଷମ ହେବାପରେ ବାହାରୁଥିବା ପ୍ଲାଷ୍ଟିକକୁ ଭୁବନେଶ୍ୱର ନିକଟରେ ଥିବା ସିମେଣ୍ଟ ଫ୍ୟାକ୍ଟ୍ରିକୁ ବିକ୍ରି କରାଯିବ। ଏଥିପାଇଁ ୱାର୍ଡ ନଂ. ୩୬, ୪୪, ୫୬, ୬୭, ୬୨, ୫୦, ୬୫, ୧୬ରେ ଗୋଟିଏ ଲେଖାଏ ସ୍ଥାନ ଚିହ୍ନଟ କରାଯାଇଥିବାବେଳେ ୱାର୍ଡ ନଂ.୧୧ ଅସ୍ଥାୟୀ ଟ୍ରାଞ୍ଜିଟ୍ ଷ୍ଟେଶନ୍ ନିକଟରେ ଦୁଇଟି ସେଣ୍ଟରର ନିର୍ମାଣ ହେବ। ଘରୁ ସଂଗୃହୀତ କେବଳ ଶୁଖିଲା ପ୍ଲାଷ୍ଟିକ୍ ବର୍ଜ୍ୟକୁ ଏମ୍‌ଆର୍‌ଏଫ୍ ସେଣ୍ଟରକୁ ଅଣାଯିବ। ପ୍ଲାଷ୍ଟିକ୍ ବ୍ୟତୀତ ଅନ୍ୟ ଶୁଖିଲା ବର୍ଜ୍ୟକୁ ସଂଗ୍ରହକାରୀମାନେ ବାହାରେ ବିକ୍ରି କରି ପଇସା ପାଇପାରିବେ ବୋଲି ଇଞ୍ଜିନିୟର ମହାପାତ୍ର କହିଛନ୍ତି। ପରିମଳ ଅଧିକାରୀ ତଥା ଡେପୁଟି କମିଶନର ଶୁଭେନ୍ଦୁ ସାହୁ କହିଛନ୍ତି, ଏମ୍‌ଆର୍‌ଏଫ୍‌କୁ ଏମ୍‌ସିସି ସହ ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ବିଏମ୍‌ସି ଚେଷ୍ଟା କରୁଛି। ବର୍ଜ୍ୟ ସଂଗ୍ରହ ପାଇଁ ଜରିଗୋଟାଳିଙ୍କ ସହ ଆଲୋଚନା ହୋଇଛି। ପ୍ଲାଷ୍ଟିକ ବର୍ଜ୍ୟକୁ ଅଲଗା କରି ବିଏମ୍‌ସିକୁ କିଲୋ ପିଛା ୧୮ ଟଙ୍କାରେ ବିକ୍ରି କରିବେ। ଏମ୍‌ଆର୍‌ଏଫ୍‌ରେ କାର୍ଯ୍ୟ କରିବା ପାଇଁ ଜରିଗୋଟାଳିଙ୍କୁ ବଛାଯାଇ ବିଭିନ୍ନ ଗ୍ରୁପ୍ କରାଯାଇଛି ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସ୍ୱଚ୍ଛ ସର୍ବେକ୍ଷଣରେ ବିଏମ୍‌ସି ଗତ ୩ବର୍ଷ ହେବ ବହୁ ପଛରେ ରହୁଛି। ସହରକୁ ସ୍ୱଚ୍ଛତାରେ ଆଗକୁ ରଖିବା ଉଦ୍ଦେଶ୍ୟରେ ଏହି ପରିମଳଭିତ୍ତିକ ଯୋଜନା କାର୍ଯ୍ୟକାରୀ କରିବାକୁ ବିଏମ୍‌ସି ଚିନ୍ତା କରିଛି। ଏଥିପାଇଁ ସହରବାସୀଙ୍କ ସହଯୋଗ ଲୋଡ଼ିଛି ବିଏମ୍‌ସି।




ସୂଚନା ଭବନରେ ସୋମବାର ଅନୁଷ୍ଠିତ 'ଅକ୍ଷୟ ମହାନ୍ତି: ଅପାସୋରା ଗୀତି'ରେ ଦୁଇଜଣ କଣ୍ଠଶିଳ୍ପୀ ସଙ୍ଗୀତ ଗାନ କରୁଛନ୍ତି।

## ସଙ୍ଗୀତର ମହାନାୟକଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

'କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ', 'ମୁଁ ଯେ ଅମୃତ ସାଗର ବିନ୍ଦୁ', 'ଭସା ମେଘ ମୁଁ ଯେ ଭାସି ଯାଏ ଦୂରେ', 'ସ୍ମୃତି ତୁମେ ପାଉଁଶ ତଳର ନିଆଁ', 'ବାଟୋଇ ଭାଇ ଯାଉଛ କାହିଁ', 'ଆଜି ମତେ ମିଳିଗଲା ମୋ ମନ ମୟୂରୀ', 'ଏଇ ଭରା ଜହ୍ନ ରାତି', 'ଲାଲ୍ ଟୁକ୍ ଟୁକ୍ ଓଠେ', 'ହେ ଫଗୁଣ ତୁମେ ଗଲା ପରେ ପରେ... ପରି ଅପାଶୋରା ସଙ୍ଗୀତର ସ୍ୱର ସ୍ପନ୍ଦିତ କରୁଥିଲା ପ୍ରତିଟି ସଙ୍ଗୀତପ୍ରେମୀଙ୍କୁ। ଅବସର ଥିଲା ସମ୍ଭାବନାର ଶ୍ରଦ୍ଧାଞ୍ଜଳି ସନ୍ଧ୍ୟା 'ଆପୋସରା ଗୀତି'। ସଙ୍ଗୀତର ମହାନାୟକ ଅକ୍ଷୟ ମହାନ୍ତିଙ୍କ ଜୟନ୍ତୀ ଅବସରରେ ସୂଚନା ଭବନରେ ଆୟୋଜିତ ଏହି ସମାରୋହରେ ଓଡ଼ିଶା ଗୃହ ନିର୍ମାଣ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ, ପ୍ରଖ୍ୟାତ ସଙ୍ଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅକ୍ଷୟ ମହାନ୍ତିଙ୍କ ଦ୍ୱାରା ପରିବେଷିତ, ଲିଖିତ ଓ ନିର୍ଦ୍ଦେଶିତ ଗୀତଗୁଡ଼ିକୁ ସଙ୍ଗୀତ ଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ଗୌତମ ଗିରି, ଛନ୍ଦା ମିଶ୍ର, ଲିପ୍‌ସା ମିଶ୍ର, ଆଶିଷ ଦତ୍ତ, ଅର୍ଣ୍ଣବ ପଣ୍ଡା, ଇପ୍‌ସିତା ମହାନ୍ତି, ଋତିକା ରିମ୍‌ଝିମ୍, ବିପୁଲ, ପୂର୍ଣ୍ଣତା ଦାଶ ଗାଇଥିଲେ। ସମ୍ଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିବାବେଳେ ସଂଯୋଜନା କରିଥିଲେ ସମ୍ଭାବନାର ଦ୍ରଷ୍ଟି ସ୍ମୃତି ମହାନ୍ତି। କାର୍ଯ୍ୟକ୍ରମରେ ପରିବେଷିତ ସଂଗୀତଗୁଡିକ ସଙ୍ଗୀତ ପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ଆପାର୍ଟମେଣ୍ଟରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଚୂନକୋଳି ବସ୍ତି ନିକଟ ରଶ୍ମି ଆନେକ୍ସା ଆପାର୍ଟମେଣ୍ଟରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ସୋମବାର ସକାଳେ ଜବତ କରିଛି। ସେ ହେଲେ କଲିକତାର ମୌସୁମୀ କୁମାର(୩୬)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭୩/୧୯) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ମଙ୍ଗଳବାର ପରିବାର ଲୋକେ ଆସିଲେ ଶବ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ସୂଚନାନୁଯାୟୀ, ମୌସୁମୀ ୧୨ବର୍ଷ ତଳେ ବିବାହ କରିଥିଲେ। ସ୍ୱାମୀ ଭିମନ କୁମାରଙ୍କ ସହ ଉକ୍ତ ଆପାର୍ଟମେଣ୍ଟରେ ରହୁଥିଲେ। ବିମନ ଏକ ସଫ୍ଟୱେର କମ୍ପାନୀରେ ଚାକିରି କରୁଥିବାବେଳେ ମୌସୁମୀ ଗୃହିଣୀ ଥିଲେ। ସେମାନଙ୍କର କୌଣସି ସନ୍ତାନ ହେଉ ନ ଥିଲା, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ଲାଗୁଥିଲା। ରବିବାର ରାତିରେ ମୌସୁମୀ ଶୋଇଥିବା ରୁମ୍‌ର ଭିତର ପଟୁ ଲକ୍ କରି ବେକରେ ଓଢଣି ଲଗାଇ ଫ୍ୟାନ୍‌ରେ ଝୁଲି ପଡିଥିଲେ। ସକାଳୁ ଭିମନ କବାଟ ବାଡେଇଥିଲେ ମଧ୍ୟ ସେ ନ ଖୋଲିବାରୁ ପୋଲିସକୁ ଖବର ଦେଇଥିଲେ।

### ଜୀବନ ଯୁଦ୍ଧରେ ଚିତ୍ର ପ୍ରତିଭା

# ହସ୍ପିଟାଲ ବେଡ୍‌ରେ ଲୁହ ଗଡ଼ାଉଛନ୍ତି ନାରୁ ମହାରଣା

**ପୁରୀ ଅଫିସ,୨୧।୧୦**

ଓଡ଼ିଶାର ଜଣେ ଆଗଧାଡ଼ିର ଚିତ୍ରଶିଳ୍ପୀ ହେଉଛନ୍ତି ପୁରୀର ନାରାୟଣ (ନାରୁ) ମହାରଣା। ତାଙ୍କ ପ୍ରତିଭା କେବଳ ଓଡ଼ିଶା ଭିତରେ ସୀମିତ ନାହିଁ, ରାଜ୍ୟ ବାହାରେ ବି ସେ ସାଉଣ୍ଟିଛନ୍ତି ଅନେକ ସୁନାମ। ଏଥିପାଇଁ ମର୍ଯ୍ୟାଦାଜନକ ପଦ୍ମଶ୍ରୀ ପୁରସ୍କାର ଲାଗି ୨୦୧୭ରେ ପୁରୀ ଜିଲା ପ୍ରଶାସନ ତାଙ୍କ ନାମ ସୁପାରିସ କରିଥିଲା। ପଦ୍ମଶ୍ରୀ ମିଳିନାହିଁ ସତ, ହେଲେ ତାଙ୍କ ଚିତ୍ର ପ୍ରତିଭା ପଦ୍ମ ପରି ସବୁଆଡେ ମହକି ଯାଇଛି। ୬୯ ବର୍ଷ ବୟସରେ ବି ଥକି ପଡ଼ି ନ ଥିବା ଏହି ବରିଷ୍ଠ ଚିତ୍ରଶିଳ୍ପୀ ଆଜି କିନ୍ତୁ ଜୀବନ ଯୁଦ୍ଧରେ ସଂଗ୍ରାମ କରୁଛନ୍ତି। ଆର୍ଥିକ ଅନଟନ ମଧ୍ୟରେ ପେଷି ହେଉଥିବା ଏହି ଶିଳ୍ପୀ ହସ୍ପିଟାଲ ବେଡ୍‌ରେ ପଡ଼ି ଲୁହ ଗଡ଼ାଉଛନ୍ତି। ଚିକିତ୍ସା ପାଇଁ ପାଖରେ ସମ୍ବଳ ନାହିଁ। ଏହି ଦୁର୍ଦ୍ଦିନ ସମୟରେ ମଧ୍ୟ ତାଙ୍କୁ ଆହା ପଦେ କହିବାକୁ କେହି ନାହାନ୍ତି। ସଂସ୍କୃତି ବିଭାଗ କଥା ଦୂରେ ଥାଉ, ପହଞ୍ଚିନି ଜିଲା ପ୍ରଶାସନ କିମ୍ବା ଖବର ରଖିନି ଶ୍ରୀମନ୍ଦିର ପ୍ରଶାସନ। ଏବେ ଅନିଶ୍ଚିତ ଭବିଷ୍ୟତକୁ ନେଇ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ରୋଗ ଗବେଷଣା କେନ୍ଦ୍ରରେ ଜୀବନ ସହ ଯୁଝୁଛନ୍ତି ଏହି ବରିଷ୍ଠ ଶିଳ୍ପୀ।

ନାରୁ ଏମିତି ଜଣେ ପ୍ରତିଭା କେବଳ କାଠ କିମ୍ବା ମାଟିରେ ନୁହେଁ, କନା କାଗଜରେ ମଧ୍ୟ ପ୍ରସ୍ତୁତ ତାଙ୍କ କଳା ରାଜ୍ୟ ବାହାରେ ବେଶ୍ ଆଦୃତି ଲାଭ କରିଛି।



ଚିତ୍ରଶିଳ୍ପୀ ନାରାୟଣ (ନାରୁ) ମହାରଣା

ପୁରୀର ପ୍ରାଚୀନ ଯାତ୍ରୀପଟି (କନାରେ ତିଆରି ହୁଏ) ତିଆରି କରିବାରେ ବର୍ତ୍ତମାନ ସେ ଅଦ୍ୱିତୀୟ ଶିଳ୍ପୀ। ୫୦୦ ବର୍ଷର ଏହି ପୁରାତନ ପରମ୍ପରାକୁ ସେ ଆଜି ବି ବଞ୍ଚାଇ ରଖିଛନ୍ତି। ଏତଦ୍‌ବ୍ୟତୀତ ମୃଣ୍ମୟୀ ମୂର୍ତ୍ତି (ଗୋସାଣୀ, ନାଗା, ଦୁର୍ଗା, ଗଣେଶ ଆଦି ବିଭିନ୍ନ ଦେବ ଦେବୀ) ପାରମ୍ପରିକ ଶୈଳୀରେ ନିର୍ମାଣ କରିବାରେ ସେ ସମଗ୍ର ଓଡ଼ିଶାରେ ପ୍ରସିଦ୍ଧ। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ମହାପ୍ରଭୁଙ୍କ ତିନିରଥକୁ ଚିତ୍ରରେ ସଜାଇ ଆସୁଛନ୍ତି ନାରୁ। ତାଙ୍କ ତତ୍ତ୍ୱାବଧାନରେ ରଥର ପାର୍ଶ୍ୱ ଦେବଦେବୀ ନିର୍ମାଣ ସାଙ୍ଗକୁ ଚିତ୍ରିତ ହୋଇଥାଏ। ସେହିପରି ପଟ୍ଟଚିତ୍ର ଶିଳ୍ପୀ ଭାବେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶାର ଅନାଲୋଚିତ ବହୁ ବିଶିଷ୍ଟ ବ୍ୟକ୍ତି, କଳାକୃତି ଏବଂ ଐତିହ୍ୟ କୀର୍ତ୍ତିରାଜିକୁ ବର୍ଣ୍ଣନା ଅନୁସାରେ ରୂପ ଦେବାରେ ତାଙ୍କର ବିକଳ୍ପ ନାହିଁ, ଯେଉଁଥିପାଇଁ ସାମ୍ପ୍ରତିକ ଚିତ୍ରଶିଳ୍ପୀଙ୍କ ମଧ୍ୟରେ ପ୍ରଥମେ ନାରୁ ଭାଇଙ୍କ ନାମ ନିଆଯାଏ।

### ୨୦୧୭ରେ ପଦ୍ମଶ୍ରୀ ପାଇଁ ନାମ ସୁପାରିସ ହୋଇଥିଲା

ତାଙ୍କର କଳାକୃତି ପାଇଁ ସେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି। ୨୦୦୩ରେ କେନ୍ଦ୍ର ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ପଟ୍ଟଚିତ୍ର ପାଇଁ ଜାତୀୟ ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ସେହିପରି କଳାମଣି ସମ୍ମାନ, ଷ୍ଟେଟ୍ ଡିଜାଇନ ଆୱାର୍ଡ, ଲଳିତ କଳା ଏକାଡେମୀ ସମ୍ମାନ, ଜଗନ୍ନାଥ ମହାପାତ୍ର ଶିଳ୍ପୀ ସମ୍ମାନ, ପ୍ରଜାତନ୍ତ୍ର ରଜତ ଜୟନ୍ତୀ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏକାଧିକ ଥର ସମ୍ବର୍ଦ୍ଧିତ ହୋଇଛନ୍ତି।

ଓଡ଼ିଶାର ଏହି ବରିଷ୍ଠ ପ୍ରତିଭା ପ୍ରାୟ ୩ ମାସ ହେବ ରୋଗରେ ପଡ଼ିଛନ୍ତି। ପାଖରେ ଯାହା କିଛି ଅର୍ଥ ଥିଲା ତାହା ସରିଗଲାଣି। ଚିକିତ୍ସା ପାଇଁ ଏବେ ଅଧିକ ଟଙ୍କା ଦରକାର। ହେଲେ ଟଙ୍କା କେଉଁଠୁ ଯୋଗାଡ କରିବେ ସେ ନେଇ ଚିନ୍ତାରେ ପଡିଛନ୍ତି ପରିବାର। ସେପଟେ ମହାପ୍ରଭୁଙ୍କ ଉପରେ ଭରସା ରଖି ରୋଗ ଶଯ୍ୟାରେ ଠାକୁରଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି ସମର୍ପିତ ହେଉଛନ୍ତି ନାରୁ। ଏଭଳି ସମୟରେ ତାଙ୍କୁ ସାହାଯ୍ୟ ଓ ସହଯୋଗ ଦରକାର ବୋଲି ଚିକିତ୍ସାଳୟରେ ତାଙ୍କୁ ଭେଟିବା ପରେ କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଏବଂ ଓଡ଼ିଶା ଐତିହ୍ୟ ପରିଷଦର ସମ୍ପାଦକ ଦେବୀପ୍ରସନ୍ନ ନନ୍ଦ। ନାରୁଙ୍କ ପୁଅ ଚିତ୍ତରଞ୍ଜନ ମଧ୍ୟ ବାପାଙ୍କ ଚିକିତ୍ସା ଲାଗି ସହଯୋଗ ଲୋଡ଼ିଛନ୍ତି। ଜିଲା ସଂସ୍କୃତି ବିଭାଗ ଓ ଶ୍ରୀମନ୍ଦିର ପ୍ରଶାସନ ତାଙ୍କୁ ଆର୍ଥିକ ସହାୟତା ଦେବା ଦରକାର ବୋଲି ଡ. ମିଶ୍ର କହିଛନ୍ତି। ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ କହିଛନ୍ତି, ତାଙ୍କ ପରିବାର ପକ୍ଷରୁ ସେ ଚିକିତ୍ସିତ ହେଉଥିବାର କାଗଜପତ୍ର ଦାଖଲ କରାଗଲେ ଯଥାଶୀଘ୍ର ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଅନ୍ୟପକ୍ଷରେ କେହି ବଦାନ୍ୟ ବ୍ୟକ୍ତି ଚାହିଁଲେ ନାରାୟଣଙ୍କ ବ୍ୟାଙ୍କ ଆକାଉଣ୍ଟ (Narayan Maharana, A/c- 20195282083, IFSC Code- SBIN0005763, State Bank Of India, Singhdwar Branch, Grand Road, Puri)କୁ ଆର୍ଥିକ ସହାୟତା ଦେଇପାରିବେ। କୌଣସି ସୂଚନା ପାଇଁ ତାଙ୍କ ପୁଅ ଚିତ୍ତରଞ୍ଜନଙ୍କୁ ଯୋଗାଯୋଗ (9658158311) କରାଯାଇପାରିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ରାଜୁ



ରାଜେଶ



ଲକ୍ଷ୍ମୀଧର



ଅଂଶୁମାନ



ଅଶୋକ



ଆଦିତ୍ୟ



ଚିନୁ



ମଧୁସ୍ମିତା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ ।
- ମହର୍ଷି ପରାଶର



## ସଂକ୍ଷେପରେ

### ଗାଁରେ ମାଙ୍କଡ଼ ଆତଙ୍କ

**ବାରଙ୍ଗ,୨୧।୧୦(ଡି.ଏନ.ଏ.):** ରାଜଧାନୀ ଉପକଣ୍ଠ ମରିଚିଆ ଗ୍ରାମରେ ସୋମବାର ସକାଳେ ଏକ ମାଙ୍କଡ଼ କାମୁଡ଼ାରେ ଜଣେ ୭ବର୍ଷର ଝିଅ ଆହତ ହୋଇଛି। ଆହତ ଜଣକ ହେଲେ ଲଭ୍‌ଲି ରାଉତ(୭)। ସେ ଗାଁଦାଣ୍ଡରେ ଖେଳୁଥିବାବେଳେ ଗଛ ଉପରେ ବସିଥିବା ହନୁମାଙ୍କଡଟି ହଠାତ ଆସି ତାଙ୍କୁ ଆକ୍ରମଣ କରିବା ସହ ଜଂଘକୁ କ୍ଷତାକ୍ତ କରିଥିଲା। ପାଖରେ ଥିବା କେତେକ ଯୁବକ ପାଟି କରିବାରୁ ମାଙ୍କଡଟି ପୁଣି ଗଛକୁ ଚଢ଼ିଯାଇଥିଲା। ଆହତ ଝିଅକୁ ପରିବାରଲୋକ ଚିକିତ୍ସା ପାଇଁ ସ୍ଥାନୀୟ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେହିଭଳି ରବିବାର ଅପରାହ୍ନରେ ଏହି ହନୁ ମାଙ୍କଡଟି ସେହି ଗ୍ରାମର ବିଭୂତି ରାଉତଙ୍କ ସ୍ତ୍ରୀଙ୍କୁ ମଧ ଆକ୍ରମଣ କରିଥିଲା। ଗତ କିଛିଦିନ ହେବ ଏହି ମାଙ୍କଡଟି ବିଭିନ୍ନ ଘରେ ପଶି ଖାଦ୍ୟପଦାର୍ଥ ମଧ ଖାଇଯାଉଛି। ମାଙ୍କଡର ଏଭଳି ଉତ୍ପାତ ଯୋଗୁ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଯାଇଛି।

### ହଜିଲା ଲାପଟପ୍, ମୋବାଇଲ ଫେରାଇଲା ଆର୍‌ପିଏଫ୍



**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ):** ଟ୍ରେନ୍‌ରୁ ଲାପ୍‌ଟପ୍, ମୋବାଇଲ ଫୋନ୍ ପାଇ ଫେରାଇଛି ଆର୍‌ପିଏଫ୍। ଶନିବାର ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସରେ ଆର୍‌ପିଏଫ୍ ଏସ୍କର୍ଟିଂ ପାର୍ଟି ବି-୧ ବଗିରୁ ଏକ ଲାପଟପ୍ ବ୍ୟାଗ୍ ପାଇଥିଲା। ବ୍ୟାଗ୍ ଭିତରୁ ମିଳିଥିବା ମୋବାଇଲ୍ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲା। ଭଦ୍ରକର ଜ୍ୟୋତିରଞ୍ଜନ ପାଣିଗ୍ରାହୀ ଆର୍‌ପିଏଫ ଥାନାରେ ପହଞ୍ଚି ପିଏନ୍‌ଆର ନମ୍ବର ଓ ପରିଚୟ ପ୍ରମାଣପତ୍ର ଦେଖାଇ ହଜିଯାଇଥିବା ସେସବୁ ଜିନିଷପତ୍ର ଫେରି ପାଇଛନ୍ତି। ଏଥିପାଇଁ ସେ ଆର୍‌ପିଏଫକୁ ଧନ୍ୟବାଦ ଜଣାଇଛନ୍ତି। ଶନିବାର ଜ୍ୟୋତିରଞ୍ଜନ ଭୁବନେଶ୍ୱରରେ ଟ୍ରେନରୁ ଓହ୍ଲାଇ ଅନ୍ୟମନସ୍କ ଭାବେ ବ୍ୟାଗ ଛାଡ଼ି ପଳାଇଥିଲେ। ବ୍ୟାଗ ଫେରି ପାଇବା ଆଶା ତାଙ୍କର ନ ଥିଲା ବୋଲି ଜ୍ୟୋତି କହିଛନ୍ତି।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ନିମାପଡ଼ା,୨୧।୧୦(ଡି.ଏନ୍.ଏ.):** ଚାରିଛକ-ଗୋପ ରାସ୍ତାର ତମ୍ପାଲୋ ମହାବୀର ଛକ ନିକଟରେ ସୋମବାର ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋପ ଥାନା ଅନ୍ତର୍ଗତ ଜମରା ଗ୍ରାମର ରବୀନ୍ଦ୍ର ଭୋଇ(୪୨)। ଗୁରୁତର ସଞ୍ଜୟ ବେହେରାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଚାରିଛକ ଫାଣ୍ଡି ଅନ୍ତର୍ଗତ ଚଢେଇ ଗାଁ ସାମିଲ ନୁଆଗାଁର ସଞ୍ଜୟ ବାଇକ୍‌ରେ ଗ୍ରାମରୁ ଚାରିଛକ ଅଭିମୁଖେ ମୁଖ୍ୟ ରାସ୍ତାକୁ ଆସୁଥିବା ବେଳେ ଚାରିଛକରୁ ଗୋପ ଅଭିମୁଖେ ଯାଉଥିବା ରବୀନ୍ଦ୍ରଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଗୁରୁତର ଦୁଇ ବାଇକ୍ ଆରୋହୀଙ୍କୁ ସ୍ଥାନୀୟଲୋକେ ଚିକିତ୍ସା ପାଇଁ ଚାରିଛକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରବୀନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ସଞ୍ଜୟଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ଦୁଇ ବାଇକକୁ ଜବତ କରିଛି। ଏ ସମ୍ପର୍କରେ ମୃତ ରବୀନ୍ଦ୍ରଙ୍କ ଦାଦା ବାବୁ ଭୋଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୬୬/୧୯)ରୁଜୁ କରି ତଦନ୍ତ ଚଳାଇଛି।

# କଟକରେ ବ୍ୟାପିଲା ଡେଙ୍ଗୁ

■ ୩ ଦିନରେ ୯ ରୋଗୀ ଚିହ୍ନଟ ■ କାଠଗଡ଼ା ସାହି, ଜଗତ୍‌ପୁରରେ ଅବସ୍ଥା ସଙ୍ଗିନ

**କଟକ ଅଫିସ,୨୧।୧୦**

### ସତର୍କ ରହିବା ପାଇଁ ପରାମର୍ଶ

- ଘର ନିକଟରେ ପାଣି ଜମି ରହିବାକୁ ଦିଅନ୍ତୁନି
- ଡେଙ୍ଗୁ ରୋଗୀଙ୍କୁ ମଶାରି ଭିତରେ ଶୋଇବାକୁ ଦିଅନ୍ତୁ
- ଡେଙ୍ଗୁ ରୋଗୀଙ୍କୁ ମଶା କାମୁଡ଼ି, ଅନ୍ୟଜଣଙ୍କୁ କାମୁଡ଼ିଲେ ଡେଙ୍ଗୁ ସଂକ୍ରମିତ ହୋଇଥାଏ
- ଆବଶ୍ୟକସ୍ଥଳେ ନିଜ ଘର ପାଖ ନାଳରେ ପୋଡ଼ା ମୋବିଲ ପକାନ୍ତୁ, ଏହା ଉପଯୋଗୀ



କଟକରେ ଡେଙ୍ଗୁର ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗତ ୩ ଦିନ ମଧ୍ୟରେ ୯ଟି ସ୍ଥାନରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇସାରିଲେଣି। ସେହିପରି ଗତ ଦୁଇମାସ ମଧ୍ୟରେ କାଠଗଡ଼ା ସାହି ଓ ଜଗତ୍‌ପୁର ଅଞ୍ଚଳରେ ସର୍ବାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। କାଠଗଡ଼ା ସାହିରେ ଚଳିତବର୍ଷ ୪ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇ ସାରିଲେଣି। ମୋଟାମୋଟି ଭାବେ କହିବାକୁ ଗଲେ ଏହି ଦୁଇ ସ୍ଥାନର ଅବସ୍ଥା ସଙ୍ଗିନ ରହିଛି। ସୋମବାର ଏସ୍‌ସିବି ମେଡ଼ିକାଲରେ ପରୀକ୍ଷା ହୋଇଥିବା ୯୧ ରକ୍ତନମୁନା ମଧ୍ୟରୁ ୧୨ଟି ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଛି। ସେଥିମଧ୍ୟରେ କଟକ ରାଣୀହାଟ, ପୁରୀଘାଟ, କାଠଗଡ଼ା ସାହି ଓ ଜଗତପୁରର ଜଣେ ଲେଖାଏ, ଯାଜପୁରର ୨ଜଣ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ ଓ ଢ଼େଙ୍କାନାଳର ଜଣେ ଲେଖାଏ ଡେଙ୍ଗୁ ରୋଗୀ ଥିବା ମେଡ଼ିକାଲ ପକ୍ଷରୁ ସୂଚନା ଦିଆଯାଇଛି।

ଡେଙ୍ଗୁ ରୋଗର ବାହକ ଏଡିଶ୍ ମଶା। ବିଶେଷକରି ବର୍ଷାଦିନେ ଏହି ମଶା ଅଧିକ ମାତ୍ରାରେ ବଂଶ ବିସ୍ତାର କରିଥାନ୍ତି। ବର୍ଷା ଯୋଗୁ ଜମି ରହୁଥିବା ଆବର୍ଜନା ପାଣିରେ ଏହି ମଶାର ଲାର୍ଭା ଉତ୍ପତ୍ତି ହୁଏ। ଏବେ ବର୍ଷା ନ ଥିଲେ ବି ସହରରୁ ଆବର୍ଜନା ପାଣି ହଟୁନି। ଫଳରେ ଏଡିଶ ମଶାର ବଂଶ ବୃଦ୍ଧି ଘଟୁଛି। ସହରର ଗୋଟିଏ ପରେ ଗୋଟିଏ ସାହିରେ ଏବେ ଡେଙ୍ଗୁ ରୋଗୀ ଦେଖିବାକୁ ମିଳୁଛନ୍ତି। ଗତ ଶନିବାର ଏସ୍‌ସିବି ମେଡିକାଲରେ ରକ୍ତନମୁନା ପରୀକ୍ଷା କରାଯାଇଥିବାବେଳେ ସହରର ଖାନ୍‌ନଗର, କାଠଗଡ଼ାସାହି, ଏସ୍‌ସିବି କ୍ୟାମ୍ପସ, ନୟାବଜାର ଓ ସାଆନ୍ତସାହିର ଜଣେ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜଣାପଡିଥିଲା। ସେମାନଙ୍କ ମଧ୍ୟରେ ଏସ୍‌ସିବି ମେଡ଼ିକାଲର ଜଣେ ଡାକ୍ତରୀ ଛାତ୍ର ମଧ ଥିଲେ। ସୋମବାର ରାଣୀହାଟ, ପୁରୀଘାଟ, କାଠଗଡ଼ାସାହି ଓ ଜଗତ୍‌ପୁରରେ ଜଣେ ଲେଖାଏ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଆଗାମୀ ଦିନରେ ଏହି ତାଲିକାରେ ସହରର ଅନ୍ୟ ସାହିଗୁଡ଼ିକ ଯୋଡ଼ି ହେବାର ଆଶଙ୍କା ଉପୁଜିଛି। ଅନ୍ୟପକ୍ଷରେ ଡେଙ୍ଗୁକୁ ରୋକିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି)ର ସ୍ୱାସ୍ଥ୍ୟ କମିଟି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି ବୋଲି ଅଭିଯୋଗ ହେଉଛି। ସହରର ପରିମଳ ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ। ବିଭିନ୍ନ ନାଳରେ ଏଡିଶ ମଶା ମାରିବା ନିମନ୍ତେ ଉଦ୍ଦିଷ୍ଟ ତେଲ ପକାଯାଉନି କି ମଶା ଧୂଆଁ ଛଡ଼ାଯାଉନି। ବର୍ଷା ଥମିଲେ ଆପେଆପେ ଡେଙ୍ଗୁ ଡର ଦୂରେଇଯିବ ବୋଲି ଭାବି ସିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଚୁପ ହୋଇ ବସିଛନ୍ତି। ଡେଙ୍ଗୁ ରୋଗୀ ଚିହ୍ନଟ ହେଉଥିବା ଅଞ୍ଚଳ ପ୍ରତି ବିଶେଷ ଦୃଷ୍ଟି ଦେବାକୁ କୁହାଯାଇଛି। ହେଲେ ଏ ପର୍ଯ୍ୟନ୍ତ ସିଏମ୍‌ସି ଅଧିକାରୀଙ୍କ ପାଖରେ ସହରର ଡେଙ୍ଗୁ ରୋଗୀଙ୍କ ସମ୍ପର୍କରେ ଖବର ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡ. ଉମେଶ ଚନ୍ଦ୍ର ପାଣିଗ୍ରାହୀ କୁହନ୍ତି, ପ୍ରତିଦିନ ସମସ୍ତ ୱାର୍ଡରେ ମଶା ମରା ତେଲ ପକାଯାଉଛି। ଏବେ ମଶା ଧୂଆଁ ଛଡ଼ାଯାଉନି। ଡେଙ୍ଗୁକୁ ରୋକିବା ପାଇଁ ଚେଷ୍ଟା ଜାରି ରହିଛି।




ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଚାଲିଥିବା ଜାତୀୟ ସ୍ତରୀୟ 'ଖଦୀ ବଜାର' ମଞ୍ଚରେ ସୋମବାର ସନ୍ଧ୍ୟାରେ ଶିଞ୍ଜୀକା ଅନୁଷ୍ଠାନର କଳାକାରମାନେ କ୍ରିଏଟିଭ୍ ଡ୍ୟାନ୍ସ ପରିବେଷଣ କରୁଛନ୍ତି।

## ବ୍ରାଉନସୁଗାର କାରବାର
# ମାଷ୍ଟରମାଇଣ୍ଡ ପ୍ରଭାତ ଗିରଫ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**



■ ୨୪ ଗ୍ରାମ ବ୍ରାଉନସୁଗାର ସମେତ କାର, ଟଙ୍କା ଜବତ
■ ପୋଲିସ ସୂଚନାଦାତା ସାଜି କାରବାର ଚଳାଇଥିଲେ

ରାଜଧାନୀ ତଥା ଉପକଣ୍ଠରେ ଚାଲିଥିବା ବ୍ରାଉନ ସୁଗାର କାରବାରର ମାଷ୍ଟରମାଇଣ୍ଡ ପ୍ରଭାତ ରଞ୍ଜନ ମହାପାତ୍ର(୨୮)ଙ୍କୁ କ୍ୟୁଏଟି (କୁଇକ୍ ଆକ୍ସନ ଟିମ) ଏବଂ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଏକ ମାରୁତି ସୁଇଫ୍ଟ କାର, ୨୪ ଗ୍ରାମ ବ୍ରାଉନସୁଗାର, ୨ ମୋବାଇଲ ଫୋନ ଏବଂ ୧୨ ହଜାର ଟଙ୍କା ଜବତ କରିଛି।

ପ୍ରଭାତଙ୍କ ଘର ଜଗତସିଂପୁରରେ। ସେ ବ୍ରାଉନ ସୁଗାର କାରବାରରେ ସମ୍ପୃକ୍ତ ଅନ୍ୟ ବେପାରୀଙ୍କ ସମ୍ପର୍କରେ ପୋଲିସକୁ ସୂଚନା ଦେଉଥିଲେ। ତାଙ୍କ ସୂଚନା ଆଧାରରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିନେବା ପରେ ସେ ଅଭିଯୁକ୍ତଙ୍କ ଆଡ୍ଡାକୁ ଆସୁଥିବା ବେପାରୀଙ୍କୁ ଟାର୍ଗେଟ କରି ଲଚାଛପାରେ ବ୍ରାଉନ ସୁଗାର ଯୋଗାଉଥିଲେ। ଏ ସମ୍ପର୍କରେ କମିଶନରେଟ ପୋଲିସ ନିକଟରେ ଖବର ପହଞ୍ଚିବା ପରେ ପୋଲିସ ପ୍ରଭାତଙ୍କୁ ଧରିବା ନେଇ ଜାଲ ବିଛାଇଥିଲା। ମଞ୍ଚେଶ୍ୱର ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠୀଙ୍କ ସୂଚନା ଅନୁଯାୟୀ ୨୦୧୩ରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଡକାୟତି ଉଦ୍ୟମ ଚଳାଇଥିବା ବେଳେ ପୋଲିସ ପ୍ରଭାତଙ୍କୁ ଗିରଫ କରିଥିଲା। ପ୍ରଭାତ ରାଜଧାନୀରେ ଗୋଟିଏ ସ୍ଥାନରେ ନ ରହି ତାଙ୍କ ସାଙ୍ଗ ଏବଂ ଭିନ୍ନ ଭିନ୍ନ ହୋଟେଲରେ ରହି ଚତୁରତାର ସହ କାରବାର ସାରି ବାହାରି ଯାଉଥିଲେ। ପୋଲିସ ପ୍ରଭାତଙ୍କ ଗତିବିଧି ଉପରେ ନଜର ରଖିଥିଲା। ସୋମବାର ମଞ୍ଚେଶ୍ୱର ଥାନା ଅଧୀନ ସତ୍ୟବିହାର ବେଲବଣିଆ ମଠ ନିକଟରେ ପ୍ରଭାତ ବ୍ରାଉନସୁଗାର କାରବାର ଚଳାଇଥିବା ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଏହାପରେ କ୍ୟୁଏଟି ଏବଂ ମଞ୍ଚେଶ୍ୱର ଥାନ ପୋଲିସ ମିଳିତ ଭାବେ ଚଢାଉ କରି ପ୍ରଭାତଙ୍କୁ ଧରିଥିଲା। ଏ ନେଇ ପୋଲିସ ୪୮୮/୧୯ନମ୍ବରରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରଭାତଙ୍କୁ ପଚରା ଉଚରା ପରେ ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ଏଥିସହ ପ୍ରଭାତ ତଥ୍ୟକୁ ଆଧାର କରି ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଜଣାପଡ଼ିଛି।

## ୨୫ ହଜାର କପଡ଼ା ବ୍ୟାଗ୍ ବାଣ୍ଟିବ ବିଏମ୍‌ସି

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ପଲିଥିନ ବ୍ୟବହାର ଉପରେ ରୋକ ଲଗାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସଚେତନତା ଅଭିଯାନକୁ ବ୍ୟାପକ କରିଛି। କିଛିଦିନ ତଳେ ଆରମ୍ଭ ହୋଇଥିବା 'ମୁଁ ବି ସଫେଇ ବାଲା' ଅଭିଯାନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଥିବାବେଳେ ଏବେ ବିଭାଗ ଆଉ ପାଦେ ଆଗକୁ ଯାଇଛି। ଆସନ୍ତା କିଛି ଦିନ ମଧ୍ୟରେ ସହରବାସୀଙ୍କୁ ପ୍ରାୟ ୨୫ ହଜାର କପଡ଼ା ବ୍ୟାଗ ବାଣ୍ଟିବା ପାଇଁ ବିଏମ୍‌ସି ଯୋଜନା କରିଛି। ସହରବାସୀଙ୍କୁ ପଲିଥିନ୍ ବ୍ୟବହାରରୁ ଦୂରେଇ ରଖିବା ସହିତ ବଜାରକୁ ଯିବା ସମୟରେ ଉକ୍ତ ବ୍ୟାଗ ନେଇ ଯିବାକୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ହୋଇଛି।

ଏନେଇ ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଜଧାନୀରେ 'ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ'କୁ ସମ୍ପୂର୍ଣ୍ଣ ବ୍ୟାନ୍ କରାଯାଇଛି। ଏହାସହିତ ପ୍ରତିଦିନ ଦୋକାନ ବଜାରରେ ବିଏମ୍‌ସି ଚଢ଼ାଉ କରି ପଲିଥିନ ମଧ ଜବତ କରୁଛି। ମାତ୍ର ଅଭିଯାନ ସଫଳ ହେବାକୁ ହେଲେ ସମସ୍ତଙ୍କ ସହଯୋଗ ନିହାତି ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସିର ବରିଷ୍ଠ ଅଧିକାରୀମାନେ ସହରବାସୀଙ୍କୁ ପଲିଥିନ ବଦଳରେ କପଡ଼ା ବ୍ୟାଗ ବ୍ୟବହାର କରିବା ପାଇଁ ସଚେତନ କରୁଛନ୍ତି। ଉକ୍ତ କପଡ଼ା ବ୍ୟାଗ୍‌ରେ ବିଏମ୍‌ସି ଏକ ସଚେତନତା ବାର୍ତ୍ତା ଲେଖିବା ସହିତ ଯେମିତି ଲୋକମାନେ ଏହାକୁ ନିଜ ସାଙ୍ଗରେ ବଜାରକୁ ନେବେ ତାହା ଉପରେ ଗୁରୁତ୍ୱ ଦିଆଯିବ।

ଉଦାହରଣ ସୃଷ୍ଟି କଲେ ମହିଳା ଟ୍ରାଫିକ ପୋଲିସ
# ଡ୍ୟୁଟି ସାରି ନିଜ ଆଉଟ୍‌ପୋଷ୍ଟରୁ ଅଳିଆ ସଫା କଲେ




**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

### ଟୁଇଟ୍ କରି ପ୍ରଶଂସା କଲେ କମିଶନର

ସ୍ୱଚ୍ଛ ପରିବେଶ, ସଫା ସୁତୁରା ସହର ଏବେ ସମସ୍ତଙ୍କ ପାଇଁ ଆହ୍ୱାନ ହୋଇଥିବାବେଳେ ସ୍ୱଚ୍ଛତାକୁ ନେଇ ଜଣେ ମହିଳା ଟ୍ରାଫିକ କନ୍‌ଷ୍ଟେବଲଙ୍କ ଭିଡିଓ ଏବେ ଭାଇରାଲ ହୋଇଛି। ଡ୍ୟୁଟି ପରେ ନିଜ ଟ୍ରାଫିକ ଆଉଟ୍‌ପୋଷ୍ଟ ଚାରିପାଖରୁ ଅଳିଆ ଆବର୍ଜନା ସଫା କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସେ ହେଲେ କମିଶନରେଟ ପୋଲିସରେ କାର୍ଯ୍ୟରତ ଟ୍ରାଫିକ କନଷ୍ଟେବଲ ସନ୍ଧ୍ୟାରାଣୀ। ତାଙ୍କର ଏହି କାର୍ଯ୍ୟ ପାଇଁ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଥିବାବେଳେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଟୁଇଟ୍ କରି ଖୁବ୍ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ, କଟକ ଓ ଭୁବନେଶ୍ୱରରେ ଥିବା ଅନେକ ଟ୍ରାଫିକପୋଷ୍ଟ ଚାରିପାଖରେ ଅଳିଆ ଆବର୍ଜନା ପଡ଼ି ରହିବା ସହ ଅନାବନା ଘାସ ଓ ଗଛ ଉଠିଥିବା ଦେଖିବାକୁ ମିଳୁଛି। ଟ୍ରାଫିକ ପୋଲିସଙ୍କଠାରୁ ଆରମ୍ଭ କରି ବିଏମ୍‌ସି ଓ ସିଏମ୍‌ସି କର୍ମଚାରୀମାନେ ତାହା ଦେଖୁଥିଲେ ମଧ ସଫା କରୁନାହାନ୍ତି। ଉକ୍ତଦିନ ସନ୍ଧ୍ୟାରାଣୀ ଡ୍ୟୁଟି କରୁଥିବା କଟକର ଏକ ଟ୍ରାଫିକ ପୋଷ୍ଟର ସ୍ଥିତି ମଧ ସେମିତି ଥିଲା। ଆଉଟ୍‌ପୋଷ୍ଟରେ ଅଳିଆ ଆବର୍ଜନା ଜମି ରହିବାସହ ଅନାବନା ଗଛରେ ଭର୍ତ୍ତି ହୋଇଯାଇଥିଲା। ସେଠାରେ ଅନ୍ୟ ଟ୍ରାଫିକ ପୋଲିସ ଡ୍ୟୁଟି କରୁଥିଲେ ମଧ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲେ। ହେଲେ ଏହା ସନ୍ଧ୍ୟାରାଣୀ ଙ୍କ ନଜରକୁ ଆସିଥିଲା। ସେ ଡ୍ୟୁଟି ଶେଷ କରିବା ପରେ ଡ୍ରେସ୍ ବଦଳାଇ ସେଠାରେ ଥିବା ଅଳିଆ ସହ ଅନାବନା ଗଛକୁ ସଫା କରିଥିଲେ। ସେହିବାଟ ଦେଇ ଯାଉଥିବା ଲୋକେ ସନ୍ଧ୍ୟାରାଣୀଙ୍କ ଏଭଳି କାର୍ଯ୍ୟକୁ ଦେଖି ପ୍ରଶଂସା କରିଥିଲେ। ଏନେଇ ଜଣେ ବ୍ୟକ୍ତି ଏହାର ଭିଡ଼ିଓ ପ୍ରସ୍ତୁତ କରି ଟୁଇଟ୍ କରିବା ପରେ ତାହା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଅନେକ ସମୟରେ ଟ୍ରାଫିକ ପୋଲିସ ଦିବ୍ୟାଙ୍ଗ ହେଉ ଅବା ବରିଷ୍ଠ ନାଗରିକଙ୍କୁ ରାସ୍ତା ପାର କରାଇ ପ୍ରଶଂସା ସାଉଣ୍ଟିବା ସହ ପୁରସ୍କୃତ ମଧ ହୋଇଛନ୍ତି। ସନ୍ଧ୍ୟାରାଣୀଙ୍କ ଏଭଳି ନିଆରା କାର୍ଯ୍ୟ ପାଇଁ ତାଙ୍କୁ ମଧ ପୁରସ୍କାର ଦିଆଯିବା ଉଚିତ ବୋଲି ଟୁଇଟ୍‌ରେ ଲୋକେ ନିବେଦନ କରିଛନ୍ତି।

## ୨୫ରେ 'ଏଇ ଆମରି ଗାଁ'

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ସମାଜ ଓ ସଂସ୍କୃତି' ପକ୍ଷରୁ ଏକ ସ୍ୱତନ୍ତ୍ର ସଙ୍ଗୀତ ସନ୍ଧ୍ୟା 'ଏଇ ଆମରି ଗାଁ' ଆସନ୍ତା ୨୫ତାରିଖରେ ଅନୁଷ୍ଠିତ ହେବ। ରବୀନ୍ଦ୍ର ମଣ୍ଡପରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଗାଁ ପରିବେଶ, ଗାଁ ଜୀବନ ତଥା ଗାଁ ଅନୁଭୂତିକୁ ନେଇ ବିଭିନ୍ନ ସମୟରେ ପ୍ରସ୍ତୁତ ହୋଇଥିବା ଲୋକପ୍ରିୟ ଓଡ଼ିଆ ଗୀତ ପରିବେଷଣ କରାଯିବ। କାର୍ଯ୍ୟକ୍ରମରେ ଲୋକପ୍ରିୟ କଣ୍ଠଶିଳ୍ପୀ ସୁବାସ ଦାସ, ବିଭୁକିଶୋର, ମହାପ୍ରସାଦ କର, ନାଜିଆ ଆଲମ, ଛନ୍ଦା ମିଶ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ। ଏହି ଅବସରରେ ଶ୍ରୋତାମାନଙ୍କୁ ଗ୍ରାମ୍ୟ ପରିବେଶର ଅନୁଭବ ଦେବା ପାଇଁ ମଞ୍ଚ ଓ ପ୍ରେକ୍ଷାଳୟ ପରିସରକୁ ଗ୍ରାମ୍ୟ ଜୀବନର ଛାପ ଦେଇ ସଜାଯିବ। ଗାଁକୁ ନେଇ ସୃଷ୍ଟି ହୋଇଥିବା ଅଭୁଲା ଗୀତ ମାଧ୍ୟମରେ ସହରବାସୀଙ୍କ ମନରେ ଗ୍ରାମ୍ୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନ ସଭାପତି ନିଶିକାନ୍ତ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।



୬୦ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳନ ଅବସରରେ ସୋମବାର ଓଡ଼ିଶା ଗସ୍ତରେ ଆସିଥିବା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦମ୍ବିକା ପାଲ୍ (ମଝି) ଏବଂ ମୁମ୍ବାଇର ପୂର୍ବତନ ପୋଲିସ କମିଶନର ସତ୍ୟ ପାଲ୍ ସିଂ (ଡାହାଣ) ପୋଲିସ କମିଶନର ସୁଧାଂଶୁ ସିଂଙ୍କ ସହ କମିଶନରେଟ ପୋଲିସ ମୁଖ୍ୟାଳୟ ବୁଲି ଦେଖୁଛନ୍ତି।

## ଫଟୋରେ ଖବର



ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନ ପରିସରରେ ସୋମବାର ସମ୍ରାଟ ଖାରବେଳଙ୍କ ଉପରେ ଅନୁଷ୍ଠିତ ଶିଳ୍ପୀ ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ 'ଚିତ୍ରକଥା ଓ ପ୍ରଦର୍ଶନୀ'କୁ ଲୋକେ ବୁଲି ଦେଖୁଛନ୍ତି।




ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ 'ସର୍ଦ୍ଦାର ସନ୍ତକ ସିଂ ମେମୋରିଆଲ' କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରାଯାଉଛି।




ସମସ୍ତଙ୍କୁ ସମାନ ଓ ବାଧ୍ୟତାମୂଳକ ଶିକ୍ଷା ଏବଂ କର୍ମ ନିଯୁକ୍ତିର ଗ୍ୟାରେଣ୍ଟି ଦାବିରେ ସୋମବାର ଭୁବନେଶ୍ୱରସ୍ଥିତ ରାଜଭବନ ସମ୍ମୁଖରେ ଯୁବ-ଛାତ୍ରଙ୍କ ଧାରଣା।

ମନୁଷ୍ୟ ନିଜର ପ୍ରଗାଢ଼ ଅଧ୍ୟବସାୟ ଓ ଐକାନ୍ତିକ ତପସ୍ୟା ବଳରେ ଈଶ୍ୱରତ୍ୱ ମଧ ଲାଭ କରିପାରେ ।
- ମହର୍ଷି ବିଶ୍ୱାମିତ୍ର

# ଲୋକ ମେଳା, କୃଷି ମେଳା ଉଦ୍‌ଘାଟିତ


କଳାକାରମାନେ ମଞ୍ଚରେ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

■ ଲୋକନୃତ୍ୟରେ ମଜ୍ଜିଲେ ଦର୍ଶକ
■ ଭାଗ ନେଇଛନ୍ତି ୨୫ ରାଜ୍ୟର ୬୫୦ କଳାକାର

ପୁରୀ ଅଫିସ,୨୧।୧୦

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହୋଇଛି ୧୭ତମ ଲୋକମେଳା (ଜାତୀୟ ଆଦିବାସୀ ଲୋକଗୀତ ଓ ନୃତ୍ୟ ମହୋତ୍ସବ ଏବଂ ହସ୍ତଶିଳ୍ପ ଓ କୁଟୀର ପ୍ରଦର୍ଶନୀ) ଓ ୧୦ମ କୃଷିମେଳା (ଜାତୀୟ କୃଷି ପ୍ରଦର୍ଶନୀ)। ଏହି ପାଞ୍ଚଦିନିଆ ଲୋକମେଳାକୁ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟନ କରିଛନ୍ତି ପୂର୍ବତନ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ। ସେହିପରି କୃଷିମେଳାକୁ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି କ୍ୟାପ୍‌ଟେନ ପ୍ରଭାକର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ମହାରଥୀ, ବିଧାୟକ ଷଡ଼ଙ୍ଗୀଙ୍କ ସମେତ ହାଇଟେକ୍ ମେଡିକାଲ କଲେଜର ଚେୟାରମ୍ୟାନ ଡ. ତିରୁପତି ପାଣିଗ୍ରାହୀ, ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ସାମନ୍ତରାୟ ଉପସ୍ଥିତ ଥିଲେ। ଏଥିସହ ଅଭ୍ୟର୍ଥନା କମିଟି ଅଧକ୍ଷ ପ୍ରଫେସର ଡ. ହରେକୃଷ୍ଣ ଶତପଥୀ, ଅନୁଷ୍ଠାନର ଉପଦେଷ୍ଟା ଡ. ଭଗବାନ ଜୟସିଂହ, ସାଧାରଣ ସମ୍ପାଦକ ରାଜେଶ ମହାନ୍ତି, ମୁଖ୍ୟ ସଂଯୋଜକ ବଦ୍ରି ନାରାୟଣ ମିଶ୍ର, ଉପାଧ୍ୟକ୍ଷ ଭରତ ନାୟକ, ସାଂସ୍କୃତିକ ସମ୍ପାଦକ ଦିବ୍ୟାଂଶୁ ପ୍ରସାଦ ଦାଶ ମଞ୍ଚାସୀନ ଥିଲେ।

ମୁଖ୍ୟ ସଂଯୋଜକଙ୍କ ସ୍ୱାଗତ ଭାଷଣ ପରେ ସାଧାରଣ ସମ୍ପାଦକ ସମ୍ପାଦକୀୟ ବିବରଣୀ ରଖିଥିଲେ। ଲୋକମେଳାରେ ୨୫ଟି ରାଜ୍ୟରୁ ୬୫୦ କଳାକାର ଯୋଗ ଦେଇଛନ୍ତି। ଗୁଜରାଟରୁ ୮ଟି ଦଳର ୧୨୦ କଳାକାର ଏବଂ ଓଡ଼ିଶାରୁ ମାତ୍ର ୩ଟି ଦଳ ଭାଗ ନେଇଛନ୍ତି। ରାଜ୍ୟ ସରକାର ସହଯୋଗ କରୁ ନ ଥିବାରୁ ଆମ ଲୋକକଳା ପ୍ରଦର୍ଶନ ଉତ୍ସାହଜନକ ହୋଇପାରୁନାହିଁ ବୋଲି ସାଧାରଣ ସମ୍ପାଦକ କହିଥିଲେ। ମୁଖ୍ୟ ଅତିଥି ମହାରଥୀ କହିଥିଲେ, ଶ୍ରୀକ୍ଷେତ୍ର ହେଉଛି ପବିତ୍ର ମାଟି। ବିଭିନ୍ନ ରାଜ୍ୟର କଳାକାର ଏଠାରେ ପାଦ ପକାଇବା ମାତ୍ରେ ପବିତ୍ର ହୋଇଯିବେ। ତେବେ ଏଥିରେ ଓଡ଼ିଶାରୁ ହାତଗଣତି କଳାକାର ଭାଗ ନେଇଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଧାନସଭାରେ ସେ ଏହି ପ୍ରସଙ୍ଗ ଉଠାଇବେ। ବିଭାଗୀୟ କର୍ମକର୍ତ୍ତା କାହିଁକି ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି ତାହା ପ୍ରଶ୍ନ କରିବେ। ଗୁଣ୍ଡୁଚି ମୂଷା ଭଳି ଅନୁଷ୍ଠାନ ପ୍ରତି ତାଙ୍କର ସହଯୋଗ ରହିବ ବୋଲି ମହାରଥୀ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଭିନ୍ନ ଡ୍ୟାନ୍ସ ଟ୍ରୁପ୍‌ର ମୁଖ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଗୁଜରାଟର ଜିତେନ୍ଦ୍ର କୁମାର ଏସ୍. ଡାଙ୍ଗୀ, ଉତ୍ତରାଖଣ୍ଡର କୁନ୍ଦନ ଚୌହାନ, ରାଜସ୍ଥାନର ତେଜ୍ କରଣ ଏବଂ ଗୁଜରାଟର ରିୟାପ୍ରକାଶ ସମାନୀ।

ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ଦେଖିବାକୁ ମିଳିଥିଲା। ରାଜସ୍ଥାନୀ ଲୋକନୃତ୍ୟ 'ଚକ୍ରୀ'ରୁ ଖୋଲିଥିଲା ପ୍ରଥମ ପାଖୁଡ଼ା। ପରେ ଛତିଶଗଡ଼ର ପନ୍ଥୀ ନୃତ୍ୟ, ଗୁଜରାଟୀ ଭିଲ୍ ଲୋକନୃତ୍ୟ, ତଲୱାର ନୃତ୍ୟ, ଉତ୍ତରାଖଣ୍ଡର ହା-ରୁଲ୍, କଶ୍ମୀରର ରୌଫ୍, ରାଜସ୍ଥାନର ଭୱାଇ, କର୍ଣାଟକର ଢୋଲୁ କୁଣିତା, ଗୁଜରାଟର ଗର୍‌ବା, ପଞ୍ଜାବର ଭାଙ୍ଗ୍‌ଡା, ସିକିମ୍‌ର ସିଂଘିଚାମ୍, ତାମିଲନାଡୁର କରପଟ୍ଟମ୍, ହରିୟାଣାର ଶିବସ୍ତୁତି, ମଣିପୁରର ଥୌଗଲ ଜାଗୋଇ ଓ ଡାପାଚେଁଲମ୍ ପରିବେଷଣ ହୋଇଥିଲା। ଶରଧାବାଲିରେ ଢେର ରାତି ଯାଏ ବସି ଦର୍ଶକ ଏସବୁର ମଜା ଉଠାଇଥିଲେ। ମଞ୍ଚ ସଞ୍ଚାଳନ କରିଥିଲେ ଚନ୍ଦ୍ରବିଜୟୀ ମିଶ୍ର। ସେହିପରି ଭାରତୀୟ ଜୀବନର ଅମୃତ ଅନୁଭବ କେବଳ ଚାଷୀ ଭାଇ ଝାଳରୁ ହିଁ ଝରୁଥାଏ। ଏହାକୁ ହୃଦୟଙ୍ଗମ କରି ଆୟୋଜିତ ନବମ କୃଷିମେଳାରେ ୭୯ଟି ଷ୍ଟଲ ଖୋଲିଛି। ଏଥିରେ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟର ବିଭିନ୍ନ ବିଭାଗ, ଓଡ଼ିଶା ସରକାରଙ୍କ କୃଷି ଓ ମତ୍ସ୍ୟ ସମ୍ପଦ ବିଭାଗର ବିଭିନ୍ନ ସଂସ୍ଥା ସମେତ ପନିପରିବା, ଫୁଲ, ଜଙ୍ଗଲଜାତ ଦ୍ରବ୍ୟ, ଉନ୍ନତ ଚାଷ ଉପକରଣ, ଘରକରଣା ସାମଗ୍ରୀ ଆଦି ଦେଖିବାର ସୁଯୋଗ ମିଳିବ ବୋଲି ସାଧାରଣ ସମ୍ପାଦକ ରାଜେଶ ମହାନ୍ତି କହିଛନ୍ତି ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଏପାଖ ସେପାଖ

### ବନ୍ଧୁ ଝିଅ ପିନ୍ଧେଇଥିଲେ ମୋତେ ରାଖୀ...

ସର୍ବଦା ନିଜ ଭାଷଣ ଶୈଳୀକୁ ନେଇ ଚର୍ଚ୍ଚାରେ ରହୁଥିବା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀ ଲୋକ ମେଳାର ଅନ୍ୟତମ ଆକର୍ଷଣ ସାଜିଥିଲେ। ସେ ନାଟକୀୟ ଢଙ୍ଗରେ ଭାଷଣ ଦେଇ କହିଥିଲେ, ମୁଁ ଜଣେ ଚଷା, ଚାଷକୁ ଭଲପାଏ। ମୁଣ୍ଡର ଝାଳ ତୁଣ୍ଡରେ ମାରିଥାଏ। ମାଟିରେ ମାଟି ଭଳି ମିଶିଯାଏ। ଲହୁକୁ ଲୁହରେ ପରିଣତ କରି ଖରା, ବର୍ଷା, ଶୀତ କାକର ଭିତରେ ମୁଁ ସୁନାର ଫସଲ ଫଳାଇଥାଏ। ଏହି ଫସଲରେ ବାର ବର୍ଷରେ ତେର ପର୍ବ କରେ। ପୁଣି ନିଜ ପରିବାରକୁ ପ୍ରତିପୋଷଣ କରେ। ମହାପ୍ରଭୁଙ୍କୁ ସ୍ମରଣ କରି ମେ ୩ ତାରିଖ ଫନୀ ମହାବାତ୍ୟା କଥା ମନେ ପକାଇଥିଲେ ମହାରଥୀ। ଫନୀରେ ପୁରୀ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। କୃଷକଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିବା ବେଳେ ଆସନ୍ତା ୨୩ରେ ପୁଣି ଏକ ବଡ଼ ଲଘୁଚାପ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ ମହାପ୍ରଭୁ ହିଁ ଭରସା ବୋଲି କହିଥିଲେ। କଲେଜ କ୍ୟାରିୟରକୁ ମନେ ପକାଇ ମହାରଥୀ କହିଥିଲେ, ଏହି ବଡ଼ଦେଉଳ ସାକ୍ଷୀ, ବନ୍ଧୁ ଝିଅ ପିନ୍ଧେଇଥିଲେ ଏସ୍‌ସିଏସ୍ କଲେଜରେ ମୋତେ ରାଖୀ। ମୁଁ କଲେଜର ସଭାପତି ଥିଲି। ଛାତ୍ରମାନଙ୍କ ସ୍ୱାର୍ଥ ପାଇଁ ୧୭/୧୮ ବର୍ଷ ବୟସରେ ହାତରେ ହାତକଡ଼ି, ଗୋଡ଼ରେ ବେଡ଼ି ପକାଇ ୧୮ ମାସ ଜେଲର ସେଲ୍ ଭିତରେ ରହିଥିଲି। ଜନ୍ମ ଏକ ନିର୍ଦ୍ଦିଷ୍ଟ ତାରିଖରେ, ମୃତ୍ୟୁ ଏକ ନିର୍ଦ୍ଦିଷ୍ଟ ତାରିଖରେ। ଜନ୍ମ ମୃତ୍ୟୁ ଭିତରେ ସତ୍ୟ ହେଉଛି ମୃତ୍ୟୁ। ତେଣୁ କିଏ କଣ କହିବ ମୋର କିଛି ଯାଏ ଆସେ ନାହିଁ। ମହାପ୍ରଭୁ ଶରଧାବାଲିରେ ଦୁଇପଦ କହିବାର ସୁଯୋଗ ଦେଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ମହାରଥୀଙ୍କ ଏହି ଭାଷଣ ବେଶ୍ ହାସ୍ୟରୋଳ ସୃଷ୍ଟି କରିଥିଲା।

### ଜୟନ୍ତଙ୍କ ହୃଦୟରେ ମହେଶ୍ୱର

ଗତ ସାଧାରଣ ନିର୍ବାଚନରେ ମହେଶ୍ୱର ମହାନ୍ତିଙ୍କୁ ହରାଇ ପୁରୀର ବିଧାୟକ ହୋଇଛନ୍ତି ଜୟନ୍ତ ଷଡ଼ଙ୍ଗୀ। ପୂର୍ବରୁ ଦୁହେଁ ଗୋଟିଏ ଦଳରେ ଥିଲେ। କେହି କେହି ସେମାନଙ୍କୁ ଗୁରୁ-ଶିଷ୍ୟ କହିଥାନ୍ତି। ମହେଶ୍ୱର ଜୟନ୍ତଙ୍କ ରାଜନୈତିକ ଗୁରୁ ବୋଲି ଆଉ କେହି ଆଖ୍ୟା ଦେଇଥାନ୍ତି। ହେଲେ ରାଜନୈତିକ ମଇଦାନରେ ଗୁରୁଙ୍କୁ ପରାସ୍ତ କରି ବାଜି ମାରିଛନ୍ତି ଶିଷ୍ୟ। ସେମାନଙ୍କ ମଧ୍ୟରେ ରାଜନୈତିକ ବିଦ୍ୱେଷ ଥାଇପାରେ ସତ, ହେଲେ ଏବେ ବି ଜୟନ୍ତଙ୍କ ହୃଦୟରେ ମହେଶ୍ୱର ରହିଥିବା ଚର୍ଚ୍ଚା ହେଉଛି। ସୋମବାର ଲୋକମେଳା ଉଦ୍‌ଘାଟନୀ ସନ୍ଧ୍ୟାରେ ଜୟନ୍ତ ଭାଷଣ ଦେବାବେଳେ ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ସମ୍ବୋଧନ କରୁଥିଲେ। କହିଥିଲେ, କୃଷି ଓ କୃଷକଙ୍କୁ ଭଲ ପାଉଥିବା ରାଜନେତା ଶ୍ରୀଯୁକ୍ତ ମହେଶ୍ୱର ମ...। ଏଇଠି ସେ ଅଟକି ଯାଇଥିଲେ, ପରେ ମହାରଥୀଙ୍କ ନାମ ନେଇଥିଲେ। ଏବେ ବି ଜୟନ୍ତଙ୍କ ମନରେ ମହେଶ୍ୱର ଥିବା ସଭାସ୍ଥଳରେ ଚର୍ଚ୍ଚା ହୋଇଥିଲା।

## ସଂକ୍ଷେପରେ

### ଅଠରନଳା ହତ୍ୟାକାଣ୍ଡ ମାମଲା
### ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ପୁରୀ ଅଫିସ,୨୧।୧୦: ୨୦୧୩ ମସିହାରେ ଅଠରନଳାରେ ହୋଇଥିବା ହତ୍ୟାକାଣ୍ଡ ମାମଲାର ବିଚାର କରି ଜିଲା ଦୌରାଜଜ୍ ବିଦ୍ୟୁତ୍ କୁମାର ମିଶ୍ର ସୋମବାର ଅଭିଯୁକ୍ତ ଅଶୋକ ନାୟକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ଅଶୋକଙ୍କ ନିଜ ଘର ଖୋର୍ଦ୍ଧା ଜିଲାର ଜଟଣୀ ଥାନା ଅନ୍ତର୍ଗତ ନୂଆଗଡ ରାମଚନ୍ଦ୍ରପୁର ଗ୍ରାମରେ। ସେ ଅଠରନଳାରେ ଘରଭଡ଼ା ନେଇ ରହୁଥିଲେ। ୨୦୧୩ ଜୁଲାଇ ୧୫ ତାରିଖ ରାତିରେ ନରସିଂହ ନାୟକ ଓରଫ୍ କାଳିଆଙ୍କୁ ହତ୍ୟା କରିଥିଲେ ଅଶୋକ। ବିୟର ବୋତଲ, ଲୁହାଛଡ଼ ଓ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ପୁରୀ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଅଶୋକଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତଲଗା ପଥର ଜବତ କରିଥିଲା। ବିଭିନ୍ନ ସମୟରେ ଅଶୋକ ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀ ଓ ପୁଅକୁ ମାଡ଼ ମାରୁଥିଲେ। ତେଣୁ ସେମାନେ ପଡୋଶୀ କାଳିଆଙ୍କ ଘରେ ଆଶ୍ରୟ ନେଇଥିଲେ । ଘଟଣାଦିନ ଅଶୋକ ଉତ୍ତ୍ୟକ୍ତ ହୋଇ କାଳିଆଙ୍କ ଘର ଦୁଆରେ ଠିଆହୋଇ ଗାଳିଗୁଲଜ କରିବା ସହ ତାଙ୍କ କବାଟ ବାଡେଇ ଥିଲେ। କାଳିଆ ଦୁଆର ଖୋଲିବାରୁ ସେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ କାଳିଆଙ୍କ ମୃତ୍ୟୁ ଘଟିଥିଲା।

### ଷଣ୍ଢ ଆକ୍ରମଣରେ ହବିଷିଆଳିଙ୍କ ହାତ ଭାଙ୍ଗିଲା

ପୁରୀ ଅଫିସ,୨୧।୧୦: ଷଣ୍ଢ ଆକ୍ରମଣରେ ଜଣେ ହବିଷିଆଳିଙ୍କ ହାତ ଭାଙ୍ଗିଛି। ସୋମବାର ସକାଳେ ଶ୍ରୀମନ୍ଦିର ଯାଇ ଫେରିବା ବେଳେ ଷଣ୍ଢ ଆକ୍ରମଣର ଶିକାର ହୋଇଥିଲେ ପୁରୀ ଜିଲା ଗବକୁଣ୍ଡରବସନ୍ତ ମହାପାତ୍ର (୭୪) । ସେ ରେଳୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳୀରେ ରହୁଛନ୍ତି। ଶ୍ରୀମନ୍ଦିରରୁ ଦର୍ଶନ ସାରି ଉତ୍ତର ଦ୍ୱାର ଦେଇ ଫେରୁଥିବା ବେଳେ ତାଙ୍କୁ ଏକ ଷଣ୍ଢ ମାରିବାକୁ ଗୋଡ଼ାଇଥିଲା। ସେ ଦୌଡ଼ି ଯାଉଥିବା ବେଳେ ତଳେ ପଡ଼ିଯାଇଥିଲେ । ତାଙ୍କ ଡାହାଣ ହାତ ମାଡ ହୋଇଯାଇଥିଲା।

## ପୋଲିସ ଶହୀଦ ଦିବସ


ଶହୀଦଙ୍କ ଉଦ୍ଦେଶ୍ୟରେ ଏସ୍‌ପି ଓ ପୋଲିସ କର୍ମଚାରୀ ଗାର୍ଡ ଅଫ୍ ଅନର ପ୍ରଦାନ କରୁଛନ୍ତି।

ପୁରୀ ଅଫିସ,୨୧।୧୦

ପୁରୀ ଜିଲା ପୋଲିସ ପକ୍ଷରୁ ସୋମବାର ୬୦ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ସମ୍ମିଳିତ ପରେଡ଼ରେ ଏସ୍‌ପି ଡା. ଉମାଶଙ୍କର ଦାଶ ଅଭିବାଦନ ଗ୍ରହଣ କରିବା ସହ ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଏସ୍‌ପି ଦାଶ କହିଥିଲେ, ୧୯୬୦ ମସିହାରୁ ଏହି ଦିବସ ପାଳନ କରାଯାଉଛି। ଆଇନଶୃଙ୍ଖଳା, ମାଓବାଦୀ ଦମନ, ଜନଜୀବନ ସୁରକ୍ଷା ଆଦି କ୍ଷେତ୍ରରେ ପୋଲିସର ବିଶେଷ ଭୂମିକା ରହିଛି। ପୋଲିସ କର୍ମଚାରୀ ଓ ଅଧିକାରୀମାନଙ୍କ ନିଷ୍ଠା ତଥା ତ୍ୟାଗ ସମାଜ ଲାଗି ପ୍ରେରଣାର ଉତ୍ସ। ଏହି ଅବସରରେ ଅତିରିକ୍ତ ଏସ୍‌ପି ପି.କେ.ସ୍ୱାଇଁ, ଅରୁଣ କୁମାର ଜେନାଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଶିବିରକୁ ଫେରିଲେ ୧୫ ହବିଷିଆଳି

ପୁରୀ ଅଫିସ,୨୧।୧୦: ଟୁରିଷ୍ଟ କମ୍ପ୍ଲେକ୍ସ କେନ୍ଦ୍ର ଶିବିରରେ ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଅନୁପସ୍ଥିତ ଥିବା ୧୫ଜଣ ହବିଷିଆଳି ଅପରାହ୍ନ ୪ଟାରେ ଫେରିଥିବା ଡିସିପିଓ ମନୋଜ ତ୍ରିପାଠୀ କହିଛନ୍ତି। ଏମାନେ ସକାଳେ ପୂଜାର୍ଚ୍ଚନା ସାରି ଏକାଠି ହୋଇ ସାକ୍ଷୀଗୋପାଳ ଚାଲି ଯାଇଥିଲେ। ପ୍ରକାଶ ଯେ, ୩ ହବିଷିଆଳି ଶିବିରରେ ୟୁଥ ବେଟର ଫର୍ ପୁରୀ(ୱାଇବିପି) ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି। ପ୍ରତି ଶିବିରରେ ଜଣେ ଟିମ୍ ଲିଡରଙ୍କ ସମେତ ୨୫ଜଣ ଲେଖାଏ କାର୍ଯ୍ୟ କରୁଛନ୍ତି। ଏତଦବ୍ୟତୀତ, ରେଡକ୍ରସ, ଏସ୍‌ଏସ୍‌ଜି ଏବଂ ଅଙ୍ଗନୱାଡ଼ି ଓ ଆଶାକର୍ମୀମାନେ ୩ଟି ସିଫ୍ଟରେ ୨୪ ଘଣ୍ଟା ସେବା ପ୍ରଦାନ କରୁଛନ୍ତି। ପ୍ରତ୍ୟେକ ଶିବିରରେ ସିସିଟିଭି ଖଞ୍ଜାଯାଇଛି। ଏହା ସତ୍ତ୍ୱେ କିପରି ହବିଷିଆଳିମାନେ ବିନା ଅନୁମତିରେ ବାହାରକୁ ଚାଲିଯାଉଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀମାନେ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସେସୁ କାର୍ଯ୍ୟାଳୟ ଆଗରେ ଧାରଣା

ପୁରୀ ଅଫିସ, ୨୧।୧୦

ବିଭିନ୍ନ ଦାବି ନେଇ ସେସୁ ମିଟର ରିଡିଂ ଓ ବିଲ୍ କଲେକ୍ସନ କର୍ମଚାରୀ ସଂଘ ସୋମବାର ସେସୁ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ପୁରୀ ବିଦ୍ୟୁତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦୈନିକ ୫୫୫ ଟଙ୍କା, ୧୦ମାସର ଦରମା, ୩ବର୍ଷ ପର୍ଯ୍ୟନ୍ତ ଇପିଏଫ ଟଙ୍କା ଡିପୋଜିଟ୍ କରାଯିବାକୁ ଦାବି କରିଥିଲେ। ପରେ ସେସୁ ନିର୍ବାହୀଯନ୍ତ୍ରୀ ଶିବ ପ୍ରସାଦ ସ୍ୱାଇଁ, ଜିଲା ଶ୍ରମ ଅଧିକାରୀ ଓ ଫେଡକୋ ଡିଏମ୍‌ଙ୍କ ଉପସ୍ଥିତିରେ ବୈଠକ ହୋଇଥିଲା। ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେସୁ ଓ ଫେଡକୋ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ କର୍ମଚାରୀଙ୍କ ଦାବି ଉପରେ ଶ୍ରମ ଅଧିକାରୀ କର୍ତ୍ତୃପକ୍ଷଙ୍କ ଅସହଯୋଗ ମନୋଭାବ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସଂଘ ଲିଖିତ ଅଭିଯୋଗ ଦେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ। ଆଲୋଚନା ବେଳେ ଶ୍ରମିକ ନେତା ଶ୍ରୀକାନ୍ତ ପରିଜା, ନୃସିଂହ ଚରଣ ଦାସ, ଏସ.କେ ଆଜାଦ୍, କୃଷ୍ଣଚନ୍ଦ୍ର ଭୂୟାଁ, ସୁଶାନ୍ତ ମିଶ୍ର, ଶରତ ଦାଶ, ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ଅକ୍ସିଜେନ ଅଭାବରୁ ନାବାଳକଙ୍କ ମୃତ୍ୟୁ ଘଟଣା

## କ୍ଷତିପୂରଣ ପାଇଁ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ପୁରୀ ଅଫିସ, ୨୧।୧୦

**ଚିକିତ୍ସାରେ ଅବହେଳା ନେଇ କାର୍ଯ୍ୟାନୁଷ୍ଠାନ ଦାବି**

ଅକ୍ସିଜେନ ବିଳମ୍ବରେ ଲାଗିବାରୁ ନାବାଳକଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଓ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତର, ନର୍ସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ସଂକ୍ରାନ୍ତରେ ସେ କମିଶନଙ୍କୁ ଅଭିଯୋଗପତ୍ର ପଠାଇଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି, ବ୍ରହ୍ମଗିରି ଭୁବନପତିର ଶଙ୍କର ସାହୁଙ୍କ ପୁଅ ସୁମନଙ୍କର ଦେଢମାସ ତଳେ ଛାତି ଯନ୍ତ୍ରଣା ହେବାରୁ ତାଙ୍କୁ ପରିବାର ଲୋକେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କର ହୃଦଘାତଜନିତ ସମସ୍ୟା ଥିବା ଡାକ୍ତର କହିବା ସହ କଟକ ବଡ ମେଡିକାଲ ନେଇଯିବାକୁ ପରାମର୍ଶ ଦେଇଥିଲେ। ମାତ୍ର ପରିବାରବର୍ଗ ସୁମନଙ୍କୁ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ସେ ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ଶନିବାର ତାଙ୍କୁ ଘରକୁ ଅଣାଯାଇଥିଲା। ସେହିଦିନ ଅପରାହ୍ନ ୪ଟାରେ ପୁଣି ସେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମେଡିସିନ ୱାର୍ଡରେ ଭର୍ତ୍ତି କରାଯିବା ପରେ ଅକ୍ସିଜେନ ଲାଗିଥିଲା। ତେବେ କିଛି ସମୟ ପରେ ଅକ୍ସିଜେନ ସରିଯାଇଥିଲା। ନୂତନ ଅକ୍ସିଜେନ ଲଗାଇବା ଲାଗି ପରିବାରବର୍ଗ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ଅନୁରୋଧ କରିଥିଲେ। ମାତ୍ର ଟେକ୍ନିସିଆନ୍ ଅନୁପସ୍ଥିତ ଦର୍ଶାଇ ସେମାନେ ସହଯୋଗ କରି ନ ଥିଲେ। ଏପରି କି ଡାକ୍ତର ମଧ ଆସି ନ ଥିଲେ। ଫଳରେ ସୁମନଙ୍କ ମୃତ୍ୟୁ ଘଟିଥିଲା। ତେଣୁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାଶ ଅଭିଯୋଗପତ୍ରରେ ନିବେଦନ କରିଛନ୍ତି। ସେହିପରି ଆଇନଜୀବୀ ଅନିଲ କୁମାର ସାହୁ ମଧ ରାଜ୍ୟ ମାନବ ଅଧିକାର କମିଶନଙ୍କ ନିକଟରେ ଏଭଳି ଅଭିଯୋଗ କରିଛନ୍ତି।

■ ଦଳିତ ଶ୍ରମିକଙ୍କୁ ଗାଳିଗୁଲଜ, ଇଟାପଥର ମାଡ଼

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଗଣଧାରଣା

ନିମାପଡ଼ା,୨୧।୧୦(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଦେଉଳି ଦଳିତ ସାହିର ୧୩ ଜଣ ଶ୍ରମିକଙ୍କୁ କେତେଜଣ ସବର୍ଣ୍ଣ ବ୍ୟକ୍ତି ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଇଟାପଥର ଫିଙ୍ଗିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ଦଳିତ ସମ୍ପ୍ରଦାୟର ପ୍ରାୟ ୭୦ଜଣ ବ୍ୟକ୍ତି ନିମାପଡ଼ା ଥାନାରେ ଗଣଧାରଣା ଦେଇଥିଲେ। ସୂଚନା ଅନୁଯାୟୀ, ଭିଲିଦେଉଳି ଦଳିତ ସାହିର ୧୩ଜଣ ଶ୍ରମିକ କାମସାରି ଏକ ଅଟୋରେ ରବିବାର ରାତିରେ ଘରକୁ ଫେରୁଥିଲେ। ଏହି ସମୟରେ ଭିଲିଦେଉଳି ଗ୍ରାମର କେତେଜଣ ସବର୍ଣ୍ଣ ବ୍ୟକ୍ତି ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଇଟାପଥର ମାଡ଼ କରିଥିଲେ। ଏ ନେଇ ଦଳିତ ସମ୍ପ୍ରଦାୟର ଜଣେ ମହିଳା ରବିବାର ରାତିରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୬ଜଣ ବ୍ୟକ୍ତିଙ୍କ ବିରୋଧରେ ଏକ ମାମଲା (ନଂ.୨୬୪/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୋମବାର ରାତିରେ ଅଭିଯୁକ୍ତଙ୍କ ଗିରଫ ଦାବିରେ ଦଳିତ ସମ୍ପ୍ରଦାୟର ବହୁ ମହିଳାଙ୍କ ସମେତ ପ୍ରାୟ ୭୦ ବ୍ୟକ୍ତି ଥାନାରେ ଗଣଧାରଣା ଦେଇଥିଲେ। ଥାନା ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ଓ ତହସିଲଦାର କମଳଜିତ ଦାସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗ୍ରାମରେ ପୋଲିସ ମୁତୟନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ଥାନା ଆଗରେ ଲୋକମାନେ ଧରଣାରେ ବସିଛନ୍ତି।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି । କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ



## ସଂକ୍ଷେପରେ

### କର୍ତ୍ତବ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

**ବାଲିପାଟଣା, ୨୧।୧୦(ଡି.ଏନ୍.ଏ.):** ବାଲିପାଟଣା ବ୍ଲକରେ ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ପହଞ୍ଚିଥିଲେ। ବ୍ଲକ ଉନ୍ନୟନ ଅଧିକାରୀ ମିତାଞ୍ଜଳି ଦାସ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧିକାରୀ ସୁଶୀଲ କୁମାର ପାଢ଼ୀଙ୍କ ଅନୁପସ୍ଥିତି ଦେଖି ମନ୍ତ୍ରୀ ଜେନା ସେମାନଙ୍କୁ ଫୋନ୍‌ରେ ଯୋଗାଯୋଗ କରିବା ସହ କ୍ଷୋଭ ପ୍ରକାଶ କରିଥିଲେ। ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଥିବାରୁ କେହି କର୍ତ୍ତବ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଗିଦ କରିଥିଲେ। ଆମ ଗାଁ ଆମ ବିକାଶ ଯୋଜନାରେ ଆସିଥିବା ୨କୋଟି ୪୩ ଲକ୍ଷରୁ ୨୨ଲକ୍ଷ ଖର୍ଚ୍ଚ ହୋଇଥିବାରୁ ତୁରନ୍ତ କାମ ସାରିବାକୁ ଉପସ୍ଥିତ ଏବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଷଣ୍ଢ ଆକ୍ରମଣରେ ନାବାଳକଙ୍କ ସମେତ ୨ ଗୁରୁତର

କଟକ ରୋଡ,୨୧।୧୦(ଡି.ଏନ୍.ଏ.): ଚିନ୍ତାମଣିଶ୍ୱର ଓ ବଡ଼ଗଡ଼ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଷଣ୍ଢ ଆକ୍ରମଣରେ ଜଣେ ନାବାଳକଙ୍କ ସମେତ ୨ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦିପୁନା ସାହୁ(୧୧) ଓ ଦୀପା ବେହେରା(୨୫)। ସୂଚନା ଅନୁଯାୟୀ, ଦିପୁନା ସାଇକେଲରେ ସନ୍ଧ୍ୟାରେ ଚିନ୍ତାମଣିଶ୍ୱର କେନାଲ ରୋଡରେ ଯାଉଥିବା ବେଳେ ଷଣ୍ଢ ଲଢେଇ ମଧ୍ୟରେ ଫସି ଯାଇଥିଲେ। ଗୋଟିଏ ଷଣ୍ଢ ତାଙ୍କୁ ଆକ୍ରମଣ କରିବା ପରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିଭଳି ବଡ଼ଗଡ଼ ଗ୍ରାମରେ ଯାଉଥିବା ଦୀପା ମଧ ଷଣ୍ଢ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା।

**ଶିଶୁ ହେଲ୍ପ ଡେସ୍କରେ ତାଲା ଝୁଲିବା ଘଟଣା**

### ରେଲୱେ ବୋର୍ଡର ତଦନ୍ତ ନିର୍ଦ୍ଦେଶ

**ପୁରୀ ଅଫିସ,୨୧।୧୦:** ପୁରୀ ରେଲୱେ ଷ୍ଟେଶନ ପରିସରସ୍ଥ ଶିଶୁ ହେଲ୍ପ ଡେସ୍କ ଅଧିକାଂଶ ସମୟ ବନ୍ଦ ରହୁଥିବା ରେଳ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ ହୋଇଛି। ରେଲୱେ ବୋର୍ଡ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି। ହେଲ୍ପ ଡେସ୍କରେ ଅଧିକାଂଶ ସମୟ ତାଲା ଝୁଲୁଥିବା ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ରେଲୱେ ବୋର୍ଡ, ପୂର୍ବତଟ ରେଲୱେ ଏବଂ ଚାଇଲ୍ଡ ଲାଇନ ଫାଉଣ୍ଡେଶନ ଇଣ୍ଡିଆକୁ ଟୁଇଟ ଯୋଗେ ଅଭିଯୋଗ କରିଥିଲେ।

### ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ବାଲିଅନ୍ତା,୨୧।୧୦(ଡି.ଏନ୍.ଏ.): ବାଲିଅନ୍ତା ସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ପ୍ଲାଷ୍ଟିକ ବର୍ଜନ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅଧକ୍ଷ ଯତୀନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଶିବିରରେ ଶତାଧିକ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ୟୁଥ ରେଡକ୍ରସ ପକ୍ଷରୁ ଆୟୋଜିତ ଏହି ଶିବିରକୁ ଡ. ଧରଣୀଧର ସ୍ୱାଇଁ, ପୀତାମ୍ବର ପାତ୍ର, ବିଜୟ ବିଶ୍ୱାଳ, ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।





ପୋଲିସ ଶହୀଦ ସ୍ମୃତି ଦିବସ ପାଳନ ଅବସରରେ ଅନୁଷ୍ଠିତ ପରେଡ୍‌ରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଓ ଅନ୍ୟ ଅଧିକାରୀମାନେ।

■ କମିଶନରେଟ ପୋଲିସ ପକ୍ଷରୁ ଶହୀଦ ସ୍ମୃତି ଦିବସ

# 'ଏମିତି କାର୍ଯ୍ୟ କର, ଜନତା କହିବେ ଜୟ ପୋଲିସ'

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ଆମ ଦେଶ ବର୍ତ୍ତମାନ ଏକ ୭୩ବର୍ଷର ଯୁବଗଣତନ୍ତ୍ର ଭାବେ ଆଗକୁ ବଢ଼ୁଛି। ଏକ୍ଷେତ୍ରରେ ପୋଲିସର ଭୂମିକା ବେଶ୍ ଗୁରୁତ୍ୱ ବହନ କରୁଛି। ତେବେ ଦେଶ ଓ ଦେଶବାସୀଙ୍କ ସୁରକ୍ଷା ପାଇଁ ବଳିଦାନ ଦେଉଥିବା ପୋଲିସଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଓ ସମ୍ବେଦନଶୀଳତା ଦେଖାଇବାକୁ ପଡ଼ିବ। ପୋଲିସ କର୍ମଚାରୀମାନେ ଏପରି କାର୍ଯ୍ୟ କରିବା ଦରକାର, ଯେପରି ଜୟ ଯବାନ, ଜୟ କିଷାନ ଭଳି ଜନତା ଜୟ ପୋଲିସ କହିବେ। ଭୁବନେଶ୍ୱରସ୍ଥିତ ପୋଲିସ ଭବନ ପରିସରରେ ସୋମବାର ଅନୁଷ୍ଠିତ ୬୦ତମ ପୋଲିସ ଶହୀଦ ସ୍ମୃତି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏପରି ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ କମିଶନର ଷଡ଼ଙ୍ଗୀ ରାଜ୍ୟ ତଥା ଦେଶର ଶହୀଦ ପୋଲିସ ଓ ଯବାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୨୦୧୮ ଅକ୍ଟୋବରରୁ ୨୦୧୯ ଅକ୍ଟୋବର ମଧ୍ୟରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ୨୯୨ ଯବାନଙ୍କ ପରିବାର ପ୍ରତି ସମବେଦନା ଜଣାଇଥିଲେ। ନୀରବ ପ୍ରାର୍ଥନା କରାଯିବା ସହ ଭୁବନେଶ୍ୱର ୟୁପିଡି ବିଭିନ୍ନ ବିଭାଗର ଆରକ୍ଷୀ ବାହିନୀ ପକ୍ଷରୁ ପରେଡ୍, ଶୋକଶସ୍ତ୍ର, ସଲାମିଶସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ଚଳିତବର୍ଷ କର୍ତ୍ତବ୍ୟରତ ଅବସ୍ଥାରେ ଶହୀଦ ହୋଇଥିବା ରାଜ୍ୟରୁ ଦୁଇ ଜଣ ଯବାନ ହାବିଲଦାର ମେଜର ସୁଜିତ କୁମାର ମିଞ୍ଜ ଏବଂ ଓ.ଏ.ପି.ଏଫ/୧୩୭ ଜୟରାମ କବାଶିଙ୍କ ସମ୍ପର୍କରେ କହି କମିଶନର ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ କମିଶନର ସଞ୍ଜୟ ସିଂ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, ଭୁବନେଶ୍ୱର ୟୁପିଡିର ସମସ୍ତ ଏସିପି, ଥାନା ଅଧିକାରୀଙ୍କ ସମେତ ଅବସରପ୍ରାପ୍ତ ପୋଲିସ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ୧୯୫୯ ଅକ୍ଟୋବର ୨୧ରେ ଚାଇନା ସୈନିକଙ୍କ ଆକ୍ରମଣରେ ଲଦାଖ ଅଞ୍ଚଳରେ କର୍ତ୍ତବ୍ୟରତ ୧୦ ଜଣ ଭାରତୀୟ ସିଆର୍‌ପିଏଫ୍ ଯବାନ ଶତ୍ରୁପକ୍ଷକୁ ସାମ୍ନା କରି ପ୍ରାଣବଳି ଦେଇଥିଲେ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାରା ଦେଶରେ ଏହିଦିନକୁ ପୋଲିସ ଶହୀଦ ସ୍ମୃତି ଦିବସ ଭାବେ ପାଳନ କରାଯାଉଛି।

### ଡ୍ରେନରେ ବର୍ଜ୍ୟଜଳ ଛାଡୁଥିବାରୁ ଏତଲା ଦେଲା ବିଏମ୍‌ସି

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ବାସୁଆଘାଇରେ ସ୍ୱତନ୍ତ୍ର ଭାବେ ଏକ ସେପ୍ଟେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କରାଯାଇଛି। ସେଠାକୁ ଛାଡ଼ି ଅନ୍ୟ କୌଣସି ସ୍ଥାନ କିମ୍ବା ଡ୍ରେନରେ କେହି ବି ମଇଳା ଛାଡ଼ିପାରିବେ ନାହିଁ ବୋଲି ବିଏମ୍‌ସି ନିର୍ଦ୍ଦେଶନାମା ଜାରି କରିଛି। ଏହି ମର୍ମରେ ସୋମବାର ବିଏମ୍‌ସି ବାହାରେ ମଇଳା ଛାଡୁଥିବା ଗାଡ଼ି (ଓଡ଼ି-୦୨-ଏସି-୬୦୨୭)କୁ ଜବତ କରିବା ସହ ତା'ର ମାଲିକ କୃଷ୍ଣଚନ୍ଦ୍ର ନାୟକଙ୍କ ବିରୋଧରେ ବିଏମ୍‌ସି ସ୍ଥାନୀୟ ଶହୀଦନଗର ଥାନାରେ ଏତଲା ଦେଇଛି। ବିଏମ୍‌ସି ଉତ୍ତର ଜୋନର ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି କ୍ଷେତ୍ର ପରିଦର୍ଶନ କରୁଥିବାବେଳେ ଉକ୍ତ ଗାଡ଼ିଟି ନାଲ୍‌କୋ ଛକରୁ ସୈନିକ ସ୍କୁଲ ଆସିବା ବାଟରେ ଥିବା ଡ୍ରେନରେ ପଚା ଓ ମଳଯୁକ୍ତ ମଇଳା ବାହାରେ ଛାଡୁଥିବାର ଦେଖିଥିଲେ। ସେଠି ଡେପୁଟି କମିଶନର ପୃଷ୍ଟି ଗାଡ଼ି ଡ୍ରାଇଭରକୁ ଏମିତି କରିବାକୁ ମନା କରିବା ସତ୍ତ୍ୱେ ସେ ତାଙ୍କ କଥା ଶୁଣି ନ ଥିଲା। ପରେ ଡ୍ରାଇଭର ଜଣକ ସେଠାରୁ ଫେରାର ହୋଇଯାଇଥିଲା। ପରେ ଡେପୁଟି କମିଶନର ଏକ ଟିମ୍ ସହ ଖୋଜାଖୋଜି କରି ଆଚାର୍ଯ୍ୟ ବିହାରସ୍ଥିତ ଏକ ଦୋକାନ ପାଖରୁ ତାକୁ ପାଇଥିଲେ।





ନାଲ୍‌କୋ ମହିଳା ସମିତି ପକ୍ଷରୁ ଅଧ୍ୟକ୍ଷା ପ୍ରୀତି ରାୟ ଚାନ୍ଦଙ୍କ ନେତୃତ୍ୱରେ ଶନିବାର ଭୁବନେଶ୍ୱରସ୍ଥିତ ଭୀମ ଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମଶାରି ବିତରଣ କରାଯାଇଛି।

## ବାଲିଅନ୍ତା ଗାନ୍ଧୀପୀଠରେ ପର୍ଯ୍ୟଟନ ପର୍ବ ପାଳିତ

ବାଲିଅନ୍ତା,୨୧।୧୦(ଡି.ଏନ.ଏ.)

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ବାଲିଅନ୍ତାସ୍ଥିତ ଗାନ୍ଧୀପୀଠ ପରିସରରେ ସୋମବାର ଖୋର୍ଦ୍ଧା ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ପର୍ବ ପାଳିତ ହୋଇଯାଇଛି। ଜିଲା ପର୍ଯ୍ୟଟନ ଅଧିକାରୀ ମୀରାବାଇ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଅରୁନ୍ଧତୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀବାଦୀ ବୟୋଜ୍ୟେଷ୍ଠ ବ୍ୟକ୍ତି ଡା.ଗୋପୀନାଥ ପରିଡା, ଶିକ୍ଷାବିତ ଦିଲୀପ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ଦଳରାୟ, ସତ୍ୟବାଦୀ ନାୟକ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଧୀରେନ କୁମାର କର ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ମନ୍ଦିର ଟ୍ରଷ୍ଟବୋର୍ଡର ସଭାପତି ଦିଲୀପ କୁମାର ସାହୁ ସ୍ୱାଗତ ଭାଷଣ ଓ ସାମାଜିକ କର୍ମୀ ସାବିତ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ୩୩ଜଣ ଛାତ୍ରୀଛାତ୍ର ସମେତ ଶିକ୍ଷକ ଓ ୬ଜଣ ଗାନ୍ଧୀବାଦୀ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ମଞ୍ଚକୁ ଅଖିଳେଶ ମହାପାତ୍ର ପରିଚାଳନା କରିଥିଲେ। ଶେଷରେ ଗାୟକ ଗୋପାଳ ଚନ୍ଦ୍ର ବେହେରା ଓ ସାଥୀଙ୍କ ଦ୍ୱାରା ଘୋଡାନାଚ ପରିବେଷଣ କରାଯାଇଥିଲା।



କାର୍ଯ୍ୟକ୍ରମ ଅବସରରେ ଘୋଡାନାଚ ପରିବେଷଣ ହେଉଛି।

## ନୟାପଲ୍ଲୀରେ ଆରମ୍ଭ ହେଲା ଏମ୍‌ସିସି କାମ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ନୟାପଲ୍ଲୀସ୍ଥିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି)ର ନିର୍ମାଣକୁ ସ୍ଥାନୀୟ ବାସିନ୍ଦା ରବିବାର ବିରୋଧ କରିଥିଲେ। ଫଳରେ ଗୋଟିଏ ଦିନ କାମ ବନ୍ଦ ରହିଥିଲା। କାମ ନେଇଥିବା ଠିକା ସଂସ୍ଥା ବିଏମ୍‌ସିକୁ ଜଣାଇବା ପରେ ସୋମବାର ସିଟି ଇଞ୍ଜିନିୟର ଦେବସୁନ୍ଦର ମହାପାତ୍ର ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାଶୁଝା କରିବାରୁ କାମ ଆରମ୍ଭ ହୋଇଛି। ଏହି ଅବସରରେ ଇଞ୍ଜିନିୟର ମହାପାତ୍ର କହିଛନ୍ତି, ଲୋକଙ୍କ କହିବା ଅନୁଯାୟୀ ଏହି ଜଳାଶୟ ପୋତି ହୋଇପଡ଼ିଥିବା ଯୋଗୁ ବର୍ଷାଦିନେ ନୟାପଲ୍ଲୀ ବୁଡୁଛି। ପୂର୍ବରୁ ତତ୍‌କାଳୀନ ବିଏମ୍‌ସି କମିଶନର କ୍ରିଷନ କୁମାର ଏହି ଜଳାଶୟ ଖୋଳିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ତାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଯେଉଁଥିପାଇଁ ଲୋକମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ତେବେ ପୁଣି ଏଠାରେ ଏମ୍‌ସିସି ନିର୍ମାଣ ହେଲେ ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ସେମାନେ ଅଭିଯୋଗ କରିଥିଲେ। ଲୋକଙ୍କ ଅଭିଯୋଗ ଶୁଣିବା ପରେ ବିଏମ୍‌ସି ସିଟି ଇଞ୍ଜିନିୟର ମହାପାତ୍ର ଲୋକଙ୍କୁ କହିଥିଲେ, ଭୁବନେଶ୍ୱରରେ ଆଉ ଡମ୍ପିଂୟାର୍ଡ ରହିବ ନାହିଁ, ନିଜ ୱାର୍ଡର ଅଳିଆ ନିଜ ୱାର୍ଡରେ ହିଁ ପରିଚାଳନା ହେବ। ଯାହା ସମ୍ପୂର୍ଣ୍ଣ ଗନ୍ଧମୁକ୍ତ ପ୍ରକ୍ରିୟାକରଣ ହେବ। ସେଠାରେ ଏମ୍‌ସିସି ହେଉଥିବା ସ୍ଥାନଟି ଜଳାଶୟ ହୋଇଥିବାରୁ ତାକୁ କିଛି ଲୋକ ମାଡ଼ିବସିଛନ୍ତି। ଏହାସହିତ ବିଭିନ୍ନ କାରଣ ପାଇଁ ଜଳାଶୟ ପୁନରୁଦ୍ଧାର ହୋଇପାରି ନାହିଁ। ଏମ୍‌ସିସି ନିର୍ମାଣ ପାଇଁ ମାତ୍ର ୨୦୦ ଡେସିମିଲ୍ ଜାଗା ଆବଶ୍ୟକ ଥିବାବେଳେ ଏହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ହିଁ ହେଉଛି ବୋଲି କହିଥିଲେ। ଏହି ପ୍ରସ୍ତାବରେ ସ୍ଥାନୀୟବାସିନ୍ଦା ରାଜି ହୋଇଥିବାବେଳେ ଖୁବ୍ କମ୍ ଦିନ ମଧ୍ୟରେ ଏହି ଜଳାଶୟର ପୁନରୁଦ୍ଧାର ହେବ ବୋଲି ବିଏମ୍‌ସି ପକ୍ଷରୁ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଛି।

## ଶାସ୍ତ୍ରୀନଗରରେ ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ନୟାପଲ୍ଲୀ ୱାର୍ଡନଂ-୩୯ ଅଧୀନରେ ଥିବା ନୂଆସାହି ମହାବୀର ସାମାଜିକ ସଙ୍ଗଠନ ଦ୍ୱାରା ଶାସ୍ତ୍ରୀ ନଗରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଛି। ସମ୍ପାଦକ ମିଲନ କୁମାର ପାଇକରାୟଙ୍କ ନେତୃତ୍ୱରେ ସ୍ଥାନୀୟ କମ୍ୟୁନିଟି ହଲ୍‌ରେ ନୀଳାଞ୍ଚଳ ସାରସ୍ୱତ ସଂଘ ପୁରୀର ଭୁବନେଶ୍ୱର ଶାଖା ପକ୍ଷରୁ ଆୟୋଜିତ ଏହି ଶିବିରରେ ସୋମବାର ଅଭିଜ୍ଞ ଡାକ୍ତରମାନେ ଆସି ରୋଗୀଙ୍କୁ ଚିକିତ୍ସା କରିବା ସହ ମାଗଣା ଔଷଧ ଦିଆଯାଇଥିଲା। ଏଥିରେ ଶାସ୍ତ୍ରୀ ନଗର ମହିଳା ସାମାଜିକ ସାଂସ୍କୃତିକ ପରିଷଦର ସଭାପତି ପ୍ରେମଲତା ତ୍ରିପାଠୀ, ଉତ୍ତମା ପ୍ରହରାଜ, ମହିଳା ମହାସଂଘର ସଭାପତି କୃଷ୍ଣପ୍ରିୟା ପାଣିଗ୍ରାହୀ, ସମ୍ପାଦିକା ପୁଷ୍ପଲତା ଦାସ, ଗୀତାଞ୍ଜଳି ମହାନ୍ତି, ଅଶୋକ ବେହେରାଙ୍କ ସମେତ ଅନେକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ଲେଭଲ କ୍ରସିଂ କର୍ମଚାରୀଙ୍କ ପାଇଁ ୱାଟର ଫିଲ୍ଟର

**୧୫.୫ ଲକ୍ଷ ଖର୍ଚ୍ଚରେ ୮୦୧ ଗେଟ୍‌ରେ ଲାଗିବ**

ଭୁବନେଶ୍ୱର, ୨୧।୧୦(ବ୍ୟୁରେ)

ପୂର୍ବତଟ ରେଳପଥ ପକ୍ଷରୁ ଲେଭଲ କ୍ରସିଂ ଗେଟ୍ କର୍ମଚାରୀଙ୍କ ପାଇଁ ୱାଟର ଫିଲ୍ଟର ଯୋଗାଇ ଦିଆଯାଇଛି। ପୂର୍ବତଟ ରେଳପଥ କର୍ମଚାରୀ ସୁବିଧା ଫଣ୍ଡରୁ ଏଥିପାଇଁ ୧୫.୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସମସ୍ତ ୩ ଡିଭିଜନର ୮୦୧ ଲେଭଲ କ୍ରସିଂ ଗେଟ୍‌ରେ ଏହି ଫିଲ୍ଟର ଲଗାଯିବ ବୋଲି ରେଲ୍‌ୱେ ମହାପ୍ରବନ୍ଧକ ବିଦ୍ୟା ଭୂଷଣ କହିଛନ୍ତି। ୱାଟର ଫିଲ୍ଟର ଯୋଗାଣ ଶୁଭାରମ୍ଭ ପାଇଁ ଚନ୍ଦ୍ରଶେଖରପୁରସ୍ଥିତ ମୁଖ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର, ପ୍ରମୁଖ ମୁଖ୍ୟଯନ୍ତ୍ରୀ ଏନ.ଏସ. ୟୁକେ, ପ୍ରମୁଖ କାର୍ମିକ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଅଧିକାଂଶ ସମୟରେ ରେଲ୍‌ୱେ ଗେଟ୍‌ରେ ଥିବା କର୍ମଚାରୀମାନଙ୍କୁ ସ୍ୱଚ୍ଛ ପିଇବା ପାଣି ମିଳି ନ ଥାଏ। ଲମ୍ବା ସମୟର କଠିନ ପରିଶ୍ରମକୁ ସୁସ୍ଥ ରହିବା ପାଇଁ ସ୍ୱଚ୍ଛ ପିଇବା ପାଣି ଜରୁରୀ ହୋଇପଡ଼ିଥାଏ। ଏହାକୁ ନଜର ରଖି ରେଲ୍‌ୱେ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି।



ଅଧିକାରୀମାନେ ଜଣେ କର୍ମଚାରୀଙ୍କୁ ୱାଟର ଫିଲ୍ଟର ପ୍ରଦାନ କରୁଛନ୍ତି।

## ଆକାଶ ଆନ୍ଥେ ମେଧା ପରୀକ୍ଷା ଅନୁଷ୍ଠିତ

ଭୁବନେଶ୍ୱର,୨୧-୧୦ (ବ୍ୟୁରୋ)

ଆକାଶ କୋଚିଂ ପ୍ରତିଷ୍ଠାନ ପକ୍ଷରୁ ସାରା ଦେଶରେ ଏହାର ଜାତୀୟ ପ୍ରତିଭା ଅନ୍ୱେଷଣ ପରୀକ୍ଷା(ଆନ୍ଥେ)ର ୧୦ମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ୨୪ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ୧୮୬ କେନ୍ଦ୍ରରେ ଏହା ଆୟୋଜନ କରାଯାଇଛି। ଉଭୟ ସିନିୟର ଏବଂ ଜୁନିୟର ବର୍ଗ ପାଇଁ ଚଳିତ ବର୍ଷ ୪.୯୫ ଲକ୍ଷ ଛାତ୍ରୀଛାତ୍ର ଏହି ସ୍କଲାରଶିପ ପରୀକ୍ଷା ଦେଇଛନ୍ତି। ଓଡ଼ିଶାର ୪୫ କେନ୍ଦ୍ରରେ ୭,୬୦୦ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ବସିଛନ୍ତି। ଭୁବନେଶ୍ୱରର କୌସ୍ତୁଭ ଏବଂ ଆୟନ ଡିଜିଟାଲ ଜୋନରେ ୨ଟି ଅନଲାଇନ କେନ୍ଦ୍ରରେ ଏହା ସମ୍ପନ୍ନ ହୋଇଥିଲା। ସିନିୟର ବର୍ଗ ଲାଗି ଆସନ୍ତା ମାସ ୬ ଏବଂ ଜୁନିୟର ବର୍ଗ ଲାଗି ୮ ନଭେମ୍ବରରେ ଫଳାଫଳ ଘୋଷଣା କରାଯିବ। ଇଞ୍ଜିନିୟରିଂ ୧୫୦ ଏବଂ ମେଡିକାଲ ବର୍ଗରେ ୧୫୦ ଛାତ୍ରୀଛାତ୍ରଙ୍କୁ ଶତପ୍ରତିଶତ ସ୍କଲାରଶିପ ପ୍ରଦାନ କରାଯିବ। ଏଭଳି ଏକ ପରୀକ୍ଷା ଛାତ୍ରୀଛାତ୍ରଙ୍କୁ ସ୍ୱପ୍ନ ପୂରଣ କରିବାକୁ ସୁଯୋଗ ପ୍ରଦାନ କରୁଥିବା ଆକାଶ ଭୁବନେଶ୍ୱର ସେଣ୍ଟର ନିର୍ଦ୍ଦେଶକ ଏ.ବି.ସିଂ କହିଛନ୍ତି। ଆରମ୍ଭ ହେବା ଦିନଠାରୁ ଆକାଶ ସଫଳତା ଧାରା ବଜାୟ ରଖିଥିବା ଆକାଶର ଅଧ୍ୟକ୍ଷ ଜେ.ସି.ଚୌଧୁରୀ କହିଛନ୍ତି।





## ୨ନଂ. ମାର୍କେଟ ବିଲ୍ଡିଂରୁ ହଟିଲା ଜବରଦଖଲ

**ଭାଙ୍ଗିଲା ୭୭ ବେଆଇନ ନିର୍ମାଣ**

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

୨ନମ୍ବର ମାର୍କେଟ ବିଲ୍ଡିଂ ପାର୍ଶ୍ୱରୁ ସୋମବାର ଏକ ବଡ଼ଧରଣର ଜବରଦଖଲ ଉଚ୍ଛେଦ ହୋଇଛି। ଦୀର୍ଘଦିନ ହେବ ଏଠାରେ ବେଆଇନ ଭାବେ ଦୋକାନ କରିଥିବା ବ୍ୟବସାୟୀଙ୍କୁ ହଟାଯିବା ସହ ଦୋକାନଗୁଡ଼ିକୁ ଭଙ୍ଗାଯାଇଛି। ଏହି ସ୍ଥାନରେ ଅନେକ ସରକାରୀ କ୍ୱାର୍ଟର ଥିବାବେଳେ କ୍ୱାର୍ଟର ନେଇଥିବା ଅଧିକାରୀମାନେ ଯିବା ଆସିବାବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। କାରଣ ଦୋକନ ବଜାର ଦିନକୁ ଦିନ ବଢ଼ିଚାଲିଥିବା ବେଳେ ମାର୍କେଟକୁ ଆସୁଥିବା ଗ୍ରାହକମାନେ ନିଜ ବାଇକ୍‌କୁ ଘର ଆଗରେ ପାର୍କ କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେବା ପରେ ବିଡିଏ, ବିଏମ୍‌ସି ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ସହ କମିଶନରେଟ ପୋଲିସ୍ ସୋମବାର ଏଠାରେ ଉଚ୍ଛେଦ କରିଛନ୍ତି। ଏହି ଉଚ୍ଛେଦରେ ବାଉଁଶ ପଲିଥିନ୍‌ରେ ନିର୍ମିତ ୭୭ଟି ଦୋକାନ ସହ ଗୋଟିଏ ଲୁହାରେ ନିର୍ମାଣ ହୋଇଥିବା ଦୋକାନକୁ ଭଙ୍ଗାଯାଇଛି।

ଅନ୍ୟପକ୍ଷରେ ଉଚ୍ଛେଦବେଳେ ସବୁ ଦୋକାନକୁ ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍ ଭାଙ୍ଗୁଥିବାବେଳେ କେତେକ ଦୋକାନୀ ନିଜ ସାମଗ୍ରୀକୁ ପାଖରେ ଥିବା ସରକାରୀ କ୍ୱାର୍ଟରରେ ରଖୁଥିଲେ। ଯାହା କ୍ୱାର୍ଟର ପାଇଥିବା ଅଧିକାରୀଙ୍କ ଭୂମିକା ପ୍ରତି ସନ୍ଦେହ ସୃଷ୍ଟି କରିଛି। କାରଣ ରାଜଧାନୀର ଏହି ୧ ନଂ ଓ ୨ନଂ ମାର୍କେଟ ରାଜମହଲ ଛକ ପର୍ଯ୍ୟନ୍ତ ପ୍ରାୟ ସବୁ ସରକାରୀ କ୍ୱାର୍ଟର ଆଗରେ ଦୋକନ ହେଉଛି। ଏଥିପାଇଁ ସମ୍ପୃକ୍ତ ଦୋକାନୀମାନେ ଉକ୍ତ ଘରମାଲିକଙ୍କୁ ଭଡ଼ା ଆକାରରେ ପ୍ରତିମାସରେ ଟଙ୍କା ଦେଉଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏହାସହ କେତେକ ସ୍ଥାନରେ ଘରମାଲିକ ଦୋକାନୀଙ୍କୁ ବିଦ୍ୟୁତ୍ ଦେଇ ମଧ ଟଙ୍କା ନେଉଛନ୍ତି। ଏହିପରି ଭାବରେ ସରକାରୀ କ୍ୱାର୍ଟର ପାଇଥିବା ଲୋକ ଟଙ୍କା ଆଦାୟ କରୁଥିବାବେଳେ ୨ ନମ୍ବରରେ ଏହା ଅଧିକ ବୋଲି ବିଡିଏ ଏନଫୋର୍ସମେଣ୍ଟ ଟିମ୍‌ର ଜଣେ ସଦସ୍ୟ କହିଛନ୍ତି। ଏହି ଉଚ୍ଛେଦ ଟିମରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ ପାତ୍ର, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତିଙ୍କ ସମେତ କ୍ୟାପିଟାଲ ଥାନା ଏସ୍‌ଆଇ ରାକେଶ ସାମଲ ଓ ଟିମ୍‌ର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।





"ମହାରାଷ୍ଟ୍ରରେ ଭାଜପା-ଶିବସେନା ସରକାରଠାରୁ ମୁକ୍ତି ଲାଗି ଲୋକେ ଚାହୁଁଛନ୍ତି। ଏଥର ନିର୍ବାଚନରେ ପରିବର୍ତ୍ତନ ଦେଖାଦେବ।"
- ଶରଦ ପାୱାର, ଏନ୍‌ସିପି ମୁଖ୍ୟ



ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ସାଇକେଲରେ ଭୋଟ ଦେବାକୁ ଯାଉଛନ୍ତି।



ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଓ ତାଙ୍କ ସ୍ତ୍ରୀ ଭୋଟ ଦେବା ପରେ ଅଙ୍ଗୁଳି ଦେଖାଉଛନ୍ତି।



ନାଗପୁରରେ ନବବିବାହିତ ଦମ୍ପତି ସ୍ନେହାଲ ପୋଫାରେ ଓ ରଶ୍ମି ନିତ୍‌ନାୱାରେ ବୁଥ୍‌କୁ ଯାଇ ଭୋଟ ଦେଉଛନ୍ତି।

# ମହାରାଷ୍ଟ୍ରରେ ୬୩, ହରିୟାଣାରେ ୬୫% ମତଦାନ

**ମୁମ୍ବାଇ/ଚଣ୍ଡିଗଡ଼,୨୧।୧୦(ପି.ଟି.)**

ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ଲାଗି ମତଦାନ ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। କାଁଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ଭୋଟଗ୍ରହଣ ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା। ମହାରାଷ୍ଟ୍ରରେ ୬୩ ପ୍ରତିଶତ ମତଦାନ ହୋଇଥିଲାବେଳେ ହରିୟାଣାରେ ମତଦାନ ହାର ୬୫ ପ୍ରତିଶତ ରହିଛି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ଭୋଟରଙ୍କ ମଧ୍ୟରେ ଭୋଟଦାନ ଲାଗି ଅଧିକ ଆଗ୍ରହ ଦେଖାଯାଇଥିଲା। ବିଭିନ୍ନ ବୁଥ୍‌ରେ ଭୋଟରମାନଙ୍କ ଲମ୍ବା ଲାଇନ ଲାଗିଥିଲା।

ମହାରାଷ୍ଟ୍ରରେ ସକାଳ ୭ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ମତଦାନ ହୋଇଥିଲାବେଳେ ପ୍ରମୁଖ ନେତାଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ, କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ଆରଏସଏସ୍ ମୁଖ୍ୟ ମୋହନ ଭାଗବତ, ଏନ୍‌ସିପି ନେତା ଶରଦ ପାୱାର, ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ, ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ୍ ଠାକ୍‌ରେ ପ୍ରମୁଖ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ। ବଲିଉଡ୍ ଅଭିନେତାଙ୍କ ମଧ୍ୟରେ ଶାହରୁଖ ଖାନ୍‌ଙ୍କଠାରୁ ଆରମ୍ଭ କରି ସଲମାନ ଖାନ, କରିନା କପୁର ଖାନ୍, ଦୀପିକା ପାଦୁକୋନ, ଆମିର୍ ଖାନ, ମାଧୁରୀ ଦୀକ୍ଷିତ ନେନେ,ଲାରା ଦତ୍ତ, ରିତେଶ ଦେଶମୁଖ ଓ ତାଙ୍କ ସ୍ତ୍ରୀ ଜେନେଲିଆ ଭୋଟ ଦେଇଥିଲେ। ମୁମ୍ବାଇର ଏକ ବୁଥ୍ ବାହାରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନିଙ୍କ ସହ ୯୩ ବର୍ଷୀୟ ଭୋଟର ଖାନ୍ନା ସାହେବ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଇରାନି କହିଥିଲେ। ସେହିପରି ପୁଣେର ଜଣେ ୧୦୨ ବର୍ଷୀୟ ଭୋଟର ହସ୍ପିଟାଲରୁ ଭୋଟ ଦେବା ପାଇଁ ଯାଇଥିଲେ।

ବିଭିନ୍ନ ସ୍ଥାନରେ ଇଭିଏମ୍ ଓ ଭିଭିପିଏଟି ମେଶିନ୍‌ରେ ତ୍ରୁଟି ନେଇ ବିରୋଧୀ କଂଗ୍ରେସ ପକ୍ଷରୁ ୨୫୦ରୁ ଊର୍ଦ୍ଧ୍ୱ ଅଭିଯୋଗ ନିର୍ବାଚନ ଅଧିକାରୀଙ୍କ ପାଖରେ କରାଯାଇଛି। ରାମଟେକ୍ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ବଟନ ଦବାଇଲେ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଯାଉଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ଗଡଚିରୋଲି ଜିଲାରେ ନିର୍ବାଚନ ଡ୍ୟୁଟିରେ ଥିବା ଜଣେ ଶିକ୍ଷକ ମୂର୍ଚ୍ଛା ଯିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ପୁଣେରେ ଭୋଟ ଦେବା ପାଇଁ ଧାଡ଼ିରେ ଛିଡ଼ାହୋଇଥିବା ଜଣେ ୬୨ ବର୍ଷୀୟ ଭୋଟର ପଡ଼ିଯିବାରୁ ବ୍ରେନ୍ ହାମ୍‌ରେଜ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା।

ହରିୟାଣାରେ ମୋଟ ୧୯,୫୭୮ ବୁଥ୍‌ରେ ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ସାଇକେଲ୍‌ରେ ବୁଥ୍‌କୁ ଯାଇ ଭୋଟ ଦେଇଥିଲେ।

ଏହାବ୍ୟତୀତ ସୋମବାର ୧୮ ରାଜ୍ୟର ୫୧ ବିଧାନସଭା ଆସନ ଏବଂ ୨ ଲୋକ ସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ହାରାହାରି ମତଦାନ ହାର ୫୭ ପ୍ରତିଶତ ରହିଛି। କେରଳରେ ପ୍ରବଳ ବର୍ଷା ଯୋଗୁ କେତେକ ବୁଥ୍‌ରେ ପାଣି ପଶିଯାଇଥିଲା। ଉତ୍ତରପ୍ରଦେଶର ୧୧ ଆସନରେ ସର୍ବନିମ୍ନ ୪୭.୦୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି।



ମହାରାଷ୍ଟ୍ର: ସୋଲାପୁରର ଏକ ବୁଥ୍ ବାହାରେ ଭୋଟରଙ୍କ ଲମ୍ବା ଲାଇନ।

**ଆତଙ୍କବାଦୀ ଶିବିର ଧ୍ୱଂସ ଘଟଣା**

## ଭାରତର ଦାବିକୁ ପାକ୍‌ର ଖଣ୍ଡନ

**ଇସ୍‌ଲାମାବାଦ,୨୧।୧୦(ପି.ଟି.)-** ପିଓକେରେ ପଶି ଭାରତ ୩ ଆତଙ୍କବାଦୀ ଶିବିର ଧ୍ୱଂସ କରିବା ସହ ଅନେକ ପାକ୍ ସୈନ୍ୟ ଓ ଆତଙ୍କବାଦୀଙ୍କୁ ମାରିଥିବା ଦାବି କରୁଥିବାବେଳେ ପାକିସ୍ତାନ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଭାରତ ଚାହିଁଲେ ବିଦେଶୀ ମିଡିଆ ଓ କୂଟନୈତିକଙ୍କୁ ଡ଼ାକି ଉକ୍ତ ଅଞ୍ଚଳର ପ୍ରମାଣ ଦେଇପାରିବ ବୋଲି କୁହାଯାଇଛି। ରବିବାର ଭାରତୀୟ ସେନା ମୁଖ୍ୟ ବିପିନ ରାୱତ ପିଓକେରେ ୩ ଆତଙ୍କବାଦୀ ଶିବିର ଧ୍ୱଂସ କରାଯିବା ସହ ପ୍ରାୟ ୧୦ ପାକ୍‌ସୈନ୍ୟ ଓ ଆତଙ୍କବାଦୀଙ୍କୁ ନିପାତ କରିଥିବା କହିଥିଲେ। ଏହାକୁ ନେଇ ପାକ୍ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ୍ ଗଫୁର ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେଠାରେ କୌଣସି କ୍ୟାମ୍ପ ନ ଥିବା ସେ କହିଛନ୍ତି। ପୁଲ୍‌ୱାମା ଆକ୍ରମଣ ପରେ ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ମିଛ ଦାବିକରି ଅଞ୍ଚଳରେ ଶାନ୍ତିଭଙ୍ଗ କରୁଛନ୍ତି। ଭାରତୀୟ ସେନାର ଏଭଳି କଥା ଘରୋଇ ଫାଇଦା ଲାଗି ହୋଇପାରିଥାଏ, କିନ୍ତୁ ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସେ ମତ ଦେଇଛନ୍ତି।

**[ଇତିହାସର ଆଇନାରେ]**

## ଅକ୍ଟୋବର ୨୨ର ପ୍ରମୁଖ ଘଟଣା

୧୯୪୭ ଅକ୍ଟୋବର ୨୨ରେ ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀରକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ସ୍ୱାଧୀନତା ପରେ ଉଭୟ ଦେଶ ଏହାକୁ ଦାବିକରି ଆସୁଥିବାବେଳେ ଏହାକୁ ନେଇ ଏକାଧିକ ଯୁଦ୍ଧ ହୋଇସାରିଛି। ଏବେ କଶ୍ମୀରକୁ ଭାରତ ୫୫%, ପାକିସ୍ତାନ ୩୦% ଓ ଚାଇନା ୧୫% କବ୍ଜାକରି ରଖିଛନ୍ତି। ଏବେ ସୁଦ୍ଧା ଏହାର ସମାଧାନ ହୋଇପାରି ନାହିଁ।

୨୦୦୮ ଅକ୍ଟୋବର ୨୨ରେ ଭାରତ ଏହାର ଚନ୍ଦ୍ରୟାନ-୧ ମିଶନ ଆରମ୍ଭ କରିଥିଲା। ଏହି ମାନବବିହୀନ ମିଶନ ଇସ୍ରୋ ଦ୍ୱାରା କରାଯାଇଥିଲା। ପିଏସ୍‌ଏଲ୍‌ଭି-ଏକ୍ସଏଲ ରକେଟ ଦ୍ୱାରା ଅର୍ବିଟର ଓ ଇମ୍ପାକ୍ଟର ପଠାଯାଇଥିଲା। ମହାକାଶ ବିଜ୍ଞାନରେ ଭାରତର ଏହା ପ୍ରଥମ ଉପଲବ୍ଧି ଥିଲା। ପ୍ରାୟ ବର୍ଷେ ଏହା ଚନ୍ଦ୍ର ପରୀକ୍ଷଣ କରିବା ସହ ଅନେକ ତଥ୍ୟ ଯୋଗାଇବାରେ ସହାୟକ ହୋଇଥିଲା।

## ୧୨ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡାଦେଶ

**ଆଇନଜୀବୀଙ୍କ ସହାୟକଙ୍କୁ ହତ୍ୟା ଘଟଣା**

**ଢାକା, ୨୧।୧୦(ପି.ଟି.)**



ବାଂଲାଦେଶର ବାଜିତ୍‌ପୁରରେ ଜମି ବିବାଦକୁ ନେଇ ୨୦୧୫ ଅକ୍ଟୋବର ୨୨ରେ ଜଣେ ଆଇନଜୀବୀଙ୍କ ସହାୟକ ମୁବାରକ ହୋସେନ୍‌ଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ଶୁଣାଣି କରି ବାଂଲାଦେଶର ଫାଷ୍ଟଟ୍ରାକ୍ କୋର୍ଟ ୧୨ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ଢାକା ସେସନ୍ସ ଜଜ୍ କୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିବା ଆଇନଜୀବୀଙ୍କ ସହାୟକ ଭାବେ ହୋସେନ୍ କାମ କରୁଥିଲେ। କିଶୋରଗଞ୍ଜସ୍ଥିତ ବାଜିତ୍‌ପୁର ଉପଜିଲାରେ ଥିବା ଜମିକୁ ନେଇ ବିବାଦ ରହିଥିଲା। ଏହି ଘଟଣାରେ ଢାକା ସ୍ପିଡ୍ ଟ୍ରାଏଲ୍ ଟ୍ରିବ୍ୟୁନାଲ-୩ ବିଚାରପତି ମୋନିର କମଲ ସୋମବାର ଶୁଣାଣି କରି ୧୨ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିବାବେଳେ ଅନ୍ୟ ୨ ଅଭିଯୁକ୍ତଙ୍କୁ ବର୍ଷେ ଲେଖାଏ ଜେଲ୍‌ଦଣ୍ଡ ଭୋଗିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଜଣେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ମୃତ୍ୟୁଦଣ୍ଡ ପାଇଥିବା ୧୨ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣ ନିଖୋଜ ଅଛନ୍ତି। ପ୍ରତ୍ୟେକଙ୍କୁ ୨୦ ହଜାର ଟାକା(ବାଂଲାଦେଶ ମୁଦ୍ରା)ର ଜରିମାନା କରାଯାଇଛି। ହତ୍ୟାକାଣ୍ଡ ପରେ ୧୫ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ୨୦୧୭ ଜାନୁଆରୀ ୨ରେ ତଦନ୍ତକାରୀ ଅଧିକାରୀ ଚାର୍ଜଶିଟ୍ ଦାଖଲ କରିଥିଲେ। ୩୧ ସାକ୍ଷୀ ଓ ବିଭିନ୍ନ ରେକର୍ଡପତ୍ରର ତର୍ଜମା କରାଯାଇ ବିଚାରପତି ଏହି ଶୁଣାଣି କରିଥିଲେ।

**ଗଣମାଧ୍ୟମ କଟକଣାକୁ ବିରୋଧ**

## ପ୍ରଥମ ପୃଷ୍ଠା କଳା କଲେ ଅଷ୍ଟ୍ରେଲିଆ ଖବରକାଗଜ

**ସିଡ୍‌ନୀ,୨୧।୧୦**

ଗଣମାଧ୍ୟମ ସ୍ୱାଧୀନତା ଉପରେ ଅଷ୍ଟ୍ରେଲିଆ ସରକାର କଟକଣା ଲଗାଇଥିବାରୁ ଏହାକୁ ବିରୋଧକରି ସୋମବାର ଦେଶର ସମସ୍ତ ପ୍ରମୁଖ ଖବରକାଗଜ ସେମାନଙ୍କ ପ୍ରଥମ ପୃଷ୍ଠାର ଖବରକୁ କଳା କରିଥିଲେ। ଦି ଅଷ୍ଟ୍ରେଲିଆନ୍, ଦି ସିଡ୍‌ନୀ ମର୍ନିଂ ହେରାଲ୍ଡ ଏବଂ ଅଷ୍ଟ୍ରେଲିଆନ୍ ଫାଇନାନ୍ସିଆଲ ରିଭ୍ୟୁ ସମେତ ଜାତୀୟ ଓ ଆଞ୍ଚଳିକ ଖବରକାଗଜଗୁଡ଼ିକ ସେମାନଙ୍କ ପ୍ରଥମ ପୃଷ୍ଠାର ଖବରକୁ କଳା କରିଥିବା ଦେଖିବାକୁ ମିଳିଥିଲା। ସରକାର ପ୍ରକୃତ ସତ୍ୟକୁ ଲୁଚାଉଥିବାରୁ ଦେଶର ଟେଲିଭିଜନ ଚ୍ୟାନେଲଗୁଡ଼ିକରେ ବିଜ୍ଞାପନ ଦିଆଯାଇ ସରକାରଙ୍କ ନିଷ୍ପତ୍ତି ଉପରେ ବିଚାର କରିବାକୁ ଦର୍ଶକମାନଙ୍କୁ କୁହାଯାଇଥିଲା।

ଅଷ୍ଟ୍ରେଲିଆର ସଂଘୀୟ ସରକାର ହ୍ୱିସିଲ୍‌ବ୍ଲୋୟରଙ୍କୁ ଦଣ୍ଡିତ କରିବା ଓ କେତେକ କ୍ଷେତ୍ରରେ ସାମ୍ବାଦିକତାକୁ ଅପରାଧୀକରଣ କରିବା ଲାଗି ଆଇନ ଆଣିଛନ୍ତି। ଏହି ଆଇନ ବିରୋଧରେ ଦେଶର ସବୁ ଗଣମାଧ୍ୟମ ପକ୍ଷରୁ ସମ୍ମିଳିତ ପ୍ରତିବାଦ ଆନ୍ଦୋଳନ ଆରମ୍ଭ ହୋଇଛି। ସରକାର ବିରୋଧୀ ଖବରକୁ ନେଇ ଗତ ଜୁନ୍‌ରେ ଜାତୀୟ ଖବର ପ୍ରସାରଣ ସଂସ୍ଥା ଏବିସି ଏବଂ ନ୍ୟୁଜ୍ କର୍ପର ଜଣେ ଖବରଦାତାଙ୍କ ଘର ଉପରେ ସଂଘୀୟ ପୋଲିସର ଚଢ଼ାଉ କରାଯାଇଥିଲା। ଏହାର ବୈଧତାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଚଢ଼ାଉକୁ ବିରୋଧ କରି ରାଇଟ୍ ଟୁ ନୋ କୋଆଲିଶନ୍ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି। କଠୋର ଗୋପନୀୟତା ଆଇନରୁ ଖବରଦାତାମାନଙ୍କୁ ବାଦ୍ ଦେବା ସମେତ ସେମାନେ ମୁଖ୍ୟତଃ ୬ଟି ଦାବି କରିଛନ୍ତି। ସମ୍ବେଦନଶୀଳ ଖବର ସଂଗ୍ରହ କରିବା ଉପରେ କଟକଣା ଲାଗିଛି। ଏହା ବିରୋଧରେ ସରକାରଙ୍କ ଉପରେ ଜନସାଧାରଣ ଚାପ ପକାଇବା ସୋମବାର ପ୍ରତିବାଦର ଉଦ୍ଦେଶ୍ୟ। ପବ୍ଲିକ୍ ସେକ୍ଟର ହ୍ୱିସିଲ୍‌ବ୍ଲୋୟରମାନେ ଗଣମାଧ୍ୟମକୁ ଗୁରୁତ୍ୱପୂର୍ଣ୍ଣ ଖବର ଦେଉଥିବାରୁ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ହୋଇଛି। ସେମାନଙ୍କ ସୁରକ୍ଷା ପାଇଁ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଆହ୍ୱାନ ଦେଇଛନ୍ତି।





**୨୩ରେ କର୍‌ତାରପୁର କରିଡର ଚୁକ୍ତି**

## ସେବା ଟିକସ ହଟାଇବାକୁ କହିଲା ଭାରତ

**ନୂଆଦିଲ୍ଲୀ,୨୧।୧୦(ପି.ଟି.)**

କର୍‌ତାରପୁର କରିଡର କାର୍ଯ୍ୟକାରିତା ଲାଗି ୨୩ ତାରିଖରେ ପାକିସ୍ତାନ ସହ ଚୁକ୍ତିନାମା ସ୍ୱାକ୍ଷର ପାଇଁ ଭାରତ ପ୍ରସ୍ତୁତ ଥିବା ସୋମବାର କହିଛି। ତେବେ ତୀର୍ଥଯାତ୍ରୀଙ୍କ ଉପରେ ୨୦ ଡଲାର ସେବା ଟିକସ ବସାଇବାକୁ ପାକିସ୍ତାନ ନେଇଥିବା ନିଷ୍ପତ୍ତିର ପୁନର୍ବିଚାର କରିବାକୁ ନୂଆଦିଲ୍ଲୀ କହିଛି। ଗୁରୁ ନାନକ ଦେବଙ୍କ ୫୫୦ତମ ଜନ୍ମବାର୍ଷିକୀ ଅବସରରେ କର୍‌ତାରପୁର ସାହିବ୍ କରିଡର ଉଦ୍‌ଘାଟନ ହେଉଥିବାରୁ ଭାରତ ଓ ଅନ୍ୟ ଦେଶରୁ ତୀର୍ଥଯାତ୍ରୀମାନେ ସେଠାକୁ ଯିବାର ସୁଯୋଗ ପାଇବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୨୦ ଡଲାର ସେବା ଟିକସ ଧାର୍ଯ୍ୟ କରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏଭଳି ଟିକସ ନ ଲଗାଇବା ପାଇଁ ସରକାର ପାକିସ୍ତାନକୁ ଅନୁରୋଧ କରିଛନ୍ତି।

**ଆରେ ଗଛକଟା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ**

## ମେଟ୍ରୋ ଶେଡ୍ ପ୍ରକଳ୍ପ ବନ୍ଦ ହେବନି

**ନୂଆଦିଲ୍ଲୀ,୨୧।୧୦(ପି.ଟି.)**

ମୁମ୍ବାଇର ଆରେ କଲୋନିରେ ମେଟ୍ରୋ ଶେଡ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଉକ୍ତ କଲୋନିରେ ଗଛକଟାକୁ ବିରୋଧକରି ସର୍ବୋଚ୍ଚ ଅଦାଲତରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଗଛକଟା ବନ୍ଦ ରଖିବାକୁ ଅଦାଲତ କହିବା ସହ ଆରେ କଲୋନିରେ କରାଯାଇଥିବା ଚାରା ରୋପଣ, ପ୍ରତିରୋପଣ ଓ ଗଛକଟାର ଫଟୋ ସହ ସ୍ଥିତାବସ୍ଥା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୃହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟରେ ହାଜର ହୋଇ ଆରେ କଲୋନିରେ ଆଉ ଗଛ କଟାଯାଉନାହିଁ ଓ କୋର୍ଟଙ୍କ ନିର୍ଦ୍ଦେଶ ପରେ ସ୍ଥିତାବସ୍ଥା ଜାରି ରହିଛି ବୋଲି କହିଥିଲେ। ଜଷ୍ଟିସ୍ ଅରୁଣ ମିଶ୍ର ଓ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବରକୁ ଧାର୍ଯ୍ୟ କରିଛନ୍ତି।

ମେଟ୍ରୋ କାର୍ ଶେଡ୍ ନିର୍ମାଣ ଲାଗି ଆରେ କଲୋନିରୁ ୨୬୦୦ରୁ ଊର୍ଦ୍ଧ୍ୱ ଗଛ କାଟିବା ଲାଗି ବିଏମ୍‌ସି ନିଷ୍ପତ୍ତି ନେଇଥିଲା। ଏହା ଜଙ୍ଗଲ ନୁହେଁ ବୋଲି ବମ୍ବେ ହାଇକୋର୍ଟ କହିବା ସହ ବିଏମ୍‌ସି ନିଷ୍ପତ୍ତିକୁ ରଦ୍ଦ କରିବା ପାଇଁ ମନା କରିଦେଇଥିଲେ। ଏହା ବିରୋଧରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ହସ୍ତକ୍ଷେପ କରିବା ଲାଗି ଜଣେ ଛାତ୍ର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ପତ୍ର ଲେଖିବା ପରେ ସୁପ୍ରିମକୋର୍ଟ ଏହାକୁ ନିଜ ଆଡୁ ଜନସ୍ୱାର୍ଥ ମାମଲା ଭାବେ ଗ୍ରହଣ କରି ଆରେ କଲୋନିରେ ସ୍ଥିତାବସ୍ଥା ଜାରି ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲେ।



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ସହ ଥଣ୍ଡା ଅନୁଭବ ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୨.୩ |
| ଚାନ୍ଦବାଲି | ୩୨.୨ | ୨୪.୬ |
| କଟକ | ୩୨.୪ | ୨୫.୬ |
| ପାରାଦ୍ୱୀପ | ୩୨.୨ | ୨୫.୭ |
| ଭୁବନେଶ୍ୱର | ୩୪.୦ | ୨୩.୪ |
| ଗୋପାଳପୁର | ୩୫.୪ | ୨୪.୯ |
| ପୁରୀ | ୩୩.୦ | ୨୪.୮ |
| ଅନୁଗୋଳ | ୩୪.୭ | ୨୦.୦ |
| ବାରିପଦା | ୩୧.୦ | ୨୩.୨ |
| ଝାରସୁଗୁଡ଼ା | ୩୧.୪ | ୨୨.୬ |
| କେନ୍ଦୁଝର | ୩୦.୫ | ୨୧.୫ |
| ସମ୍ବଲପୁର | ୩୩.୩ | ୨୩.୨ |
| ସୁନ୍ଦରଗଡ଼ | ୨୭.୦ | ୧୫.୦ |
| ହୀରାକୁଦ | ୩୧.୯ | ୨୩.୫ |
| ତାଳଚେର | ୩୫.୧ | ୨୩.୩ |
| ଭବାନୀପାଟଣା | ୩୧.୫ | ୨୨.୫ |
| ବଲାଙ୍ଗୀର | ୩୧.୬ | ୨୪.୦ |
| କୋରାପୁଟ | ୨୮.୬ | ୧୯.୨ |
| ଫୁଲବାଣୀ | ୩୩.୪ | ୨୦.୫ |
| ଟିଟିଲାଗଡ଼ | ୩୩.୪ | ୨୦.୬ |
| ମାଲକାନଗିରି | ୩୨.୨ | -- |
| ସୋନପୁର | ୩୪.୪ | ୧୯.୮ |
| ଦାରିଙ୍ଗିବାଡ଼ି | -- | -- |

ଡିଗ୍ରୀ ସେଲ୍‌ସିୟସ୍

**ଲଦାଖରେ ବ୍ରିଜ୍ ଉଦ୍‌ଘାଟନ କଲେ ରାଜନାଥ**

## ପାକ୍ ଅନୁପ୍ରବେଶ ନ ରୋକିଲେ ଠିକଣା ଜବାବ ଦିଆଯିବ

**୩୫ ବର୍ଷ ପରେ ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ସିଆଚେନ୍**

**ଲେହ,୨୧।୧୦(ପି.ଟି.)**

ଭାରତ ବିରୋଧୀ କାର୍ଯ୍ୟକଳାପ ବନ୍ଦ କରିବା ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି। ଇସ୍‌ଲାମାବାଦ ଯଦି ଅନୁପ୍ରବେଶ ବନ୍ଦ ନ କରେ ତେବେ ଭାରତୀୟ ସେନା ଏହାର ଠିକଣା ଜବାବ ଦେବ। ସୋମବାର ରାଜନାଥ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟବର୍ତ୍ତୀ ପୂର୍ବ ଲଦାଖର ଶ୍ୟୋକ୍ ନଦୀ ଉପରେ କଲୋନେଲ୍ ଚେୱାଙ୍ଗ ରିନ୍‌ଚେନ୍ ବ୍ରିଜ୍ ଉଦ୍‌ଘାଟନ ଅବସରରେ ଏହା କହିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ, ପଡୋଶୀ ଦେଶ ଆତଙ୍କବାଦୀ କାର୍ଯ୍ୟକୁ ସମର୍ଥନ ଦେଇ ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଛି। ଭାରତୀୟ ସେନା ଏହାର ଠିକଣା ଜବାବ ଦେଇଛନ୍ତି। ରବିବାର ଭାରତୀୟ ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ପିଓକେରେ ୩ଟି ଆତଙ୍କବାଦୀ ଶିବିର ଧ୍ୱଂସହେବା ସହ ଅନେକ ଆତଙ୍କବାଦୀ ଓ ୧୦ ପାକ୍ ସୈନ୍ୟ ନିହତ ହୋଇଥିଲେ। ଡର୍‌ବୁକ ଓ ଦୌଲତ ବେଗ୍ ଓଲ୍‌ଡିକୁ ସଂଯୋଗ କରୁଥିବା ଚେୱାଙ୍ଗ ରିନ୍‌ଚେନ୍ ବ୍ରିଜ୍ ସୀମା ସଡ଼କ ସଂଗଠନ (ବିଆର୍‌ଓ) ପକ୍ଷରୁ ନିର୍ମାଣ କରାଯାଇଛି। ଦୀର୍ଘ ୩୫ ବର୍ଷ ପରେ ପର୍ଯ୍ୟଟକଙ୍କ ପାଇଁ ସିଆଚେନ୍ ଖୋଲାଯାଇଥିବା ରାଜନାଥ କହିଛନ୍ତି। ଉଦ୍‌ଘାଟନ ଉତ୍ସବରେ ସେନା ମୁଖ୍ୟ ଜେନେରାଲ ବିପିନ ରାୱତ, ଉତ୍ତରାଞ୍ଚଳ କମାଣ୍ଡ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରଣବୀର ସିଂ, ଲଦାଖ ଏମ୍‌ପି ଜମ୍ୟାଙ୍ଗ ସେରିଙ୍ଗ୍ ନମଗ୍ୟାଲ୍ ଉପସ୍ଥିତ ଥିଲେ।







## ସଂକ୍ଷେପରେ

### ମୃତଶିଶୁକୁ ବଞ୍ଚାଇବାକୁ ଝଡ଼ାଫୁଙ୍କା

**ପଟ୍ଟାମୁଣ୍ଡାଇ, ୨୧।୧୦ (ସ୍ୱ.ପ୍ର.):** ଲୋକଙ୍କ ମନରୁ ଅନ୍ଧ ବିଶ୍ୱାସ ଦୂର କରିବା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ଗାଁ ଗହଳିରେ ସଚେତନତା କାର୍ଯ୍ୟକ୍ରମମାନ କରାଯାଉଛି। ଉନ୍ନତମାନର ଜ୍ଞାନକୌଶଳ ବ୍ୟବହାର ଓ ବିଜ୍ଞାନର ଯଥେଷ୍ଟ ଉନ୍ନତି ସତ୍ତ୍ୱେ ଏବେ ବି ଲୋକଙ୍କ ମନରେ ଅନ୍ଧବିଶ୍ୱାସ ଭରି ରହିଛି। ମୃତ ଶିଶୁପୁତ୍ରକୁ ବଞ୍ଚାଇବା ପାଇଁ ଜଣେ ଗୁଣିଆ ଝଡ଼ାଫୁଙ୍କା କରିଛନ୍ତି। ଏଭଳି ଘଟଣା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ନଜର ଆସିଛି। ଘଟଣା ମୁତାବକ, ପଟ୍ଟାମୁଣ୍ଡାଇ ଥାନା ତଥା ଚଉଦକୁଲାଟ ଫାଣ୍ଡି ଅଧୀନ ଗାଙ୍ଗପଡା ଗ୍ରାମର ବାବୁରାମ ଯେନାଙ୍କ ପୁଅ ସୁମନ୍ତ (୭) ରବିବାର ରାତିରେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ମା'ବାପା ତାଙ୍କୁ ତୁରନ୍ତ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକସ୍ଥିତ ଶିଶୁଭବନକୁ ସ୍ଥାନାନ୍ତର କରିଦେଇଥିଲେ। ହେଲେ ସେଠାରେ ପହଞ୍ଚିବା ପରେ ଡାକ୍ତର ସୁମନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ସେମାନେ ପୁଅର ମୃତଦେହ ଧରି ଗାଁକୁ ଫେରିବା ପରେ ଝଡ଼ାଫୁଙ୍କା କଲେ ପୁଅ ବଞ୍ଚିଯିବ ବୋଲି ଗ୍ରାମର କେତେଜଣ ବ୍ୟକ୍ତି କହିଥିଲେ। ତେବେ ୨ ଜଣ ଗୁଣିଆ ୨ ଘଣ୍ଟା ଧରି ସୁମନ୍ତଙ୍କ ମୃତଦେହକୁ ଝଡ଼ାଫୁଙ୍କା କରିଥିଲେ। ହେଲେ କିଛି ସୁଫଳ ମିଳିନ ଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ସୁମନ୍ତଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ୧୮ରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ

**ନୂଆଦିଲ୍ଲୀ,୨୧।୧୦(ପି.ଟି.):** ନଭେମ୍ବର ୧୮ରୁ ଡିସେମ୍ବର ୧୩ ପର୍ଯ୍ୟନ୍ତ ପାର୍ଲାମେଣ୍ଟର ଶୀତ ଅଧିବେଶନ ଅନୁଷ୍ଠିତ ହେବ। ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଏନେଇ ଉଭୟ ଗୃହର ସଚିବାଳୟକୁ ଜଣାଇଦେଇଛି। ଏହି ଅଧିବେଶନରେ ଅନେକ ବିଲ୍ ଆଗତ ହେବ। ଏହାବ୍ୟତୀତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଧାଦେଶକୁ ଆଇନରେ ପରିଣତ କରିବା ଲାଗି ସରକାର ବିଲ୍ ଆଣିବେ। ମାନ୍ଦାବସ୍ଥାରୁ ଅର୍ଥନୀତିକୁ ମୁକୁଳାଇବା ନିମନ୍ତେ ନୂତନ ତଥା ଘରୋଇ କମ୍ପାନୀଗୁଡ଼ିକ ଲାଗି କର୍ପୋରେଟ ଟିକସ ହ୍ରାସ ପାଇଁ ସେପ୍ଟେମ୍ବରରେ ଅଧାଦେଶ ଅଣାଯାଇଥିଲା। ସେହି ମାସରେ ଇ-ସିଗାରେଟ ଉତ୍ପାଦନ, ବିକ୍ରି ଓ ଗଚ୍ଛିତ ରଖିବାକୁ ବେଆଇନ ଘୋଷଣା କରିବା ଲାଗି ଅନ୍ୟ ଏକ ଅଧାଦେଶ ଅଣାଯାଇଥିଲା। ପୂର୍ବ ଦୁଇବର୍ଷରେ ଶୀତ ଅଧିବେଶନ ନଭେମ୍ବର ୨୧ରେ ଆରମ୍ଭ ହୋଇ ଜାନୁୟାରୀ ପ୍ରଥମ ସପ୍ତାହରେ ଶେଷ ହୋଇଥିଲା।

## ବାଣିଜ୍ୟ ଓ ପରିବହନ ବିଭାଗକୁ ଗଲା ବେସାମରିକ ବିମାନ ଚଳାଚଳ ଶାଖା

# ଓଡ଼ିଶା ଶ୍ରମ ସେବା କ୍ୟାଡରର ପୁନର୍ଗଠନ

- ରାଜ୍ୟ କ୍ୟାଡରଭୁକ୍ତ ହେବେ ଜଳ ସମ୍ପଦ ଜିଲାସ୍ତରୀୟ କର୍ମଚାରୀ
- ୧୯ ପିଭିଟିଜି ଶିକ୍ଷାନୁଷ୍ଠାନ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗକୁ ଯିବ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଥିବା ବେସାମରିକ ବିମାନ ଚଳାଚଳ ଶାଖାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ସ୍ଥାନାନ୍ତର କରାଯାଇଛି। ଏଥିପାଇଁ ଓଡ଼ିଶା ସରକାରୀ କାର୍ଯ୍ୟ ନିୟମାବଳୀରେ ସଂଶୋଧନ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟରେ ପ୍ରଶାସନିକ, ଅର୍ଥନୈତିକ ଏବଂ ସାମଗ୍ରିକ ବିକାଶ ତଥା ବିମାନ ଚଳାଚଳ ବ୍ୟବସ୍ଥାର କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତା ଦେଖି ରାଜ୍ୟ ସରକାର ରେଳ, ସଡ଼କ ଓ ବିମାନ ଚଳାଚଳ ବ୍ୟବସ୍ଥାକୁ ପରିବହନ ବିଭାଗକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛନ୍ତି।

ରାଜ୍ୟ ସରକାର ଓଡ଼ିଶା ଶ୍ରମ ସେବା କ୍ୟାଡରର ପୁନର୍ଗଠନ କରିଛନ୍ତି। ଏଥିପାଇଁ ଓଡ଼ିଶା ଶ୍ରମ ସେବା (ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ରୁଲ୍ ୧୯୮୪କୁ ରଦ୍ଦ କରାଯାଇଛି। ଏହା ପରିବର୍ତ୍ତେ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଦ୍ୱାରା ଦିଆଯାଇଥିବା ଓଡ଼ିଶା ଶ୍ରମ ସେବା (ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମ-୨୦୧୯କୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ପୂର୍ବରୁ ଏହି କ୍ୟାଡରରେ ଶ୍ରମ ଅଧିକାରୀଙ୍କ ସଂଖ୍ୟା ୨୪୩ ଥିଲା। ଏବେ ୨୯୬ ପଦବୀ ସୃଷ୍ଟି କରାଯାଇଛି। ଏହି ସଂଶୋଧନ ପରେ ଶ୍ରମ ସେବା କ୍ୟାଡର ପଦବୀ ସଂଖ୍ୟା ୫୩୯କୁ ବୃଦ୍ଧି କରାଯାଇଛି। ଏହି ନୂତନ ନିୟମ ବଳରେ ଶ୍ରମ ଅଧିକାରୀମାନଙ୍କର ନିଯୁକ୍ତି ତଥା ପଦୋନ୍ନତି ପାଇଁ ମାନଦଣ୍ଡ ଧାର୍ଯ୍ୟ କରାଯାଇଛି। ସହ ଶ୍ରମ ଅଧିକାରୀ ପଦବୀଗୁଡ଼ିକ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ପୂରଣ କରାଯିବ। ଜିଲା ଶ୍ରମ ଅଧିକାରୀ, ବିଭାଗୀୟ ଶ୍ରମ କମିଶନର, ଯୁଗ୍ମ ଶ୍ରମ କମିଶନର ଏବଂ ଅତିରିକ୍ତ ଶ୍ରମ କମିଶନର ପଦବୀଗୁଡ଼ିକ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ।

ଓଡ଼ିଶା ଅମଲା ସେବା (ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ ଗୁଡିକରେ ଥିବା ପଦବୀଗୁଡ଼ିକ ପାଇଁ ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତାବଳୀ) ନିୟମ-୨୦୧୯ ଏବଂ (ଜଳ ସମ୍ପଦ ବିଭାଗ ଜିଲା କାର୍ଯ୍ୟାଳୟ ଏବଂ ଅଧସ୍ତନ କାର୍ଯ୍ୟାଳୟରେ କନିଷ୍ଠ ସହାୟକ, ବରିଷ୍ଠ ସହାୟକ ଓ ଉପବିଭାଗ ଅଧିକାରୀଙ୍କ ନିଯୁକ୍ତି ପଦ୍ଧତି ଓ ସେବା) ନିୟାମାବଳୀ ୨୦୧୯କୁ ସଂଶୋଧନ କରାଯାଇଛି। ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ସଂଶୋଧନ ପରେ ଜଳ ସମ୍ପଦ ରାଜ୍ୟସ୍ତରୀୟ କ୍ୟାଡର କାର୍ଯ୍ୟାଳୟର କର୍ମଚାରୀମାନଙ୍କ ବଦଳି ଓ ପଦୋନ୍ନତି ଗୋଟିଏ ଜିଲାରୁ ଅନ୍ୟ ଜିଲାକୁ ହୋଇପାରିବ। ସେହିପରି ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନାଗୁଡ଼ିକ ପାଇଁ ୩ଟି କ୍ୟାଡର ଗଠନ ହେବ। ସେଗୁଡ଼ିକ ହେଲା ମୁଖ୍ୟଯନ୍ତ୍ରୀ ଅଫିସ ଗ୍ରୁପ ସି, ସମସ୍ତ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନାର ଡିଭିଜନ ଅଫିସର ଗ୍ରୁପ ସି ଏବଂ କ୍ଷୁଦ୍ର ଜଳସେଚନ ଯୋଜନାର ଗ୍ରୁପ ସି କ୍ୟାଡର। ଉକ୍ତ କର୍ମଚାରୀମାନଙ୍କୁ ରାଜ୍ୟସ୍ତରୀୟ କ୍ୟାଡର ମାନ୍ୟତା ପ୍ରଦାନ କରାଯିବ। ମୁଖ୍ୟଯନ୍ତ୍ରୀ ଅଫିସ ଗ୍ରୁପ ସି, ସମସ୍ତ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନାର ଡିଭିଜନ ଅଫିସର ଗ୍ରୁପ ସି ଆଦି ଦୁଇଟି କ୍ୟାଡର ନିୟନ୍ତ୍ରଣ ଅଧିକାରୀ ଭାବେ, ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଏବଂ କ୍ଷୁଦ୍ର ଜଳ ସେଚନ ଯୋଜନାର ଗ୍ରୁପ ସି କ୍ୟାଡର ନିୟନ୍ତ୍ରଣ ଅଧିକାରୀ ଭାବେ କ୍ଷୁଦ୍ର ଜଳସେଚନ ମୁଖ୍ୟଯନ୍ତ୍ରୀ କାର୍ଯ୍ୟ କରିବେ। ଜଳ ସମ୍ପଦ ଅଧୀନରେ ଥିବା ବୃହତ୍, ମଧ୍ୟମ ଓ କ୍ଷୁଦ୍ରଜଳସେଚନ ଯୋଜନାଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନେ ଅବସର ପର୍ଯ୍ୟନ୍ତ ମୂଳ କ୍ୟାଡରରେ ରହି ପଦୋନ୍ନତି ପାଇବେ। ଉକ୍ତ ୩ଟି କ୍ୟାଡର ରାଜ୍ୟସ୍ତରୀୟ କ୍ୟାଡର ବିବେଚିତ ହେଉଥିବାରୁ ସେଥିରେ ଥିବା ମୂଳ ପଦବୀଗୁଡ଼ିକ ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଏବଂ କ୍ଷୁଦ୍ର ଜଳସେଚନ ମୁଖ୍ୟଯନ୍ତ୍ରୀଙ୍କ ମାଧ୍ୟମରେ ଓଡ଼ିଶା କର୍ମଚାରୀ ଚୟନ ଆୟୋଗଙ୍କ ଦ୍ୱାରା ପୂରଣ କରାଯିବ।

ବିଲୁପ୍ତ ପ୍ରାୟ ଜନଜାତି (ପିଭିଟିଜି)ମାନଙ୍କ ପାଇଁ ଉଦ୍ଦିଷ୍ଟ ୧୯ଟି ଶିକ୍ଷାୟତନକୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଅଧୀନରେ ପରିଚାଳିତ ହେଉଥିବା ଶିକ୍ଷା ବ୍ୟବସ୍ଥାର ପରିସର ଭୁକ୍ତ କରାଯିବ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି।

### ଲୋକଙ୍କ ସମସ୍ୟା ବୁଝିବାକୁ ୯ କି.ମି. ଚାଲିଲେ ବିଡିଓ

**ଦଶପଲ୍ଲା,୨୧।୧୦(ଡି.ଏନ.ଏ.)**

ରାଜ୍ୟ ସରକାର ଚଳିତମାସ ୨ ତାରିଖରୁ ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ୫-ଟି ଆଧାରରେ ରାଜନେତାଠାରୁ ଆରମ୍ଭ କରି ଉଚ୍ଚ ପଦାଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ କାର୍ଯ୍ୟ କରୁଛନ୍ତି। ଲୋକଙ୍କ ନିକଟତର ହୋଇ ସେମାନଙ୍କ ସୁବିଧାଅସୁବିଧା ବୁଝିବା ଉଦ୍ଦେଶ୍ୟରେ ଏହି ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ସୋମବାର ନୟାଗଡ଼ ଜିଲା ଦଶପଲ୍ଲା ବିଡିଓ ଦେବୀ ପ୍ରସାଦ ମହାନ୍ତି ଲୋକଙ୍କ ସମସ୍ୟା ବୁଝିବା ପାଇଁ ବଣଜଙ୍ଗଲ ମଧ୍ୟରେ ୯କି.ମି. ଚାଲିଥିଲେ। ତାଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଆଦିବାସୀ ଅଧ୍ୟୁଷିତ ଟାକେରା ପଞ୍ଚାୟତର ପାନାବାରୀ ଓ ତାବେରା ଗ୍ରାମକୁ ଯାଇଥିଲେ। ବିଡିଓ ଉକ୍ତ ୨ଗୋଟି ଗ୍ରାମର ବାସିନ୍ଦାଙ୍କୁ ଏକତ୍ରିତ କରି ଏକ ସଭା କରିଥିଲେ। ସଭାରେ ଲୋକମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ତୁରନ୍ତ ଏହାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗମନାଗମନ ପାଇଁ ରାସ୍ତାଟିଏ ନ ଥିବାରୁ ସେଥିପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ବ୍ୟୟ ଅଟକଳ ମଞ୍ଜୁର କରାଇବାକୁ ବିଡିଓ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ପୋଲିସର ବିଫଳତା ବିରୋଧରେ ଅଭିନବ ପ୍ରତିବାଦ

# ଜୋତା ପଲିସ କଲେ ପୂର୍ବତନ ଭିଜିଲାନ୍ସ ଏସ୍‌ପି

**ବାଲେଶ୍ୱର ଅଫିସ, ୨୧।୧୦**

ବାଲେଶ୍ୱର ସହରରେ ଦିନକୁ ଦିନ ବଢ଼ି ଚାଲିଛି ଲୁଟେରାଙ୍କ ରାଜ୍। ଦୁର୍ବୃତ୍ତମାନେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଲୁଟ୍‌ତରାଜ ଚଳାଇଛନ୍ତି। ପୋଲିସ ଏହାକୁ ରୋକିପାରୁନାହିଁ। ଆଇନଶୃଙ୍ଖଳା ସ୍ଥିତି ବିଗିଡିବାରେ ଲାଗିଛି। ଗତ ୧୦ଦିନ ଭିତରେ ସହରରେ ଦୁଇଟି ଲୁଟ୍ ଘଟିଥିଲେ ବି ପୋଲିସ ଲୁଟେରାଙ୍କର କୌଣସି ଟେର୍ ପାଇନି। ନା ପୋଲିସ ଲୋକଙ୍କୁ ଦେଉଛି ସୁରକ୍ଷା ନା ନ୍ୟାୟ। ପୋଲିସ ବିଭାଗର ଏଭଳି ବିଫଳତା ଓ ଅପାରଗପଣିଆର ପ୍ରତିବାଦ ଜଣାଇ ପୂର୍ବତନ ଭିଜିଲାନ୍ସ ଏସ୍‌ପି ଉଜ୍ୱଳ କୁମାର ବ୍ରହ୍ମା ସୋମବାର ପୂର୍ବାହ୍ନରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଅଫିସ୍ ସମ୍ମୁଖରେ ବସି ଜୋତା ପଲିସ କରିବା ଘଟଣା ଦେଖିବାକୁ ମିଳିଛି। ପୋଲିସ୍‌ର ଦୁର୍ନୀତିଖୋର୍ ମନୋଭାବ ଓ ବିଫଳ କାର୍ଯ୍ୟଧାରା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବାକୁ ସେ ଏଭଳି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି।



ଅବସରପ୍ରାପ୍ତ ଭିଜିଲାନ୍ସ ଏସ୍‌ପି ଉଜ୍ୱଳ କୁମାର ବ୍ରହ୍ମା ଜୋତା ପଲିସ୍ କରୁଛନ୍ତି।

ଅବସରପ୍ରାପ୍ତ ଭିଜିଲାନ୍ସ ଏସ୍‌ପି ବ୍ରହ୍ମା ସୋମବାର ପୂର୍ବାହ୍ନ ୧୦ଟା ବେଳେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଅଫିସ୍ ସମ୍ମୁଖକୁ ଆସି ସେଠାରେ ବସି ଅଭିନବ ପ୍ରତିବାଦ ସ୍ୱରୂପ ପଥଚାରୀଙ୍କ ଜୋତା ପଲିସ କରିବା ଆରମ୍ଭ କରିଥିଲେ। ଏହାଦେଖି ଅନେକ ଦେଖଣାହାରୀ ସେଠାରେ ଭିଡ ଜମାଇଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ବସି ରହି ଜୋତା ପଲିସ କରି ପ୍ରତିବାଦ ଜଣାଇଥିଲେ ମଧ୍ୟ କୌଣସି ଅଧିକାରୀ ତାଙ୍କୁ ଭେଟିବାକୁ ଆସି ନ ଥିଲେ। ଏହି ଅବସରରେ ପୋଲିସ ବିଭାଗ କିଭଳି ଦୁର୍ନୀତିରେ ବୁଡି କାର୍ଯ୍ୟ କରୁଛି, ତାହା ସେ ଲୋକଙ୍କୁ ବୁଝାଇଥିଲେ। ଯେତେଦିନ ପର୍ଯ୍ୟନ୍ତ ପୋଲିସ୍ ନିୟମିତ ଏବଂ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ ନ କରିଛି, ସେ ବିଭିନ୍ନ ଥାନା ସମ୍ମୁଖରେ ବସି ଏହିପରି ପ୍ରତିବାଦ ଜଣାଇ ଲୋକଙ୍କ ସଚେତନ କରିବେ ବୋଲି କହିଥିଲେ।

### ବଜ୍ରକାପ୍ତା କାତି ଜବତ, ୬ ଗିରଫ

**ଉଦଳା,୨୨।୧୦(ଡି.ଏନ୍.ଏ.)**

ବଜ୍ରକାପ୍ତା ଚୋରା ଚାଲାଣର ପେଣ୍ଠସ୍ଥଳୀ ପାଲଟିଛି ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଏରିଆ। କିଛିମାସ ପୂର୍ବେ ବଜ୍ରକାପ୍ତା ଚୋରା ଚାଲାଣ ନିମନ୍ତେ ଡିଲ୍ ହେଉଥିବା ବେଳେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ୪ ବେପାରୀଙ୍କୁ ଗିରଫ କରିଥିଲା। ଏବେ ବଜ୍ରକାପ୍ତା ନୁହେଁ, ଏହାର କାତି ବେପାର ଚାଲିବା ସାମ୍ନାକୁ ଆସିଛି। ୭ ଲକ୍ଷ ଟଙ୍କାରେ ବଜ୍ରକାପ୍ତା କାତି ବିକ୍ରି ନିମନ୍ତେ ଡିଲ୍ ହେଉଥିବା ବେଳେ ରବିବାର ରାତିରେ ଉଦଳା ବନ ବିଭାଗ ଦୁଇଟି ସ୍ଥାନରେ ଚଢ଼ାଉ କରି ୬ ବେପାରୀଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ବଜ୍ରକାପ୍ତା କାତି ବିକ୍ରି ପାଇଁ ଯୋଜନା ଚାଲିଥିବା ଖବର ପାଇ ଉଦଳା ବନ ବିଭାଗ କର୍ମଚାରୀ ଗ୍ରାହକ ସାଜି ରବିବାର ବିଳମ୍ବିତ ରାତିରେ ଉଦଳା ବ୍ଲକ ଅଧୀନ ଚାଲିଛତ୍ରା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ୩ ଜଣ ବେପାରୀ ବନ କର୍ମଚାରୀଙ୍କ ସହିତ କାତି ବିକ୍ରି ନିମନ୍ତେ ଡିଲ୍ କରିଥିଲେ। ୨ଟି କାତିର ସାମ୍ପୁଲ ଦେଖାଇ ଲକ୍ଷାଧିକ ଟଙ୍କାରେ ବିକିବା ନିମନ୍ତେ ଡିଲ୍ ଚାଲିଥିବା ବେଳେ ସେଠାରେ ପୂର୍ବରୁ ଲୁଚି ରହିଥିବା ବନ କର୍ମଚାରୀ ପହଞ୍ଚି ଉକ୍ତ ୩ ଜଣଙ୍କୁ ଗିରଫ କରିବା ସହ ୨ଟି ବଜ୍ରକାପ୍ତା କାତି ଜବତ କରିଥିଲେ।

# ଜିଲାପାଳଙ୍କ ଗାଡ଼ି ଆଗରେ ଆତ୍ମହତ୍ୟା ଉଦ୍ୟମ


ଜିଲାପାଳଙ୍କ ଗାଡ଼ି ଆଗରୁ ସୁମତିଙ୍କୁ ପୋଲିସ ଟାଣି ନେଉଛି।

## ନ୍ୟାୟ ନ ପାଇ ମହିଳା ନିରାଶ

**ଭଞ୍ଜନଗର,୨୧।୧୦(ଡି.ଏନ.ଏ)**

ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ୩୫୪ଟି ଅଭିଯୋଗ ଆସିଥିଲା। ରେଡ୍‌କ୍ରସ ଫଣ୍ଡରୁ ୨ଜଣଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଜିଲାପାଳ ଅଭିଯୋଗ ଶୁଣାଣି ସାରି ମେଡ଼ିକାଲ ପରିଦର୍ଶନ ପାଇଁ ବାହାରିଥିବାବେଳେ ବାଲିପଦର ଫାଣ୍ଡି ରାମଗଡ଼ର ସୁମତି ନାୟକ ତାଙ୍କ ଗାଡ଼ି ଆଗକୁ ହଠାତ୍ ଚାଲିଆସି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉପସ୍ଥିତ ପୋଲିସ ସୁମତିଙ୍କୁ କାବୁ କରି ନେଇଥିଲେ। ଏହାପରେ ଜିଲାପାଳ ମେଡିକାଲ ଅଭିମୁଖେ ଚାଲିଯାଇଥିଲେ। ସୁମତି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି ଯେ, ଏକ ଘରୋଇ ଜୀବନ ବୀମା କମ୍ପାନୀର ମହିଳା ଏଜେଣ୍ଟ ମୋଠାରୁ ଟଙ୍କା ଠକି ନେଇଛନ୍ତି। ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଶୁଣୁନାହିଁ। ତେଣୁ ଆଜି ନିରାଶ ହୋଇ ଜିଲାପାଳଙ୍କ ଗାଡ଼ି ଆଗରେ ଆତ୍ମହତ୍ୟା କରିବାକୁ ଯାଉଥିଲି।

ସୂଚନାଯୋଗ୍ୟ ଯେ, ମହିଳା ଜଣଙ୍କ ଆତ୍ମହତ୍ୟା ଉଦ୍ୟମ କରିବା ପୂର୍ବରୁ ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ଭେଟି ଦାବିପତ୍ର ଦେଇଥିଲେ। ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ।

# ୫ଦିନିଆ ବିଦେଶ ଗସ୍ତରେ ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ):** ଅକ୍ଟୋବର ୨୨ ରୁ ୨୬ ତାରିଖ ପର୍ଯ୍ୟନ୍ତ ରୁଷ ଓ ଜାପାନକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୫ ଦିନିଆ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ରଙ୍କ ସହ ଏକ ଉଚ୍ଚସ୍ତରୀୟ ସରକାରୀ ଅଧିକାରୀ ଟିମ୍ ଏବଂ ବ୍ୟବସାୟିକ ଦଳ ଗସ୍ତରେ ଯିବେ। ଗତ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷର ଭ୍ଲାଡିଭୋଷ୍ଟୋକ ଇକୋନୋମିକ୍ ଫୋରମ ବୈଠକରେ ଯୋଗଦେଇଥିଲେ। ଭ୍ଲାଡିଭୋଷ୍ଟୋକରେ ମଙ୍ଗଳବାରଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାଳରେ ହୋଇଥିବା ଆଲୋଚନାକୁ ଆଗେଇ ନେବା ପାଇଁ ପଦକ୍ଷେପ ନେବାର କାର୍ଯ୍ୟକ୍ରମ ରହିଛି। ରୁଷର ବିଭିନ୍ନ ବିଭାଗର ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ବ୍ୟବସାୟୀ ଗୋଷ୍ଠୀ, ମନ୍ତ୍ରୀଙ୍କ ସାକ୍ଷାତ ଆଲୋଚନା ସହ ବିଭିନ୍ନ ସ୍ଥାନକୁ ଯାଇ ବ୍ୟବସାୟିକ ସମ୍ଭାବନା ଉପରେ ଆଲୋଚନା କରିବେ। ଜେଭେଡାର ଜାହାଜ ପ୍ରସ୍ତୁତି ପ୍ରକଳ୍ପ, ରୁଷର ପୂର୍ବାଞ୍ଚଳର ତୈଳ ଓ ଗ୍ୟାସ ପ୍ରକଳ୍ପ ବୁଲି ଦେଖିବା ସହ କୁକିଂ କୋଲ୍ ଓ ପରିବହନ ପଥ ସମ୍ପର୍କରେ ଆଲୋଚନା ସହ ବିଭିନ୍ନ ବ୍ୟବସାୟିକ ସମ୍ଭାବନା ସମ୍ପର୍କରେ ପଦକ୍ଷେପ ନେବାର କାର୍ଯ୍ୟକ୍ରମ ରହିଛି। ଜାପାନର ଅର୍ଥନୀତି, ବ୍ୟବସାୟ ଓ ଶିଳ୍ପ ମନ୍ତ୍ରୀଙ୍କ ଅନୁରୋଧ କ୍ରମେ ୨୫ ଓ ୨୬ ଦୁଇଦିନ ଟୋକିଓରେ ଅବସ୍ଥାନ କରିବେ। ଟୋକିଓରେ ବିଶ୍ୱ ଇସ୍ପାତ୍ ସମ୍ମିଳନୀରେ ଯୋଗଦେବେ। ଭାରତ ଓ ଜାପାନ ମଧ୍ୟରେ ଶକ୍ତି କ୍ଷେତ୍ରରେ ସହଯୋଗ ନେଇ ଜାପାନର ଶକ୍ତିମନ୍ତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିବେ।

## ଅଧକ୍ଷା ନିଯୁକ୍ତି ଓ ଯୋଗଦାନରେ ଜାଲିଆତି ଅଭିଯୋଗ

# ନିଯୁକ୍ତି ସମ୍ପର୍କିତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

## ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟ

**ପଟ୍ଟାମୁଣ୍ଡାଇ, ୨୧।୧୦ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ମହିଳା କଲେଜ ଅଧକ୍ଷା ପ୍ରଭାବତି ପଡିହାରୀଙ୍କ ନିଯୁକ୍ତି ଓ ଯୋଗଦାନରେ ଜାଲିଆତି ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହୋଇଥିଲା। ତେବେ ଏହି ନିଯୁକ୍ତି ସମ୍ପର୍କିତ ସମସ୍ତ ରେକର୍ଡ ପତ୍ର ଆସନ୍ତା ୭ ଦିନ ମଧ୍ୟରେ ଦାଖଲ କରିବାକୁ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଅଧକ୍ଷାଙ୍କୁ ୨୧।୧୦।୨୦୧୯ରେ ଚିଠି ନଂ. ୯୨୩୭ରେ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ଅଧକ୍ଷା ପଡିହାରୀଙ୍କ ନିଯୁକ୍ତି ଓ ଯୋଗଦାନରେ ଜାଲିଆତି ହୋଇଥିବା ସ୍ଥାନୀୟ ଅଞ୍ଚଳର ପ୍ରଫୁଲ୍ଲ ସ୍ୱାଇଁ, ନାରାୟଣ ଦାସ, ରଞ୍ଜନ କୁମାର ସାହାଣୀ, ଅଜୟ ଦାସ, ଦେବୀ ପ୍ରସନ୍ନ ଦାସ, ବିକାଶ ଦାସ, ସୌମ୍ୟ ବାରିକ, ସୁଧାଂଶୁ ବେହେରା, ଅଲ୍ଲେଖଜିତ ପଲାଇ ଓ ପ୍ରକାଶ ଜେନା ପ୍ରମୁଖ ଗତ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ, ବର୍ତ୍ତମାନର କଲେଜ ଅଧକ୍ଷା ପଡ଼ିହାରୀ ୨୯।୭।୧୯୯୨ରେ କଲେଜରେ ନିଯୁକ୍ତି ପାଇଥିବା ସରକାରୀ କାଗଜପତ୍ରରେ ଦର୍ଶାଇଛନ୍ତି। କିନ୍ତୁ ସେତେବେଳେ ଏହି ନିଯୁକ୍ତି ସମ୍ପର୍କରେ କୌଣସି ବିଜ୍ଞାପନ ପ୍ରକାଶ ପାଇ ନ ଥିଲା। ଏଥିସହ କଲେଜର ପୂର୍ବତନ ଅଧକ୍ଷ ବିପିନ୍ ବିହାରୀ ବାରିକ ଜାଲ୍ କାଜଗପତ୍ର କରି ଅଧକ୍ଷା ପଡ଼ିହାରୀଙ୍କୁ ୧୯୯୨ରୁ ୧୯୯୪ ପର୍ଯ୍ୟନ୍ତ ବକେୟା ଦରମା ମଧ୍ୟ ପ୍ରଦାନ କରାଇ ଦେଇଛନ୍ତି। ପୂର୍ବତନ ଅଧକ୍ଷ ବାରିକ ଏହି ଜାଲିଆତି ଘଟଣାର ମାଷ୍ଟରମାଇଣ୍ଡ ଏବଂ ପୁରା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଅଭିଯୋଗକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ।

# ୩ ନକଲି ମାଓବାଦୀ ଗିରଫ

## ଦେଶୀ ବନ୍ଧୁକ, ପୋଷାକ, ବ୍ୟାନର ଜବତ

**କୋରାପୁଟ,୨୧।୧୦(ସ୍ୱ.ପ୍ର)**

କୋରାପୁଟ ଜିଲାରେ ୩ ବର୍ଷ ହେଲା ମାଓବାଦୀଙ୍କ ନାମରେ ଅର୍ଥ ଆଦାୟ କରୁଥିବା ଅଭିଯୋଗରେ ସୋମବାର କାକିରିଗୁମ୍ମା ପୋଲିସ ୩ ନକଲି ମାଓବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ସେମିଳିଗୁଡା ଥାନା ଉପରସାହିର ଶୁକଦେବ ମହାନନ୍ଦିଆ(୩୭), ସେମିଳିଗୁଡା ତଳ ସାହିର ଶ୍ୟାମ ମହାନନ୍ଦିଆ (୨୮) ଏବଂ ନାରାୟଣପାଟଣା ବ୍ଲକ ଉପରଗୁମାଣ୍ଡି ଗ୍ରାମର ପୂର୍ଣ୍ଣ ତାଡିଙ୍ଗି(୨୭)। ସେମାନଙ୍କଠାରୁ ଏକ ଦେଶୀ ବନ୍ଧୁକ, ବହୁ ପୋଷ୍ଟର , ବ୍ୟାନର, ମାଓବାଦୀଙ୍କ ପୋଷାକ,ଲେଟର ପ୍ୟାଡ଼, ମୋବାଇଲ ଆଦି ଜବତ କରିଛି। ଏନେଇ କାକିରିଗୁମ୍ମା ଥାନାରେ ଏକ ମାମଲା (ନଂ ୬୮/୦୧୯) ରୁଜୁ କରାଯାଇଛି। ସୋମବାର ଅପରାହ୍ନରେ ସ୍ଥାନୀୟ ଜିଲା ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ ଭାମୁ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଦୀର୍ଘ ୩ ବର୍ଷ ହେଲା ଏମାନେ ଜିଲାରେ ବହୁ ବ୍ୟବସାୟୀ , ନିର୍ବାଚିତ ଲୋକ ପ୍ରତିନିଧି ଓ ଧନୀ ବ୍ୟକ୍ତିମାନଙ୍କୁ ମାଓବାଦୀଙ୍କ ପରିଚୟ ଦେଇ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିବା ପୋଲିସ ଆଗରେ ସେମାନେ ସ୍ୱୀକାର କରିଛନ୍ତି। ସେଥିମଧ୍ୟରେ ଲକ୍ଷ୍ମୀପୁର ବ୍ଲକର ଗୌଡଗୁଡା ସରପଞ୍ଚ ଡମ୍ବରୁଧର ମୁଦୁଲିଙ୍କଠାରୁ ୬୦ ହଜାର ଟଙ୍କା ନେଇଛନ୍ତି। ସେହିପରି ଉକ୍ତ ୩ ଜଣ ଲକ୍ଷ୍ମୀପୁର ବ୍ଲକର ଭିତରଗଡ ସରପଞ୍ଚ ଶ୍ରୀଧର ଜାନି, ନନ୍ଦପୁର ବ୍ଲକର ରାଇଜିଂ ପଞ୍ଚାୟତ ସମିତି ସଭ୍ୟ କାଶୀନାଥ ଦଳେଇ , ନାରାୟଣପାଟଣା ପୋଡାପଦର ଅଞ୍ଚଳର କ୍ରଶର ମାଲିକ ନାରାୟଣ ସାହୁଙ୍କଠାରୁ ମାଓବାଦୀ ଭୟ ଦେଖାଇ ଲକ୍ଷ ଲକ୍ଷ ଟଙ୍କା ନେଇଥିବା ଜଣାଯାଇଛି। ପୋଲିସ ପକ୍ଷରୁ ବର୍ତ୍ତମାନ ଜେରା ଚାଲୁଥିବାବେଳେ ଆଗାମୀ ଦିନରେ ଜିଲାର କୋରାପୁଟ, ସେମିଳିଗୁଡା, ନନ୍ଦପୁର, ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ, ପଟ୍ଟାଙ୍ଗି, ଜୟପୁର, ବୈପାରୀଗୁଡା ଆଦି ଅଞ୍ଚଳରେ ମାଓବାଦୀଙ୍କ ନାମରେ ଚାନ୍ଦା ଆଦାୟ କରୁଥିବା ବହୁ ନକଲି ମାଓବାଦୀଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ କାକିରିଗୁମ୍ମା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଜେରା କରୁନି ପୋଲିସ

## ବନ୍ଦ ପାଳନ କରିବନି କଂଗ୍ରେସ: ନିରଞ୍ଜନ

## ସ୍ମିତାରାଣୀ ମୃତ୍ୟୁ ପ୍ରସଙ୍ଗ

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟିଥିବା ଗେଷ୍ଟ ହାଉସରେ ମୁଖ୍ୟ ଅଭିଯୁକ୍ତ ତଥା ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ବ୍ୟତୀତ ଅନ୍ୟ ୩ଜଣ ବିଜେଡି ନେତା ସେଠାରେ ଉପସ୍ଥିତ ଥିଲେ। ଏପରିକି ଏକ ସିମେଣ୍ଟ କମ୍ପାନୀର ଜଣେ ଉଚ୍ଚପଦସ୍ଥ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଘଟଣାରେ ପୋଲିସ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ରୂପେଶଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୪ ଜଣଙ୍କୁ କ'ଣ ପାଇଁ ଗିରଫ କଲାନାହିଁ। ସେମାନଙ୍କୁ ତଦନ୍ତ ପରିସରକୁ ଅଣାଯାଇନାହିଁ କିମ୍ବା ସେମାନଙ୍କୁ ପଚରାଉଚରା କରାଯାଇନାହିଁ। ଏହି ସମୟରେ ମୃତକ ସ୍ମିତାରାଣୀଙ୍କ ସ୍ୱାମୀ ସୁଶୀଲ ବିଶ୍ୱାଳ ଏବଂ ଭାରତୀୟ ସେନାରେ କାର୍ଯ୍ୟରତ ତାଙ୍କର ୨ଭାଇଙ୍କୁ ଘଣ୍ଟା ଘଣ୍ଟା ଧରି କେଉଁ ତଦନ୍ତ ପରିସର ଭିତରେ ଅନ୍ତର୍ଭୁକ୍ତ କରାଯାଇଥିଲା ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ସୋମବାର ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଯେଉଁ ଗେଷ୍ଟ ହାଉସରେ ଏଭଳି ଘଟଣା ଘଟିଛି ସେହି ଘରକୁ ଏପର୍ଯ୍ୟନ୍ତ ସିଲ୍ କରାଯାଇନାହିଁ। ସେହିପରି ମରଶରୀର ବୁହା ହୋଇଥିବା ସ୍କର୍ପିଓ ଗାଡିକୁ ପୋଲିସ ଜବତ କରିନାହିଁ। ଏହି ହତ୍ୟାକାଣ୍ଡରେ ଅନ୍ୟମାନଙ୍କ ହାତ ରହିଥିବା ଜଣାପଡୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିରେ ସମ୍ପୃକ୍ତ ଦୋଷୀଙ୍କୁ ପୋଲିସ ଜେରା କରିବା ପରିବର୍ତ୍ତେ ସ୍ମିତାରାଣୀଙ୍କ ପରିବାର ଲୋକଙ୍କୁ ଜେରା କରିବା ବାହାନାରେ ତଦନ୍ତ ବାଟମାରଣା କରାଯାଉଛି ବୋଲି ଲେଖାଶ୍ରୀ କହିଛନ୍ତି। ଅନ୍ୟପଟେ ଏହି ଘଟଣାରେ ଭାଜପା ଉପରେ ବର୍ଷିଛି କଂଗ୍ରେସ। ଅପରପକ୍ଷରେ ଘଟଣାକୁ ନେଇ ଭାଜପା ରାଜନୀତି କରୁଥିବା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଛନ୍ତି, କଂଗ୍ରେସ ବନ୍ଦ ଡାକରା ଦେବନାହିଁ। ବନ୍ଦ ଡାକରାକୁ ନେଇ ପ୍ରତିଯୋଗିତା ହେବା ଠିକ୍ ନୁହେଁ। ଏହି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ। ଏସ୍‌ପି ଏହି ଘଟଣାକୁ ନେଇ ଯେଉଁ ବୟାନ ରଖିଛନ୍ତି ସେଥିରୁ ବହୁ ଲୋକଙ୍କ ଉପରେ ସନ୍ଦେହ ହେଉଛି। ସ୍ମିତାରାଣୀ ଆତ୍ମହତ୍ୟା କରିଥିବା ଗେଷ୍ଟହାଉସକୁ ରାମ୍‌କୋ ସିମେଣ୍ଟ କମ୍ପାନୀ ଭଡାରେ ନେଇଥିବା କହୁଛନ୍ତି। ତେବେ ସେହି ଗେଷ୍ଟ ହାଉସଟି କାହାର। ସ୍ମିତାରାଣୀ ଆତ୍ମହତ୍ୟା କରିବାକୁ ସେହି ସ୍ଥାନ କ'ଣ ପାଇଁ ବାଛିଲେ। ସେଠାରେ କ'ଣ ହୋଇଥିଲା, ଯେଉଁଥିଲାଗି ସେ ସେଠାରେ ଆତ୍ମହତ୍ୟା କରିବାକୁ ଠିକ୍ ଭାବିଲେ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।

# ଘରକୁ ଦିଅନ୍ତୁ କଲରଫୁଲ୍ ଲୁକ୍



**କଲରଫୁଲ୍ ଡେକୋରେଟିଭ୍ ଆଇଟମ୍ ଘରକୁ ଆକର୍ଷଣୀୟ ଓ ଫ୍ରେସ୍ ଲୁକ୍ ଦେଇଥାଏ। ଯଦି ଦୀପାବଳିରେ ଆପଣ ନିଜ ଘରକୁ ଏପରି ସଜାଇବାକୁ ଚାହୁଁଛନ୍ତି ତେବେ ଆପଣାନ୍ତୁ କିଛି ଟିପ୍ସ...**

❖ଘରସଜା ସାମଗ୍ରୀ କିଣିଲାବେଳେ ବ୍ରାଇଟ୍ କଲରକୁ ନଜରରେ ରଖନ୍ତୁ। ବୋଲ୍ଡ ଏବଂ ବ୍ରାଇଟ୍ କଲରର ଫଟୋ ଫ୍ରେମ୍, ଫୁଲଦାନି, ଶୋ' ପିସ୍ ଭଳି ଜିନିଷ ଘରକୁ ନୂଆ ଲୁକ୍ ଦେଇଥାଏ।

❖ଘରକୁ ସତେଜତାଭରା କରିବା ପାଇଁ ଫୁଲ ବେଷ୍ଟ ଅପ୍ସନ। ଆପଣ ଚାହିଁଲେ ଉଭୟ ଆର୍ଟିଫିସିଆଲ ଏବଂ ସତେଜ ଫୁଲ ବ୍ୟବହାର କରିପାରିବେ। କଲରଫୁଲ୍ ଫ୍ଲାୱାର ପଟ୍ ଘରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ନିଅନ୍ କଲର ଫ୍ଲାୱାର ପଟ୍ ବି ଘରକୁ ବେଶ୍ ମାନିବ।

❖ଟିପିକାଲ୍ ଫର୍ନିଚର ବଦଳରେ ଭିନ୍ନ ଭିନ୍ନ ଡିଜାଇନ୍, ଶେପ୍ ଏବଂ କଲରର ଫର୍ନିଚରରେ ଘର ସଜାନ୍ତୁ। ଏହା ଆପଣଙ୍କ ଘରକୁ ଆକର୍ଷଣୀୟ କରିବ।

❖ଭିନ୍ନ ଭିନ୍ନ କଲରର ଟ୍ରେଣ୍ଡି ପିଲୋ କଭରରେ ମଧ୍ୟ ଆପଣ କମ୍ ଖର୍ଚ୍ଚରେ ଓ ସହଜରେ ଘର ସଜାଇପାରିବେ।

❖କୌଣସି ଦିନକୁ ଖାସ୍ କରିବା ପାଇଁ କଲରଫୁଲ୍ ଏବଂ ସେଣ୍ଟେଡ୍ କ୍ୟାଣ୍ଡେଲରେ ଘର ସଜାଇପାରିବେ।

❖ଘରର କଲର ଲାଇଟ୍ ହୋଇଥିଲେ ବ୍ରାଇଟ୍ କଲରର ପରଦା ଚୟନ କରନ୍ତୁ।

❖ନୂଆ ଫର୍ନିଚର କିଣିବା ଯଦି ସମ୍ଭବ ହେଉନି ତେବେ ପୂର୍ବରୁ ଘରେ ଥିବା ସୋଫା ଏବଂ ଅନ୍ୟ ଚେୟାରଗୁଡିକର କଭର ବଦଳାଇ ଘରକୁ ନୂଆ ଲୁକ୍ ଦିଅନ୍ତୁ।

❖ଯଦି ଘର ସଜାଇବାକୁ ସମୟ ନାହିଁ ତେବେ ଘରର କୌଣସି ଏକ କୋଣ ଯାହାକି ସେଣ୍ଟର ଅଫ୍ ଆଟ୍ରାକ୍ସନ ରହିଥାଏ, ସେଠାରେ ଶୋ' ପିସ୍, ଫ୍ଲାୱାର ପଟ୍ କିମ୍ବା ରଙ୍ଗିନ କ୍ୟାଣ୍ଡେଲ ଭଳି ଜିନିଷ ରଖି ଘରର ଶୋଭା ବଢ଼ାଇପାରିବେ।

❖ ଛୋଟ ପିଲାମାନେ ରଙ୍ଗକୁ ଖୁବ୍ ଭଲ ପାଆନ୍ତି। ସେମାନଙ୍କ ରୁମ୍ ସଜାଇବାବେଳେ ତାଙ୍କ ପସନ୍ଦର କାର୍ଟୁନ୍, କଲର ଆଦିକୁ ଗୁରୁତ୍ୱ ଦିଅନ୍ତୁ।

**ଦୀପାବଳିକୁ ଧୁମ୍‌ଧାମ୍‌ରେ ପାଳିବାକୁ ସମସ୍ତଙ୍କର ଇଚ୍ଛା । ହେଲେ ବାଣ ଫୁଟାଇବାବେଳେ ସାମାନ୍ୟ ସତର୍କତାର ଅବହେଳା ବିପଦକୁ ଡାକିଆଣେ। ତେବେ ଜାଣନ୍ତୁ ସେ ନେଇ କିଛି ଟିପ୍ସ...**



## କିପରି ପାଳିବେ
# ସୁରକ୍ଷିତ ଦୀପାବଳି

– ସବୁବେଳେ ଖୋଲାସ୍ଥାନ ଦେଖି ବାଣ ଫୁଟାନ୍ତୁ। ଲୋକମାନେ କାରବାର କରୁଥିବା ସ୍ଥାନ ବା ଘରଠାରୁ ଦୂରରେ ରହି ବାଣ ଫୁଟାନ୍ତୁ। ବାଣ ଫୁଟାଉଥିବା ସ୍ଥାନରେ ଯେପରି ପେଟ୍ରୋଲ, ଡିଜେଲ୍, ଗ୍ୟାସ୍ ସିଲିଣ୍ଡର, କିରୋସିନ ଆଦି ନ ରହିବ ସେଥିପ୍ରତି ସତର୍କ ରୁହନ୍ତୁ।

– ବାଣ ଫୁଟାଇବା ବେଳେ ସର୍ବଦା ସୂତା ବା କଟନ କପଡ଼ା ପରିଧାନ କରନ୍ତୁ। ଏହି ସମୟରେ ଜୋତା ପିନ୍ଧିବାକୁ ଭୁଲନ୍ତୁ ନାହିଁ।

– ମାର୍କେଟରେ ମିଳୁଥିବା ନକଲି ବାଣଠାରୁ ଦୂରରେ ରୁହନ୍ତୁ। ଭଲ ବ୍ରାଣ୍ଡ ଦେଖି କିଣନ୍ତୁ।

– ବାଣରେ ଥିବା ବାରୁଦ ତ୍ୱଚା ପ୍ରତି କ୍ଷତିକାରକ ହୋଇଥାଏ। ତେଣୁ ବାଣ ଫୁଟାଇବା ପରେ ହାତକୁ ଭଲଭାବେ ଧୁଅନ୍ତୁ।

– ଶରୀରଠାରୁ ଉଚିତ ବ୍ୟବଧାନ ରଖି ବାଣ ଫୁଟାନ୍ତୁ। କେଉଁ ବାଣ କିପରି ଫୁଟାଯିବ ସେ ବିଷୟରେ ଜାଣିରଖନ୍ତୁ।

– କୌଣସି ବାଣ ଥରେ ଜଳାଇବା ପରେ ଯଦି ନ ଫୁଟେ ତେବେ ତାକୁ ଦ୍ୱିତୀୟ ଥର ଲଗାନ୍ତୁ ନାହିଁ।

– ଆଖପାଖରେ ଥିବା ବିଜୁଳି ତାରଠାରୁ ଦୂରରେ ରହି ବାଣ ଫୁଟାନ୍ତୁ।

– ଏହି ସମୟରେ ହେଉଥିବା ପ୍ରଦୂଷଣ ଶ୍ୱାସରୋଗୀଙ୍କ ପାଇଁ ବିପଦ। ତେଣୁ ପ୍ରଦୂଷଣଠାରୁ ଦୂରରେ ରୁହନ୍ତୁ। ପାଖରେ ମେଡିସିନ୍ ଷ୍ଟକ୍ ରଖନ୍ତୁ।

– ଏହିଦିନ ମାର୍କେଟରେ ପ୍ରାୟ ବାସି ମିଠା ମିଳିଥାଏ, ଯାହାକି ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଏଥିପ୍ରତି ଧ୍ୟାନ ଦିଅନ୍ତୁ।



# ସ୍ୱପ୍ନକୁ କରନ୍ତୁ ସାକାର

**ବେଳେବେଳେ ଘର,ପରିବାର ଏବଂ ପିଲାଙ୍କ ଯତ୍ନ ନେଉ ନେଉ ମହିଳାମାନେ ସେମାନଙ୍କ କ୍ୟାରିୟର ଏବଂ ସ୍ୱପ୍ନକୁ ଭୁଲିଯାଇଥାନ୍ତି । କିନ୍ତୁ ଏବେ ଆଉ ଏପରି କରିବା ଦରକାର ନାହିଁ। ଆପଣ ଚାକିରି କରନ୍ତୁ ବା ଘରେ ବସି ରୋଜଗାର କରନ୍ତୁ, କାମରେ ନିଷ୍ଠା ହିଁ ଆପଣଙ୍କ ସ୍ୱପ୍ନକୁ ସାକାର କରିପାରିବ...**



**ବେବି ସିଟିଂ:** ଆଜିକାଲି ଅଧିକାଂଶ ପରିବାରରେ ସ୍ୱାମୀ ସ୍ତ୍ରୀ ଉଭୟ କର୍ମଜୀବୀ ହେବା ଦ୍ୱାରା ପିଲା ସମ୍ଭାଳିବାକୁ ନେଇ ଟେନ୍‌ସନ୍‌ରେ ରହୁଛନ୍ତି। ଏଥିପାଇଁ ଏବେ ବେବି ସିଟିଂ ବା କ୍ରେଚ୍‌ର ଚାହିଦା ବଢ଼ିବାରେ ଲାଗିଛି। ଯଦି ଆପଣଙ୍କ ଘରେ ପର୍ଯ୍ୟାପ୍ତ ସ୍ଥାନ ରହିଛି ତେବେ ଆପଣ ବେବି ସିଟିଂ ବା କ୍ରେଚ୍‌ର କାମ ଆରମ୍ଭ କରିପାରିବେ। ଉତ୍ତମ ବ୍ୟବହାର ଏବଂ ପିଲାଙ୍କର ଉପଯୁକ୍ତ ଯତ୍ନ ନେବା ଦ୍ୱାରା କ୍ରେଚ୍‌ର ଡିମାଣ୍ଡ ବି ବଢ଼ିବ। ତା' ସହ ଆପଣ କିଛି ରୋଜଗାର କରିପାରିବେ।

**ହୋମ୍ ଟ୍ୟୁଶନ୍:** ଯଦି ଆପଣ ଗୃହିଣୀ ଏବଂ ଶିକ୍ଷା କ୍ଷେତ୍ରରେ ଆପଣଙ୍କୁ ଆଗକୁ ଯିବାର ଅଛି ତେବେ ହୋମ୍ ଟ୍ୟୁଶନ୍ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ୍। ଏହାଦ୍ୱାରା ଆପଣ ଆପଣଙ୍କ ସ୍ୱପ୍ନକୁ ସାକାର କରିପାରିବେ। ନିଜ ପିଲାକୁ ବି ଟ୍ୟୁଶନ୍ ନ ପଠାଇ ଘରେ ପାଠ ପଢ଼ାଇପାରିବେ। ଆଜିକାଲି ଅନ୍‌ଲାଇନ୍ ଟ୍ୟୁଟରର ଡିମାଣ୍ଡ ଅଧିକ। କେବଳ ସେତିକି ନୁହେଁ ଯଦି ଆପଣଙ୍କର ବିଦେଶୀ ଭାଷା ସମ୍ବନ୍ଧିତ ଜ୍ଞାନ ରହିଛି ତେବେ ପିଲାମାନଙ୍କୁ ଖୁବ୍ ସହଜରେ ଅନ୍‌ଲାଇନ୍‌ରେ ପାଠ ପଢ଼ାଇପାରିବେ।

**ଫିଟ୍‌ନେସ୍ କୋଚ୍:** ଫିଟ୍‌ନେସ୍ ବା ଯୋଗ ପ୍ରତି ଦୁର୍ବଳତା ଥିବା ମହିଳା ଏହାକୁ ସେମାନଙ୍କ ପାର୍ଟଟାଇମ୍ କ୍ୟାରିୟର କରିପାରିବେ। ଏହାଦ୍ୱାରା ଆପଣ ସୁସ୍ଥ ରହିବା ସହ ଘରେ ବସି ରୋଜଗାର ମଧ୍ୟ କରିପାରିବେ।

**କ୍ୟାଟରିଂ ଏବଂ ଟିଫିନ୍ ସର୍ଭିସ୍:** ଯଦି ଆପଣ ରୋଷେଇରେ ନିପୁଣ ଏବଂ ଖାଦ୍ୟ ପ୍ରସ୍ତୁତି କରିବା ଖୁବ୍ ପସନ୍ଦ ତେବେ କ୍ୟାଟରିଂ ଏବଂ ଟିଫିନ୍ ସର୍ଭିସ୍ ଆପଣଙ୍କ ପାଇଁ ଉତ୍ତମ ବିକଳ୍ପ। ଅଫିସ୍‌ମାନଙ୍କରେ ବିଜି ସିଡ୍ୟୁଲ୍ ପାଇଁ ଲୋକେ ଘରୁ ଖାଦ୍ୟ ପ୍ରସ୍ତୁତ କରି ନେବା ସମ୍ଭବ ହୁଏ ନାହିଁ। ହୋଟେଲ୍ ବ୍ୟତୀତ ଟିଫିନ ସର୍ଭିସ୍ ପ୍ରତି ଲୋକଙ୍କର ଅଧିକ ବିଶ୍ୱାସ ଥାଏ। ଅଳ୍ପ ତେଲ ମସଲା ବ୍ୟବହାର କରି ଯଦି ଖାଦ୍ୟ ପ୍ରସ୍ତୁତ କରିପାରିବେ ତେବେ ଆପଣଙ୍କ କ୍ୟାଟରିଂର ଡିମାଣ୍ଡ ବି ବଢ଼ିବ।

**ଡାଟା ଏଣ୍ଟ୍ରି:** ଯଦି ଆପଣ କମ୍ପ୍ୟୁଟର କୋର୍ସ କରିଛନ୍ତି ତେବେ ଘରେ ବସି ଡାଟା ଏଣ୍ଟ୍ରି କରି ବି ରୋଜଗାର କରିପାରିବେ। ପରିବାର ସଦସ୍ୟଙ୍କ କାମ ସାରି ଫ୍ରି ଟାଇମ୍‌ରେ ବି ଏହି କାମ କରି ରୋଜଗାର କରିପାରିବେ।

**କଣ୍ଟେଣ୍ଟ ରାଇଟିଂ**
ଯଦି ଲେଖିବାରେ ଆପଣଙ୍କର ରୁଚି ରହିଛି ତେବେ ଆପଣ କଣ୍ଟେଣ୍ଟ ରାଇଟିଂ କାମ ଆରମ୍ଭ କରିପାରିବେ। ଅନେକ ୱେବ୍‌ସାଇଟ୍ ଏହି କାମ ପାଇଁ ଭଲ ପାରିଶ୍ରମିକ ବି ଦେଉଛନ୍ତି। କେବଳ ସେତିକି ନୁହେଁ, ନ୍ୟୁଜ୍‌ପେପର ଏବଂ ମାଗାଜିନ୍‌ରେ ବି ଆପଣଙ୍କ ଲେଖା ପ୍ରକାଶ କରିପାରିବେ।

**ଟ୍ରାଭେଲ୍ ଏଜେଣ୍ଟ:** ଏହି କାମ ଆପଣ ଏକ ଛୋଟ ଘରୁ ଆରମ୍ଭ କରିପାରିବେ। ଏଥିରେ ଅଧିକ ପାଠପଢ଼ାର ଆବଶ୍ୟକତା ନାହିଁ। ଟ୍ରାଭେଲ୍ ଏଜେନ୍‌ସି ପାଇଁ ଆପଣଙ୍କର କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ଜ୍ଞାନ ଥିବା ଆବଶ୍ୟକ।

**କିପରି କରିବେ ବାଲାନ୍‌ସ**
ଯଦି ଆପଣ ରୁଟିନ୍ ଲାଇଫ୍ ଛାଡି କିଛି ଅଲଗା କରିବାକୁ ଚାହୁଁଛନ୍ତି ତେବେ ସଂଘର୍ଷ ତ କରିବାକୁ ପଡିବ। କିନ୍ତୁ ଆପଣ ଚାହିଁଲେ ଉଭୟକୁ ଖୁବ୍ ସହଜରେ ଏଥିରେ ତାଳମେଳ ରଖିପାରିବେ।

– ଘରର ସବୁ କାମ ଶେଷ କରିବା ପରେ ହିଁ ଆପଣ ଏହି କାମ ପାଇଁ ସମୟ ଦିଅନ୍ତୁ।

– ଦ୍ୱିପ୍ରହରେ ଘରର ସଦସ୍ୟମାନେ ସେମାନଙ୍କ କାମରେ ଯିବା ପରେ ଆପଣ ଆପଣଙ୍କ କାମରେ ସମୟ ଦିଅନ୍ତୁ।

– ରାତିରେ ପରିବାର ସଦସ୍ୟମାନେ ଶୋଇବା ପରେ ହିଁ ଆପଣ କାମ ଆରମ୍ଭ କରିପାରିବେ।

– ପ୍ରତିଦିନ ଖାଦ୍ୟରେ ସ୍ପେସାଲ ନ ବନାଇ ସପ୍ତାହରେ ଗୋଟିଏ ଦିନ କିଛି ସ୍ପେସାଲ ପ୍ରସ୍ତୁତ କରନ୍ତୁ।

– ଆପଣ ଯେଉଁ ବି କାମରେ ମନୋନିବେଶ କରିବାକୁ ଯାଉଛନ୍ତି ସେ ନେଇ ଆପଣଙ୍କ ସ୍ୱାମୀଙ୍କୁ କୁହନ୍ତୁ। ଏହାସହ ତାଙ୍କର ସହଯୋଗ ବି ମାଗନ୍ତୁ।

– ପ୍ରତିଦିନ କାମର ଲିଷ୍ଟ ପ୍ରସ୍ତୁତ କରି ପ୍ଲାନିଂ କରନ୍ତୁ।

### କ'ଣ କରନ୍ତି ଏମାନେ...



ରୋଜଗାର କରିବାର ଅନେକ ପନ୍ଥା ରହିଛି। ମୁଁ କିନ୍ତୁ ଘରେ ବସି ରୋଜଗାର କରିବାକୁ ପସନ୍ଦ କରେ। ଏହାଦ୍ୱାରା ପରିବାର ଲୋକଙ୍କୁ ସମୟ ବି ଦେଇପାରୁଛି। ମୁଁ ଘରେ ଟେଲରିଂ କାମ କରେ। ଏହାଦ୍ୱାରା ଘରକାମ କରିବାରେ ମୋତେ କୌଣସି ଅସୁବିଧା ହୁଏ ନାହିଁ।
– **ବ୍ରଜେଶ୍ୱରୀ ପ୍ରଧାନ,** ବାଲେଶ୍ୱର



**ଘ**ରେ ଖାଲିରେ ବସିବା ଅପେକ୍ଷା କିଛି କାମ କରି ରୋଜଗାର କରିବାଟା ମୋର ପସନ୍ଦ। ମୁଁ ଏରୋବିକ୍ ଟ୍ରେନିଂ ଦିଏ। ଏହି ଫିଟ୍‌ନେସ୍ ଟ୍ରେନିଂ ଦେବା ଦ୍ୱାରା ମୁଁ ନିଜେ ବି ଫିଟ୍ ରହି ପାରୁଛି।
– **ସୁଲୋଚନା ଦାସ,** ଭୁବନେଶ୍ୱର

ଫ୍ୟାଶନ୍



# ଡ୍ରେସ୍ ସହ ମେକ୍‌ଅପ୍

**ଦୀପାବଳିରେ ପରଫେକ୍ଟ ଲୁକ୍ ପାଇବାକୁ ହେଲେ କେବଳ ଜିନ୍ସ, ଡ୍ରେସ୍ କି ଶାଢ଼ି ଯଥେଷ୍ଟ ନୁହେଁ, ଏହାକୁ ମ୍ୟାଚିଂ କରି ମେକ୍‌ଅପ୍ ନେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ କେତୋଟି ଟିପ୍ସ....**

❖ମେଟାଲିକ୍ ଏବଂ ଜୁଏଲେରି ଟୋନ୍ ଫ୍ୟାବ୍ରିକ୍ ଆଉଟ୍‌ଫିଟ୍ ସହ ପାଉଡର ଫାଉଣ୍ଡେଶନ୍ ଏବଂ କମ୍ପାକ୍ଟ ବ୍ୟବହାର କରନ୍ତୁ। ଆଖିରେ ହାଲ୍‌କା ମେକ୍‌ଅପ୍ ନିଅନ୍ତୁ। ମସ୍କରା ସହିତ ଓଠରେ ଲାଲ୍ ରଙ୍ଗର ଲିପ୍‌ଷ୍ଟିକ୍ ଲଗାନ୍ତୁ।

❖ଅରେଞ୍ଜ୍ କଲର ଲିପ୍‌ଷ୍ଟିକ୍‌କୁ ଆପଣ ଯେକୌଣସି ଆଉଟ୍ ଫିଟ୍‌ରେ ମ୍ୟାଚ୍ କରିପାରିବେ ନାହିଁ। ଗୋଲ୍‌ଡେନ୍ କଲର ଆଉଟ୍‌ଫିଟ୍ ସହ ଏହା ମ୍ୟାଚ୍ କରିଥାଏ। ଏଭଳି ଆଉଟ୍‌ଫିଟ୍‌ରେ ଆଖିର ମେକ୍ ଅପ୍ ଲାଗି ଲାଇଟ୍ କ୍ରିମ୍ ଆଇ ସ୍ୟାଡୋ ସହ ପିଙ୍କ୍ କଲର ବ୍ଲସ୍ ବ୍ୟବହାର କରନ୍ତୁ।

❖ଯଦି ଆଉଟ୍‌ଫିଟ୍ ପାଇଁ ବ୍ରାଇଟ୍ କଲର ବାଛୁଛନ୍ତି ତେବେ ହାଲ୍‌କା ମେକ୍ ଅପ୍ ନିଅନ୍ତୁ। ଆଖିକୁ ସ୍ମୋକି ଲୁକ୍ ଦେଲେ ତାହା ଆହୁରି ଆକର୍ଷଣୀୟ ଲାଗିଥାଏ।

❖ଆପଣ ବ୍ଲୁ କଲର ଆଉଟ୍‌ଫିଟ୍ ପସନ୍ଦ କରୁଥିଲେ ମେଟାଲିକ୍ ବ୍ଲୁ ସ୍ୟାଡୋ ଆଇ ମେକ୍‌ଅପ୍ ବାଛନ୍ତୁ। ଓଠରେ ପିଙ୍କ୍ କଲର ଲିପ୍‌ଷ୍ଟିକ୍ ଲଗାଇବା ସହ କେଶକୁ ସିମ୍ପଲ୍ ଷ୍ଟାଇଲ୍ ଦିଅନ୍ତୁ।

❖ଯଦି ହ୍ୱାଇଟ୍ କଲର ଗେଟ୍‌ଅପ୍‌ରେ ରହିବାକୁ ଚାହୁଁଛନ୍ତି ତେବେ ମେଟାଲିକ୍ ଆଇ ମେକ୍‌ଅପ୍ ସହ ବ୍ରାଇଟ୍ କଲର ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏହା ଆପଣଙ୍କୁ ଷ୍ଟାଇଲିସ୍ ଲୁକ୍ ଦେବ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୨ ଅକ୍ଟୋବର, ୨୦୧୯



“ ଭାରତ ଟୁର୍ ପାଇଁ ଆମକୁ ମାନସିକ ସ୍ତରରେ ଆହୁରି ଭଲ ଭାବେ ପ୍ରସ୍ତୁତ ହୋଇ ଆସିବା ଉଚିତ ଥିଲା ।
–ଜୁବେର ହାମ୍‌ଜା
ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ



“ ଭାରତୀୟ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବା ନେଇ ଆମେ ଦୃଢ ନିଶ୍ଚିତ ଅଛୁ ।
– ସୁଶୀଲା ଚାନୁ, ଭାରତୀୟ ହକି ଖେଳାଳି



## ସଂକ୍ଷେପରେ

### ମ୍ୟାକ୍‌ଡୋନାଲ୍ଡ ରାଜସ୍ଥାନ ରୟାଲ୍ସ କୋଚ୍



**ରାଞ୍ଚି,୨୧।୧୦:** ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଆଣ୍ଡ୍ର୍ୟୁ ମ୍ୟାକ୍‌ଡୋନାଲ୍ଡଙ୍କୁ ଆଇପିଏଲ ଫ୍ରାଞ୍ଚାଇଜ ରାଜସ୍ଥାନ ରୟାଲ୍ସ ଦଳର ମୁଖ୍ୟ କୋଚ୍ ପଦରେ ନିଯୁକ୍ତ କରାଯାଇଛି। ସେ ପୂର୍ବରୁ ଦିଲ୍ଲୀ ଡେୟାରଡେଭିଲ୍ସ (୨୦୦୯ ଓ ୨୦୧୧) ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (୨୦୧୨ ଓ ୨୦୧୩) ଦଳର କୋଚ୍ ଭାବେ କାର୍ଯ୍ୟ କରିସାରିଛନ୍ତି। ତାଙ୍କ ସହ ରୟାଲ୍ସ ଫ୍ରାଞ୍ଚାଇଜ ୩ ବର୍ଷ ପାଇଁ ଚୁକ୍ତି କରିଛି। ସେ ପ୍ୟାଡି ଅପଟନଙ୍କ ସ୍ଥାନ ନେବେ। ୩୮ ବର୍ଷୀୟ ମ୍ୟାକ୍‌ଡୋନାଲ୍ଡ କୋଚ୍ ଥିବାବେଳେ ଭିକ୍ଟୋରିଆ ଦଳ ଶେଫିଲ୍ଡ ସିଲ୍ଡ ଟୁର୍ନାମେଣ୍ଟ ଜିତିଥିଲା। ଏହାବାଦ୍ ୨୦୧୭-୧୮ ବିବିଏଲ୍‌ରେ ୭ମ ସ୍ଥାନରେ ଥିବା ମେଲବୋର୍ନ ରେନେଗାଡେସ ଦଳକୁ ୨୦୧୮ରେ ଚାମ୍ପିୟନ କରାଇଥିଲେ। ରାଜସ୍ଥାନ ଆଇପିଏଲର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। କିନ୍ତୁ ଗତ ୧୧ ସିଜନ ଦଳ ସଂଘର୍ଷ କରୁଛି।

### କାର୍ନି ଶୁଟିଂ ରେଞ୍ଜରେ ଶୁଟରଙ୍କ ମାରପିଟ୍

**ନୂଆଦିଲ୍ଲୀ,୨୧।୧୦:** ସ୍ଥାନୀୟ କାର୍ନି ସିଂ ଶୁଟିଂ ରେଞ୍ଜଠାରେ ସଭିଙ୍କୁ ଚକିତ କଲାଭଳି ବିପଜ୍ଜନକ ଘଟଣା ଦେଖିବାକୁ ମିଳିଛି। ରବିବାର ଦୁଇ ଶୁଟର ଫାୟରିଂ ପଏଣ୍ଟ ନିକଟରେ ସ୍ପଷ୍ଟ ଦିବାଲୋକରେ ମରାମରି ହୋଇଥିଲେ। ସେମାନେ ହେଲେ ବାବର ଖାଁ ଓ ଯୋଗିନ୍ଦରପାଲ ସିଂ। ଖାଁ ଛୋଟ ପୁଅ ସହ ଟ୍ରେନିଂ କରୁଥିଲେ। ଯୋଗିନ୍ଦର ଜଣେ ସମ୍ପୂର୍ଣ୍ଣ ପ୍ରାଇଭେଟ କୋଚ୍। ଅନ୍ୟ ଶୁଟରମାନେ ଟ୍ରେନିଂ କରୁଥିବାବେଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏକା ସମୟରେ ଅନ୍ୟ ରେଞ୍ଜରେ ଜାତୀୟ କ୍ୟାମ୍ପ ଚାଲୁଥିବାରୁ କେବଳ ଗୋଟିଏ ଶୁଟିଂ ରେଞ୍ଜ ଅନ୍ୟ ଶୁଟରଙ୍କ ଅଭ୍ୟାସ ପାଇଁ ଉପଲବ୍ଧ ରହିଥାଏ। ୧୫ ଶୁଟର ଅପେକ୍ଷା କରିଥିବାବେଳେ ଜଣେ କେତେ ରାଉଣ୍ଡ ଫାୟର କରିବ ଏ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ପରେ ପରସ୍ପରକୁ ବିଧା ଗୋଇଠା ମରାମରି କରିଥିଲେ। ଏହାକୁ ଜଣେ ଅପେକ୍ଷାରତ ଶୁଟର ମୋବାଇଲରେ ଶୁଟିଂ କରିଥିଲେ। ଦୁହିଁଙ୍କୁ ଦୂରେଇ ରଖିବା ପାଇଁ ତୃତୀୟ ଲୋକ ଉଦ୍ୟମ କରିଥିଲେ।

### ପାକିସ୍ତାନ ଦଳରେ କାଦିରଙ୍କ ପୁଅ ଉସ୍‌ମାନ



**କରାଚୀ, ୨୧।୧୦ (ପି.ଟି.):** ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ଟି୨୦ ଏବଂ ଟେଷ୍ଟ ସିରିଜ ପାଇଁ ସୋମବାର ପାକିସ୍ତାନ କ୍ରିକେଟ ଦଳ ଘୋଷଣା କରାଯାଇଛି। ଟି୨୦ ଦଳରେ କିମ୍ବଦନ୍ତୀ ସ୍ୱର୍ଗତ ସ୍ପିନର ଅବ୍‌ଦୁଲ କାଦିରଙ୍କ ପୁଅ ଉସ୍‌ମାନଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ ନିକଟରେ ଅଧିନାୟକ ପଦବୀରୁ ବହିଷ୍କୃତ ହୋଇଥିବା ସର୍ଫରାଜ ଅହମ୍ମଦଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍‌ରୁ ଉପେକ୍ଷା କରାଯାଇଛି। ୨୬ବର୍ଷୀୟ ଉସ୍‌ମାନ ହେଉଛନ୍ତି ଜଣେ ଲେଗ୍ ସ୍ପିନ ଅଲରାଉଣ୍ଡର। ଆସନ୍ତା ମାସରେ ଖେଳାଯିବାକୁ ଥିବା ୩ଟି ଅନ୍ତର୍ଜାତୀୟ ଟି୨୦ ପାଇଁ ପାକିସ୍ତାନ ଦଳରେ ସ୍ଥାନ ପାଇଛନ୍ତି। ଉସ୍‌ମାନ ଗତ ସିଜନରେ ଅଷ୍ଟ୍ରେଲିଆରେ ବିଗ୍ ବାଶ୍ ଲିଗ୍ ଖେଳିଥିଲେ। ତାଙ୍କୁ ଯଦି ପାକିସ୍ତାନ ଜାତୀୟ ଦଳରେ ସ୍ଥାନ ନ ମିଳେ ତେବେ ସେ ଅଷ୍ଟ୍ରେଲିଆରେ ସ୍ଥାୟୀ ବାସ କରି ସେଠାରେ ଖେଳିବାକୁ ସ୍ଥିର କରିଥିବା ଶୁଣିବାକୁ ମିଳିଥିଲା। ଶୋଏବ ମଲିକ, ମହମ୍ମଦ ହାଫିଜ୍ ଏବଂ ଅହମ୍ମଦ ଶେହଜାଦଙ୍କ ଭଳି ସିନିୟର ଖେଳାଳିଙ୍କୁ ମଧ୍ୟ ଟି୨୦ ଦଳରେ ସ୍ଥାନ ମିଳିନାହିଁ।

# ଆଜି ଅଭିଯାନ ଆରମ୍ଭ କରିବ ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ ସୁପର ଲିଗ୍**

**ଜାମ୍‌ସେଦ୍‌ପୁର, ୨୧।୧୦ (ପି.ଟି.)**

ହିରୋ-ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ମଙ୍ଗଳବାର ଜାମ୍‌ସେଦ୍‌ପୁର ଏଫସି ଏବଂ ଓଡ଼ିଶା ଏଫ୍‌ସି ମଧ୍ୟରେ ମ୍ୟାଚ ଖେଳାଯିବ। ଟୁର୍ନାମେଣ୍ଟରେ ତୃତୀୟ ବର୍ଷ ପଦାର୍ପଣ କରିଥିବା ଜାମସେଦପୁର ବିଜୟ ସହ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟ ରଖିଛି। ଏହି ଦଳ ଗତ ଦୁଇ ସିଜନରେ ଦୁଇଜଣ ପୃଥକ୍ କୋଚ୍‌ଙ୍କ ଅଧୀନରେ ରହି ଭିନ୍ନ ଭିନ୍ନ ଷ୍ଟାଇଲରେ ଖେଳିଛି। ଏଥର ସ୍ପେନର ଆଣ୍ଟୋନିଓ ଇରିଓଣ୍ଡୋଙ୍କ ଅଧୀନରେ ଖେଳିବ। ଇରିଓଣ୍ଡୋ ଆକ୍ରମଣାତ୍ମକ ଖେଳକୁ ପସନ୍ଦ କରିଥାନ୍ତି। ସେ କହିଛନ୍ତି ଆମେ ଏଭଳି ଖେଳିବାକୁ ଚାହୁଁଛୁ, ଯେଉଁ ଷ୍ଟାଇଲକୁ ଆମ ଦଳର ସମର୍ଥକମାନେ ପସନ୍ଦ କରିବେ ଏବଂ ଆମୋଦିତ ହେବେ। ଜାମସେଦପୁରର ଦୁଇ ଜଣ ଖେଳାଳି ମାରିଓ ଆର୍କ୍ୱେଜ ଏବଂ ସର୍ଗିଓ ସିଡୋଞ୍ଚା କେରଳ ବ୍ଲାଷ୍ଟର୍ସ ଏଫ୍‌ସିରେ ଯୋଗ ଦେଇଛନ୍ତି। ତେବେ ସି.କେ. ଭିନିଥଙ୍କ ଉପସ୍ଥିତି ଦଳର ଆକ୍ରମଣକୁ ଅଧିକ ଶକ୍ତିଶାଳୀ କରିଛି। ଆଇଏସ୍‌ଏଲ୍‌ରେ ଭିନିଥ୍ ହେଉଛନ୍ତି ତୃତୀୟ ସର୍ବାଧିକ ଗୋଲ ସ୍କୋରର। ବିଦାୟୀ ବିଦେଶୀ ଖେଳାଳିଙ୍କ ସ୍ଥାନରେ ଦଳ ଫ୍ରାନ୍‌ସିସ୍କୋ 'ପିଟି' ଲୁନା ଏବଂ ନୋଏ ଆକୋଷ୍ଟାଙ୍କ ସହିତ ଚୁକ୍ତି କରିଛି। ତେବେ ଦଳ ଷ୍ଟାର ଖେଳାଳି ମେମୋ ଏବଂ ଟିରିଙ୍କୁ ଦଳରେ ରଖିବାରେ ସମର୍ଥ ହୋଇଛି।

ଅନ୍ୟପକ୍ଷରେ ଗତ ସିଜନରେ ସୋସେପ ଗୋମ୍ବାଉଙ୍କ ଦିଲ୍ଲୀ ଡାଇନାମୋସ ଗତ ସିଜନରେ ୮ମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲା। ଦଳ ଏଥର ନୂଆ ନାମରେ ଖେଳିବ। ଦିଲ୍ଲୀ ଡାଇନାମୋସ ଭୁବନେଶ୍ୱରକୁ ଏହାର ଆସ୍ଥାନ କରିଛି। ଦଳର ନୂଆ ନାମ ଓଡ଼ିଶା ଏଫ୍‌ସି ରଖାଯାଇଛି। ଗୋମ୍ବାଉ ତାଙ୍କ ଯୁବ ଦଳ ଉପରେ ଭରସା ରଖିଛନ୍ତି। ଦଳର ଷ୍ଟାର ଖେଳାଳି ଲାଲ୍ ଲିଆନଜୁଆଲା ଚେନ୍ନାଇନ୍ ଏଫସିରେ ଯୋଗ ଦେଇଛନ୍ତି। କିନ୍ତୁ ଫରୱାର୍ଡରେ ଡାନିଏଲ ଲାଲଲିମ୍‌ପୁଇଆ, ଜେରି ମାମାହମିଙ୍ଗ୍‌ଥାଙ୍ଗା ଏବଂ ନନ୍ଦା କୁମାର ଶେକରଙ୍କ ଉପସ୍ଥିତି ଦଳର ଫରୱାର୍ଡ ଲାଇନ୍‌କୁ ଶକ୍ତିଶାଳୀ କରିଛି। ମଙ୍ଗଳବାର ତାଙ୍କ ଦଳର ଭଲ ପ୍ରଦର୍ଶନ ନେଇ ଗୋମ୍ବାଉ ଆଶାବାଦୀ ଅଛନ୍ତି।



ଅଭ୍ୟାସ ସେସନ ଅବସରରେ ଓଡ଼ିଶା ଏଫ୍‌ସିର ଖେଳାଳିମାନେ।

## ବେଙ୍ଗଲ-ନର୍ଥଇଷ୍ଟ ମ୍ୟାଚ୍ ଗୋଲଶୂନ୍ୟ

**ବେଙ୍ଗାଲୁରୁ,୨୧।୧୦(ପି.ଟି.):** ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଗତଥରର ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ଓ ନର୍ଥ ଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଛି। ସୋମବାର ଅନୁଷ୍ଠିତ ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଉଭୟ ଦଳ କେତୋଟି ସୁଯୋଗ ହାସଲ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନ ଥିଲେ। ମ୍ୟାଚ୍ ଡ୍ର ରହିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ରବିବାରଠାରୁ ଆରମ୍ଭ ହୋଇଥିବା ଏହି ଲିଗ୍‌ର ଉଦ୍‌ଘାଟନୀ ମୁକାବିଲାରେ କେରଳ ବ୍ଲାଷ୍ଟର୍ସ ୨-୧ ଗୋଲରେ ଏଟିକେକୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା। ୩ ପଏଣ୍ଟ ପାଇ କେରଳ ତାଲିକାର ଶୀର୍ଷରେ ରହିଛି। ସେହିପରି ୧ ପଏଣ୍ଟ ପାଇ ବେଙ୍ଗାଲୁରୁ ଦ୍ୱିତୀୟ ଓ ନର୍ଥ ଇଷ୍ଟ ତୃତୀୟ ସ୍ଥାନରେ ରହିଛି।

## ୟୁରୋପିଆନ୍ ଓପନ୍ ଚାମ୍ପିୟନ ମୁରେଙ୍କ ମାନ୍ୟତା ବୃଦ୍ଧି

**ପ୍ୟାରିସ, ୨୧।୧୦ (ଏଏଫ୍‌ପି)**

ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି ଆଣ୍ଡି ମୁରେ ୟୁରୋପିଆନ୍ ଓପନ୍ ଟାଇଟଲ୍ ଜିତିଛନ୍ତି। ଫାଇନାଲରେ ମୁରେ ୩-୬, ୬-୪, ୬-୪ ସେଟ୍‌ରେ ସୁଇଜରଲାଣ୍ଡର ଷ୍ଟାନ ୱାଓ୍ରିଙ୍କାଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ମୁରେ ୨ ବର୍ଷର ବ୍ୟବଧାନ ପରେ ପ୍ରଥମଥର ଟାଇଟଲ୍ ହାସଲ କରିଛନ୍ତି। ଏହି ବିଜୟ ସହ ୩୨ ବର୍ଷୀୟ ମୁରେ ଏଟିପି ମାନ୍ୟତାରେ ମଧ୍ୟ ପ୍ରଭାବ ପକାଇଛନ୍ତି। ସେ ଏକାଥରକେ ୧୧୬ଟି ପାହାଚ ଉପରକୁ ଉଠି ର୍ୟାଙ୍କିଙ୍ଗ୍‌ର ୧୨୭ତମ ସ୍ଥାନ ଲାଭ କରିଛନ୍ତି। ବ୍ରିଟେନ୍‌ର ଏହି ପ୍ରଫେସନାଲ ଟେନିସ୍ ଖେଳାଳି କ୍ୟାରିୟରରେ ୩ଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ଜିତିଥିବାବେଳେ ୪୧ ସପ୍ତାହ ଧରି ବିଶ୍ୱ ମାନ୍ୟତାର ଶୀର୍ଷସ୍ଥାନରେ ରହିଥିଲେ। ତେବେ ୨୦୧୮ ଜୁଲାଇରେ ସେ ବିଶ୍ୱ ମାନ୍ୟତାର ୮୩୯ତମ ସ୍ଥାନକୁ ଖସିଯାଇଥିଲେ। ଅଣ୍ଟା ଅସ୍ତ୍ରୋପଚାରରୁ ସୁସ୍ଥ ହୋଇ ଫେରିବା ପରେ ମୁରେ ଗତ ସେପ୍ଟେମ୍ବରରେ ୫୦୩ତମ ସ୍ଥାନରେ ରହିଥିଲେ। ଏହାପରେ ଗତ ୩ ସପ୍ତାହ ମଧ୍ୟରେ ସେ ସଂଘର୍ଷ କରି ୩୭୬ଟି ସ୍ଥାନ ଉପରକୁ ଉଠିବାରେ ସଫଳ ହୋଇଛନ୍ତି।

ସଦ୍ୟ ପ୍ରକାଶିତ ଏଟିପି ମାନ୍ୟତାରେ ନୋଭାକ ଜୋକୋଭିଚ୍ ୯,୫୪୫ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। କ୍ୟାରିୟରରେ ୨୭୩ ସପ୍ତାହ ଧରି ସେ ଶୀର୍ଷ ସ୍ଥାନରେ ରହିବାର ସୌଭାଗ୍ୟ ଲାଭ କରିଛନ୍ତି। ରାଫାଲ ନାଡାଲ (୯,୨୨୫), ରୋଜର ଫେଡରର (୬,୯୫୦), ଡାନିଲ ମେଦ୍‌ଭେଡେଭ୍ (୫,୯୨୦), ଡୋମିନିକ ଥିଏମ୍ (୫,୦୮୫) ଯଥାକ୍ରମେ ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।



## ବାଂଲାଦେଶ ଖେଳାଳିଙ୍କ ଧର୍ମଘଟ

**ଢାକା, ୨୧।୧୦ (ପି.ଟି.)**

ଆଗାମୀ ଭାରତ ଟୁର୍ ପୂର୍ବରୁ ବାଂଲାଦେଶ ଖେଳାଳିମାନେ ଧର୍ମଘଟ କରିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହା ଉପରେ ନଜର ରଖିଛି। ଖେଳାଳିମାନେ ଉନ୍ନତ ହାରରେ ବେତନ ସମେତ ଅନ୍ୟ କେତେକ ଦାବି ପୂରଣ ପାଇଁ ଅଡ଼ି ବସିଛନ୍ତି। ଫଳରେ ବାଂଲାଦେଶ କ୍ରିକେଟ ଦଳର ଭାରତ ଟୁର୍ ନେଇ ଅନିଶ୍ଚିତତା ଦେଖା ଦେଇଛି। ଦାବି ପୂରଣ ନ ହେଲେ ସେମାନେ କ୍ରିକେଟ କାର୍ଯ୍ୟକଳାପକୁ ବର୍ଜନ କରାଯିବ ବୋଲି ଟେଷ୍ଟ ଓ ଟି୨୦ ଅଧିନାୟକ ଶକିବ ଅଲ୍ ହସନ, ମହମୁଦୁଲ୍ଲା ଏବଂ ମୁସ୍‌ଫିକର ରହିମଙ୍କ ଭଳି ଆଗଧାଡ଼ି ଖେଳାଳି ଏଠାରେ ଏକ ଖବରଦାତା ସମ୍ମିଳନୀରେ ଆହ୍ୱାନ ଦେଇ କହିଛନ୍ତି। ଦାବି ପୂରଣ ଲାଗି ଅଭିପ୍ରାୟ ନେଇ ୫୦ରୁ ଅଧିକ ଖେଳାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୌଣସି କ୍ରିକେଟ କାର୍ଯ୍ୟକଳାପକୁ ବର୍ଜନ କରିବା ଅର୍ଥ ବର୍ତ୍ତମାନ ନ୍ୟାଶନାଲ କ୍ରିକେଟ ଲିଗ୍ ଅଗ୍ରଗତି ବାଧା ସୃଷ୍ଟି ହେବ। ଆସନ୍ତା ମାସରେ ହେବାକୁଥିବା ଭାରତ ଟୁର୍ ଲାଗି ଟ୍ରେନିଂ କ୍ୟାମ୍ପରେ ବିଭ୍ରାଟ ଦେଖା ଦେବ। ବାଂଲାଦେଶର ଭାରତ ଟୁର୍ ନଭେମ୍ବର ୩ରୁ ଆରମ୍ଭ ହେବ। ଦଳ ୩ଟି ଅନ୍ତର୍ଜାତୀୟ ଟି୨୦ ବ୍ୟତୀତ ବିଶ୍ୱ ଚାମ୍ପିୟନଶିପ୍‌ର ଅଂଶବିଶେଷ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ। ସ୍ଥାନୀୟ କୋଚ୍, ଫିଜିଓ, ଟ୍ରେନର ଏବଂ ଗ୍ରାଉଣ୍ଡମ୍ୟାନଙ୍କୁ ଉଚିତ୍ ପ୍ରାପ୍ୟ ମିଳିବା ଉଚିତ। ସେମାନେ ପ୍ରକୃତରେ ସ୍ୱଳ୍ପ ବେତନ ପାଉଛନ୍ତି ବୋଲି ସିନିୟର ଓପନର ତାମିମ ଇକ୍‌ବାଲ କହିଛନ୍ତି। ବାଂଲାଦେଶର ଆଭ୍ୟନ୍ତରୀଣ ବ୍ୟପାରର ଭାରତ ହସ୍ତକ୍ଷେପ କରିବାକୁ ଚାହୁଁନାହିଁ। ବିସିସିଆଇର ଭାବି ସଭାପତି ସୌରଭ ଗାଙ୍ଗୁଲିଙ୍କର ଉଭୟ ବାଂଲାଦେଶ ଖେଳାଳି ଏବଂ ଅଫିସିଆଲଙ୍କ ସହିତ ସୁସମ୍ପର୍କ ରହିଛି। ସେ ଉଦ୍ୟମ କଲେ କିଛି ସମାଧାନର ସୂତ୍ର ମିଳିପାରେ ବୋଲି ଅନେକେ ମନେକରନ୍ତି। ଗୋଟିଏ ଟେଷ୍ଟ ମ୍ୟାଚ କୋଲକାତାରେ ଖେଳାଯିବାକୁ ଥିବାରୁ ବାଂଲାଦେଶ ସମର୍ଥକମାନଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ପ୍ରଥମ ଶ୍ରେଣୀ କ୍ରିକେଟ ପାଇଁ ମ୍ୟାଚ ଫି' ୩୫ ହଜାରରୁ ୧ ଲକ୍ଷ (ବାଂଲାଦେଶ ଟାକା) ବୃଦ୍ଧି ପାଇଁ ଖେଳାଳିମାନେ ଦାବି କରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରଙ୍କ ବେତନ ୫୦ ପ୍ରତିଶତ ବୃଦ୍ଧି କରାଯିବା ଉଚିତ୍ ବୋଲି ଷ୍ଟାର ଖେଳାଳି ଶକିବ କହିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରମାନେ ବର୍ତ୍ତମାନ ଦୈନିକ ଭତ୍ତା ବାବଦରେ ୧୫୦୦ ଟାକା ପାଉଛନ୍ତି। ଜଣେ କ୍ରିକେଟରଙ୍କ ପକ୍ଷେ ସୁସ୍ଥ ଜୀବନ ଶୈଳୀପାଇଁ ଏହା ଯଥେଷ୍ଟ ନୁହେଁ ବୋଲି ସେ କହିଛନ୍ତି। ଦେଶରେ ପ୍ରଥମ ଶ୍ରେଣୀ କ୍ରିକେଟରଙ୍କ ଲାଗି ବିମାନ ସେବା ବ୍ୟବସ୍ଥା କରିବା ଉଚିତ୍ ବୋଲି ଶକିବ କହିଛନ୍ତି।



ଖବରଦାତା ସମ୍ମିଳନୀରେ ସାକିବ ଅଲ୍ ହାସନ ଓ ମୁସ୍‌ଫିକର ରହିମ।

## ୱେଷ୍ଟଇଣ୍ଡିଜ୍ ମ୍ୟାଚ୍ ପାଇଁ ଓସିଏର ତତ୍ପରତା

**କଟକ ଅଫିସ,୨୧।୧୦:** ଆସନ୍ତା ଡିସେମ୍ବର ୨୨ରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଭାରତ-ୱେଷ୍ଟଇଣ୍ଡିଜ ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ତତ୍ପରତା ପ୍ରକାଶ କରିଛି। ମ୍ୟାଚ୍ ପୂର୍ବରୁ ଫନୀ ଝଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବାରବାଟୀକୁ ସଜାଡ଼ିବାକୁ ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ବାରବାଟୀରେ ପହଞ୍ଚିଥିଲେ 'ଦେବ ମସ୍କୋ' ଟିମ୍। କିମ୍ବଦନ୍ତୀ କ୍ରିକେଟର କପିଳ ଦେବଙ୍କ କମ୍ପାନୀ 'ଦେବ ମସ୍କୋ' ବାରବାଟୀରେ ଫ୍ଲଡଲାଇଟ୍ ଲଗାଇଛି। ଏବେ ଏଗୁଡ଼ିକର ମରାମତି ଦାୟିତ୍ୱ ମଧ୍ୟ ଏହି କମ୍ପାନୀ ହାତରେ ଦିଆଯାଇଛି। କମ୍ପାନୀର ଦୁଇଜଣ ଟେକ୍ନିସିଆନ ସୋମବାର ଚୂଡ଼ାନ୍ତ ଆକଳନ ଶେଷ କରିଛନ୍ତି ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଖୁବ୍‌ଶୀଘ୍ର ରାଜ୍ୟର ଏହି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମର ଫ୍ଲଡ୍‌ଲାଇଟ୍ ମରାମତି କରାଯିବ। ବାରବାଟୀ ଷ୍ଟାଡିୟମରେ ମୋଟ ୮ଟି ଫ୍ଲଡଲାଇଟ୍ ଖୁଣ୍ଟ ରହିଛି। ପ୍ରତି ଖୁଣ୍ଟରେ ଫ୍ଲଡ୍‌ଲାଇଟ ସଂଖ୍ୟା ହେଲା ୪୮। ୭ନଂ ଖୁଣ୍ଟରେ ଅଧିକ ମାତ୍ରାରେ ବଲ୍ବ କ୍ଷତିଗ୍ରସ୍ତ ହୋଇଥିବା ସୋମବାର ଆକଳନରୁ ଜଣାପଡ଼ିଛି। ଗତ ଅଗଷ୍ଟ ୭ରେ ଏହି ଟିମ୍ ଆସି ମଧ୍ୟ ଆକଳନ କରିଥିଲା। ହେଲେ ଏହି ଦିନ ବର୍ଷା ଯୋଗୁ ଠିକ୍ ଭାବେ ଆକଳନ ହୋଇ ନ ଥିଲା। ଏବେ ଚୂଡ଼ାନ୍ତ ରିପୋର୍ଟ 'ଦେବ ମସ୍କୋ' ପକ୍ଷରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନିକଟକୁ ପଠାଯିବ।

# ଅବସର ନେଲେ ନଟରାଜ

- ଦୁଇ ଦିନରେ ଦୁଇ ଖେଳାଳିଙ୍କ ଅବସର
- ଖେଳାଳି ସଂଘ ପାଇଁ ଚାଲିଛି ଅଙ୍କକଷା

**କଟକ ଅଫିସ,୨୧।୧୦**

ଲଗାତର ଦୁଇଦିନରେ ରାଜ୍ୟର ଦୁଇ ଅଭିଜ୍ଞ କ୍ରିକେଟ ଖେଳାଳି କ୍ରିକେଟଠାରୁ ଦୂରେଇ ଯାଇଛନ୍ତି। ରବିବାର ପୂର୍ବତନ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ହଳଧର ଦାସ ଅବସର ଘୋଷଣା କରିଥିଲେ। ଏହାର ଗୋଟିଏ ଦିନ ପରେ ଅର୍ଥାତ ସୋମବାର ପୂର୍ବତନ ରଣ୍‌ଜୀ ଅଧିନାୟକ ନଟରାଜ ବେହେରା କ୍ରିକେଟକୁ ବାଏ କହିଛନ୍ତି। ଏହି ଦୁଇ କ୍ରିକେଟରଙ୍କ ଅବସର ଆଗାମୀ ଦିନରେ ହେବାକୁ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ଖେଳାଳି ସଂଘ ନିର୍ବାଚନକୁ ଇଙ୍ଗିତ କରୁଛି। ଉଭୟ ନଟରାଜ ଓ ହଳଧର ଓସିଏ ଖେଳାଳି ସଂଘର ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଆଗକୁ ଆଉ କେଉଁ ପୁରୁଖା କ୍ରିକେଟ ଖେଳାଳି ଅବସର ନେଉଛନ୍ତି, ଏବେ ସେନେଇ ଅପେକ୍ଷା ରହିଲା।

୧୯୮୮ ମେ' ୨୮ ତାରିଖରେ ରାଉରକେଲାରେ ଜନ୍ମିତ ନଟରାଜଙ୍କ କ୍ରିକେଟ କ୍ୟାରିୟର ବେଶ୍ ସଫଳପୂର୍ଣ୍ଣ ରହିଛି। ଜୁନିୟର ବୟସ ବର୍ଗର ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ଭିନୁ ମଙ୍କଡ ଟ୍ରଫି, କୁଚ୍ ବିହାର ଟ୍ରଫି, ସି.କେ. ନାଇଡୁ ଟ୍ରଫିରେ ସେ ରାଜ୍ୟ ଦଳରୁ ଖେଳିଥିଲେ। ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିରୁ ଖେଳି ଭଲ ପ୍ରଦର୍ଶନ କରୁଥିବାବେଳେ ତାଙ୍କୁ ୨୦୦୭ ମସିହାରେ ପ୍ରଥମେ ସିନିୟର ଦଳରେ ସୁଯୋଗ ମିଳିଥିଲା। ପଞ୍ଜାବ ବିପକ୍ଷ ଟି୨୦ ମ୍ୟାଚ୍‌ରେ ସେ ବ୍ୟାଟିଂ କ୍ରମ ୭ନଂରେ ଆସିଥିବାବେଳେ ମାତ୍ର ୭ ରନ୍ କରିଥିଲେ। ପରେ ୨୦୦୮ରେ ଗୁଜରାଟ ବିପକ୍ଷରେ ସେ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ଭୁବନେଶ୍ୱରର ରେଲ୍‌ୱେ ଗ୍ରାଉଣ୍ଡରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଓପ୍‌ନର ପରେଶ ପଟେଲଙ୍କ ସହିତ କ୍ରିଜ୍‌କୁ ଓହ୍ଲାଇଥିଲେ ନଟରାଜ। ପ୍ରଥମରୁ ହିଁ ଦଳର ଓପ୍‌ନିଂ ଭାର ତାଙ୍କୁ ମିଳିଥିଲା। ୨୦୧୦ରେ ଲକ୍ଷ୍ନୌଠାରେ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ନଟରାଜ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ୨୦୦୯ରେ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରୁ ନଟରାଜ ଲିଷ୍ଟ-ଏ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୫-୧୬ ସିଜନରେ ନଟରାଜ ହରିୟାଣା ବିପକ୍ଷ ମ୍ୟାଚ୍‌ରେ ୨୫୫ ରନ୍ କରିଥିଲେ, ଯାହା ଉକ୍ତ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟରେ ସର୍ବୋଚ୍ଚ ସ୍ଥାନରେ ରହିଥିଲା। ଏହି ସିଜନରେ ସେ ୩୫.୫୭ ଆଭରେଜ୍‌ରେ ମୋଟ୍ ୪୯୮ ରନ୍ କରିଥିଲେ। ମାତ୍ର ଏହାର ପରବର୍ତ୍ତୀ ସିଜନ ଅର୍ଥାତ୍ ୨୦୧୬-୧୭ରେ ତାଙ୍କୁ ଦଳରେ ଦେଖିବାକୁ ମିଳି ନ ଥିଲା। ପରେ ୨୦୧୭-୧୮ ସିଜନରେ ପୁନର୍ବାର ସେ ରାଜ୍ୟ ଦଳକୁ ଫେରିବା ସହ ୬ଟି ମ୍ୟାଚ୍‌ରୁ ୧୭୬ ରନ୍ କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ତାମିଲନାଡୁ ବିପକ୍ଷ ମ୍ୟାଚ୍‌ରେ ତାଙ୍କର ସର୍ବାଧିକ ସ୍କୋର ୯୧ ରନ୍ ରହିଥିଲା। ନଟରାଜ ସମୁଦାୟ ୫୪ଟି ପ୍ରଥମଶ୍ରେଣୀ ମ୍ୟାଚ୍‌ରୁ ୩୪.୪୪ ଆଭରେଜ୍‌ରେ ମୋଟ୍ ୩୦୩୧ ରନ୍ କରିଛନ୍ତି। ଏହା ମଧ୍ୟରେ ୮ ଶତକ ଓ ୧୧ ଅର୍ଦ୍ଧଶତକ ସାମିଲ ରହିଛି। ୨୫୫ ରନ୍ ହେଉଛି ନଟରାଜଙ୍କ ପ୍ରଥମଶ୍ରେଣୀ କ୍ରିକେଟରେ ସର୍ବାଧିକ ସ୍କୋର। ସେହିଭଳି ୩୭ ଲିଷ୍ଟ-ଏ ମ୍ୟାଚ୍‌ରୁ ସେ ମୋଟ୍ ୯୬୭ ରନ୍ କରିଥିବାବେଳେ ୮୧ ସର୍ବାଧିକ ସ୍କୋର ରହିଛି। ୧୬ ଟି୨୦ ମ୍ୟାଚ୍ ଖେଳି ସେ ମୋଟ୍ ୨୬୧ ରନ୍ କରିଛନ୍ତି।



### ଦୁଲୀପ ଟ୍ରଫିର ହକ୍‌ଦାର

୨୦୧୧-୧୨ ଓ ୨୦୧୨-୧୩ ସିଜନରେ ପୂର୍ବାଞ୍ଚଳ ଦଳକୁ ଦୁଲୀପ ଟ୍ରଫି ଚାମ୍ପିୟନ କରାଇବାରେ ନଟରାଜଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। କେନ୍ଦ୍ରାଞ୍ଚଳକୁ ଇନିଂସ୍ ପରାଜୟ କରାଇଥିବା ପୂର୍ବାଞ୍ଚଳ ଦଳର ଅଧିନାୟକ ଥିଲେ ନଟରାଜ। ପରେ ୨୦୧୨-୧୩ ସିଜନ ଦୁଲୀପ ଟ୍ରଫି ଫାଇନାଲରେ ମଧ୍ୟ ସମାନ ପ୍ରତିଦ୍ୱନ୍ଦ୍ୱୀ କେନ୍ଦ୍ରାଞ୍ଚଳ ବିପକ୍ଷ ଫାଇନାଲରେ ଇନିଂସ୍ ଅଗ୍ରଣୀ କରିବା ଯୋଗୁ ପୂର୍ବାଞ୍ଚଳ ଚାମ୍ପିୟନ ହୋଇଥିଲା। ଏହି ସିଜନରେ ମଧ୍ୟ ପୂର୍ବାଞ୍ଚଳର ଅଧିନାୟକ ଭାର ନଟରାଜଙ୍କ କାନ୍ଧରେ ଥିଲା। ୨୦୧୨ରେ ବି ନଟରାଜ ରାଜ୍ୟ ଦଳର ଅଧିନାୟକ ଥିଲେ। ନଟରାଜ ଆଇପିଏଲରେ କୋଲ୍‌କାତା ନାଇଟ ରାଇଡର୍ସ ଦଳରୁ ପ୍ରତିନିଧିତ୍ୱ କରିଥିଲେ ମଧ୍ୟ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ।

“ଇଞ୍ଜୁରି ଯୋଗୁ ଶ୍ରୀଲଙ୍କା ବିପକ୍ଷ ଓପନିଂ ଟି୨୦ ଖେଳିବା ଲାଗି ମୁଁ ଫିଟ୍ କି ନୁହେଁ, ତାହା ମେଡିକାଲ ଟିମ୍ ସ୍ଥିର କରିବ ।

**–ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ ସୀମିତ ଓଭର ଅଧିନାୟକ**



“ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ପଦାର୍ପଣ ମ୍ୟାଚରେ ପ୍ରଥମ ତିନୋଟି ବଲ୍ ପକାଇବାବେଳେ ମୁଁ ନର୍ଭସ ହୋଇପଡ଼ିଥିଲି ।

**–ଶାହବାଜ ନଦିମ, ବାମହାତୀ ଭାରତୀୟ ସ୍ପିନର**



## ସଂକ୍ଷେପରେ

### ଏଲ୍‌ଗାରଙ୍କ ବଦଳରେ ବ୍ରୁଇନ

**ରାଞ୍ଚି,୨୧।୧୦:** ଏଠାରେ ଭାରତ ବିପକ୍ଷରେ ଚାଲିଥିବା ତୃତୀୟ ଟେଷ୍ଟର ୩ୟ ଦିନରେ ଦକ୍ଷିଣ ଆଫ୍ରିକାର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଡିନ ଏଲ୍‌ଗାର ଆହତ ହୋଇ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସବ୍‌ଷ୍ଟିଚ୍ୟୁଟ ଖେଳାଳି ଭାବେ ଥିଉନିସ ଡି' ବ୍ରୁଇନଙ୍କ ନାମ ଘୋଷଣା କରାଯାଇଛି। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ଉମେଶ ଯାଦବଙ୍କ ଏକ ଶଟ ପିଚ୍ ବଲ ଏଲଗାର(୩୦)ଙ୍କ ହେଲମେଟରେ ବାଜିଥିଲା। ଏଲଗାର ଦୀର୍ଘ ସମୟ ଧରି ଗ୍ରାଉଣ୍ଡରେ ବସି ରହିଥିଲେ। ଏହି ଘଟଣା ଚା' ପାନ ବିରତି ୩ ଓଭର ପୂର୍ବରୁ ଘଟିଥିଲା। ସେ ୩ୟ ସେସନରେ ବ୍ୟାଟିଂ କରିବାକୁ ଫେରି ନ ଥିଲେ ଏବଂ ଆଇସିସି ନିୟମ ଅନୁଯାୟୀ ତାଙ୍କ ସମସ୍ୟାର ଆକଳନ କରାଯାଇଥିଲା। ଭ୍ରମଣକାରୀ ଦଳ ତାଙ୍କ ବଦଳ ଖେଳାଳି ଭାବେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଡେ ବ୍ରୁଇନଙ୍କୁ ଚୟନ କରିଥିଲା। ବ୍ରୁଇନ ୬ଷ୍ଠ ଉଇକେଟର ପତନ ପରେ କ୍ରିଜକୁ ଆସି ୨୪ ରନ୍ କରି ଅପରାଜିତ ଅଛନ୍ତି।

### ରିଦ୍ଧିମାନ ଆହତ: କିପିଂ କଲେ ପନ୍ତ

**ରାଞ୍ଚି,୨୧।୧୦(ପି.ଟି.):** ଚଳିତ ତୃତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ଇନିଂସ ଅବସରରେ ଭାରତୀୟ ଉଇକେଟକିପର ରିଦ୍ଧିମାନ ଶାହା ବାମହାତ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇଛନ୍ତି। ତୃତୀୟ ଦିନରେ ସେ ଆହତ ହେବା ପରେ ଅନ୍ତିମ ସେସନରେ ରିଷଭ ପନ୍ତ ତାଙ୍କ ବଦଳରେ ଉଇକେଟ କିପିଂ କରିଥିଲେ। ଇନିଂସର ୨୭ତମ ଓଭରରେ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌କୁ କିପିଂ କରିବା ଅବସରରେ ସେ ଆଘାତ ପାଇଥିଲେ। ଜର୍ଜ ଲିଣ୍ଡ ବଲ୍ କଟ୍ କରିବାକୁ ପ୍ରୟାସ କରିଥିଲେ। ତେବେ ସେ ବଲ୍ ମିସ୍ କରିବାରୁ ରିଦ୍ଧିମାନଙ୍କ ବାମ ବୁଢ଼ା ଆଙ୍ଗୁଠିରେ ବାଜିଥିଲା। ଫିଜିଓ ନିତିନ ପଟେଲ ତାଙ୍କୁ ଡ୍ରେସିଂ ରୁମ୍‌କୁ ନେଇଯାଇଥିଲେ। ୨୦୧୭ରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ନିୟମ ଲାଗୁ ହେବା ପରେ ପନ୍ତ ଭାରତର ଦ୍ୱିତୀୟ ବଦଳ ଉଇକେଟକିପର ସାବ୍ୟସ୍ତ ହୋଇଛନ୍ତି। ପୂର୍ବରୁ ୨୦୧୮ ଜାନୁୟାରୀରେ ଖେଳାଯାଇଥିବା ଜୋହାନ୍ସବର୍ଗ ଟେଷ୍ଟରେ ପାର୍ଥିବ ପଟେଲ ବଦଳରେ ଦୀନେଶ କାର୍ତ୍ତିକ କିପିଂ କରିଥିଲେ ଓ କାର୍ତ୍ତିକ ଭାରତର ପ୍ରଥମ ବଦଳ ଉଇକେଟକିପର ସାବ୍ୟସ୍ତ ହୋଇଥିଲେ। ପୂର୍ବରୁ ମଧ୍ୟ ସେ ଆଘାତ ସମସ୍ୟା କାରଣରୁ କାନ୍ଧରେ ଅସ୍ତ୍ରୋପଚାର କରାଇଥିଲେ ଓ ୨୦ମାସ କ୍ରିକେଟରୁ ଦୂରେଇ ରହିଥିଲେ।

### ଓଡ଼ିଶା ମହିଳା ପ୍ରୋ-କବାଡ଼ି ଲିଗ୍ ପାଇଁ ଖେଳାଳି ଚୟନ

**କଟକ ଅଫିସ,୨୧।୧୦:** ଓଡ଼ିଶା କବାଡ଼ି ଆସୋସିଏଶନ ଓ ଭୁବନେଶ୍ୱରର ପଟିଆ ଗଡ଼ ସ୍ପୋର୍ଟ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ଓଡ଼ିଶା ମହିଳା ପ୍ରୋ-କବାଡ଼ି ଲିଗ୍‌ର ୪ର୍ଥ ସଂସ୍କରଣ ଆସନ୍ତା ନଭେମ୍ବର ୨୦ରୁ ଆରମ୍ଭ ହେବ। ପଟିଆଠାରେ ହେବାକୁ ଥିବା ଏହି ଲିଗ୍ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ନଭେମ୍ବର ୧୦ରେ ଉକ୍ତ ଲିଗ୍ ନିମନ୍ତେ ଖେଳାଳି ଚୟନ ପ୍ରକ୍ରିୟା ପଟିଆସ୍ଥିତ ବ୍ଲାକ ଫରେଷ୍ଟ ରିସୋର୍ଟରେ ଅନୁଷ୍ଠିତ ହେବ। ଓଡ଼ିଶା କବାଡ଼ି ସଂଘ ସହ ଅନୁବନ୍ଧିତ ସମସ୍ତ ଜିଲା ଦଳ ୫ଜଣ ଲେଖାଏ ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ ପ୍ରକ୍ରିୟାକୁ ପଠାଇବାକୁ ରାଜ୍ୟ ସଂଘ ସମ୍ପାଦକ ଅଜୟ କୁମାର ବେହେରା ନିବେଦନ କରିଛନ୍ତି।

# ସିରିଜ୍ ସୁଇପ୍‌ରୁ ୨ ଉଇକେଟ ଦୂରରେ ଭାରତ

**ରାଞ୍ଚି,୨୧।୧୦ (ପି.ଟି.)**

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଉପରେ ଭାରତ ଚଳିତ ସିରିଜରେ ସମ୍ପୂର୍ଣ୍ଣ ରୂପେ ଆଧିପତ୍ୟ ବିସ୍ତାର କରିବାରେ ସଫଳ ହୋଇଛି। କ୍ରମାଗତ ଦ୍ୱିତୀୟଥର ଇନିଂସ ବିଜୟର ଦ୍ୱାରରେ ଭାରତ ପହଞ୍ଚିଛି। ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତ ଇନିଂସ ବିଜୟଠାରୁ ଆଉ ମାତ୍ର ୨ ଉଇକେଟ ଦୂରରେ ରହିଛି। ସଫଳ ହେଲେ ଭାରତ ୩ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜରେ କ୍ଲିନ୍ ସୁଇପ୍ କରିବ। ତାରକା ଓପନର ରୋହିତ ଶର୍ମାଙ୍କ ଦ୍ୱିଶତକ ଓ ଅଜିଙ୍କ୍ୟ ରାହାନେଙ୍କ ଶତକ ସହାୟତାରେ ଭାରତ ଟସ୍ ଜିତି ପ୍ରଥମ ଇନିଂସରେ ୧୧୬.୩ ଓଭରରେ ୯

**ତୃତୀୟ ଦିନରେ ଦକ୍ଷିଣ ଆଫ୍ରିକାର ୧୬ ଉଇକେଟ ପତନ**

ଉଇକେଟ ହରାଇ ୪୯୭ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୬.୨ ଓଭରରେ ୧୬୨ ରନ କରି ଅଲଆଉଟ ହୋଇ ୩୩୫ ରନ ପଛରେ ପଡିଥିଲା। ଫଳରେ ଭାରତ ଦକ୍ଷିଣ ଆଫ୍ରିକାକୁ ଫଲୋଅନ ଦେଇଥିଲା। ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଅନୁରୂପ ଭାବେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୬ ଓଭରରେ ୮ ଉଇକେଟ ହରାଇ ୧୩୨ ରନ ସଂଗ୍ରହ କରିଛି। ଫଳରେ ଦକ୍ଷିଣ ଆଫ୍ରିକା ୨ ଉଇକେଟ ହାତରେ ରଖି ଇନିଂସ ପରାଜୟ ଏଡାଇବାକୁ ଆହୁରି ୨୦୩ ରନ ଆବଶ୍ୟକ କରୁଛି। ସୋମବାର ଷ୍ଟମ୍ପ ଅପସାରଣ ବେଳକୁ ଥେଉନିସ ଡି ବ୍ରୁଇନ ୩୦ ଓ ଅନରିଚ ନୋର୍ଜ ୫ ରନକରି ଅପରାଜିତ ରହିଛନ୍ତି। ଗୋଟିଏ ଦିନରେ ୧୬ଟି ଉଇକେଟ ହରାଇ ଦକ୍ଷିଣ ଆଫ୍ରିକା ଏକ ପ୍ରକାର ଆତ୍ମ ସମର୍ପଣ କରିଛି। ଚତୁର୍ଥ ଦିବସରେ କେବଳ ଭାରତ ଇନିଂସ ବିଜୟର ଔପଚାରିକତା ସମ୍ପନ୍ନ କରିବ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୯/୨ରୁ ଦକ୍ଷିଣ ଆଫ୍ରିକା ଖେଳି ଆରମ୍ଭ କରି ସୋମବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ୨୪ ବର୍ଷୀୟ ଜୁବେର ହମ୍‌ଜା ବିନା ସ୍କୋରରୁ ଇନିଂସ ଆରମ୍ଭ କରି ୬୨ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳି ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ସେହିପରି ଅଧିନାୟକ ଫାଫ୍ ଡୁପ୍ଲେସି ୧ ରନରୁ ଖେଳ ଆରମ୍ଭ କରିଥିଲେ ମଧ୍ୟ ଆଉ ଅଧିକ କୌଣସି ରନ୍ ସଂଗ୍ରହ କରି ନ ପାରି ଉମେଶ ଯାଦବଙ୍କ ଦ୍ୱାରା ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟେମ୍ବା ବଭୁମା ୩୨, ଜର୍ଜ ଲିଣ୍ଡ ୩୭ ରନ କରି ଆଉଟ ହୋଇଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଏହି କ୍ରମରେ ଓପନର ଡିନ୍ ଏଲଗାର ଓ କାଗିସୋ ରାବଡ଼ା ଖାତା ଖୋଲିପାରି ନ ଥିବା ବେଳେ କ୍ୱିଣ୍ଟନ ଡିକକ୍ ୪, ଉଇକେଟକିପର ବ୍ୟାଟ୍ସମ୍ୟାନ ହେନେରିଚ କ୍ଲସେନ ୬, ଡେନ୍ ପିଟ୍ ୪, ଅନରିଚ ନୋର୍ଜ ୪ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଉମେଶ ଯାଦବ ୩, ପଦାର୍ପଣ କରିଥିବା ସ୍ଥାନୀୟ ସ୍ପିନର ମହମ୍ମଦ ସାମି, ସାହାବାଜ ନଦିମ ଓ ଜାଡେଜା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଏହାପରେ ଫଲୋଅନ ହେବା ପରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା ଓ ୩୬ ରନରେ ୫ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ଶିକାର ହୋଇଥିଲା। ଟପ୍ ଓ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନମାନେ ପୁଣି ଥରେ ବିଫଳ ହେବା ସହ ହାତ ଟେକି ଦେଇଥିଲେ। ଡିକକ୍ ୫ ରନକରିଥିବା ବେଳେ ଉମେଶଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ଖାତା ଖୋଲିବା ପୂର୍ବରୁ ହମ୍‌ଜା ସାମିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅନ୍ୟତମ ଓପନ ଡିନ୍ ଏଲଗାର ୧୬ ରନ କରିଥିବା ବେଳେ ଉମେଶଙ୍କ ବାଉନ୍ସରରେ ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଡୁପ୍ଲେସି ପୁଣିଥରେ ବିଫଳ ହୋଇ ମାତ୍ର ୪ ରନ କରି ସାମିଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ବଭୁମା ବିନା ସ୍କୋରରେ ସାମିଙ୍କ ବଲ୍‌ରେ ଉଇକେଟକିପର ରିଦ୍ଧିମାନ ଶାହାଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୫ ରନ କରିଥିବା ବେଳେ କ୍ଲସେନ ଉମେଶଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ସପ୍ତମ ଉଇକେଟରେ ପିଟ୍ ଓ ଲିଣ୍ଡ ୩୧, ଅଷ୍ଟମ ଉଇକେଟରେ ପିଟି ଓ ବ୍ରୁଇନ୍ ୩୧, ନବମ ଉଇକେଟରେ ରାବାଡ଼ା ଓ ବ୍ରୁଇନ ୨୩ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ ମଧ୍ୟ ବିଳମ୍ବ ହୋଇଯାଇଥିଲା। ଲିଣ୍ଡ ୨୭ ରନ କରି ରନ୍ ଆଉଟ ହୋଇଥିବା ବେଳେ ପିଟ୍ ୨୩ ରନ କରି ଜାଡେଜାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୧୨ ରନ କରିଥିବା ବେଳେ ରାବାଡ଼ା ଅଶ୍ୱିନଙ୍କ ବଲ୍‌ରେ ଜାଡେଜାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଭାରତ ପକ୍ଷରୁ ସାମି ୩, ଉମେଶ ୨, ଜାଡେଜା ଓ ଅଶ୍ୱିନ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପୂର୍ବରୁ ପ୍ରଥମ ୨ଟି ଟେଷ୍ଟ ଜିତି ଭାରତ ସିରିଜରେ ୨–୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇସାରିଛି।





ଉଇକେଟ ହାସଲ କରିବା ପରେ ଉମେଶ ଯାଦବ ଓ ମହମ୍ମଦ ସାମି।

## ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୧୧୬.୩ ଓଭରରେ ୪୯୭/୯ (ଇନିଂସ ଘୋଷଣା)
- ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୫୬.୨ ଓଭରରେ ୧୬୨ ଅଲଆଉଟ, (ହମ୍‌ଜା- ୬୨, ବଭୁମା- ୩୨, ଲିଣ୍ଡ- ୩୭, ଉମେଶ- ୩/୪୦, ସାମି- ୨/୨୨, ନଦିମ- ୨/୨୨, ଜାଡେଜା- ୨/୧୯)।
- ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ (ଫଲୋଅନ୍)- ୪୬ ଓଭରରେ ୧୩୨/୮, (ବ୍ରୁଇନ୍- ୩୦*, ଲିଣ୍ଡ- ୨୭, ପିଟି- ୨୩, ଏଲଗାର- ୧୬, ରାବାଡ଼ା- ୧୨, ସାମି- ୩/୧୦, ଉମେଶ- ୨/୩୫, ଜାଡେଜା- ୧/୩୬, ଅଶ୍ୱିନ- ୧/୩୮)।

### ରାହାନେଙ୍କ ବିରଳ ବିଶ୍ୱ ରେକର୍ଡ



**ରାଞ୍ଚି, ୨୧।୧୦:** ଭାରତୀୟ ଉପ–ଅଧିନାୟକ ଅଜିଙ୍କ୍ୟ ରାହାନେ ଏକ ନିଆରା ଟେଷ୍ଟ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ଏପର୍ଯ୍ୟନ୍ତ କ୍ୟାରିୟରରେ ୬୧ଟିଟେଷ୍ଟ ଖେଳିଥିଲେ ମଧ୍ୟ ସେ କେବେ ହେଲେ ରନ୍ ଆଉଟ ହୋଇନାହାନ୍ତି। ଟେଷ୍ଟ ଇତିହାସରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ସେ ୨୦୦ଟି ପାର୍ଟନରଶିପ୍‌ର ଅଂଶବିଶେଷ ହୋଇଥିଲେ ମଧ୍ୟ ରନ୍ ଆଉଟ ହୋଇନାହାନ୍ତି। ଖାଲି ସେତିକି ନୁହଁ ଏହି ପାର୍ଟନରଶିପ୍‌ରେ ତାଙ୍କ ସାଥୀ ବ୍ୟାଟ୍ସମ୍ୟାନମାନେ ରନ୍ ଆଉଟ ହୋଇନାହାନ୍ତି। ଏହା ଏକ ବିରଳ ବିଶ୍ୱ ରେକର୍ଡ ସାବ୍ୟସ୍ତ ହୋଇଛି। ଚଳିତ ତୃତୀୟ ଟେଷ୍ଟରେ ରାହାନେ ଓପନର ରୋହିତ ଶର୍ମାଙ୍କ ସହ କ୍ୟାରିୟରର ୨୦୦ ପାର୍ଟନରଶିପ୍ କରିଥିଲେ। ସେ ୧୯୨ଟି ବଲ୍‌ର ସମ୍ମୁଖୀନ ହୋଇ ୧୭ ଚୌକା ଓ ୧ ଛକା ସହ ୧୧୫ ରନର ଶତକୀୟ ପାଳି ଖେଳିବା ସହ କ୍ୟାରିୟରର ୧୧ତମ ଟେଷ୍ଟ ଶତକ ହାସଲ କରିଛନ୍ତି। ପୂର୍ବରୁ କେବଳ ୫ଜଣ ଭାରତୀୟ ବ୍ୟାଟ୍ସମ୍ୟାନ ୧୦୦ଟି ଇନିଂସ ଖେଳିଥିଲେ ମଧ୍ୟ ରନ୍ ଆଉଟ୍ ହୋଇନାହାନ୍ତି। ସେମାନେ ହେଲେ କପିଳଦେବ, ମୁଦାସର ନଜର, ପିଟର ମେ, ଗ୍ରେମ୍ ହିକ ଓ ରାହାନେ। ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସୟଦ କିରମାନୀ, ମହମ୍ମଦ ଆଝାରୁଦ୍ଦିନ ଓ ଅନିଲ କୁମ୍ବଲେ ପ୍ରତ୍ୟେକ ୭ଥର ରନ୍ ଆଉଟ ହୋଇଛନ୍ତି। ରାହୁଲ ଦ୍ରାବିଡ୍ ୧୨ଥର ରନ୍ ଆଉଟ ହୋଇଥିବାବେଳେ ନିଜ ସାଥୀ ବ୍ୟାଟ୍ସମ୍ୟାନଙ୍କୁ ସର୍ବାଧିକଥର ରନ୍ ଆଉଟ କରିଛନ୍ତି।

## ମ୍ୟାଚ ବେଳେ ଶୋଇପଡ଼ିଲେ ଶାସ୍ତ୍ରୀ



**ରାଞ୍ଚି, ୨୧।୧୦:** ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ସିରିଜ କ୍ଲିନ୍ ସୁଇପ୍ କରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ତେବେ ମ୍ୟାଚ୍ ଚାଲିଥିବା ସମୟରେ ମୁଖ୍ୟ କୋଚ ରବି ଶସ୍ତ୍ରୀ ପ୍ୟାଭିଲିୟନରେ ଶୋଇ ପଡିଥିବାର ଦେଖାଯାଇଥିଲା। ତୃତୀୟ ଦିବସରେ ଏଭଳି ଘଟଣା ସାମ୍ନାକୁ ଆସିଥିଲା। ଟୁଇଟର ଓ ଅନ୍ୟ ସୋସିଆଲ ମିଡିଆରେ ଏ ନେଇ ସେ ଜବରଦସ୍ତ ଟ୍ରୋଲର ଶିକାର ହୋଇଛନ୍ତି। ମୁଖ୍ୟ କୋଚ୍ ହିସାବରେ ସେ ବର୍ଷକୁ ୧୦ କୋଟି ଟଙ୍କା ନେଉଛନ୍ତି। ଏହା ସତ୍ତ୍ୱେ ମ୍ୟାଚ୍ ବେଳେ ଶୋଇବା ଅନେକଙ୍କ ହଜମ ହୋଇନାହିଁ। ଟୁଇଟରରେ ଏ ନେଇ ପ୍ରଶଂସକମାନେ ବିଭିନ୍ନ ମତ ପୋଷଣ କରିଛନ୍ତି।

## କୋହଲିଙ୍କ କୀର୍ତ୍ତିମାନ

**ରାଞ୍ଚି, ୨୧।୧୦:** ଟେଷ୍ଟ ଫର୍ମାଟରେ ସମସ୍ତ ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ପଛରେ ପକାଇସାରିଥିବା ବିରାଟ କୋହଲି ଆଉ ଏକ କୀର୍ତ୍ତିମାନ କରିଛନ୍ତି। ଟେଷ୍ଟ ଇତିହାସରେ ପ୍ରତିପକ୍ଷ ଦଳକୁ ଫଲୋଅନ୍ ଦେବାରେ ସୋମବାର ସେ ସବୁଠୁ ସଫଳତମ ଭାରତୀୟ ଅଧିନାୟକ ହୋଇଯାଇଛନ୍ତି। ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ୩ୟ ଟେଷ୍ଟରେ ଫଲୋଅନ୍ ଡାକିବା ଅଧିନାୟକ ଭାବେ କୋହଲିଙ୍କ ୮ମ ମ୍ୟାଚ୍। ଏହି ଧାରାରେ ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ୭ ଥର ପ୍ରତିପକ୍ଷ ଦଳକୁ ଫଲୋଅନ୍ ଦେଇଥିଲେ। ତାଙ୍କ ପଛକୁ ମହେନ୍ଦ୍ର ସିଂ ଧୋନୀ (୫) ଓ ସୌରଭ ଗାଙ୍ଗୁଲି (୪) ରହିଛନ୍ତି।





ସୋମବାର ଭୁବନେଶ୍ୱର ରେଲୱେ ଷ୍ଟେଶନରେ ପହଞ୍ଚିଥିବା ଓଡ଼ିଶା ଜୁଡୋ ଦଳ। ଇମ୍ଫାଲରେ ସବ୍–ଜୁନିୟର ଓ କ୍ୟାଡେଟ ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ଫେରୁଥିବା ବେଳେ ଏହି ଦଳ ଦୁର୍ଘଟଣାର ଶିକାର ହୋଇଥିଲା।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନୃସିଂହ ବେହେରା**

ଗ୍ରାମ– କୂଳଶ୍ରୀ କର୍ସରଦା, ଡଗରା ମେଳକ, ତ୍ରିନାଥ ମନ୍ଦିର ସାମ୍ନା
ଆବିର୍ଭାବ: ୦୧।୦୧।୧୯୫୩
ତିରୋଧାନ: ୦୧।୧୧।୨୦୧୮
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

**ଶୋକସନ୍ତପ୍ତ**

ପତ୍ନୀ– ବୀଣା ବେହେରା, ପୁଅ– ମାନସ, ସୁବାସ, ବୋହୂ– ସଞ୍ଜୁ, ଟିଙ୍କିନା, ଝିଅ– କଲ୍ୟାଣୀ, ମିନତୀ, ଜ୍ୱାଇଁ– ବାବନ, ଲାଖଲ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ–୬୮୩୦୧

**ସ୍ମୃତିସ୍ତମ୍ଭ**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



**୰ଜି.ବି.ଆର୍ ଦୋରା**

ଆବିର୍ଭାବ : ୦୧.୦୧.୧୯୪୦
ତିରୋଧାନ : ୧୨.୧୦.୨୦୧୯

ତୁମର ଅବର୍ତ୍ତମାନରେ ଆମେ ସର୍ବଦା ତୁମକୁ ଝୁରିହେବୁ। ତଥାପି ତୁମର ନୀତି, ଆଦର୍ଶରେ ନିଜକୁ ଅନୁପ୍ରାଣିତ କରି ସମାଜରେ ବାଟ ଚାଲିବୁ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ : ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ଓ ନାତି, ନାତୁଣୀ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ

ଧ–୧୪୮୫୨


## ଭୋଟ୍ ଦେଲେ ସଚିନ, ଅଞ୍ଜଳି, ଅର୍ଜୁନ

**ମୁମ୍ବାଇ,୨୧।୧୦:** କ୍ରିକେଟ ଲିଜେଣ୍ଡ ସଚିନ୍ ତେନ୍ଦୁଲକର ବାନ୍ଦ୍ରାରେ ଭୋଟ୍ ଦେଇଛନ୍ତି। ମହାରାଷ୍ଟ୍ର ଓ ହରିୟାଣାରେ ସୋମବାର ନିର୍ବାଚନ ହୋଇଥିବା ବେଳେ ସେ ସ୍ତ୍ରୀ ଅଞ୍ଜଳି ଓ ପୁଅ ଅର୍ଜୁନଙ୍କ ସହ ଭୋଟ ଦେଇଥିଲେ। ବୟସ୍କ ବ୍ୟକ୍ତିମାନେ ଭୋଟ ଦେବାକୁ ଲାଇନ୍‌ରେ ଠିଆ ହୋଇଥିବା ବେଳେ ସେ ଏମାନଙ୍କୁ ପ୍ରଶଂସା କରିଛନ୍ତି। ଯୁବପିଢ଼ିକୁ ମଧ୍ୟ ଭୋଟ ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଭୋଟ ଦେବାକୁ ଯୋଗ୍ୟ ହୋଇଥିଲେ ଭୋଟ ନିଶ୍ଚିତ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ମତଦାନର ଗୁରୁତ୍ୱକୁ ଉପଲବ୍ଧି କରି ସେ ଅଞ୍ଜଳି, ଅର୍ଜୁନଙ୍କ ସହ ନିଜର ଫଟୋ ଟୁଇଟରରେ ଅପଲୋଡ କରିଛନ୍ତି।



# ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ସେମିରୁ ବାଦ୍

**ବିଜୟ ହଜାରେ ଟ୍ରଫି**

**ବେଙ୍ଗାଲୁରୁ, ୨୧।୧୦:** ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ବୁଧବାର ଘରୋଇ କର୍ନାଟକ ଓ ଛତିଶଗଡ଼ ମଧ୍ୟରେ ପ୍ରଥମ ସେମିଫାଇନାଲ ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ସେହିଭଳି ସେହି ସମାନ ଦିନ ୨ୟ ସେମିଫାଇନାଲରେ ଗୁଜରାଟ ଓ ତାମିଲନାଡୁ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍ ଜଷ୍ଟ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ସୋମବାର ପଞ୍ଜାବ ଓ ତାମିଲନାଡୁ ଏବଂ ମୁମ୍ବାଇ ଓ ଛତିଶଗଡ଼ ମଧ୍ୟରେ ଖେଳାଯାଇଥିବା ୩ୟ ଓ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ଫଳରେ ଫଳାଫଳ ପାଇଁ ଲିଗ୍ ପର୍ଯ୍ୟାୟରେ ଯେଉଁ ଦଳ ଅଧିକ ବିଜୟ ଲାଭ କରିଥିଲା ସେହି ଦଳ ସେମିଫାଇନାଲ ଟିକେଟ୍ ହାସଲ କରିଥିଲା। ଏହିକ୍ରମରେ ୩ୟ କ୍ୱାର୍ଟର ଫାଇନାଲରୁ ତାମିଲନାଡୁ ଓ ୪ର୍ଥ କ୍ୱାର୍ଟରରୁ ଛତିଶଗଡ଼ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ତେବେ ଏହି ନିୟମ ଆଧାରରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ କ୍ୱାର୍ଟର ଫାଇନାଲରୁ ଏହାର ଅଭିଯାନ ଶେଷ କରିଛି।

ତୃତୀୟ କ୍ୱାର୍ଟର ଫାଇନାଲରେ ପଞ୍ଜାବ ବିପକ୍ଷରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ତାରକା ଖଚିତ ତାମିଲନାଡୁ ୩୯ ଓଭର ବିଶିଷ୍ଟ ମ୍ୟାଚ୍‌ରେ ୬ ଉଇକେଟ୍ ହରାଇ ୧୭୪ ରନ କରିଥିଲା। ବାବା ଅପରାଜିତ ୫୬, ୱାଶିଂଟନ ସୁନ୍ଦର ଅପରାଜିତ ୩୫ ରନ କରିଥିଲେ। ଅଧିନାୟକ ଦୀନେଶ କାର୍ତ୍ତିକ (୧୧), ଅଭିନବ ମୁକୁନ୍ଦ (୧୭), ମୁରଲୀ ବିଜୟ (୨୨), ବିଜୟ ଶଙ୍କର (୧୩) ପ୍ରମୁଖ ବିଫଳ ହୋଇଥିଲେ। ଜବାବରେ ପଞ୍ଜାବ ୧୨.୨ ଓଭରରେ ୨ ଉଇକେଟ୍ ହରାଇ ୫୨ ରନ କରିଥିବାବେଳେ ଲଗାଣ ବର୍ଷା ହୋଇଥିଲା। ଫଳରେ ମ୍ୟାଚ୍‌କୁ ବନ୍ଦ କରିଦିଆଯାଇଥିଲା। ଫଳାଫଳ ପାଇଁ ଲିଗ୍ ପର୍ଯ୍ୟାୟରେ ସର୍ବାଧିକ ବିଜୟ ହାସଲ କରିଥିବା ଦଳ ସେମିଫାଇନାଲରେ ପ୍ରବେଶ କରିବାର ନିୟମ ରହିଥିବାରୁ ପଞ୍ଜାବ (୫ ବିଜୟ)କୁ ପଛରେ ପକାଇ ତାମିଲନାଡୁ (୯ ବିଜୟ) ବାଜିମାତ୍ କରିନେଇଥିଲା।

ସେହିଭଳି ଅନ୍ତିମ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଓ ଛତିଶଗଡ଼ ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଛତିଶଗଡ଼ ୪୫.୪ ଓଭରରେ ୬ ଉଇକେଟ୍ ହରାଇ ୧୯୦ ରନ କରିଥିବାବେଳେ ବର୍ଷା ହୋଇଥିଲା। ବର୍ଷା ଛାଡ଼ିବା ପରେ ମୁମ୍ବାଇ ସମ୍ମୁଖରେ ୩୯ ଓଭରରେ ୧୯୦ ରନର ଟାର୍ଗେଟ୍ ଧାର୍ଯ୍ୟ କରାଯାଇଥିଲା। ଜବାବରେ ମୁମ୍ବାଇ ୧୧.୩ ଓଭରରେ କୌଣସି ଉଇକେଟ୍ ନ ହରାଇ ୯୫ ରନ କରିଥିବାବେଳେ ପୁଣିଥରେ ବର୍ଷା ହୋଇଥିଲା। ବର୍ଷା ନ ଛାଡ଼ିବାରୁ ସେହି ଲିଗ୍ ପର୍ଯ୍ୟାୟର ବିଜୟକୁ ଆଧାର କରି ଫଳାଫଳ ବାହାର କରାଯାଇଥିଲା। ଏହି ନିୟମରେ କିନ୍ତୁ ୫ ବିଜୟ ସହ ଛତିଶଗଡ଼ ବାଜିମାତ୍ କରି ନେଇଥିଲା। ଲିଗ୍ ପର୍ଯ୍ୟାୟରେ ୪ ବିଜୟ ସହ ମୁମ୍ବାଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଥିଲା।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୨/୨୦୧୯ Bhubaneswar, Tuesday, October 22/2019

### ମହିଳା ଆଇନଜୀବୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ପ୍ରେମିକଙ୍କ ଟେର ପାଉନି ପୋଲିସ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ଧଉଳି ଥାନା ଅଧୀନ ଲିଙ୍ଗିପୁର ବିଜୟବିହାରରେ ଭଡ଼ାରେ ରହୁଥିବା ମହିଳା ଆଇନଜୀବୀ ଦୀପାଳି ପ୍ରିୟଦର୍ଶିନୀ ଜେନା(୨୯)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଏବେବି ସସ୍‌ପେନ୍ସ ଲାଗିରହିଛି। ତାଙ୍କର ପୁରୁଷ ବନ୍ଧୁ ବିକ୍ରମ କେଶରୀ ମିଶ୍ର ହତ୍ୟା କରିଛନ୍ତି ନା ଏହା ଏକ ଆତ୍ମହତ୍ୟା ତାହାକୁ ନେଇ ଦ୍ୱନ୍ଦ୍ୱରେ ରହିଛି ପୋଲିସ। ବିକ୍ରମ ଫେରାର ରହିଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ବଢ଼ିବାରେ ଲାଗିଛି। ତାଙ୍କୁ ଧରିବା ପାଇଁ ପୋଲିସର ଏକ ଟିମ୍ ବାଲେଶ୍ୱର ଯାଇ ବିଭିନ୍ନ ସ୍ଥାନରେ ଚଢାଉ କରୁଛି। ବିକ୍ରମ ତାଙ୍କ ପୈତୃକ ଘର ବାଲେଶ୍ୱର ଜିଲାର ସିମୁଳିଆରେ ନ ଥିବା ଜଣାପଡିଛି। ପୋଲିସ ବିକ୍ରମଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିଛି। ସେମାନେ ଉଭୟଙ୍କ ବିବାହ ପାଇଁ ରାଜିଥିଲେ। ହେଲେ ଏଭଳି ଘଟଣା କିଭଳି ଘଟିଲା ସେମାନେ କିଛି ଜାଣି ନ ଥିବା କହିଛନ୍ତି। ଏହାସହ ବିକ୍ରମ ତାଙ୍କୁ ହତ୍ୟା କରି ନ ଥିବା ପରିବାର ଲୋକେ ପୋଲିସ ଆଗରେ ଦୃଢ଼ତାର ସହ କହିଛନ୍ତି। ବିକ୍ରମ ବାଲେଶ୍ୱର ଓ ଭଦ୍ରକ ଅଞ୍ଚଳରେ ବୁଲୁଥିବା ପୋଲିସ ତାଙ୍କ ମୋବାଇଲ୍ ଫୋନ୍ ରେକର୍ଡରୁ ଜାଣିବାକୁ ପାଇଛି। ତେଣୁ ତାଙ୍କୁ ଧରିବାକୁ ଆଉ ଦୁଇଟି ଟିମ୍ ପଠାଇବା ପାଇଁ ପୋଲିସ ପ୍ରସ୍ତୁତ ହେଉଥିବା ଜଣାପଡିଛି।



■ ବାଲେଶ୍ୱର ଗଲା ପୋଲିସ ଟିମ୍
■ ଦୀପାଳିଙ୍କ ପରିବାର ଲୋକଙ୍କୁ ପଚରାଉଚରା

ଅନ୍ୟପକ୍ଷରେ ଘଟଣାର ମୂଳରେ ପହଞ୍ଚିବା ପାଇଁ ପୋଲିସ ସୋମବାର ଦୀପାଳିଙ୍କ ସାନଉଭଣୀ ସେଫାଳି ଏବଂ ଭାଇଙ୍କୁ ପଚରାଉଚରା କରିଛି। ସେମାନେ ଦୀପାଳି ଓ ବିକ୍ରମଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଏବଂ ଉଭୟ ବିବାହ କରିଥାନ୍ତେ ବୋଲି କହିଛନ୍ତି। ବିକ୍ରମଙ୍କ ବିରୋଧରେ ସେମାନେ କିଛିବି କହିନାହାନ୍ତି। ଏପରି କି ଉଭୟଙ୍କ ମଧ୍ୟରେ କୌଣସି ଝଗଡ଼ା କିମ୍ବା ମାରପିଟ୍ ହୋଇ ନ ଥାଏ ବୋଲି ପୋଲିସ ଆଗରେ ଦୀପାଳିଙ୍କ ପରିବାର ଲୋକେ କହିଛନ୍ତି। ପୋଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

ଦେଖିବାକୁ ଗଲେ କେତେକ ଘଟଣା ପୋଲିସକୁ ରହସ୍ୟ ଘେରକୁ ନେଇଯାଇଛି। ମୃତଦେହ ନିକଟ ବେଡ୍‌ରୁ ପାଣି ବୋତଲ ଓ ଅଧାପୋଡ଼ା ସିଗାରେଟ୍ ମିଳିବା ସହ ରୁମ୍‌ରେ ମଦ ବୋତଲ ରହିଥିବା ନେଇ ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଏହାସହ ଦୀପାଳି ଅବିବାହିତ ଥିବା ବେଳେ ସେ ମୁଣ୍ଡରେ ସିନ୍ଦୂର ଓ ହାତରେ ଚୂଡ଼ି ପିନ୍ଧିବା ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ତେଣୁ ବିକ୍ରମ ଧରାପଡ଼ିଲେ ଏହି ସବୁ ପ୍ରଶ୍ନର ଉତ୍ତର ମିଳିବ ବୋଲି ପୋଲିସ କହିଛି।

# ଚଢ଼ାଉବେଳେ ବନ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ

**ବେଆଇନ କାଠ କୋଇଲା କାରବାର**

■ ୨ ମହିଳା ଗାର୍ଡଙ୍କ ସହ ଜଣେ ହାତୀ ଟ୍ରାକର ଆହତ
■ ୨ ଗାଡିର କାଚ ଭାଙ୍ଗିଦେଲେ



**ଖୁଣ୍ଟୁଣୀ,୨୧।୧୦(ଡି.ଏନ୍.ଏ.)**

ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ମହାଲକ୍ଷ୍ମୀପୁର ଗ୍ରାମରେ ଚୋରା କାଠ କୋଇଲା ଜବତ ବେଳେ କେତେଜଣ ବନ କର୍ମଚାରୀଙ୍କୁ ସୋମବାର ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏହା ସହ ବନ ବିଭାଗର ୨ଟି ଗାଡ଼ିର କାଚକୁ ଭାଙ୍ଗି ଦେଇଛନ୍ତି। ଏ ନେଇ ବନାଞ୍ଚଳ ଅଧିକାରୀ ମାଗୁଣି ଚରଣ ବେହେରାଙ୍କ ଅଭିଯୋଗକ୍ରମେ ଖୁଣ୍ଟୁଣୀ ପୋଲିସ ଏକ ମାମଲା (ନଂ.୧୩୦/୧୯)ରୁଜୁ କରି ତଦନ୍ତ ଚଳାଇଛି। ବନ ବିଭାଗ ସୂଚନା ଅନୁଯାୟୀ, ମହାଲକ୍ଷ୍ମୀପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ବିପୁଳ ପରିମାଣର ଚୋରା କାଠ କୋଇଲା ଥିବା ଖବରପାଇ ବନାଞ୍ଚଳ ଅଧିକାରୀ ବେହେରାଙ୍କ ସମେତ ୧୪ଜଣ ଷ୍ଟାଫ ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ଉକ୍ତ ବ୍ୟକ୍ତିଙ୍କ ଘରୁ ଓ ନିକଟ ବୁଦା ଜଙ୍ଗଲରୁ ୩୦ବସ୍ତା ଜବତ ହୋଇଥିଲା। ଅଧିକ କୋଇଲା ପାଇଁ ଘର ଚତୁଃପାର୍ଶ୍ୱରେ ଚଢ଼ାଉ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀ, ଦୁଇ ପୁଅ ବିଭିନ୍ନ ମାରଣାସ୍ତ୍ର ଦେଖାଇ ବନକର୍ମଚାରୀଙ୍କୁ ଦେଖାଇ ଭୟଭୀତ କରିବା ସହ ୫ବସ୍ତା କୋଇଲା ଛଡାଇ ନେଇଥିଲେ। ଏହା ସହ ଢେଲା ମାଡ଼ କରିଥିଲେ। ଏଥିରେ ୨ଜଣ ମହିଳା ଗାର୍ଡ ରଶ୍ମି ବାରିକ, ସସ୍ମିତା ପ୍ରାଧାନ ଓ ହାତୀ ଟ୍ରାକର କ୍ଷୀରୋଦ ମଲ୍ଲିକ ଆହତ ହୋଇଥିଲେ। ପରେ ବନ କର୍ମଚାରୀ ଯାଇଥିବା ୨ଗାଡିର କାଚକୁ ବାଡେଇ ଭାଙ୍ଗି ଦେଇଥିବା ବନାଞ୍ଚଳ ଅଧିକାରୀ ବେହେରା କହିଛନ୍ତି।




**କଡ଼ାକଡ଼ି ହେଲା ନୋ ପାର୍କିଂ ଜୋନ୍**

# ଚିହ୍ନଟ ସ୍ଥାନରେ ଜଗିଲା ପୋଲିସ

**ଭୁବନେଶ୍ୱର,୨୧।୧୦(ବ୍ୟୁରୋ)**

ରାଜଧାନୀରେ ଅଟୋ ଚାଳକଙ୍କ ବେଆଇନ ପାର୍କିଂ ଓ ବେପରୁଆ ଗାଡ଼ି ଚାଳନା ଉପରେ ରୋକ ଲଗାଇବା ପାଇଁ କମିଶନରେଟ ପୋଲିସ ତତ୍ପରତା ଦେଖାଇଛି। ରାଜଧାନୀରେ ପ୍ରାଥମିକ ପର୍ଯ୍ୟାୟରେ କଳ୍ପନା, ରାଜମହଲ ଓ ବାଣୀବିହାର ଛକରେ ଅଟୋ ପାର୍କିଂ କରାଯିବା ପାଇଁ ସ୍ଥାନ ଚିହ୍ନଟ କରାଯାଇଥିବା ନେଇ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସୋମବାର ପୋଲିସ ପକ୍ଷରୁ ନୋ ପାର୍କିଂ ଜୋନକୁ କଡାକଡି ଯାଞ୍ଚ କରାଯାଇଛି। ଚିହ୍ନଟ ପାର୍କିଂ ସ୍ଥାନରେ ପୋଲିସ ଜଗିରହି ଗାଡ଼ି ରଖିବା ବ୍ୟବସ୍ଥାକୁ ତଦାରଖ କରିଛି। ଯଦି କୌଣସି ଅଟୋ ଚାଳକ ନିୟମ ନ ମାନି ମନଇଚ୍ଛା ଗାଡ଼ି ପାର୍କିଂ କରୁଛନ୍ତି, ସେମାନଙ୍କୁ ପୋଲିସ ତାଗିଦ୍ କରିବା ସହ ପାର୍କିଂ ଜୋନରେ ଗାଡ଼ି ରଖିବାକୁ କହିଛି। ତଥାପି କେତେଜଣ ଅଟୋ ଚାଳକ ଚିହ୍ନଟ ସ୍ଥାନଠାରୁ କିଛି ଦୂରରେ ବେପରୁଆଭାବେ ଗାଡି ପାର୍କିଂ କରି ଲୋକଙ୍କୁ ଉଠାଉଥିବା ଦେଖିବାକୁ ମିଳିଛି। ସେହିପରି ଉପରୋକ୍ତ ୩ ଛକକୁ ଛାଡି ଦେଲେ ରାଜଧାନୀର ଅନ୍ୟ ଛକଗୁଡ଼ିକରେ ଅବସ୍ଥା ନ କହିବା ଭଲ। ମନଇଚ୍ଛା ଗାଡି ପାର୍କିଂ କରିଛନ୍ତି। ଏପରି କି ରାସ୍ତା ମଝିରୁ ଯାତ୍ରୀ ଉଠାଇବାକୁ ନେଇ ଅଟୋ ଚାଳକଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲୁଛି। ଏହାସହ ଅଟୋ ଚାଳକ ହଠାତ୍ ଯେଉଁଠି ପାରୁଛନ୍ତି ଗାଡିକୁ ଷ୍ଟଣ୍ଟ୍ କଲାଭଳି ୟୁ-ଟର୍ନ କରୁଛନ୍ତି। ଟ୍ରାଫିକ ଏସିପି କେ.କେ. ପାଣିଗ୍ରାହୀ କହିଛନ୍ତି, ନୋ ପାର୍କିଂ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସୋମବାର ପ୍ରଥମ ଦିନରେ ପୋଲିସ ସଚେତନତା ସୃଷ୍ଟି କରିଛି। ପରେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।

# ‘ଅଙ୍ଗୀକାର’ ଅଭିଯାନରେ ୩୫୭ ପରିବାର ସାମିଲ

**ଭୁବନେଶ୍ୱର, ୨୧।୧୦(ବ୍ୟୁରେ)**

ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ‘ଅଙ୍ଗୀକାର’ ଅଭିଯାନ ସୋମବାର ଶେଷହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହର) ହିତାଧିକାରୀଙ୍କୁ ଜଳ ଓ ଶକ୍ତି ସଂରକ୍ଷଣ, ଆବର୍ଜନା ପରିଚାଳନା, ସୁସ୍ଥ ଓ ସ୍ୱଚ୍ଛତା, ବୃକ୍ଷରୋପଣ, ଏଲ୍‌ପିଜି ବ୍ୟବହାର ଏବଂ ପରିବେଶ ସୁରକ୍ଷା ଆଦିର ସର୍ବଶ୍ରେଷ୍ଠ ପ୍ରଣାଳୀ ବିଷୟରେ ସଚେତନ କରିବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ। ଆଗକୁ ବିଭିନ୍ନ ଉପହାର ସହ ସମସ୍ତ ହିତାଧିକାରୀଙ୍କୁ ସଚେତନ କରିବାକୁ ଯୋଜନା ରଖାଯାଇଛି ବୋଲି ବିଏମ୍‌ସି କର୍ତ୍ତୃପକ୍ଷ କହିଛନ୍ତି। ୩୫୭ ହିତାଧିକାରୀଙ୍କୁ ଏହି ଅଭିଯାନରେ ସଚେତନ କରାଯାଇଛି। ଅଙ୍ଗୀକାରକୁ ଶତ ପ୍ରତିଶତ କାର୍ଯ୍ୟକାରୀ କରିବାକୁ ଫିଲ୍ଡ ଅଫିସର ନିୟୋଜିତ ହୋଇଛନ୍ତି ବୋଲି ଗୃହ ନିର୍ମାଣ ଡେପୁଟି କମିଶନର ଅଶୋକ ମହାନ୍ତି କହିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି । କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

-ଟଲଷ୍ଟୟ



## ସଂକ୍ଷେପରେ

### ବାଇକ୍ ଚୋରି ଘଟଣାରେ ଯୁବକ କୋର୍ଟ ଚାଲାଣ

**ସାଲେପୁର,୨୧।୧୦(ଡି.ଏନ.ଏ.):** ବାଇକ୍ ଚୋରି ଘଟଣାରେ ସାଲେପୁର ପୋଲିସ ଝାଡ଼ଖଣ୍ଡ ରାଜ୍ୟର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପବନ ଗୁପ୍ତା (୩୦)। ସୂଚନା ଅନୁଯାୟୀ ସମ୍ପୃକ୍ତ ଯୁବକ କଳାରୁଦ୍ର ଲଜ୍ ସମ୍ମୁଖରେ ଥୁଆ ହୋଇଥିବା ଏକ ବାଇକ୍‌କୁ ଚୋରି କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ୍ ଜିମା ଦେଇଥିଲେ। ପୋଲିସ ଅଟକ ରଖି ପଚରା ଉଚରା କରିବାରୁ ତାଙ୍କ ଘର ଝାଡ଼ଖଣ୍ଡ ରାଜ୍ୟରେ ବୋଲି ସେ କହିଥିଲେ। ତାଙ୍କ ନିକଟରୁ ଅଲଗା ଗାଡ଼ିର ପେଛାଏ ଚାବି ଜବତ ହୋଇଥିଲା। ଫଳରେ ପୋଲିସ ମାମଲା ନଂ-୨୮୩/୧୯ ରୁଜୁ କରିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ଦେବେନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି। ଅପରପକ୍ଷେ କିଛିଦିନ ହେବ ସାଲେପୁର ଅଞ୍ଚଳର ହାଟ, ବଜାର, ବ୍ୟାଙ୍କ୍ ସମେତ ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି ହେଉଥିବା ଅଭିଯୋଗ ହୋଇଛି। ଏହି ଚୋରି ଘଟଣାରେ ଆନ୍ତରାଜ୍ୟ ଲୁଟେରାଙ୍କ ସମ୍ପୃକ୍ତି ଥିବା ଆଲୋଚନା ହେଉଛି।

### ଚମ୍ପେଇଦ୍ୱାର ଗ୍ରାମରୁ ବେଆଇନ ସ' ମିଲ୍ ଠାବ

**ବଡ଼ମ୍ବା,୨୧।୧୦(ଡି.ଏନ.ଏ.):** ବଡ଼ମ୍ବା ଓ ନରସିଂହପୁର ବନ ବିଭାଗ ପକ୍ଷରୁ ସୋମବାର ରାତିରେ ବଡ଼ମ୍ବା ଥାନା ଅଧୀନ ଚମ୍ପେଇଦ୍ୱାର ଗ୍ରାମରେ ଚଢ଼ାଉ କରାଯାଇଛି। ଏହି ସମୟରେ ସେଠାରୁ ଏକ ବେଆଇନ ସ' ମିଲ ଠାବ କରାଯାଇଛି। ପରେ ବିଭାଗ ପକ୍ଷରୁ ଉକ୍ତ ସ'ମିଲକୁ ଜବତ କରାଯାଇଛି। ଏହି ଘଟଣାରେ କେହି ଗିରଫ ହୋଇ ନାହାନ୍ତି। ଘଟଣାର ତଦନ୍ତ ଜାରି ରହିଛି। ବଡ଼ମ୍ବା ବନ ବିଭାଗ ଭାରପ୍ରାପ୍ତ ରେଞ୍ଜର ସରୋଜ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାରେ ଏହି ଚଢ଼ାଉ କରାଯାଇଥିଲା। ଏଥିରେ ବଡ଼ମ୍ବା ଥାନା ଓ ନରସିଂହପୁର ଏପିଆର୍ ପୋଲିସ୍ ଟିମ ମଧ୍ୟ ସାମିଲ ହୋଇଥିଲା।

### ଧବଳେଶ୍ୱରଙ୍କୁ ଦର୍ଶନ କଲେ ୧୫ ହଜାର ଭକ୍ତ

**ଖୁଣ୍ଟୁଣୀ,୨୧।୧୦(ଡି.ଏନ୍.ଏ.):** କାର୍ତ୍ତିକ ମାସର ଦ୍ୱିତୀୟ ସୋମବାରରେ ଧବଳେଶ୍ୱର ଦେବଙ୍କ ବଡସିଂହାର ବେଶକୁ ପ୍ରାୟ ୧୫ ହଜାର ଭକ୍ତ ଦର୍ଶନ କରିଥିବା ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ଭୋର ୩ଟାରୁ ପହୁଡ଼ ଖୋଲାଯାଇ ମଙ୍ଗଳ ଆଳତି ଓ ସ୍ନାନ ନୀତି ସମ୍ପନ୍ନ ପରେ ବାଲ ଭୋଗ ଲାଗି ହୋଇଥିଲା। ୪ଟାରୁ ଭକ୍ତଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲାଯାଇଥିଲା। ମନ୍ଦିରକୁ ଧାଡ଼ି ଦର୍ଶନରେ ଯିବା ପାଇଁ ଗୁରୁଡିଝାଟିଆ ପୋଲିସ ପକ୍ଷରୁ ଥାନା ଅଧିକାରୀ ବିଜୟ କେତନ ବିସି ଓ ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲଙ୍କ ସମେତ ୧ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ୧୭ତାରିଖରେ ପଞ୍ଚକ ପ୍ରସ୍ତୁତି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସକାଳୁ ଦେବୋତ୍ତର ବିଭାଗ ଓ ପ୍ରଶାସନ ପକ୍ଷରୁ ଝୁଲାପୋଲ, ମଞ୍ଜେଶ୍ୱର ପଡ଼ିଆରେ ଚଢ଼ାଉ କରାଯାଇ ପଲିଥିନ ଜବତ କରାଯାଇଥିଲା। ଚଢ଼ାଉରେ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓ, ସହକାରୀ ଜିଲାପାଳ ଦେବାଶିଷ ପରିଡା ସାମିଲ ଥିଲେ।

## ନରସିଂହ ସାନ୍ତରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

# ଗେଟ୍‌ରେ ତାଲା ପକାଇ ଗ୍ରାମବାସୀଙ୍କ ଧାରଣା

**ନରସିଂହପୁର,୨୧।୧୦(ଡି.ଏନ.ଏ.)**



ସ୍କୁଲ ଗେଟ୍‌ରେ ତାଲା ପକାଇ ଗ୍ରାମବାସୀ ଓ ଅଭିଭାବକ ଧାରଣା ଦେଇଛନ୍ତି।

■ବ୍ଲକ ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

■ସଂସ୍କୃତ ଶିକ୍ଷକ ନ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ

ନରସିଂହପୁର ବ୍ଲକ ଅଧୀନ ଅଢ଼େଇଗୁଣ୍ଡି ଗ୍ରାମରେ ଥିବା ନରସିଂହ ସାନ୍ତରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତ ଦାବି ଜୋର ଧରିଛି। ସୋମବାର ଅଭିଭାବକ ଓ ଗ୍ରାମବାସୀ ତୁରନ୍ତ ଶିକ୍ଷକ ନିଯୁକ୍ତ ଦାବିରେ ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଛାତ୍ରୀଛାତ୍ର ନିରାଶ ହୋଇ ଘରକୁ ଫେରିଥିଲେ। ଘଟଣା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ପାତ୍ର କହିଛନ୍ତି, ଦୀର୍ଘଦିନ ହେବ ଆମ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ନାହାନ୍ତି। ଫଳରେ ପିଲାଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସେହିପରି ସ୍କୁଲରେ ଥିବା ଜଣେ କିରାଣିଙ୍କୁ ୫ ଦିନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ କୁହାଯାଇଛି। ଫଳରେ କିରାଣି ଜଣଙ୍କ ସପ୍ତାହରେ ମାତ୍ର ଦିନଟିଏ ସ୍କୁଲରେ କାମ କରି ବାକି ଦିନଗୁଡ଼ିକରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାମ କରୁଛନ୍ତି। ଏଥିଯୋଗୁ ନାନା ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏସବୁ ସମସ୍ୟାର ସମାଧାନ ଦାବିରେ ଏହି ଧାରଣା ଦିଆଯାଇଛି। ସ୍କୁଲକୁ ସ୍ଥାୟୀ ସଂସ୍କୃତ ଶିକ୍ଷକ ଏବଂ କିରାଣି ପ୍ରଦାନ କରା ନ ଗଲେ ଧାରଣା ଜାରି ରହିବ ବୋଲି କହିଥିଲେ। ଗଣଧାରଣାର କିଛି ଘଣ୍ଟା ପରେ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ସପ୍ତାହରେ ୩ ଦିନପାଇଁ ସଂସ୍କୃତ ଶିକ୍ଷକ ଏବଂ କିରାଣିଙ୍କୁ ସ୍ଥାୟୀ ଭାବେ ରଖାଯିବା ପାଇଁ ବେହେରା ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଯୌତୁକଜନିତ ବଧୂହତ୍ୟା ଅଭିଯୋଗ

**ବାଙ୍କୀ,୨୧।୧୦(ସ୍ୱ.ପ୍ର.)**

**ସ୍ୱାମୀ, ଦେଢ଼ଶୁର ଅଟକ**

ବାଙ୍କୀ ବ୍ଲକ ଅଧୀନ କିଆପଲା ଗ୍ରାମରେ ଯୌତୁକ ଜନିତ ବଧୂହତ୍ୟା ହୋଇଛି। ଏନେଇ ସୋମବାର ଥାନାରେ ଅଭିଯୋଗ ହେବାପରେ ପୋଲିସ ମହିଳାଙ୍କ ସ୍ୱାମୀ ଏବଂ ଦେଢ଼ଶୁରଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, କିଆପଲା ଗ୍ରାମର ସନ୍ତୋଷ ଦାସ ସୀମର ଗଁପୁର ଗ୍ରାମର ବଂଶୀଧର ବେହେରାଙ୍କ ଝିଅ ତନୁଶ୍ରୀଙ୍କୁ ୨୦୦୯ରେ ବିବାହ କରିଥିଲେ। ସବୁ ଠିକ୍‌ଠାକ୍ ଥିବାବେଳେ ରବିବାର ରାତିରେ ତନୁଶ୍ରୀ ବେହୋସ ହୋଇ ପଡ଼ିଥିଲେ। ଶାଶୁଘର ଲୋକେ ତାଙ୍କୁ ଅଟୋଯୋଗେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ସନ୍ତୋଷ ଫୋନ ଯୋଗେ ତନୁଶ୍ରୀ ବାପାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପାଇ ସୋମବାର ତନୁଶ୍ରୀଙ୍କ ବାପା ବଂଶୀଧର ଗ୍ରାମବାସୀଙ୍କ ସହ ଉପଖଣ୍ଡ ଚିକିତ୍ସାଳୟକୁ ଆସିଥିଲେ। ଝିଅର ମୃତ୍ୟୁ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ନ ପାଇବାରୁ ଶାଶୁଘର ଲୋକେ ଝିଅକୁ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ଦର୍ଶାଇଛନ୍ତି, ତନୁଶ୍ରୀଙ୍କୁ ଶାଶୁଘର ଲୋକେ ବିଭିନ୍ନ ସମୟରେ ମାନସିକ ଯନ୍ତ୍ରଣା ଦେଉଥିଲେ। ସ୍ୱାମୀ ବସନ୍ତ ଅନ୍ୟଜଣେ ମହିଳାଙ୍କ ସହିତ ଅବୈଧ ସମ୍ପର୍କ ରଖିଛନ୍ତି। ତନୁଶ୍ରୀ ଏ ସମ୍ପର୍କରେ ବସନ୍ତଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ଘଟୁଥିଲା। ସେହିପରି ଶାଶୁ ଦୁଲା ଦାସ, ଦେଢ଼ଶୁର ପ୍ରଭାକର ସବୁବେଳେ ବାପଘରୁ ଏକ ଲକ୍ଷ ଟଙ୍କା ଆଣିବାକୁ ତନୁଶ୍ରୀଙ୍କୁ ପ୍ରବର୍ତ୍ତାଉଥିଲେ। ଟଙ୍କା ଆଣିଲେ ବୋହୂ ସମ୍ମାନ ଦିଆଯିବ। ତେବେ ଟଙ୍କା ନ ଆଣିବାରୁ ତାକୁ ମାରି ଦେଇଥିବା ସେ ଅଭିଯୋଗ କରିଛନ୍ତି। ବଂଶୀଧରଙ୍କ ଅଭିଯୋଗ ଅନୁସାରେ ମାମଲା ନଂ-୨୮୩/୧୯ ରୁଜୁ ହୋଇଛି। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ଶାଶୁଘର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଅହମ୍ମଦାବାଦରୁ ଅପହୃତା ନାବାଳିକା ଉଦ୍ଧାର

**ସାଲେପୁର,୨୧।୧୦(ଡି.ଏନ.ଏ.)**

**ଅପହରଣକାରୀ କୋର୍ଟଚାଲାଣ**

ସାଲେପୁର ଥାନା ଅଞ୍ଚଳରୁ ମାସେ ତଳେ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଗୁଜରାଟର ଅହମ୍ମଦାବାଦରୁ ଉଦ୍ଧାର କରିଛି। ନାବାଳିକାଙ୍କୁ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଥାନା ଅଧୀନ ବୈରାଗୀପଡ଼ା ଗ୍ରାମର ସତ୍ୟଜିତ୍ କାଣ୍ଡି(୨୦)। ନାବାଳିକା ଅପହରଣ ନେଇ ତାଙ୍କ ବାପା ଜପକୁଦ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ. ୨୧୭/୧୯ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପହରଣକାରୀ ଗୁଜରାଟର ଅହମ୍ମଦାବାଦରେ ରହୁଥିବା କୌଣସି ସୂତ୍ରରୁ ପୋଲିସ୍ ସୂଚନା ପାଇଥିଲା। ଥାନା ଅଧିକାରୀ ଦେବେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଜପକୁଦ ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣକବାଟଙ୍କ ସହ ଏକ ଟିମ୍ ଅହମ୍ମଦାବାଦ ଯାଇଥିଲା। ସେଠାରେ ଟିମ୍ ଏକ ସ୍ଥାନରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା। ପୋଲିସ୍ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଆଇଆଇସି ମଲ୍ଲିକ ସୂଚନା ଦେଇଛନ୍ତି।

## ମୋବାଇଲ ଚୋରି ମାମଲା ଅଭିଯୁକ୍ତଙ୍କୁ ଜେଲ, ଜରିମାନା

**କଟକ ଅଫିସ, ୨୧।୧୦**

ବାଲିଯାତ୍ରାରେ ମୋବାଇଲ୍ ଚୋରି କରିଥିବା ମାମଲାର ଅଭିଯୁକ୍ତ ଶିବ ହେମ୍ବ୍ରମଙ୍କୁ ସାଲେପୁର ଜେଏମ୍‌ଏଫସି ୧୮ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୨୦୦୦ ଟଙ୍କା ଜରିମାନା କରାଯାଇଥିବା ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି। ଜଗତ୍‌ପୁର ଥାନା ବାଲିସାହିର ଶିବ ଗତବର୍ଷ ବାଲିଯାତ୍ରାରେ ୧୨ଟି ମୋବାଇଲ୍ ଚୋରି କରିଥିଲେ। ତେବେ ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ଜଗତପୁର ପୋଲିସ ତାଙ୍କୁ ଗୋଲେଇ ଛକରୁ ଗିରଫ କରିଥିଲା। ତଦନ୍ତରୁ ସେ ଏହି ସବୁ ମୋବାଇଲ୍ ଚୋରି କରିଥିବା ଜଣାପଡ଼ିଥିଲା। ମାମଲାର ବିଚାର କରି ସାଲେପୁର ଜେଏମ୍‌ଏଫ୍‌ସି ଗୁରୁଚରଣ ଜେମାମଣି ଉପରୋକ୍ତ ଆଦେଶ ଦେଇଥିଲେ। ଅତିରିକ୍ତ ପିପି ଲୋପାମୁଦ୍ରା ବରାଳ ଓ ମାନସ ଦାଶ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

## ନବନିର୍ମାଣ କୃଷକ ସଙ୍ଗଠନର କୃଷକ ସମ୍ମିଳନୀ



ନବ ନିର୍ମାଣ କୃଷକ ସଂଗଠନ ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତା।

**ବାଙ୍କୀ,୨୧।୧୦(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଅଧୀନ ବିଲିପଡ଼ା ଗ୍ରାମରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର କୃଷକ ସମ୍ମିଳନୀ ଉତ୍କଳ ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର ଉଦ୍‌ଘାଟନ କରି କହିଥିଲେ, ସରକାର ଚାଷୀଙ୍କୁ ଉପଯୁକ୍ତ ସମ୍ମାନ ଓ ସହାୟତା ପ୍ରଦାନ କରୁ ନ ଥିବାରୁ ରାଜ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଆତ୍ମହତ୍ୟା କଲେଣି। ବଜାରରେ ଉପଲବ୍ଧ ପ୍ରତ୍ୟେକ ଦ୍ରବ୍ୟ ଭଳି ଚାଷୀର ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ସ୍ଥିର କରାଯାଉ, ୨୦ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ଚାଷୀଙ୍କୁ ମାସିକ ୫ହଜାର ଟଙ୍କା ସୁରକ୍ଷା ଭତ୍ତା, ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ପ୍ରତ୍ୟେକ ସ୍ତରରେ ଚାଷୀଙ୍କୁ ଉପଯୁକ୍ତ ସମ୍ମାନ, ଦେଶର ପ୍ରତ୍ୟେକ ନାଗରିକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଓ ମାଗଣା ଶିକ୍ଷା ଦିଆଯିବା ସହ ଗାନ୍ଧିଙ୍କ ବିଚାରରେ ସମାଜ ଓ ଦେଶକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ସେ ଦାବି କରିଥିଲେ। ନଭେମ୍ବର ୬ରେ ରାଜ୍ୟସ୍ତରୀୟ କୃଷକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଆନ୍ନା ହଜାରେ ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ ବାଙ୍କୀ ଚାଷୀ ସାମିଲ ହେବାପାଇଁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ କମଳାକାନ୍ତ ପ୍ରହରାଜ, ପ୍ରଦୀପ୍ତ ପଟ୍ଟନାୟକ, ନିତ୍ୟାନନ୍ଦ ବେହେରା, ଅମୂଲ୍ୟ ପ୍ରଧାନ, ବରଗଡ଼ କୃଷକ ସଙ୍ଗଠନର ସଂଗଠକ ରଞ୍ଜନ ପଟେଲ, ବିଜୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବାଙ୍କୀ ବ୍ଲକ ଅନ୍ତର୍ଗତ ଚଣ୍ଡୀଛକଠାରେ ଅନୁଷ୍ଠିତ ଚାଷୀ ସମ୍ମିଳନୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

## ଧାରୋ ଶ୍ୟାମସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟ ରୌପ୍ୟଜୟନ୍ତୀ

# ପୁରାତନ ଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟ ଉନ୍ନତି ସମ୍ଭବ



ବିଦ୍ୟାଳୟ ରୌପ୍ୟ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

**ମାହାଙ୍ଗା,୨୧।୧୦(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ପଲ୍ଲୀସାହି ପଞ୍ଚାୟତ ଅଧୀନ ଧାରୋଶ୍ୟାମ ସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟର ରୌପ୍ୟଜୟନ୍ତୀ ସମାରୋହ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ ପରିଷଦ ସଭାପତି ମନୋଜ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବାସହ ପୁରାତନ ଛାତ୍ରାଭିଭାବକ ଓ ପୁରାତନ ଛାତ୍ରଙ୍କ ସହଯୋଗରେ ବିଦ୍ୟାଳୟର ସର୍ବବିଧ ଉନ୍ନତି ସାଧନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବିଦ୍ୟାଳୟ ପ୍ରତିଷ୍ଠାତା ସେକ୍ ମତଲୁବ ଅଲ୍ଲୀ, ଅନ୍ୟତମ ସମ୍ମାନିତ ଅତିଥି ଆସ୍ମାକ୍ସ ଗ୍ରୁପ ଅଫ୍ କମ୍ପାନୀ ଓ ବ୍ରଜଗୋରୀ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଦେବ୍ ମହାନ୍ତି, ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ମାହାଙ୍ଗା ମଣ୍ଡଳ ଶିକ୍ଷାଧିକାରୀ ଚକ୍ରଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ଅଲ୍ଲୀ ପୂର୍ବତନ ଶିକ୍ଷକ, କୃତୀ ଛାତ୍ରୀଛାତ୍ର, ସାମାଜିକ କର୍ମୀ, ବରିଷ୍ଠ ନାଗରିକ ଓ କାର୍ଯ୍ୟରତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସକାଳେ ବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟ ଶିବିର, ବକ୍ତୃତା, ନୃତ୍ୟ, ସଂଗୀତ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଭାଗୀରଥି ସାହୁ ଯୋଗଦେଇ ଏସବୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୁରାତନ ଛାତ୍ରୀ ହରପ୍ରିୟା ଲେଙ୍କା, ଅଞ୍ଜନ ମହାନ୍ତି, ଦାମୋଦର ବେହେରା, ରଞ୍ଜନ ନାୟକ ଓ ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପୁରାତନ ଛାତ୍ର ଶାରଦା ନାୟକ ଧନ୍ୟବାଦ ଦେଇଥିଲେ।

## ସଡ଼କ ସୁରକ୍ଷା ସଚେତନତା

**ନରସିଂହପୁର,୨୧।୧୦(ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅଧୀନ ବାସେଳିହତା ଗ୍ରାମ ବିଜୁ ଯୁବବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବବାହିନୀ ସଭାପତି ରଶ୍ମିରଞ୍ଜନ ମହାଳିକ, ସରପଞ୍ଚ ସୂର୍ଯ୍ୟସ୍ନାତା ମହାଳିକ, କଳିଙ୍ଗ କେଶରୀ ମହାଳିକ, ବିଜୟ ଶତ୍ରୁଜିତ୍, ଯୁବ ବାହିନୀ ସମ୍ପାଦକ ଆଶୁତୋଷ ବାରିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ମକର୍ତ୍ତା ବାଇକ୍ ଚାଳକଙ୍କୁ ହେଲ୍‌ମେଟ୍ ପିନ୍ଧିବା ଓ ୪ ଚକିଆ ଚାଳକଙ୍କୁ ସିଟ୍ ବ୍ଲେଟ ବାନ୍ଧିବା ପାଇଁ କହିଥିଲେ। ସଞ୍ଜୟ ଦାଶ, ଜୀବନ ମହାଳିକ, ଚିଣ୍ଟୁ ମଲ୍ଲିକ, ପପୁ ଦାଶ, ବୁଲୁସେନ ମହାଳିକ, କିଶୋର କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ନିଯୁକ୍ତିମେଳା

**ନରସିଂହପୁର,୨୧।୧୦(ଡି.ଏନ.ଏ.)**

ନରସିଂହପୁର ବ୍ଲକ ସମ୍ମିଳନୀ କକ୍ଷରେ ଏସଆଇଏସ ଲିମିଟେଡ ପକ୍ଷରୁ ଜିଲା ନିୟୋଜନ କାର୍ଯ୍ୟାଳୟ ଆୟୋଜନରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ଏସଆଇଏସ ଲିମିଟେଡର ସୁପରଭାଇଜର ଏବଂ ସିକ୍ୟୁରିଟି ଗାର୍ଡ ପଦୀବ ନିମନ୍ତେ ବିଭିନ୍ନ ପରୀକ୍ଷା ହୋଇଥିଲା। ଏସଆଇଏସ ଲିମିଟେଡରୁ ଆସିଥିବା ଅଧିକାରୀ ସୌଭାଗ୍ୟ କୁମାର ଦାସ ୭୦ଜଣ ଆବେଦନକାରୀଙ୍କୁ ନେଇ ଲିଖିତ ପରୀକ୍ଷା କରିଥିଲେ। ସେଥିରୁ ୫୦ଜଣ ଯୁବକଙ୍କୁ ଚୟନ କରାଯାଇଥିଲା। ମେଳାକୁ ବ୍ଲକ ଅଞ୍ଚଳରୁ ଅନେକ ଆଶାୟୀ ପ୍ରାର୍ଥୀ ଆସିଥିଲେ।

# ଜନଶୁଣାଣି ଶିବିରରେ ୨୪୭ ଅଭିଯୋଗ

**ମାହାଙ୍ଗା,୨୧।୧୦(ସ୍ୱ.ପ୍ର.)**




ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪୭ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୨୩୮ ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୯ଟି ଗୋଷ୍ଠୀଗତ ରହିଥିଲା। ଶିବିରରେ ୨ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ଓ ଜଣେ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଅନ୍ୟ ଜଣେ ବ୍ୟକ୍ତିଙ୍କୁ ରେଡକ୍ରସ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ଭବାନୀ ଶଙ୍କର ଚଇନି, ଗ୍ରାମାଞ୍ଚଳ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦ୍ୟୁମ୍ନ ଜେନା, ପ୍ରକଳ୍ପ ଅଧିକାରୀ ମହମ୍ମଦ ଅବଦୁଲ ଅକତାର, ଏଡିଏମ ବିଜୟ ଖଣ୍ଡାୟତରାୟ, ସିଡିଏମ ସତ୍ୟବ୍ରତ ଛୋଟରାୟ, ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ଉପାଧ୍ୟକ୍ଷା ରଶିଦା ବେଗମ, ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଏବିଡିଓ ମହେଶ୍ୱର ସେଠୀ, ମାହାଙ୍ଗା ଭାରପ୍ରାପ୍ତ ତହସିଲଦାର ଦିଲୀପ ନାୟକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ରାଉତ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ସହକାରୀ ଯନ୍ତ୍ରୀ ବସନ୍ତ ସେଠୀ, ଆଇଆଇସି ରଞ୍ଜନ ପ୍ରଧାନ, ଇଲେକଟ୍ରି ଏସଡିଓ ମାନସ ଦଳାଇ, ଏବିଇଓ ମଦନମୋହନ ମଲ୍ଲ, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ଜିଲା ଅବକାରୀ ଅଧୀକ୍ଷକ ଅଶୋକ ଶତପଥୀ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ଅରୁଣ ମହାରଣା, ଯୋଗାଣ ନିରୀକ୍ଷକ ସକଳେଶ୍ୱର ଦାଶ, ଏପିଓ ରାମାନୁଜ ମହାରଣା, ଲଳିତ ବିଶ୍ୱାଳ, ଗ୍ରାମ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୀବ ରାୟ, କୃପାସିନ୍ଧୁ ଧଳ, ପ୍ରାଣୀଧନ ଚିକିତ୍ସାଧିକାରୀ ମୃଣ୍ମୟ ପଣ୍ଡା, ତନ୍ମୟ ମହାନ୍ତି, ପାନୀୟଜଳ ବିଭାଗ ବିଷ୍ଣୁପ୍ରିୟା ସାହୁଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ତେବେ ଶିବିରକୁ ବହୁ ବିଳମ୍ବରେ ଜିଲାପାଳ ଆସିଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ନାଟକ 'ଶହୀଦ ପୃଥୀରାଜ' ମଞ୍ଚସ୍ଥ

# ପୂଜ୍ୟପୂଜାକୁ ସମ୍ମାନ ଦିଅନ୍ତୁ ଯୁବପିଢ଼ି

**ବାଙ୍କୀ,୨୧।୧୦(ସ୍ୱ.ପ୍ର.)**





ମଞ୍ଚରେ ନାଟକ ପରିବେଷଣ କରୁଥିବା ଦୁଇ କଳାକାର। ଜଣେ କଳାକାରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଡମପଡ଼ା ବ୍ଲକ କୁଶପଙ୍ଗୀ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରବିବାର କୁଶପଙ୍ଗୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଐତିହାସିକ ନାଟକ 'ଶହୀଦ ପୃଥୀରାଜ' ମଞ୍ଚସ୍ଥ ହୋଇଛି। ୧୯୪୨ରେ ସ୍ଥାପିତ ଏହି ଅନୁଷ୍ଠାନ ପ୍ରତ୍ୟେକ ବର୍ଷ ଗୀତିନାଟ୍ୟ ପରିବେଷଣ କରିଆସୁଛି। ଦୀର୍ଘ ଦିନ ଧରି ଅନୁଷ୍ଠାନର ନେତୃତ୍ୱ ନେଇଆସୁଥିବା ଆଦର୍ଶ ଶିକ୍ଷକ ଦାମୋଦର ଲେଙ୍କାଙ୍କ ଚଳିତ ବର୍ଷ ପରଲୋକ ଘଟିଥିବାରୁ ତାଙ୍କରି ସ୍ମୃତି ଏବଂ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଜୟନ୍ତୀକୁ ସମ୍ମାନ ଜଣାଇ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ଉତ୍କଳ ସଂଗୀତ ନାଟକ ମହାବିଦ୍ୟାଳୟ ନାଟକ ବିଭାଗର ଅଧ୍ୟାପକ ପ୍ରଭାତ ମହାରଣା ଏହାକୁ ନିର୍ଦ୍ଦେଶନା ଦେଇଥିଲେ। ଅନୁଷ୍ଠାନର ପୁରୁଣା ଏବଂ ଯୁବ କଳାକାର ଅଭିନୟ କରିଥିଲେ। ଉଦ୍‌ଘାଟନୀ ସଭାରେ ଅନୁଷ୍ଠାନର ନୂତନ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା ଯୋଗଦେଇ ଅନୁଷ୍ଠାନର ୭୭ବର୍ଷର ଯାତ୍ରା ସମ୍ପର୍କରେ କହିଥିଲେ। ଏଥିସହ ଯୁବପିଢ଼ି କଳା, ସଂସ୍କୃତିକୁ ବଞ୍ଚାଇ ରଖିବା ସହ ପୂଜ୍ୟପୂଜାକୁ ସମ୍ମାନ ଦେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ପାଦକ ବିଭୂପ୍ରସାଦ ନାୟକ ଗ୍ରାମବାସୀଙ୍କ ସହଯୋଗ କାମନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶକ ମହାରଣା ଏବଂ ଅନ୍ୟ କଳାକାରଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ବର୍ଷ ଲେଙ୍କାଙ୍କ ସ୍ମୃତିରେ ମେଧାବୀ ଛାତ୍ରୀଛାତ୍ର ଓ କଳାକାରଙ୍କୁ 'ଦାମୋଦର' ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବାକୁ ଘୋଷଣା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁଧାକାର ବେଉରା, ଗୋବର୍ଦ୍ଧନ ବେଉରା, ରମେଶ ଚନ୍ଦ୍ର ନାୟକ, କୁଳମଣି ନାୟକ, କୈଳାସ ସ୍ୱାଇଁ, ସଦାନନ୍ଦ ସ୍ୱାଇଁ, ଅରୂପାନନ୍ଦ ନାୟକ, ସୀତାନାଥ ବେହେରାଙ୍କ ସମେତ ସମସ୍ତ କଳାକାର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି । କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ୍



## ସଂକ୍ଷେପରେ

### ସମ୍ପର୍କ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**କଟକ ଅଫିସ,୨୧।୧୦:** ସମ୍ପର୍କ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଜଗତ୍‌ପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହାକୁ ପୃଷ୍ଠଭୂମିର ମୁଖ୍ୟ ସମ୍ପାଦକ ପ୍ରଫେସର ଯୁଧିଷ୍ଠିର ଖଟୁଆ ଉଦ୍‌ଘାଟନ କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ରମାକାନ୍ତ ଜେନା, ମୁଖ୍ୟବକ୍ତା ଭାବେ ଡା. ତାରକ ପ୍ରସନ୍ନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର ଅଧକ୍ଷ ଡ. ରାଜନ୍ କୁମାର ସାହୁ ଓ ନବୀନ କୁମାର ପାଠୀ ଯୋଗଦେଇଥିଲେ। ଏହି ଅବସରରେ କବି ଅକ୍ଷୟ କୁମାର ବଳଙ୍କ ରଚିତ ପୁସ୍ତକ 'ସୁପର୍ଣ୍ଣା', କବି ଗଙ୍ଗାଧର ମହାନ୍ତିଙ୍କ ରଚିତ ପୁସ୍ତକ 'ଶୁଣରେ ଶୁଣ ନାତିନାତୁଣୀ' ଓ କବି ସୁଧୀର କୁମାର ନାୟକଙ୍କ ରଚିତ ପୁସ୍ତକ 'ରଚନା ଓ ପତ୍ରଲିଖନ' ଉନ୍ମୋଚିତ ହୋଇଥିଲା।

### ପ୍ରକାଶ ପାଇଲା ଆବାସ ହିତାଧିକାରୀଙ୍କ ଚିଠା ତାଲିକା

**କଟକ ସଦର,୨୧।୧୦(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ୨୧ ପଞ୍ଚାୟତରେ କେନ୍ଦ୍ରୀୟ ଆବାସ ଯୋଜନାର ହିତାଧିକାରୀଙ୍କ ଚିଠା ତାଲିକା ଶନିବାର ପ୍ରକାଶ ପାଇଛି। ଏଥିରେ ୨୩୨୭ ହିତାଧିକାରୀଙ୍କ ନାମ ରହିଛି। ଅକ୍ଟୋବର ୨୪ ସୁଦ୍ଧା ଅଭିଯୋଗ ବିଡିଓଙ୍କ ନିକଟରେ ବ୍ୟକ୍ତିଗତ କିମ୍ବା ଡାକଦ୍ୱାରା ଦାଖଲ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି। ଅଧିକାଂଶ ପଞ୍ଚାୟତ କାନ୍ଥରେ ଲଗାଯାଇଥିବା ଚିଠା ତାଲିକାକୁ ଚିରି ଦିଆଯାଇଥିବା ସୋମବାର କେତେଜଣ ଲୋକ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟରୁ ତାଲିକା ଯାଞ୍ଚ ପାଇଁ ବ୍ଲକ ପକ୍ଷରୁ ପରାମର୍ଶ ଦିଆଯାଇଛି। ୨୦୦୦-୨୦୧୮ ମସିହା ମଧ୍ୟରେ ଇନ୍ଦିରା ଆବାସ, ବିଜୁ ପକ୍କାଘର, ମୋ-କୁଡ଼ିଆ ପାଇଥିବା ପରିବାରର ମୁଖ୍ୟଙ୍କ ନାମ ରହିଥିବା କଥା କେତେଜଣ ବ୍ୟକ୍ତି ବ୍ଲକରେ ଅଭିଯୋଗ କରିଥିଲେ। ସ୍ୱାମୀ ଘର ପାଇଥିବା ବେଳେ ସ୍ତ୍ରୀ ର ନାମ ହିତାଧିକାରୀ ତାଲିକାରେ କିପରି ରହିଲା ଏହାର ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।

### ସଂଜ୍ଞାହୀନ ଅବସ୍ଥାରେ ବୃଦ୍ଧା ଉଦ୍ଧାର

**ଚୌଦ୍ୱାର,୨୧।୧୦(ଡି.ଏନ୍.ଏ.):** ଚୌଦ୍ୱାର ନିକଟ ମଙ୍ଗୁଳି ରେଳ ଷ୍ଟେସନରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ଜଣେ ୬୦ବର୍ଷର ବୃଦ୍ଧାଙ୍କୁ ସୋମବାର ଉଦ୍ଧାର ଫାଉଣ୍ଡେଶନର ସଦସ୍ୟା ଝରଣା ଜେନା ଉଦ୍ଧାର କରିବା ସହ ଚୌଦ୍ୱାର ଥାନାକୁ ଜଣାଇଥିଲେ। ଫାଉଣ୍ଡେଶନର କର୍ମକର୍ତ୍ତା ଓ ପୋଲିସଙ୍କ ମିଳିତ ଉଦ୍ୟମରେ ବୃଦ୍ଧା ଜଣକ ସଜ୍ଞା ଫେରି ପାଇଥିଲେ। ତାଙ୍କ ଘର ଯାଜପୁର ଜଲା ପାଣିକୋଇଲି ଅଞ୍ଚଳରେ ବୋଲି ବୃଦ୍ଧାଜଣଙ୍କ କହିଥିଲେ। ଖବରପାଇ ବୃଦ୍ଧାଙ୍କ ପୁଅ ଭୀମସେନ ସ୍ୱାଇଁ ଚୌଦ୍ୱାର ଥାନାରେ ପହଞ୍ଚି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ, ଫାଉଣ୍ଡେଶନର ସଭାପତି ନରୋତ୍ତମ ଦାସ, ସଦସ୍ୟା କିରଣବାଳା ନାୟକ, ଦିଲୀପ ସାହୁ, ଶିବାନନ୍ଦ ବାରିକ ପ୍ରମୁଖଙ୍କ ଉପସ୍ଥିତିରେ ତାଙ୍କ ମା'ଙ୍କୁ ଘରକୁ ନେଇଥିଲେ।

### ମାଗଣା ଚିକିତ୍ସା ଶିବିର

**କଟକ ଅଫିସ, ୨୧।୧୦:** ସିଡିଏ ସେକ୍ଟର-୬ସ୍ଥିତ ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରେ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ହାଇକୋର୍ଟର ପୂର୍ବତନ ନ୍ୟାୟମୂର୍ତ୍ତି ବୀରକିଶୋର ମିଶ୍ର ଉଦ୍‌ଘାଟନ କରିଥିଲେ। ଆଇନ ସେବା ସଂସ୍ଥା 'ଲିସା' ଓ ୧୦୮ ଆମ୍ବୁଲାନ୍ସ ସେବା ପ୍ରଦାନକାରୀ ସଂସ୍ଥା ଚିକିତ୍ସା ହେଲଥ କେୟାର ଲିମିଟେଡର ମିଳିତ ସହଯୋଗରେ ଆୟୋଜିତ ଶିବିରରେ ଆଇନଜୀବୀ ଗଦାଧର ସାହୁ ଅଧକ୍ଷତା କରିଥିଲେ। ଏହି ଶିବିରରେ ୧୨୨ ଜଣ ବରିଷ୍ଠ ନାଗରିକଙ୍କ ଚିକିତ୍ସା କରାଯାଇଥିଲା। ଡ. ନାଗମଣି କୁମାର ଓ ମାର୍କେଟିଂ ମ୍ୟାନେଜର ପ୍ରଦୀପ କୁମାର ସାହୁ ଶିବିର ପରିଚାଳନା କରିଥିଲେ। ଏଥିରେ ପୂର୍ବତନ ନ୍ୟାୟମୂର୍ତ୍ତି ଚିତ୍ତରଞ୍ଜନ ପାଲ, ହାଇକୋର୍ଟ ବାର ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ଡ. ଦିଲ୍ଲୀପ ମହାନ୍ତି, ବନବିହାରୀ ମାର୍ଥା, ଡ. ଅମୃତ କୁମାର ବରାଳ ପ୍ରମୁଖ ଯୋଗ ଦେଇଥିଲେ।



କମିଶନରେଟ୍ ପୋଲିସ ପକ୍ଷରୁ ୬୦ ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳନ ଅବସରରେ ଆୟୋଜିତ ପରେଡ୍।

# 'ଏମିତି କାର୍ଯ୍ୟ କର ଜନତା କହିବେ ଜୟ ପୋଲିସ'

**କମିଶନରେଟ ପୋଲିସ ପକ୍ଷରୁ ପୋଲିସ ଶହୀଦ ସ୍ମୃତି ଦିବସ**

**ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)**

ଆମ ଦେଶ ବର୍ତ୍ତମାନ ଏକ ୭୩ବର୍ଷର ଯୁବଗଣତନ୍ତ୍ର ଭାବେ ଆଗକୁ ବଢ଼ୁଛି। ଏକ୍ଷେତ୍ରରେ ପୋଲିସର ଭୂମିକା ବେଶ୍ ଗୁରୁତ୍ୱ ବହନ କରୁଛି। ତେବେ ଦେଶ ଓ ଦେଶବାସୀଙ୍କ ସୁରକ୍ଷା ପାଇଁ ବଳିଦାନ ଦେଉଥିବା ପୋଲିସଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଓ ସମ୍ବେଦନଶୀଳତା ଦେଖାଇବାକୁ ପଡ଼ିବ। ପୋଲିସ କର୍ମଚାରୀମାନେ ଏପରି କାର୍ଯ୍ୟ କରିବା ଦରକାର, ଯେପରି ଜୟ ଯବାନ, ଜୟ କିଷାନ ଭଳି ଜନତା କହିବେ ଜୟ ପୋଲିସ। ଭୁବନେଶ୍ୱରସ୍ଥିତ ପୋଲିସ ଭବନ ପରିସରରେ ସୋମବାର ଅନୁଷ୍ଠିତ ୬୦ତମ ପୋଲିସ ଶହୀଦ ସ୍ମୃତି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏପରି ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ କମିଶନର ଷଡ଼ଙ୍ଗୀ ରାଜ୍ୟ ତଥା ଦେଶର ଶହୀଦ ପୋଲିସ ଓ ଯବାନଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୨୦୧୮ ଅକ୍ଟୋବରରୁ ୨୦୧୯ ଅକ୍ଟୋବର ମଧ୍ୟରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ୨୯୨ ଯବାନଙ୍କ ପରିବାର ପ୍ରତି ସମବେଦନା ଜଣାଇଥିଲେ। ନୀରବ ପ୍ରାର୍ଥନା କରାଯିବା ସହ ଭୁବନେଶ୍ୱର ୟୁପିଡି ବିଭିନ୍ନ ବିଭାଗର ଆରକ୍ଷୀ ବାହିନୀ ପକ୍ଷରୁ ପରେଡ଼, ଶୋକଶସ୍ତ୍ର, ସଲାମିଶସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ଚଳିତବର୍ଷ କର୍ତ୍ତବ୍ୟରତ ଅବସ୍ଥାରେ ଶହୀଦ ହୋଇଥିବା ରାଜ୍ୟରୁ ଦୁଇ ଜଣ ଯବାନ ହାବିଲଦାର ମେଜର ସୁଜିତ କୁମାର ମିଞ୍ଜ ଏବଂ ଓ.ଏ.ପି.ଏଫ/୧୩୭ ଜୟରାମ କବାଶିଙ୍କ ସମ୍ପର୍କରେ କହି କମିଶନର ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ କମିଶନର ସଞ୍ଜୟ ସିଂ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, ଭୁବନେଶ୍ୱର ୟୁପିଡିର ସମସ୍ତ ଏସିପି, ଥାନା ଅଧିକାରୀଙ୍କ ସମେତ ଅବସରପ୍ରାପ୍ତ ପୋଲିସ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ୧୯୫୯ ଅକ୍ଟୋବର ୨୧ରେ ଚାଇନା ସୈନିକଙ୍କ ଆକ୍ରମଣରେ ଲଦାଖ ଅଞ୍ଚଳରେ କର୍ତ୍ତବ୍ୟରତ ୧୦ ଜଣ ଭାରତୀୟ ସିଆର୍‌ପିଏଫ୍ ଯବାନ ଶତ୍ରୁପକ୍ଷକୁ ସାମ୍ନା କରି ପ୍ରାଣବଳି ଦେଇଥିଲେ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାରା ଦେଶରେ ଏହିଦିନକୁ ପୋଲିସ ଶହୀଦ ସ୍ମୃତି ଦିବସ ଭାବେ ପାଳନ କରାଯାଉଛି।

# କାଳୀପୂଜା ପ୍ରସ୍ତୁତି ବୈଠକ

**କଟକ ଅଫିସ ୨୧।୧୦**

ଆସନ୍ତା ୨୭ରେ କଟକରେ କାଳୀପୂଜା ଓ ୩୦ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜା ଓ ଭସାଣିକୁ ଶାନ୍ତିଶୃଙ୍ଖଳା ସହିତ ସମ୍ପନ୍ନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସୋମବାର ଶାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଯୋଗଦେଇ ଦୁର୍ଗାପୂଜା ପରିଚାଳନାରେ କଟକ ପୋଲିସ ସୁନ୍ଦର ଭାବେ କର୍ତ୍ତବ୍ୟ ସମ୍ପାଦନ କରିଛି ବୋଲି କହିଥିଲେ। ତେବେ ଭସାଣିର ସମୟସୀମା କମାଇବା ଓ ରାତି ୧୦ଟା ସୁଦ୍ଧା ମାଇକ ବନ୍ଦ କରିବା ପାଇଁ କମିଟିଗୁଡ଼ିକ ଚେଷ୍ଟା କରିବାକୁ ସେ କହିଥିଲେ। ସେହିପରି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ପୂଜା ସମୟରେ ଭୁଲ ଥିବା ଲୋକଙ୍କୁ ଗିରଫ କରାଯିବ। ସାଉଣ୍ଡ ସିଷ୍ଟମ କମାଇବା, ଭସାଣି ବେଳେ ମୁଖ୍ୟ ରାସ୍ତାରେ ତୋରଣ ଏବଂ ସାଜସଜା ହଟାଇବାକୁ ସେ କହିଛନ୍ତି। ପୂଜାରୁ ଭସାଣି ମଧ୍ୟରେ ସହରର ୫ଟି ଜାଗାରେ ଏମରଜେନ୍ସି ଅଫିସର ନିୟୋଜିତ ରହିବେ ବୋଲି ଡିସିପି ସୂଚନା ଦେଇଛନ୍ତି। ଏହି ବୈଠକରେ କଟକ ମହାନଗର ପୂଜା କମିଟି ସଭାପତି ପ୍ରଭାତ ତ୍ରିପାଠୀ, କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ, ପ୍ରଫୁଲ୍ଲ ସାହୁ, କଂଗ୍ରେସ ନେତା ସୁରେଶ ମହାପାତ୍ର, ନଗର ବିଜେଡି ସଭାପତି ମଧୁ ସାହୁ, ଭାଜପା ନେତା ନୟନ କିଶୋର ମହାନ୍ତିଙ୍କ ସମେତ ପୂଜା କମିଟି ସଦସ୍ୟ ଓ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଶାନ୍ତି କମିଟି ସମ୍ପାଦକ ଦାସ କାଳୀପୂଜା ଓ ଭସାଣୀ ଉତ୍ସବ ସଂକ୍ରାନ୍ତୀୟ ପ୍ରସ୍ତାବଗୁଡ଼ିକ ଆଗତ କରିଥିଲେ ।



ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟଠାରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ହାଓଡ଼ା ଡିଷ୍ଟ୍ରିକ୍ଟ ସାଂସ୍କୃତିକ ଉନ୍ନୟନ ସଂଘର ସଦସ୍ୟ।

# ଗାନ୍ଧିଜୀଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହୁଅନ୍ତୁ

**କଟକ ଅଫିସ, ୨୧।୧୦**



ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଗାନ୍ଧିଜୀଙ୍କ ଜୀବନୀ ଆଧାରିତ ୫ଦିନିଆ ପ୍ରଦର୍ଶନୀ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଏମ୍‌ପି ଭର୍ତ୍ତୃହରି ମହତାବ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଗାନ୍ଧିଜୀଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବା ଉଚିତ। ଗାନ୍ଧିଜୀଙ୍କ ଅହିଂସା ନୀତିକୁ ସମସ୍ତେ ଗ୍ରହଣ କରିବା ଉଚିତ ଯାହାଦ୍ୱାରା ଆଦର୍ଶ ସମାଜ ଗଠନ ହୋଇପାରିବ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ପ୍ଲାଷ୍ଟିକ ବର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର, କୁଳସଚିବ ଅଶୋକ କୁମାର ଦାସ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଓ ଅତିରିକ୍ତ ରେଜିଷ୍ଟ୍ରାର ଶୈଳେଶ କୁମାର ମାଳବ୍ୟ, ଆଞ୍ଚଳିକ ଜନସମ୍ପର୍କ ବ୍ୟୁରୋ ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମରାମତି ହେଲା ଫାଟିଥିବା ପାଣି ପାଇପ

**ଚୌଦ୍ୱାର,୨୧।୧୦(ଡି.ଏନ୍.ଏ.)**

ଦୀର୍ଘଦିନ ହେବ ୫୫ନଂ. ଜାତୀୟ ରାଜପଥ ରାସ୍ତା ପାର୍ଶ୍ୱରେ ପାଇପ ଫାଟି ପାଣି ଚାଲୁଥିଲା। ସ୍ଥାନୀୟ ଲୋକେ ବାରମ୍ବାର ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗରେ ଅଭିଯୋଗ କରିଥିଲେ ମଧ ସୁଫଳ ମିଳୁନଥିଲା। ଏ ନେଇ ଧରିତ୍ରୀରେ ଗତ ସେପ୍ଟେମ୍ବର ୨୩ରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ କର୍ତ୍ତୃପକ୍ଷ ଏହା ଉପରେ ଦୃଷ୍ଟି ଦେବା ସହ ସୋମବାର ଫାଟିଯାଇଥିବା ପାଣି ପାଇପ୍‌କୁ ମରାମତି କରିଥିଲେ। ଫଳରେ ସାଧାରଣଲୋକେ ଯାତାୟାତରେ ଆସ୍ୱସ୍ତି ଲାଭ କରିବା ସହ ଉକ୍ତ ରାସ୍ତାକୁ ଲାଗି ବ୍ୟବସାୟ କରୁଥିବା ବ୍ୟବସାୟୀ ଚୈତନ୍ୟ ସାହୁ, ସୁରେଶ ପୃଷ୍ଟି, ମାନସ ପରିଡା, ସୁଶାନ୍ତ ଧଳ, ବିଧାନ ସ୍ୱାଇଁ, ରବୀନ୍ଦ୍ର ସାହୁ, ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଧରିତ୍ରୀକୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, ୫୫ନଂ. ଜାତୀୟ ରାଜପଥର ଚୌଦ୍ୱାର ଥାନା ସମ୍ମୁଖ ପାଦଚଲା ରାସ୍ତାର ମାଟିତଳେ ଯାଇଥିବା ପାନୀୟ ଜଳଯୋଗାଣ ପାଇପ ଫାଟି ପାଣି ଲିକ୍ ହେଉଥିଲା। ଫଳରେ ଉକ୍ତ ରାସ୍ତାରେ ପାଣି ଜମି ରହିବା ସହିତ ଦୁର୍ଘଟଣା ଘଟୁଥିଲା। ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା।

# ଆଜାଦ ହିନ୍ଦ୍ ସରକାରର ୭୬ତମ ପୂର୍ତ୍ତି ଉତ୍ସବ ପାଳିତ

**କଟକ ଅଫିସ, ୨୧।୧୦**

ହାଓଡ଼ା ଡିଷ୍ଟ୍ରିକ୍ଟ ସାଂସ୍କୃତିକ ଉନ୍ନୟନ ସଂଘ ପକ୍ଷରୁ ଆଜାଦ ହିନ୍ଦ ସରକାରର ୭୬ତମ ପୂର୍ତ୍ତି ଉତ୍ସବ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟଠାରେ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ହାଓଡ଼ାରୁ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନେ ଶହୀଦ ଭବନଠାରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ଶୋଭାଯାତ୍ରାରେ ଯୋଗଦେଇଥିଲେ। ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସମ୍ପାଦକ ଭିକାରୀ ଦାସ, ଇଣ୍ଟରନ୍ୟାଶନାଲ କ୍ଲବର ଆବାହକ ସୁବାସ ଦାସ, ଉପଦେଷ୍ଟା ପ୍ରଦୀପ ସାହୁ, ସାମାଜିକ କର୍ମୀ ରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସଂଘର ପ୍ରତିଷ୍ଠାତା ତଥା ସଭାପତି ଶ୍ରୀକାନ୍ତ ଘୋଷ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

ସେହିପରି ସ୍ଥାନୀୟ ଗୌରୀଶଙ୍କର ପାର୍କଠାରେ ନେତାଜୀଙ୍କ ଆଜାଦ୍ ହିନ୍ଦ ସରକାର ଗଠନର ବର୍ଷପୂର୍ତ୍ତି ପାଳନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଆଡ୍‌ଭୋକେଟ ମହେନ୍ଦ୍ର କୁମାର ମହାପାତ୍ର କରିଥିବାବେଳେ ଜଗନ୍ନାଥ ସାହୁ ଧନ୍ୟବାଦ ଦେଇଥିଲେ।

ଆଜାଦ୍ ହିନ୍ଦ୍ ସରକାରର ୭୬ବର୍ଷ ପୂର୍ତ୍ତି ଅବସରରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଛାତ୍ରୀଛାତ୍ରମାନେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସେଠାରେ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନେତାଜୀଙ୍କ ଅଦମ୍ୟ ସାହସ ଓ ବୀରତ୍ୱ ଦ୍ୱାରା ୯ଟି ଦେଶର ସମର୍ଥନ ଜୁଟାଇ ଆଜାଦ୍ ହିନ୍ଦ୍ ସରକାର ଗଠନ କରିପାରିଥିଲେ ବୋଲି ଆଲୋଚନା ହୋଇଥିଲା। ହେଲେ ଏହି ଐତିହାସିକ ଦିବସକୁ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ଆନ୍ତରିକତା ଦେଖାଯାଇ ନ ଥିବା ହେତୁ ଛାତ୍ରୀଛାତ୍ରମାନେ ଏହାକୁ ନିନ୍ଦା କରିଥିଲେ। ରାକେଶ ଧୂପର ଓ ସାର୍ଥକ ରାୟ ସଭା ପରିଚାଳନା କରିଥିଲେ।

# ଅଭିଯୁକ୍ତଙ୍କୁ ଜେଲ, ଜରିମାନା

**ମୋବାଇଲ ଚୋରି ମାମଲା**

**କଟକ ଅଫିସ, ୨୧।୧୦**

ବାଲିଯାତ୍ରାରେ ମୋବାଇଲ୍ ଚୋରି କରିଥିବା ମାମଲାର ଅଭିଯୁକ୍ତ ଶିବ ହେମ୍ବ୍ରମଙ୍କୁ ସାଲେପୁର ଜେଏମ୍‌ଏଫସି ୧୮ ମାସ ଜେଲ୍ ଓ ୨୦୦୦ ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି। ଜଗତ୍‌ପୁର ଥାନା ଅଧୀନ ବାଲିସାହିର ଶିବ ଗତବର୍ଷ ବାଲିଯାତ୍ରା ପଡ଼ିଆର କେତେକ ସ୍ଥାନରୁ ଏବଂ ବିଭିନ୍ନ ଦିନରେ ୧୨ଟି ମୋବାଇଲ୍ ଚୋରି କରିଥିଲେ। ତେବେ ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ଜଗତପୁର ପୋଲିସ ତାଙ୍କୁ ସ୍ଥାନୀୟ ଗୋଲେଇ ଛକରୁ ଗିରଫ କରିଥିଲା। ପରେ ତଦନ୍ତରୁ ସେ ଏହି ସବୁ ମୋବାଇଲ୍ ଚୋରି କରିଥିବା ଜଣାପଡ଼ିଥିଲା। ଏହି ମାମଲାର ବିଚାର କରି ସାଲେପୁର ଜେଏମ୍‌ଏଫ୍‌ସି ଗୁରୁଚରଣ ଜେମାମଣି ଉପରୋକ୍ତ ଆଦେଶ ଦେଇଥିଲେ। ଅତିରିକ୍ତ ପିପି ଲୋପାମୁଦ୍ରା ବରାଳ ଓ ମାନସ ଦାଶ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ।

# କଟକ ବାଲିଯାତ୍ରାକୁ ସରକାରୀ ମାନ୍ୟତା ଦାବି

**କଟକ ଅଫିସ, ୨୧।୧୦**

କଟକ ବାଲିଯାତ୍ରାକୁ ସରକାରୀ ମାନ୍ୟତା ପ୍ରଦାନ ଦାବିରେ ପୂର୍ବତନ ମନ୍ତ୍ରୀ ସମୀର ଦେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଖକୁ ସୋମବାର ଏକ ପତ୍ର ଲେଖିଛନ୍ତି। କଟକ ବାଲିଯାତ୍ରା ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ବାଲିଯାତ୍ରାରେ ଏକ ତାରକସି ଗ୍ୟାଲେରୀ ପ୍ରତିଷ୍ଠା ପାଇଁ ୨୦୧୦ରୁ ନିଷ୍ପତ୍ତି ହୋଇଥିଲେ ମଧ ତାହା ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ। ଏସବୁକୁ ଦୃଷ୍ଟିରେ ରଖି ବାଲିଯାତ୍ରାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ମାନ୍ୟତା, ଆର୍ଥିକ ସହାୟତା ପ୍ରଦାନ କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହ ଜାତୀୟ ସ୍ତରରେ ହେଉଥିବା ବାଣିଜ୍ୟ ମେଳାର ଆୟୋଜନ ଦ୍ୱାରା ଓଡ଼ିଶାର ଯୁବ, ଉଦ୍ୟୋଗପତି ଓ ବ୍ୟବସାୟୀମାନଙ୍କୁ ଲାଭାନ୍ୱିତ କରିବା ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ଉକ୍ତ ପତ୍ରରେ ଦର୍ଶାଯାଇଛି।

# ଜଷ୍ଟିସ ବୀରକିଶୋର ରାୟଙ୍କ ଜୟନ୍ତୀ

**କଟକ ଅଫିସ, ୨୧।୧୦**

ଓଡ଼ିଶା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ଜଷ୍ଟିସ ବୀରକିଶୋର ରାୟଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ବୀରକିଶୋର ରାୟ ସ୍ମୃତି ସମିତି ତରଫରୁ ହାଇକୋର୍ଟ ପରିସରରେ ଥିବା ଜଷ୍ଟିସ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ୧୮୯୧ ଅକ୍ଟୋବର ୨୧ରେ କଟକ ଜିଲାର ବଗଲଗଡ଼ ଗ୍ରାମରେ ଜଷ୍ଟିସ ରାୟ ଜନ୍ମଗ୍ରହଣ କରିଥିଲେ। ପାଟନା ବିଶ୍ୱବିଦ୍ୟାଳୟରୁ ଆଇନ ଶିକ୍ଷାଲାଭ କରି ଓକିଲାତି ଆରମ୍ଭ କରିଥିଲେ। ୧୯୪୮ରୁ ୧୯୫୧ ପର୍ଯ୍ୟନ୍ତ ସେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ୧୯୫୮ ଜୁଲାଇ ୨୬ରେ ସେ ଇହଲୀଳା ସମ୍ବରଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ମୃତି କମିଟି ଉପ ସଭାପତି ସନାତନ ଦାସ, ସମ୍ପାଦକ ବିଜୟ କୁମାର ରଗଡ଼, ଜଷ୍ଟିସ ରାୟଙ୍କ ନାତି ପ୍ରଶାନ୍ତ କିଶୋର ରାୟ, ଯୁଗ୍ମ ସମ୍ପାଦକ ଅଭୟ କୁମାର ଶର୍ମା, ସହସମ୍ପାଦକ ଗଙ୍ଗାଧର ସାମଲଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଧବଳେଶ୍ୱରଙ୍କୁ ଦର୍ଶନକଲେ ୧୫ ହଜାର ଭକ୍ତ

**କାର୍ତ୍ତିକର ଦ୍ୱିତୀୟ ସୋମବାର**

**ଖୁଣ୍ଟୁଣୀ,୨୧।୧୦(ଡି.ଏନ୍.ଏ.)**

କାର୍ତ୍ତିକ ମାସର ଦ୍ୱିତୀୟ ସୋମବାରରେ ଧବଳେଶ୍ୱର ଦେବଙ୍କ ବଡସିଂହାର ବେଶକୁ ପ୍ରାୟ ୧୫ ହଜାର ଭକ୍ତ ଦର୍ଶନ କରିଥିବା ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ଭୋର ୩ଟା ରୁ ଧବଳେଶ୍ୱର ଦେବଙ୍କ ପହୁଡ଼ ଖୋଲାଯାଇ ମଙ୍ଗଳ ଆଳତି ଓ ସ୍ନାନ ନୀତି ସମ୍ପନ୍ନ ପରେ ବାଳ ଭୋଗ ଲାଗି ହୋଇଥିଲା। ୪ଟା ରୁ ଭକ୍ତଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲାଯାଇଥିବା ନୀତି ପାଳିଆ ସେବକ ମନୋରଞ୍ଜନ ପଣ୍ଡା କହିଛନ୍ତି। ମନ୍ଦିର ମଧ୍ୟକୁ ଧାଡ଼ି ଦର୍ଶନରେ ଯିବା ପାଇଁ ଗୁରୁଡିଝାଟିଆ ପୋଲିସ ପକ୍ଷରୁ ଥାନା ଅଧିକାରୀ ବିଜୟ କେତନ ବିସି ଓ ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲଙ୍କ ସମେତ ୧ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଗତ ୧୭ତାରିଖରେ ପଞ୍ଚକ ପ୍ରସ୍ତୁତି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସକାଳୁ ଦେବୋତ୍ତର ବିଭାଗ ଓ ପ୍ରଶାସନ ପକ୍ଷରୁ ଝୁଲାପୋଲ, ମଞ୍ଚେଶ୍ୱର ପଡ଼ିଆରେ ଚଢ଼ାଉ କରାଯାଇ ପଲିଥିନ ଜବତ କରାଯାଇଥିଲା। ଏହା ସହ ସମସ୍ତଙ୍କୁ ତାଗିଦ କରାଯାଇଥିଲା। ଏହି ଚଢ଼ାଉରେ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓ, ସହକାରୀ ଜିଲାପାଳ ଦେବାଶିଷ ପରିଡା, ଥାନା ଅଧିକାରୀ ବି.ସି. ସାମିଲ ହୋଇଥିଲେ।

# ବେଆଇନ ବାଣ ବିକ୍ରି ବନ୍ଦ ଦାବି

**କଟକ ସଦର,୨୧।୧୦(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଞ୍ଚଳରେ ବେଆଇନ ବାଣ ତିଆରି ସହ ବିକ୍ରି ବନ୍ଦ ପାଇଁ ସୋମବାର ସ୍ଥାନୀୟ ଲୋକେ କିଶନନଗର ତହସିଲଦାରଙ୍କ ନିକଟରେ ଦାବି କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସତର୍କତା ଅବଲମ୍ବନ କରା ନ ଯାଇ ଜନବସତି ଅଞ୍ଚଳରେ ବାଣ କାରବାର ଚାଲିଥିବାରୁ ଜନ ଜୀବନ ପ୍ରତି ବିପଦ ଦେଖାଦେଇଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। କଟକ ଗ୍ରାମାଞ୍ଚଳ ଓ କମିଶନରେଟ ପୋଲିସ ତତ୍ପରତା ପ୍ରକାଶ ପାଇଁ ଅନୁରୋଧ କରାଯାଇଛି। ଦାବି ସମ୍ପର୍କରେ କିଶନନଗର ତହସିଲଦାର ସୁଚେତା ମହାପାତ୍ର କୁହନ୍ତି, ଜଣେ ବ୍ୟକ୍ତିଙ୍କୁ ଜିଲାପାଳ ବାଣ ଲାଇସେନ୍ସ ଦେଇଛନ୍ତି। ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯିବ।



ଦୀପାବଳି ପାଇଁ କଟକ ଖାନ୍‌ନଗର ଅଞ୍ଚଳରେ କାରିଗରମାନେ ଚିନିରେ ପାରମ୍ପରିକ ମିଠା ପ୍ରସ୍ତୁତ କରୁଛନ୍ତି।




କଟକ ବାଲିଯାତ୍ରାରେ ବୋଟିଂ ପାଇଁ ତଳପଡିଆରେ ଥିବା ଜଳାଶୟରୁ ଦଳ ସଫା କରାଯାଉଛି।



"ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି । କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ

## ସଂକ୍ଷେପରେ

### ହାତୀ ଘଉଡାଇବା ପାଇଁ ରାତି ଉଜାଗର

**ଖୋର୍ଦ୍ଧା ଅଫିସ,୨୧।୧୦:**ଖୋର୍ଦ୍ଧା ବ୍ଲକର ଦଳେଇପୁଟ, ଦେଉଳିଟାଙ୍ଗୀ, କାଇପଦର, ଜରିପୁଟ୍ ଅଞ୍ଚଳରେ ପ୍ରାୟ ୧୦ ଦିନ ହେଲା ହାତୀ ଧାନ ସମେତ ଅଣଧାନ ଫସଲ ନଷ୍ଟ କରି ଚାଲିଛନ୍ତି। ହାତୀଙ୍କୁ ଘଉଡାଇବାକୁ ବନ ବିଭାଗର ପଦକ୍ଷେପ ନାହିଁ। ସ୍ଥାନୀୟ ଲୋକ ପାଳିକରି ଉଜାଗର ରହି ହାତୀ ଘଉଡାଇବା କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ଏଠାକାର ଅଞ୍ଚଳରେ ୩ଟି ହାତୀଙ୍କ ଉତ୍ପାତ ଲାଗି ରହିଛି। ହାତୀ ଘଉଡାଇବା ପାଇଁ ବାଣ ଫୁଟେଇବା, ଘଣ୍ଟ, ଟିଣ ବାଡେଇବା କାର୍ଯ୍ୟରେ ଲୋକେ ନିୟୋଜିତ ହେଉଛନ୍ତି।

### ୬ ଟ୍ରକ୍ ଜବତ

**ଖୋର୍ଦ୍ଧା ଅଫିସ,୨୧।୧୦:**ଖୋର୍ଦ୍ଧା ପୋଲିସର ଜିଲା ସ୍କ୍ୱାଡ ପକ୍ଷରୁ କୁରାଢ଼ମଲ୍ଲ ଓ କୁମାରବସ୍ତ ଅଞ୍ଚଳ ଉପରେ ଚଢ଼ାଉ କରାଯାଇ ବେଆଇନ ଭାବେ ଚାଲାଣ ହେଉଥିବା ୬ ମାଙ୍କଡା ପଥର, ଚିପ୍ସ ଓ ମୋରମ ବୋଝେଇ ଟ୍ରକ ସୋମବାର ଜବତ ହୋଇଛି। ଏଥିରୁ ୫ଟି ସଦର ଥାନା ପୋଲିସକୁ ଓ ଗୋଟିଏ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଛି।

### ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ଜଟଣୀ ବ୍ଲକର ନୂତନ କର୍ମକର୍ତ୍ତା ଚୟନ

**ଜଟଣୀ,୨୧।୧୦(ଡି.ଏନ.ଏ.):** ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ଜଟଣୀ ବ୍ଲକ ଶାଖାର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ନୀହାରିକା ମହାପାତ୍ର ସଭାନେତ୍ରୀ ଓ ନିରୁପମା ବେହେରା କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ଚୟନ ହୋଇଛନ୍ତି। ସେହିପରି କ୍ରିଷ୍ଣା ପ୍ରଧାନ ଉପସଭାନେତ୍ରୀ, ସନ୍ଧ୍ୟାରାଣୀ ଭୂୟାଁ ସମ୍ପାଦିକା, ଶୁଭଶ୍ରୀ ରାଉତରାୟ ସହସମ୍ପାଦିକା, ବାସନ୍ତୀ ନାୟକ ସଙ୍ଗଠନ ସମ୍ପାଦିକା, କଳ୍ପନା ପରିଜା କୋଷାଧକ୍ଷ ଭାବେ ଚୟନ ହୋଇଛନ୍ତି। ନିରୁପମା ଚମ୍ପତି ଓ ଟୁନି ତ୍ରିପାଠୀ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହାଛଡ଼ା ସେକ୍ଟର ସଂଯୋଜିକା ଭାବେ ୯ଜଣ ମନୋନୀତ ହୋଇଛନ୍ତି।

### ବିଜୁ ଯୁବ ବାହିନୀର ସଡ଼କ ସୁରକ୍ଷା ସଚେତନତା

**ଚିଲିକା,୨୧।୧୦(ଡି.ଏନ.ଏ.):** ନାଚୁଣୀ ଓ ମୋରାମୋରି ଗ୍ରାମପଞ୍ଚାୟତର ବିଜୁ ଯୁବବାହିନୀ ଦ୍ୱାରା ସଡ଼କ ସୁରକ୍ଷା ଓ ନିୟମ ସମ୍ବନ୍ଧୀୟ ସଚେତନତା ଅଭିଯାନ ରକ୍ଷକ ସୋମବାର ଉଭୟ ପଞ୍ଚାୟତରେ ପଦଯାତ୍ରା ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ନାଚୁଣୀ ଗ୍ରାମପଞ୍ଚାୟତରେ ଯୁବବାହିନୀ ସଭାପତି ମିଥୁନ କୁମାର ସାହୁ, ସମ୍ପାଦକ ଶୁକ ଦେବ ଦାଶ, କୋଷାଧକ୍ଷ ପ୍ରଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ଅଭିଯାନ ପରିଚାଳିତ ହୋଇଛି। ମୋରାମୋରି ପଞ୍ଚାୟତରେ ସଭାପତି ରଞ୍ଜନ ମହାପାତ୍ର, ସମ୍ପାଦକ ବିକାଶ ସୁନ୍ଦରାୟଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇ ଯାନବାହନ ବ୍ୟବହାରକାରୀଙ୍କୁ ସଡ଼କ ସୁରକ୍ଷା ସହ ଟ୍ରାଫିକ୍‌ର ବିଭିନ୍ନ ନିୟମ ସମ୍ପର୍କରେ ଅବଗତ କରାଯାଇଥିଲା।

### ବନ୍ଧୁକ ଲାଇସେନ୍ସ, ରିନୁଆଲ ପାଇଁ ହାତଗୁଞ୍ଜା

**ଖୋର୍ଦ୍ଧା ଅଫିସ,୨୧।୧୦:**ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟର ଜୁଡିସିଆଲ ସେକ୍ସନରେ ଦଲାଲ ସକ୍ରିୟ ଅଛନ୍ତି। ଏଠାରେ ଦଲାଲଙ୍କୁ ନ ଧରିଲେ ବନ୍ଧୁକ ଲାଇସେନ୍ସ ଓ ରିନୁଆଲ, ପେଟ୍ରୋଲ ଟାଙ୍କିର ଏନ୍‌ଓସି ହେଉନି। ଗୋଟିଏ ବନ୍ଧୁକ ଲାଇସେନ୍ସ ଓ ରିନୁଆଲ ପାଇଁ ୫୦୦ ରୁ ୧ ହଜାର ଟଙ୍କା ଲାଞ୍ଚ ଦେବାକୁ ପଡୁଛି। ପେଟ୍ରୋଲ ଟାଙ୍କିର ଏନ୍‌ଓସି ପାଇଁ ମନଇଚ୍ଛା ଟଙ୍କା ନିଆଯାଉଛି। ଦୁଇଜଣ ଦଲାଲ ଏଠାରେ ନିଜକୁ ସରକାରୀ କର୍ମଚାରୀ ଦର୍ଶାଇ ଲୋକଙ୍କୁ ଠକି ଚାଲିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ସମ୍ବର୍ଦ୍ଧନା ଅଧିବେଶନ

**ଖୋର୍ଦ୍ଧା ଅଫିସ,୨୧।୧୦:**ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଭା ଓ ଏହାର ଖୋର୍ଦ୍ଧା ଶାଖା ପକ୍ଷରୁ ରବିବାର ସମ୍ବର୍ଦ୍ଧନା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗୌତମ ମହାରଣାଙ୍କ ସଭାପତିତ୍ୱରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ମୁଖ୍ୟଅତିଥି ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ଖୋର୍ଦ୍ଧା ଉପସଭାପତି ନାରାୟଣ ମହାରଣା, ସାଧାରଣ ସମ୍ପାଦକ ହାଡିବନ୍ଧୁ ମହାରଣା, ଜଟଣୀର ସାମାଜିକ କର୍ମୀ ସୁଦର୍ଶନ ବଳିଆରସିଂ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ।

## ■ ରାସ୍ତାର ଉଭୟ ପାର୍ଶ୍ୱରେ ମାଙ୍କଡା ଖଣି

# ଅବାଧରେ ଚାଲିଛି ଖଣି ଖନନ

### ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୨୧।୧୦(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତର କୁଞ୍ଜୁରୀ ଡାଳତୋଳା ରାସ୍ତାର ଉଭୟପାର୍ଶ୍ୱରେ ବେଆଇନ ଭାବେ ମାଙ୍କଡା ଖଣି ଖନନ ଚାଲିଛି। ସ୍ଥାନୀୟ ଲୋକ ବାରମ୍ବାର ତହସିଲକୁ ଅବଗତ କରିଥିଲେ ମଧ୍ୟ ସୁଫଳ ମିଳୁନି। ଏଣୁ ସୋମବାର ବେଗୁନିଆରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଗ୍ରାମବାସୀ ଆସି ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁସାରେ କୁଞ୍ଜୁରୀ ଡାଳତୋଳା ରାସ୍ତାର ଉଭୟପାର୍ଶ୍ୱରେ ୪୦ରୁ ୫୦ ଫୁଟ ମଧ୍ୟରେ ଖଣି ଖନନ ହୋଇ ସାରିଲାଣି। ତଥାପି ଖଣି ଚୋର ଏଠାରେ ଖନନ କରି ଚାଲିଛନ୍ତି। ବେଳେବେଳେ କିଛି ଗୃହପାଳିତ ପ୍ରାଣୀ ଏଥିରେ ପଡି ପ୍ରାଣ ହରାଉଛନ୍ତି। ଏହି ରାସ୍ତା ଅତିକ୍ରମ କଲେ କୁଞ୍ଜୁରୀ ପଞ୍ଚାୟତ, ଡାଳତୋଳା ବଜାର ଓ ସ୍ୱାସ୍ଥ୍ୟକେନ୍ଦ୍ର ପଡିଥାଏ। ଏହି ରାସ୍ତା ଉପରେ କୁଞ୍ଜୁରୀ, ଭାଟପଡା, ମଶାଣିଆ, କୋକସିଂହ ଗାଁର ଲୋକମାନେ ନିର୍ଭର କରନ୍ତି। ତେବେ ଖଣି ଚୋରଙ୍କ ଯୋଗୁ ରାସ୍ତାଟି ମଧ ବିପଦସଙ୍କୁଳ ଅବସ୍ଥାକୁ ଆସି ସାରିଲାଣି। ଅନ୍ୟପକ୍ଷେ ଯେଉଁ ଜମିରେ ଖଣି ଖନନ ଚାଲିଛି ପୂର୍ବରୁ ତାହା ଗୋଚର ଜମି ଥିଲା। ଧୀରେ ଧୀରେ ଗୋଚର ଜମି କମି ଯାଉଥିବାରୁ ପ୍ରାଣୀମାନେ ଚରିବା ପାଇଁ ଆଉ ସ୍ଥାନ ନାହିଁ। ପ୍ରଶାସନ ବେଆଇନ ଖଣି ଖନନକୁ ନ ରୋକିଲେ ଗ୍ରାମବାସୀ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।





ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ମାଙ୍କଡା ପଥର ଖୋଳାଯାଉଛି । ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା କୁଞ୍ଜୁରି ପଞ୍ଚାୟତର ଲୋକେ।

## ଠିକଣା ସତ ହେଲା: ୮ ବର୍ଷ ପରେ ଘରକୁ ବାହୁଡିଲେ

**ଖୋର୍ଦ୍ଧା ଅଫିସ,୨୧।୧୦:**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ସଦର ମହକୁମାରେ ଜଣେ ମାନସିକ ଅନଗ୍ରସର ଯୁବକ ଘୂରି ବୁଲୁଥିଲେ। ଅନ୍ୟର ଦୟାରେ ବଞ୍ଚୁଥିବା ଏହି ଯୁବକ ନିଜ ଘରର ଠିକଣା ଓ ପରିଚୟ ସମ୍ପର୍କରେ ବିଭିନ୍ନ ସମୟରେ ଗୋଟିଏ କଥା ଦୋହରାଉଥିଲେ। ନିଜ ନାଁ ଶିବ, ଘର ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କଷିଆକେନ୍ଦ୍ର ଓ ବାପାଙ୍କର ନାଁ ଶିଖର ପ୍ରଧାନ ବୋଲି କହୁଥିଲେ। ହେଲେ କିଛି ସମୟ ପରେ ଭୁଲି ଯାଉଥିଲେ। ବିକୃତ ମସ୍ତିଷ୍କ ଯୋଗୁ ସବୁ କିଛିକୁ ଭୁଲି ଯାଉଥିଲେ। ତାଙ୍କ ଠିକଣା ଓ ପରିଚୟରେ ସତ୍ୟତା ଥିବା ପରି ଅନୁମାନ କରାଯାଉ ନ ଥିଲା। ହେଲେ ସେ କହୁଥିବା ଠିକଣା ଯେ ସତ ଥିଲା ସୋମବାର ମା'ବାପା, ଖୁଡ଼ୀ ଆସି ତାଙ୍କୁ ନେବା ପରେ ସ୍ପଷ୍ଟ ହୋଇଛି। ୮ ବର୍ଷ ହେଲା ଶିବ ଘର ଛାଡିଥିଲେ। ୬ ବର୍ଷ କେଉଁଠି ରହୁଥିଲେ ଜଣାପଡିନି। ତେବେ ୨ ବର୍ଷ ହେଲା ବେଗୁନିଆ ଅଞ୍ଚଳରେ ରହୁଥିଲେ। ପ୍ରତିଦିନ ସେ ଏକ ଧରିତ୍ରୀ ଖବରକାଗଜ ଧରି ବୁଲୁଥିଲେ। ପ୍ରକାଶଥାଉ କି ବେଗୁନିଆ ବଜାରରେ ବିଭିନ୍ନ ସମୟରେ ମାନସିକ ଅନଗ୍ରସର ବ୍ୟକ୍ତି ବିଶେଷମାନଙ୍କୁ ଦେଖିବାକୁ ମିଳୁଥିବାବେଳେ ସାଧାରଣତଃ ଅନ୍ୟମାନେ ନିଜର ଠିକଣା କହି ପାରୁ ନ ଥିଲେ । ହେଲେ ଶିବ ଠିକଣା କହି ପାରିବାରୁ ତାଙ୍କୁ ଘରକୁ ଫେରିବାର ବାଟ ଦେଖାଇଛି ।



ଶିବ ପ୍ରଧାନ ।

## ପୋଲିସ ଶହୀଦ ସ୍ମୃତି ଦିବସ

**ଖୋର୍ଦ୍ଧା ଅଫିସ,୨୧।୧୦:**

ସ୍ଥାନୀୟ ରିଜର୍ଭ ପୋଲିସ ଗ୍ରାଉଣ୍ଡ, ତରତୁଆଠାରେ ଖୋର୍ଦ୍ଧା ପୋଲିସ ପକ୍ଷରୁ ପୋଲିସ୍ ଶହୀଦ ସ୍ମୃତି ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପରେଡରେ ଅଭିବାଦନ ଗ୍ରହଣ କରି ୨୦୧୮ସେପ୍ଟେମ୍ବର ୧ରୁ ୨୦୧୯ ଅଗଷ୍ଟ ୩୧ ପର୍ଯ୍ୟନ୍ତ କାର୍ଯ୍ୟରତ ସମୟରେ ପ୍ରାଣବଳୀ ଦେଇଥିବା ୨୯୨ ଅର୍ଦ୍ଧସାମରିକ ଓ ପୋଲିସ କର୍ମଚାରୀମାନଙ୍କର ନାମ ପଠନ କରିଥିଲେ। ପରେ ପୋଲିସ ଶହୀଦ୍ ସ୍ତମ୍ଭରେ ଖୋର୍ଦ୍ଧା ଏସ୍‌ପି ସ୍ୱାଇଁ, ଅତିରିକ୍ତ ଏସ୍‌ପି କୃତ୍ତିବାସ ଜେନା, ଅବସରପ୍ରାପ୍ତ ନୟାଗଡ ଏସ୍‌ପି ଦେବ ପ୍ରସାଦ ମଜୁମଦାର, ଡିଏସ୍‌ପି ସତିସ୍ ପାଢୀ ଓ ଅତନୁ କୁମାର ରାଉତ, ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଆଇଆଇସି ଉମା ଶଙ୍କର ସିଂ, ଅନିତା ସାହୁ ଓ ଅନ୍ୟ ବରିଷ୍ଠ ପୋଲିସ୍ ଅଧିକାରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ବହୁ ବରିଷ୍ଠ ନାଗରିକ, ପୋଲିସ ଅଫିସର, ଅବସରପ୍ରାପ୍ତ ପୋଲିସ ଅଫିସର, ଆରକ୍ଷୀ ବାହିନୀ, ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ରହି ଶହୀଦଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

**ବେଗୁନିଆ,(ଡି.ଏନ.ଏ.):** ବେଗୁନିଆ ବ୍ଲକ ହୀରାପୁର ଗାଁରେ ଶହୀଦ ପ୍ରତାପ କୁମାର ସାହୁଙ୍କ ୧୭ତମ ବାର୍ଷିକୋତ୍ସବ ପାଳିତ ହୋଇଥିଲା। ସ୍ମୃତି କମିଟି ସମ୍ପାଦକ ରବୀନ୍ଦ୍ର ନାଥ ରଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଭାରତୀୟ ସୀମା ସୁରକ୍ଷା ବିହିନୀର ମିନିଷ୍ଟିଆଲ ଏଏସଆଇ ରାକେଶ କୁମାର ପାଟଶାଣୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ କିଶୋର ସାହୁ ମୁଖ୍ୟବକ୍ତା ଏବଂ ଭାଗୀରଥି ଦାସ, ରବୀନ୍ଦ୍ର ମହାପାତ୍ର, ସରପଞ୍ଚ ସଂଯୁକ୍ତା ଜଗଦେବ, ୟୁପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରୀତାଞ୍ଜଳି ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯିବା ପରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସୂଚନାଥାଉ କି, ଭାରତୀୟ ସୀମା ସୁରକ୍ଷା ବାହିନୀର ଯବାନ ଭାବେ ନିଯୁକ୍ତ ଥିବା ପ୍ରତାପ ୨୦୦୨ ଅକ୍ଟୋବର ଜମ୍ମୁ-କଶ୍ମୀରର ପୁଲୱାମା ଅଞ୍ଚଳରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଶହୀଦ ହୋଇଥିଲେ।



ଖୋର୍ଦ୍ଧାରେ ଶହୀଦ ସ୍ତମ୍ଭରେ ଏସପି ଫୁଲତେଡା ଦେଉଛନ୍ତି ।

## ମାଣିକାଗୋଡାରେ ଭାଜପାର ଗାନ୍ଧୀ ସଙ୍କଳ୍ପ ପଦଯାତ୍ରା

**ବୋଲଗଡ,୨୧।୧୦(ଡି.ଏନ.ଏ.):**

୧୫୦ତମ ଗାନ୍ଧୀ ଜୟନ୍ତୀ ଅବସରରେ ବୋଲଗଡ ବ୍ଲକ ଦଳେଇସାହି ପଞ୍ଚାୟତ ମାଣିକାଗୋଡା ଗ୍ରାମରେ ସୋମବାର ଭାଜପା ପକ୍ଷରୁ ଗାନ୍ଧୀ ସଙ୍କଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଏଥିରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇଥିବା ରିଷଭ ନନ୍ଦ, ଦଳର ନେତା ପ୍ରକାଶ ବିଜୁଳି, ସିନେ ଅଭିନେତ୍ରୀ ଅନୁ ଚୌଧୁରୀ, ଲୋତକ ବିନ୍ଦୁ ପଟ୍ଟନାୟକ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳର ନେତା ଓ କର୍ମୀ ସାମିଲ ହୋଇଥିଲେ। ଗ୍ରାମର ମା'ଭଗବତୀଙ୍କ ପୀଠରୁ ପଦଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହି ସମୟରେ ପ୍ଲାଷ୍ଟିକ ବର୍ଜନ, ସ୍ୱଚ୍ଛ ଭାରତ ଅଭିଯାନ ଉପରେ ସଚେତନାତ୍ମକ ନାରା ଦିଆଯାଇଥିଲା। ପଦଯାତ୍ରା ପରେ ଏମ୍‌ପି ଷଡଙ୍ଗୀ ଗ୍ରାମର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ପଥପ୍ରାନ୍ତ ସଭାରେ ଯୋଗଦେଇଥିଲେ। ଏମ୍‌ପି ଆପଣମାନଙ୍କ ନିକଟକୁ ଆସିବେ। ଜନସାଧାରଣଙ୍କ ସେବା କରିବା ପାଇଁ ଆପଣମାନେ ମୋତେ ଏମ୍‌ପି କରିଛନ୍ତି ବୋଲି ଷଡଙ୍ଗୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଅଜିତ ପଟ୍ଟନାୟକ, ସଞ୍ଜୟ ବେହେରା, ସୁବାସ ଚନ୍ଦ୍ର ମିଶ୍ର, ସଞ୍ଜୟ ମହାପାତ୍ର, ସହଦେବ ସୁବୁଦ୍ଧି ଉପସ୍ଥିତ ଥିଲେ।

## ବାର୍‌ହା ମାତିଲେ: ଖାଇଗଲେ ପାଚିଲା ଧାନ

**ଚିଲିକା,୨୧।୧୦(ଡି.ଏନ.ଏ.):**

ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ଓ ଚିଲିକା ବ୍ଲକର ପାହାଡ଼ତଳି ଚାଷଜମିରେ ଜଙ୍ଗଲୀ ବାର୍‌ହା ପଲ୍ଲଙ୍କ ଉତ୍ପାତ ଦେଖିବାକୁ ମିଳିଛି। ପାଚିଲା ଧାନ ଓ କ୍ଷୀର ଢୋକୁଥିବା ଶାରଦ ଧାନ ଫସଲକୁ ବାର୍‌ହାମାନେ ଉଜାଡ଼ି ଚାଲିଛନ୍ତି । ଫଳରେ ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛି। ଏହାର ପ୍ରତିକାର ପାଇଁ ସେମାନେ କୃଷି ବିଭାଗ, ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗର ପଦସ୍ଥ କର୍ମଚାରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି ।

ବାଣପୁର ବ୍ଲକ୍‌ର ଦାମିଆ ବରବରା, ନୀଳାଦ୍ରିପ୍ରସାଦ, କୁଳେଇ, ଦେଇଗାଁ, ନାଚୁଣୀ ପଞ୍ଚାୟତ ସମେତ ଚିଲିକା ବ୍ଲକର ଆଙ୍ଗୁଲା, ସିଙ୍ଗେଶ୍ୱର, କୁମାଣ୍ଡୋଳ ପାଟଣା ପଞ୍ଚାୟତରେ ପଲ ପଲ ବାର୍‌ହା ଫସଲ ନଷ୍ଟ କରିଚାଲିଛନ୍ତି। ନାଚୁଣୀ ରାଜସ୍ୱ ସର୍କଲର କହ୍ନେଇପୁର ମୌଜାର ଜଗତି ପାହାଡ଼ ଓ ହରିକୁଣ୍ଡପାହାଡ଼ ତଳି ଅଞ୍ଚଳରେ ଥିବା ଚାଷ ଜମି ଓ ଦଉପୁର ରାଜସ୍ୱ ମୌଜା (ଚିଲିକା ବ୍ଲକ)ର ଚାଷଜମି ବିଶେଷ କ୍ଷତିଗ୍ରସ୍ତ ହୋଇଛି । କହ୍ନେଇପୁର ଗ୍ରାମର ଚାଷୀ କୁଳମଣି ମୁଦୁଲି, ବେଣୁଧର ପ୍ରଧାନ, ବିଜୟ କୁମାର ମୁଦୁଲି ପ୍ରକାଶ କରିଛନ୍ତି ଯେ, ଜଙ୍ଗଲୀ ବାର୍‌ହାମାନେ ସନ୍ଧ୍ୟା ନଇଁଲେ ବିଲରେ ପଶି ଫସଲ ନଷ୍ଟ କରୁଛନ୍ତି । ସେମାନଙ୍କୁ ନିଆଁ ହୁଳା ଲଗାଇ କିମ୍ବା ଜୋର ଶବ୍ଦ କରି ଘଉଡ଼ାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଓଲଟି ସେମାନେ ଘଉଡ଼ାଉଥିବା ଚାଷୀଙ୍କୁ ମାରିବାକୁ ଗୋଡ଼ାଉଛନ୍ତି। ଟାଙ୍ଗୀ ରେଞ୍ଜ ନାଚୁଣୀ ବନାଞ୍ଚଳ କାର୍ଯ୍ୟାଳୟ, ଖୋର୍ଦ୍ଧା ଜିଲାପାଳ ଏବଂ ଚିଲିକା-ବାଣପୁର ରାଜସ୍ୱ ବିଭାଗକୁ ଏ ସଂକ୍ରାନ୍ତରେ ଚାଷୀମାନଙ୍କ ପକ୍ଷରୁ ଆବେଦନ କରାଯାଇଛି । ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି ।



ନଷ୍ଟ ହୋଇଥିବା ପାଚିଲା ଧାନ କ୍ଷେତରେ ଚାଷୀ।

## ପର୍ଯ୍ୟଟନ ପର୍ବରେ ବିଭାଗର ସଫଳତାର ବାର୍ତ୍ତା

**ଖୋର୍ଦ୍ଧା ଅଫିସ,୨୧।୧୦**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଜିଲା ସଂସ୍କୃତି ଭବନ ପରିସରରେ ପର୍ଯ୍ୟଟନ ପର୍ବ ୨୦୧୯ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପର୍ଯ୍ୟଟନ ପର୍ବରେ ପର୍ଯ୍ୟଟନ ବିଭାଗର ସଫଳତାର ବାର୍ତ୍ତାକୁ ବକ୍ତାମାନେ ବଖାଣିଥିଲେ। ଏଥିରେ ଜିଲାପାଳ ସୀତାଂଶୁ କୁମାର ରାଉତ ମୁଖ୍ୟଅତିଥି ରୂପେ ଯୋଗଦେଇ ପର୍ଯ୍ୟଟନ ବିଭାଗ କିପରି ଆମ ସଂସ୍କୃତିକୁ ବ୍ୟାପକ କରୁଛି ସେ ନେଇ ଟିପ୍ପଣୀ ରଖିଥିଲେ। ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଯୋଗଦେଇ କହିଥିଲେ ଗାନ୍ଧିଜୀଙ୍କ ମାର୍ଗ ଅନୁସରଣ କଲେ ଦେଶ ତଥା ରାଜ୍ୟର ଉନ୍ନତି ହେବ। ଏଥିରେ ଗାନ୍ଧୀବାଦୀ ନେତା ଗୋପୀନାଥ ପ ରିଜା (୯୬), ଗୋପୀନାଥ ଖାଡଙ୍ଗା (୭୬), ପ୍ରମୋଦ ପ୍ରତାପ ସିଂ (୭୪), ଭାଗୀରାଥି ପରମାଣିକ (୬୮), ଅଇଁଠୁ ରଣସିଂହ (୭୫), ଉମା ଶଙ୍କର ପ୍ରସାଦ (୬୫)ଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଜାଦୁଗର ଜିତେନ୍ଦ୍ର କୁମାର ସାହୁ ଜାଦୁରେ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରାଇଥିଲେ। କବି ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନା ଓ ଜିଲା ପର୍ଯ୍ୟଟନ ଅଧିକାରୀ ମିରାବାଇ ବେହେରା ଧନ୍ୟବାଦ ଦେଇଥିଲେ।

## ଜଟଣୀ ଫୁଟବଲ୍ ଲିଗ୍ ଉଦ୍‌ଯାପିତ, ଗ୍ରେବୁଲ୍‌ସ ଚାମ୍ପିୟନ୍

**ଜଟଣୀ, ୨୧।୧୦(ଡି.ଏନ.ଏ.) :**

ସ୍ଥାନୀୟ ରେଲୱେ ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଜଟଣୀ ଫୁଟବଲ ଲିଗ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଗ୍ରେବୁଲ୍‌ସ ଓ ବ୍ଲୁ ବୁଲ୍‌ସ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳର ନିର୍ଦ୍ଧାରିତ ସମୟ ଗୋଲ ନ ହେବାରୁ ଟ୍ରାଇବେକର ପଦ୍ଧତି ଅନୁସରଣ କରାଯାଇଥିଲା। ଏଥିରେ ଗ୍ରେବୁଲ୍‌ସ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପ୍ରିୟବ୍ରତ ବାହିନୀପତି ରେଫ୍‌ରୀ ରହିଥିବା ବେଳେ ଦିଗବିଜୟ ଦାସ ଓ ଲକ୍ଷ୍ମୀପ୍ରସାଦ ଲାଇନ୍‌ରେ ସହାୟତା କରିଥିଲେ। ଏହାଛଡ଼ା ଜଟଣୀର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଦୁଇ ମହିଳା ଦଳ ଏବଂ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଓ ଏକାଦଶ ଶ୍ରେଣୀ ମଧରେ ଦୁଇଟି ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟସ୍ତରର ରେଫ୍‌ରୀ ଭଗବାନ ଦାସ, ଡ. ବେଣୁଧର ଦାସ, ଭେଟେରାନ୍ ଆଥଲେଟ୍ ବନ ବସାକ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜାତୀୟସ୍ତର ରେଫ୍‌ରି ଶିବପ୍ରସାଦ ଦାସ, ବେଣୁଧର ମଙ୍ଗରାଜ, ଦିଲୀପ ଅଗ୍ରୱାଲ ଓ ଅନ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

## ବାଣପୁରରେ ସ୍ମୃତି ଦିବସ

**ଖୋର୍ଦ୍ଧା ଅଫିସ,୨୧।୧୦:**

ବାଣପୁର ନେହେରୁ ସେବା ସଂଘର ପ୍ରତିଷ୍ଠାତା ସ୍ୱାମୀ ହରିହର ରାମଙ୍କ ସ୍ମୃତି ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୋକୁଳାନନ୍ଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ବିନୋଦ ମହାନ୍ତିଙ୍କୁ ସମ୍ମାନଜନକ ସ୍ୱାମୀ ହରିହର ରାମ ସେବାରତ୍ନ ସମ୍ମାନ ୨୦୧୯' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ଉପସଭାପତି ରଙ୍ଗନାଥ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସରୋଜିନୀ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓମ୍‌ପ୍ରକାଶ ଅଗ୍ରୱାଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଗତ ମାଟ୍ରିକ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଛାତ୍ରୀ ସସ୍ମିତା ସୁବୁଦ୍ଧିଙ୍କୁ ମେଡାଲ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ସେବା ସଂଘର ଅନ୍ତେବାସୀମାନେ ଭକ୍ତିସ୍ଥଳଠାରୁ ହରିହର ରାମଙ୍କ ତୈଳଚିତ୍ର ସହ ମଶାଲ ଶୋଭାଯାତ୍ରାରେ ବାହାରି ଭଜନ କୀର୍ତ୍ତନ କରି ନଗର ପରିକ୍ରମା କରିଥିଲେ।

## ପଞ୍ଚାୟତ ପରିସରରୁ ପଥର ଖୋଳି ହେଉଛି ଗୃହ ନିର୍ମାଣ

**ଖୋର୍ଦ୍ଧା ଅଫିସ,୨୧।୧୦:**

ଖୋର୍ଦ୍ଧା ବ୍ଲକ ବରସାହି ପଞ୍ଚାୟତ ପରିସରରେ ବେଆଇନ ଭାବେ ମାଙ୍କଡା ପଥର ଖଣି ଖନନ ଚାଲିଛି। ସମ୍ପୃକ୍ତ ପଥର ଖଣିରୁ ବାହାରୁଥିବା ମାଙ୍କଡା ପଥରରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହେଉଛି। ଏପରି କି ମାଙ୍କଡା ପଥରକୁ ବାହାରକୁ ଚାଲାଣ ମଧ ହେଉଛି। ଏ ନେଇ ଖୋର୍ଦ୍ଧା ବିଡିଓ ଓ ଉପଜିଲାପାଳଙ୍କ ନିକଟରେ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିବା ସହ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।





ପଞ୍ଚାୟତ ପରିସରରୁ ମାଙ୍କଡା ପଥର ଖୋଳାଯାଉଛି। ସେହି ପଥରରେ ଗୃହ ନିର୍ମାଣ ଚାଲିଛି।

## ରାସ୍ତା ପୁନରୁଦ୍ଧାର ଦାବିରେ ରାଜପଥ ଅବରୋଧ

**ବୋଲଗଡ଼,୨୧।୧୦(ଡି.ଏନ.ଏ.):**

ବୋଲଗଡ଼ ବ୍ଲକ ଫାସୀଓଦା ପଞ୍ଚାୟତ କୋଟପଲ୍ଲା ଗ୍ରାମ ରାସ୍ତା ପୁନରୁଦ୍ଧାର ଦାବିରେ ସୋମବାର ଭୀମପଡାଠାରେ ଗ୍ରାମବାସୀ ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଭୀମପଡାଠାରୁ କୋଟପଲ୍ଲା ପର୍ଯ୍ୟନ୍ତ ପ୍ରାୟ ଦେଢ କି.ମି. ରାସ୍ତା ମରଣଯନ୍ତା ପାଲଟିଛି। କେଉଁଠାରେ ଖାଲ ତ ଆଉ କେଉଁଠି ଅଣଓସାରିଆ। ଏହାର ମରାମତି ନେଇ ସ୍ଥାନୀୟ ଲୋକେ ବ୍ଲକଠାରୁ ଆରମ୍ଭ କରି ଜିଲାପ୍ରଶାସନ ଓ ଲୋକପ୍ରତିନିଧିଙ୍କୁ ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳିନାହିଁ । ତେଣୁ ପୂର୍ବ ନିଷ୍ପତ୍ତି ମୁତାବକ ଗ୍ରାମର ମହିଳାପୁରୁଷ ଓ ଛାତ୍ରୀଛାତ୍ର ରାଜପଥ ଉପରେ ବସିରହିଥିଲେ। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ଖବର ପାଇ ବୋଲଗଡ ବିଡିଓ ମଧୁସୂଦନ ବେହେରା, ତହସିଲଦାର ମୋନାଲିଶା ପଣ୍ଡା, ଥାନା ଆଇଆଇସି ସେଖ ଅକବର ଅଲ୍ଲୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଜିଲାପାଳଙ୍କ ସହିତ ଆଲୋଚନା କରି ଆଗାମୀ ୨୯ ତାରିଖ ସୁଦ୍ଧା ଏହାର ସମାଧାନ କରାଯିବ ବୋଲି ବିଡିଓ ଓ ତହସିଲଦାର କହିଥିଲେ। ପରେ ଆନ୍ଦୋଳନକାରୀ ମହିଳାଙ୍କ ସହ ତହସିଲଦାର ପରିଦର୍ଶନ କରି ରାସ୍ତାର ଦୁରବସ୍ଥା ଉପଲବ୍ଧି କରିଥିଲେ। ପୂର୍ବରୁ ବୋଲଗଡ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମହିଳାମାନେ ରାସ୍ତା ସମ୍ପର୍କରେ ଅଭିଯୋଗ କରିଥିଲେ। ରାସ୍ତା ନିର୍ମାଣ କରା ନ ଗଲେ ରାଜପଥ ଅବରୋଧ କରିବେ ବୋଲି ଜଣାଇଥିଲେ।



ତହସିଲଦାର ରାସ୍ତା ପରିଦର୍ଶନ କରି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି । କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ

### ଗ୍ୟାସ ଟାଙ୍କି ଫାଟି ଯୁବକ ଗୁରୁତର

ଗୋପ,୨୧।୧୦(ଡି.ଏନ.ଏ.)- ଗୋପ ଅଞ୍ଚଳରେ ଏବେ ବେଆଇନ ଗ୍ୟାସ କାରବାର ବଢ଼ିବାରେ ଲାଗିଛି। ସୋମବାର ମଧ୍ୟାହ୍ନରେ ବେଆଇନ୍ ଭାବେ ଗ୍ୟାସ୍ କାରବାର କରୁଥିବାବେଳେ ଗ୍ୟାସ୍ ଟାଙ୍କି ଫାଟିଯିବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କୋଣାର୍କର ସୁରେନ୍ଦ୍ର ସାହୁ(୨୫)। ତାଙ୍କୁ ପ୍ରଥମେ ଗୋପ ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ସୂଚନାଯୋଗ୍ୟ, ସୁରେନ୍ଦ୍ର କିଛିଦିନ ଧରି ଗୋପ ଅଞ୍ଚଳରେ ବେଆଇନ ଭାବରେ ଗ୍ୟାସ୍ ବିକ୍ରୟ କରୁଥିଲେ। ସୋମବାର ତାଙ୍କ ଦୋକାନରେ ଥିବା ଏକ ଗ୍ୟାସ୍ ଟାଙ୍କି ହଠାତ୍ ଫାଟି ଯାଇଥିଲା।

### ଜଣେ ହବିଷିଆଳି ଘରକୁ ଫେରିଗଲେ

ପୁରୀ ଅଫିସ,୨୧।୧୦: ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳୀରେ ରହୁଥିବା ଜଣେ ହବିଷିଆଳିଙ୍କୁ ସୋମବାର ତାଙ୍କ ଘରକୁ ପଠାଇ ଦିଆଯାଇଛି। ସେ ହେଲେ ବ୍ରହ୍ମଗିରିର ଟିକିନା ବରାଳ (୭୦)। ରବିବାର ସେ ଶ୍ରୀମନ୍ଦିରକୁ ଯାଇ ଆଶ୍ରୟସ୍ଥଳୀକୁ ଫେରି ନ ଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କର କୌଣସି ସୂଚନା ମିଳି ନ ଥିଲା। ସେ ବୀରଗୋବିନ୍ଦପୁରସ୍ଥିତ ତାଙ୍କ ବନ୍ଧୁ ଘରକୁ ଯାଇଥିବା ଖବର ପାଇ ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ଅଧିକାରୀ ଯାଇ ତାଙ୍କୁ ରାତିରେ ଆଣି ଆସିଥିଲେ। କାହାକୁ ନ ଜଣାଇ ସେ କିପରି ବୀରଗୋବିନ୍ଦପୁର ଗଲେ ତାହାର କୌଣସି ସୂଚନା ନ ଥିବା ବେଳେ ସୋମବାର ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ଖବର ଦିଆଯାଇଥିଲା। ସମ୍ପର୍କୀୟ ପହଞ୍ଚିବା ପରେ ଟିକିନାଙ୍କୁ ତାଙ୍କ ଜିମାରେ ଛାଡ଼ି ଦିଆଯାଇଛି ।

### ପାରା ଲିଗାଲ ଭଲ୍ୟୁଣ୍ଟିୟରର ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ, ୨୧।୧୦: ପୁରୀ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ପାରା ଲିଗାଲ ଭଲ୍ୟୁଣ୍ଟିୟରଙ୍କ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଜଜ୍ ବିଦ୍ୟୁତ କୁମାର ମିଶ୍ର ଉଦଘାଟନ କରିଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ଜିଲାଜଜ୍ ବି.କର, ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ଜିଲା ସହକାରୀ ଶ୍ରମ ଅଧିକାରୀ ସୁବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ମାମଲାରେ ୩ ଗିରଫ

ପୁରୀ ଅଫିସ, ୨୧।୧୦:ମଙ୍ଗଳାଘାଟ ଅଞ୍ଚଳରେ ଏକ ଚୋରି ମାମଲାରେ ବାସେଳି ସାହି ପୋଲିସ ସୋମବାର ମା' ପୁଅ ଓ ଜଣେ ବଣିଆଙ୍କୁ ଗିରଫ କରିଛି। ସେମାନେ ହେଲେ ସଂଯୁକ୍ତା ପଟ୍ଟନାୟକ ଓ ତାଙ୍କ ପୁଅ ଶଶିଭୂଷଣ। ବଣିଆ ଜଣକ ହେଲେ ବ୍ରହ୍ମଗିରିର ଅର୍ଜୁନ ସାହୁ। ଏମାନଙ୍କ ନିକଟରୁ ଚୋରି ସୁନାଚେନ ଜବତ ହୋଇଛି। ଏ ନେଇ ବାସେଳି ସାହି ଥାନାରେ କେସ୍ ନଂ. ୧୦୫/୧୯ ରୁଜୁ ହୋଇଛି। ଲୋକନାଥରୋଡସ୍ଥିତ ରବି ନାରାୟଣ ମହାନ୍ତିଙ୍କ ଘରୁ ହୋଇଥିବା ଚୋରି ଘଟଣାରେ ଏମାନେ ସମ୍ପୃକ୍ତ ଥିବା ପୋଲିସ କହିଛି।

### ବ୍ଲକସ୍ତରୀୟ ଶୀତକାଳୀନ ବିଦ୍ୟାଳୟ କ୍ରୀଡ଼ା

କଣାସ,୨୧।୧୦(ସ୍ୱ.ପ୍ର.)- କଣାସ ବ୍ଲକସ୍ତରୀୟ ଶୀତକାଳୀନ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଗଡବଡପୁଟ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେଶଚନ୍ଦ୍ର ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ କଣାସ ବ୍ଲକ ସହ ଶିକ୍ଷାଅଧିକାରୀ ମୀନକେତନ ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୯୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୨ ଛାତ୍ରୀ ଓ ୧୦ଜଣ ଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଅତିଥି ଭାବେ ନିରଞ୍ଜନ ପତି, ସସ୍ମିତା ସୁନ୍ଦରାୟ, ବିରାଟ ବଳିୟାରସିଂହ ଓ ସୁରେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବିଭୂତି ରାଉତ ବିବରଣୀ ପାଠ, ସୁବାସଚନ୍ଦ୍ର ଦାସ ମଞ୍ଚ ସଂଯୋଜନା କରିଥିଲେ।

### ଶିକ୍ଷାବିତ୍‌ଙ୍କ ଶ୍ରାଦ୍ଧୋତ୍ସବ

ସାକ୍ଷୀଗୋପାଳ,୨୧।୧୦ (ଡି.ଏନ.ଏ.)- ଆଚାର୍ଯ୍ୟ ହରିହର ଶିଶୁ ଭବନର ପ୍ରତିଷ୍ଠାତା ଶିକ୍ଷାବିତ୍ ବାମନ ଚରଣ ଦାଶଙ୍କ ୧୧ତମ ଶ୍ରାଦ୍ଧୋତ୍ସବ ସୋମବାର ପାଳିତ ହୋଇଯାଇଛି। ଶିଶୁ ଭବନର କର୍ମକର୍ତ୍ତା, କର୍ମଚାରୀ ଓ ଅନ୍ତେବାସୀମାନେ ସ୍ୱର୍ଗତ ଦାଶଙ୍କ ଫଟୋଚିତ୍ରରେ ମଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ସଭାପତି ବିରେନ୍ଦ୍ର ଭୂଷଣ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ବ୍ରଜବନ୍ଧୁ ନନ୍ଦ, ବାବନ ବରାଳ, ତରେଣୀ ପ୍ରସାଦ ମିଶ୍ର, କାହ୍ନୁଚରଣ ପ୍ରଧାନ, ସୁରେନ୍ଦ୍ର ସାହୁ, ଶୈଳବାଳା ଦାଶ ଓ ସ୍ୱର୍ଣ୍ଣଲତା ନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରମୋଦ ନାୟକ ଧନ୍ୟବାଦ ଦେଇଥିଲେ।

■ଶିଶୁ ହେଲ୍ପ ଡେସ୍କରେ ତାଲା ଝୁଲିବା ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲା ରେଲୱେ ବୋର୍ଡ

**ପୁରୀ ଅଫିସ,୨୧।୧୦:**




ଶିଶୁ ସହାୟତା କେନ୍ଦ୍ର।

ପୁରୀ ରେଲୱେ ଷ୍ଟେଶନ ପରିସରସ୍ଥ ଶିଶୁ ହେଲ୍ପ ଡେସ୍କ ଅଧିକାଂଶ ସମୟ ବନ୍ଦ ରହୁଥିବା ରେଳ ମନ୍ତ୍ରଣାଳୟ ନିକଟରେ ଅଭିଯୋଗ ହୋଇଛି। ରେଲୱେ ବୋର୍ଡ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି। ହେଲ୍ପ ଡେସ୍କରେ ଅଧିକାଂଶ ସମୟ ତାଲା ଝୁଲୁଥିବା ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ରେଲୱେ ବୋର୍ଡ, ପୂର୍ବତଟ ରେଲୱେ ଏବଂ ଚାଇଲ୍ଡ ଲାଇନ ଫାଉଣ୍ଡେଶନ ଇଣ୍ଡିଆକୁ ଟୁଇଟ ଯୋଗେ ଅଭିଯୋଗ କରିଥିଲେ। ଗତ ଅକ୍ଟୋବର ୧୦ ତାରିଖରେ ହେଲ୍ପ ଡେସ୍କରେ କେହି କର୍ମଚାରୀ ନ ଥିବା ଏବଂ ତାଲା ଝୁଲୁଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ଭିଡିଓ ଉତ୍ତୋଳନ ସମୟରେ କର୍ମଚାରୀମାନେ ଷ୍ଟେଶନରୁ ଉଦ୍ଧାର ୩ ନାବାଳକଙ୍କ ସମ୍ପର୍କରେ ସୂଚନା ପ୍ରଦାନ ଲାଗି ଆର୍‌ପିଏଫ୍ ଥାନାକୁ ଯାଇଥିବା କର୍ତ୍ତୃପକ୍ଷ ଗଣମାଧ୍ୟମରେ ସଫେଇ ଦେଇଥିଲେ। ଅନ୍ୟପକ୍ଷେ ଆର୍‌ପିଏଫ୍ ଥାନାଧିକାରୀ ଅନିଲ କୁମାର ସିଂ କହିଥିଲେ, ଉକ୍ତ ଦିନ ଷ୍ଟେଶନରୁ କୌଣସି ନାବାଳକ ଉଦ୍ଧାର ହୋଇନାହାନ୍ତି କି ଥାନାରେ କାହାକୁ ହାଜର କରାଯାଇ ନାହିଁ। ଥାନାକୁ ଶିଶୁ ହେଲ୍ପ ଡେସ୍କର କୌଣସି କର୍ମଚାରୀ ଥାନାକୁ ଆସି ନ ଥିଲେ। ମାନବାଧିକାର କର୍ମୀ ଦାଶ କହିଛନ୍ତି, ଗତ ଏକମାସ ଧରି ଆରପିଏଫ ରେଳଷ୍ଟେଶନ ପରିସରରୁ ଶିଶୁ ଓ ନାବାଳକଙ୍କୁ ଉଦ୍ଧାର କରି ଚାଇଲ୍ଡଲାଇନ ସଦସ୍ୟଙ୍କୁ ହସ୍ତାନ୍ତର କରୁଥିବା ନେଇ ଦୈନିକ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଯଦି ଆର୍‌ପିଏଫ ପୋଲିସ ନାବାଳିକା, ଶିଶୁଙ୍କୁ ଉଦ୍ଧାର କରୁଛନ୍ତି, ତେବେ ଶିଶୁ ହେଲ୍ପ ଡେସ୍କ କ'ଣ କରୁଛି ବୋଲି ଦାଶ

**ଏନ୍‌ଜିଓ ଚୁକ୍ତିନାମା ରଦ୍ଦ ଦାବି**

ପ୍ରଶ୍ନ କରିଛନ୍ତି। ଷ୍ଟେଶନ ନିର୍ଦ୍ଦେଶକ ବି.କେ.ପରିଜା କହିଛନ୍ତି, ଶିଶୁଙ୍କୁ ଉଦ୍ଧାର ନିମନ୍ତେ ପୁରୀର ଏକ ଏନ୍‌ଜିଓ ପୂର୍ବତଟ ରେଲୱେଠାରୁ ଅନୁମତି ଆଣିଛନ୍ତି। ଏଥିରେ ମୋର କୌଣସି ଭୂମିକା ନାହିଁ। ତେବେ ଶିଶୁ ହେଲ୍ପଡେସ୍କରେ ତାଲା ଝୁଲୁଥିବା ପ୍ରସଙ୍ଗରେ ରେଲୱେ ବୋର୍ଡ ତଦନ୍ତ ନିର୍ଦ୍ଦେଶ ଦେଇଛି। ଆମପାଖରେ ନିର୍ଦ୍ଦେଶନାମା ପହଞ୍ଚିଲେ ରିପୋର୍ଟ ଦିଆଯିବ।

ପ୍ରକାଶ ଯେ, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ଏବଂ ରେଳ ମନ୍ତ୍ରଣାଳୟ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଷ୍ଟେଶନ ପରିସରରୁ ଶିଶୁ ଓ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ପୁରୀର ଏକ ଏନ୍‌ଜିଓ ସଂସ୍ଥା ୩ବର୍ଷ ଲାଗି ପୂର୍ବତଟ ରେଳ ବିଭାଗ ସହିତ ଚୁକ୍ତି କରିଛି। ତେବେ ଯେଉଁ ଉଦ୍ଦେଶ୍ୟରେ ଚୁକ୍ତି ହୋଇଥିଲା, ତାହା ସାଧିତ ହୋଇ ପାରୁନାହିଁ। ତେଣୁ ଚୁକ୍ତିନାମା ରଦ୍ଦ କରାଯିବା ଲାଗି ଦାଶ ଦାବି କରିଛନ୍ତି ।



ବ୍ରହ୍ମଗିରି ରାମଚନ୍ଦ୍ରପୁର ସେବା ସମବାୟ ସମିତିରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।

## ଅଟୋ, ସ୍କୁଟି ମୁହାଁମୁହିଁ ଧକ୍କା: ୨ ଗୁରୁତର

**କୋଣାର୍କ,୨୧।୧୦(ଡି.ଏନ.ଏ.)**

କୋଣାର୍କ ଥାନା ଅଧୀନ ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ସୋମବାର ଏକ ଅଟୋ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ଗୁରୁତର ହୋଇଛନ୍ତି। ସୂଚନାଯୋଗ୍ୟ, ଚନ୍ଦ୍ରଭାଗାର ପୂର୍ବତନ କାଉନସିଲର ଅପଲ ରାଉ୍ତ ସ୍କୁଟି ଯୋଗେ ରଙ୍ଗମଞ୍ଚ ପଟୁ ଆସୁଥିବାବେଳେ ଅପରପକ୍ଷରେ ଆସୁଥିବା ଖରାଗାଁର ନୃସିଂହ ଚରଣ ପାତ୍ର ମାଲବାହୀ ଅଟୋ ଧରି ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟେ ଛିଟିକି ପଡିବାରୁ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲ ପରେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି।

■ବିଷାକ୍ତ ମଦ ପିଇ ଯୁବକଙ୍କ ମୃତ୍ୟୁ ଘଟଣା

# ମଦ ବିକ୍ରି ବିରୋଧୀ ଆନ୍ଦୋଳନ ତେଜିଲା

**ବ୍ରହ୍ମଗିରି,୨୧।୧୦(ଡି.ଏନ.ଏ):**

ବିଷାକ୍ତ ମଦ ପିଇ ଜଣେ ଯୁବକଙ୍କ ମୃତ୍ୟୁ ପରେ ମଦ ବିକ୍ରି ବିରୋଧରେ ଆନ୍ଦୋଳନ ତେଜିବାରେ ଲାଗିଛି। ଏ ନେଇ ମହିଳାମାନେ ଏକଜୁଟ ହୋଇ ମଦ ବିକ୍ରି ବନ୍ଦ ପାଇଁ କ୍ରମାଗତ ଆନ୍ଦୋଳନ ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ବିଷାକ୍ତ ମଦ ପିଇ ବ୍ରହ୍ମଗିରି ବ୍ଲକ ତଥା ପୁରୀ ସଦର ଥାନା ଅନ୍ତର୍ଗତ ବିଲକାଙ୍କୁଡା ଗ୍ରାମର ସହଦେବ ନାୟକଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଲଗାତର ସ୍ଥାନୀୟ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନକୁ ଜାରି ରଖିଥିବା ବେଳେ ପ୍ରତିଦିନ ଶତାଧିକ ମହିଳା ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ସୋମବାର ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ବଟକୃଷ୍ଣ ସ୍ୱାଇଁଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ମହିଳା କାଙ୍କୁଡା କେଶକେରା ଗ୍ରାମ ନିକଟରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ଏକଜୁଟ ହୋଇଥିଲେ। ବ୍ରହ୍ମଗିରି ବ୍ଲକ ଅଞ୍ଚଳରୁ ମଦ,ଗଞ୍ଜେଇ, ଭାଙ୍ଗ, ବ୍ରାଉନ୍‌ସୁଗାର ଆଦି ନିଶାଦ୍ରବ୍ୟ ସେବନ ଓ ଚୋରା ବ୍ୟବସାୟ ବନ୍ଦ କରାଯିବା ଦାବିରେ ଏକ ବିଶାଳ ଶୋଭାଯାତ୍ରା କରି କପିଳେଶ୍ୱରପୁର ଗାଁ ପରିକ୍ରମା କରିଥିଲେ। ଏ ନେଇ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ। ବ୍ରହ୍ମଗିରି ଅଞ୍ଚଳରୁ ଯଦି ନିଶା କାରବାର ବନ୍ଦ ନ ହୁଏ, ତେବେ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

■୪୫ ଦିନ ବିତିଲା, ନିଖୋଜ ଛାତ୍ରଙ୍କ ପତ୍ତା ମିଳୁନି

# ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର

**ପୁରୀ ଅଫିସ, ୨୧।୧୦:**

ଗତ ସେପ୍ଟେମ୍ବର ୨ରେ ପୁରୀକୁ ବୁଲିବାକୁ ଆସି ପଶ୍ଚିମବଙ୍ଗର ଦେବମାଲ୍ୟ ରାୟ ନାମକ ଛାତ୍ର ନିଖୋଜ୍ ହୋଇଯାଇଥିଲେ। ଏ ନେଇ ବଳିଆପଣ୍ଡା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଇତିମଧ୍ୟରେ ଏହି ଘଟଣାକୁ ୪୫ଦିନ ବିତିଗଲାଣି। ମାତ୍ର ଆଜିପର୍ଯ୍ୟନ୍ତ ଦେବଙ୍କ କୌଣସି ପତ୍ତା ମିଳୁନାହିଁ। ଉଦ୍ଧାର ଓ ତଦନ୍ତ ଦାବିରେ ଦେବଙ୍କ ପରିବାରବର୍ଗ ସୋମବାର ଜିଲାପାଳ ବଳୱନ୍ତ ସିଂ ଏବଂ ଏସ୍‌ପି ଉମାଶଙ୍କର ଦାଶଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଏ ସମ୍ପର୍କରେ ବଳିଆପଣ୍ଡା ଥାନାଧିକାରୀ ଚିନ୍ମୟ ରାଉତ କହିଛନ୍ତି, ଘଟଣାର ଅନୁସନ୍ଧାନ ଜାରି ରହିଛି। ଦେବଙ୍କ ସାଥିରେ ଆସିଥିବା ସାଥୀଙ୍କୁ ଥାନାକୁ ଡକାଯାଇ ପଚରା ଉଚୁରା କରାଯାଇଛି। ଏଥିସହ ସମୁଦ୍ରକୂଳ, ବ୍ରହ୍ମଗିରି, ରାମଚଣ୍ଡୀ, ଚନ୍ଦ୍ରଭାଗା ଓ ପେଣ୍ଠକଟା ମେରାଇନ ଥାନାକୁ ଜଣାଇ ଦିଆଯାଇଛି। ଅନ୍ୟପଟେ ଦେବଙ୍କ ଭାଇ କହିଛନ୍ତି, ଦେବ ମଉଜ ମଜଲିସକୁ ଭଲ ପାଏ, କିନ୍ତୁ ସମୁଦ୍ର ସ୍ନାନକୁ ଡରେ। ଆମେ ପରିବାର ସହ ପୂର୍ବରୁ ବହୁଥର ଏଠାକୁ ଆସିଛୁ। ସମୁଦ୍ରରେ କରେଣ୍ଟ ସୃଷ୍ଟି ହେଉଥିବା ସେ ଜାଣେ। ତେଣୁ ସମୁଦ୍ର ସ୍ନାନରେ ତା'ର ମୃତ୍ୟୁ ଘଟିଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ଦେବ ଭୁବନେଶ୍ୱରସ୍ଥିତ ଏକ ଘରୋଇ କଲେଜରେ ଜୁଲାଇ ମାସରେ ଆଡମିଶନ କରିଥିଲେ। ଘଟଣା ଦିନ ସକାଳ ୬ଟାରେ ୨ଜଣ ସିନିୟରଙ୍କ ସମେତ ୭ଜଣ ଛାତ୍ର କାର୍‌ରେ ଭୁବନେଶ୍ୱରରୁ ବାହାରିଥିଲେ। ସାଢେ ୮ଟାରେ ସେ ବାପାଙ୍କ ସହ କଥା ହୋଇଥିଲେ। ଏହା ପରଠୁ ତାଙ୍କ ସହ ଆଉ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ସେ ଜିଲାପାଳ ଏବଂ ଏସ୍‌ପିଙ୍କୁ ଗୁହାରି ଜଣାଇଛନ୍ତି।

# ଶିଶୁ ମହୋତ୍ସବ 'ହୌସଲା' ଉଦ୍‌ଯାପିତ

**ପୁରୀ ଅଫିସ, ୨୧।୧୦:**

ପୁରୀ ଜିଲା ପ୍ରଶାସନ ଓ ଶିଶୁ ସୁରକ୍ଷା ଶାଖା ମିଳିତ ଆନୁକୂଲ୍ୟରେ ଆନ୍ତଃ ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କ ମଧ୍ୟରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ହୌସଲା' ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ କିଶୋର ନ୍ୟାୟ ବୋର୍ଡ ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ମନୋଜ କୁମାର ଏବଂ ସମ୍ମାନିତ ଅତିଥି ଭାବେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ହୌସଲା କାର୍ଯ୍ୟକ୍ରମ ପରିଚାଳକ ଶୁଭଦର୍ଶୀ ଦାସ, ସଂଗ୍ରାମ ସାମଲ, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ମହାବୀର ରୁଦ୍ରନାରାୟଣ ସାହୁ ଯୋଗଦେଇଥିଲେ। ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ଫୁଟବଲ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ଫସଲ ବୀମାରୁ ଚାଷୀ ବଞ୍ଚିତ

**ଡେଲାଙ୍ଗ,୨୧।୧୦(ଡି.ଏନ୍.ଏ.):**



ବୈଠକରେ ଶରଧାପୁର ସେବା ସମବାୟ ସମିତିର ସଭାପତି ଏବଂ ଚାଷୀମାନେ ।

ଧାନକେରା ପଞ୍ଚାୟତର ଶରଧାପୁର ସେବା ସମବାୟ ସମିତିର ସଭାପତି ପ୍ରମୋଦ ସାହୁଙ୍କ ଅଧକ୍ଷତାରେ ସୋମବାର କେତେଜଣ ଚାଷୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୧୮ ମସିହାରେ ୪୨୭ ଜଣ ଚାଷୀ ପ୍ରଧାନମନ୍ତ୍ରୀ ଫସଲବୀମା ନିମନ୍ତେ ୧,୪୬,୬୩୪ ଟଙ୍କା ବୀମା ବାବଦରେ ଦେଇଥିବା ବେଳେ ଅଦ୍ୟାବଧି ସେମାନେ ଫସଲର କ୍ଷୟକ୍ଷତି ପାଇନାହାନ୍ତି। ଏ ନେଇ ପୁରୀ–ନିମାପଡ଼ା କେନ୍ଦ୍ର ସମବାୟ ସମିତିର ସମ୍ପାଦକ ଓ ପୁରୀ ନିମାପଡ଼ା ଡେଲାଙ୍ଗ ଶାଖା ପରିଚାଳକ, ଡିଆର୍‌ସିଏସ୍‌ଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିନାହିଁ। ଗତ ୧୯ ଅଗଷ୍ଟରେ ପୁରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଆସନ୍ତା ୨୮ତାରିଖରେ ହେବାକୁ ଥିବା ଡେଲାଙ୍ଗ ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସମସ୍ତ ଫସଲବୀମାଧାରୀ ଚାଷୀ ପୁନର୍ବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ଧାନକେରା ପଞ୍ଚାୟତ ଅଧୀନରେ ବୀରମକୁନ୍ଦପୁର ଓ ଶରଧାପୁରରେ ୨ଟି ସେବା ସମବାୟ ସମିତି ଥିବା ବେଳେ ବୀରମକୁନ୍ଦପୁର ସମବାୟ ସମିତିର ଚାଷୀମାନେ ଗତ ଫେବୃୟାରୀରେ ଫସଲବୀମା ପାଇସାରିଛନ୍ତି। କିନ୍ତୁ ଶରଧାପୁର ସେବା ସମବାୟ ସମିତିର ଚାଷୀମାନେ ଏହି ବୀମାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଡେଲାଙ୍ଗ ଶାଖା ପରିଚାଳକ ଲକ୍ଷ୍ମୀନାରାୟଣ ମିଶ୍ର କୁହନ୍ତି, ବୀରମକୁନ୍ଦପୁର ଆର୍‌ଆଇ ସର୍କଲ ଡେଲାଙ୍ଗ ବ୍ଲକରେ ହୋଇଥିବାରୁ ବୀମାଭୁକ୍ତ ଚାଷୀଙ୍କ କାଗଜପତ୍ର ଠିକ୍ ଥିବାରୁ ସେମାନଙ୍କୁ ଫସଲବୀମା ମିଳିଛି। ଶରଧାପୁର ସମବାୟର ଚାଷୀଙ୍କ ଆର୍‌ଆଇ ସର୍କଲ ସତ୍ୟବାଦୀ ବ୍ଲକ ହୋଇଥିବାରୁ ସେମାନଙ୍କ କାଗଜପତ୍ର ଠିକ୍ ଭାବେ କରାଯାଇ ନ ଥିବାରୁ ବୀମା ଆସିବା ବିଳମ୍ବ ହୋଇଥାଇପାରେ ବୋଲି କହିଥିଲେ। ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ବୈଠକରେ ସରପଞ୍ଚ ପ୍ରସନ୍ନ ଜେନା, ପୂର୍ବତନ ସରପଞ୍ଚ ଉପେନ୍ଦ୍ର ପ୍ରଧାନଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।

## ଗୋଟିଏ ରାତିରେ ୩ ବାଇକ୍ ଚୋରି

**ଗୋପ,୨୧।୧୦(ଡି.ଏନ.ଏ.)**

ଗୋପ ଥାନା ଅଧୀନ କୁଶୁପୁର ବଜାର ନିକଟରୁ ଗୋଟିଏ ରାତିରେ ଦୁଇଗୋଟି ପଲସର୍ ସହ ଗୋଟିଏ ଗ୍ଲାମର ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ରବିବାର କୁଶୁପୁର ବଜାର ନିକଟରେ ଚାଲିଥିବା ବାଲିକୁଦା ମହୋତ୍ସବରେ ନାଟକ ପରିବେଷଣ ହେଉଥିଲା। ଏହି ଥାନା ଅଧୀନ ଗରହୁରା ଗ୍ରାମର ଗୋପବନ୍ଧୁ ବିଶ୍ୱାଳ ନାଟକ ଦେଖିବା ଲାଗି ତାଙ୍କ ପଲସର (ନଂ ଓଆର୍‌୧୩ଡ଼ି–୫୧୦୨)ବାଇକରେ ଆସିଥିଲେ। ନାଟକ ଦେଖି ଘରକୁ ଫେରିବାବେଳେ ଗାଡ଼ିଟି କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାପଡ଼ିଛି। ସେହିପରି ସେଠାରୁ ଆଉ ଗୋଟିଏ ପଲସର ଓ ଗ୍ଲାମର ବାଇକ୍ ମଧ୍ୟ ଚୋରି ହୋଇଥିବା ପରେ ଜଣାପଡ଼ିଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ୍ ତଦନ୍ତ ଆରମ୍ଭ କରିଛି।

# ଉଷୁ ଖେଳାଳିଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଖେଳାଳିମାନେ ।

**ଡେଲାଙ୍ଗ, ୨୧।୧୦(ଡି.ଏନ୍.ଏ.):**

ଡେଲାଙ୍ଗ ହାଟ ବଜାରଠାରେ ସୋମବାର ଉଷୁ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମ୍ୟାନେଜର କୃଷ୍ଣ ସୁନ୍ଦରାୟ, କୋଚ୍ ରବୀନ୍ଦ୍ର ରାଉତ, ବୈଷୟିକ ଅଧିକାରୀ ନଟବର ସେଠୀଙ୍କ ତତ୍ତ୍ୱାବଧାନରେ ମହତାବ ଓ କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟରୁ ୧୫ ଛାତ୍ରୀଛାତ୍ର ପୁରୀ ଜିଲା ପକ୍ଷରୁ ୨୭ତମ ଉଷୁ ଚାମ୍ପିୟନଶିପରେ ଯୋଗଦେବା ପାଇଁ ତାଳଚେରସ୍ଥିତ ବ୍ଲାକ ଡାଇମଣ୍ଡ ଷ୍ଟାଡିୟମ ଯାଇଥିଲେ। ସିନିୟର ବର୍ଗରେ ସୋମନାଥ ଦଳାଇ ବ୍ରୋଞ୍ଜ୍, ସନ୍ଧ୍ୟା ନାୟକ ସିଲ୍‌ଭର ପଦକ ହାସଲ କରିଥିବା ବେଳେ ଜୁନିୟର ବର୍ଗରୁ ବିଶ୍ୱଜିତ ବଳିୟାରସିଂ ସ୍ୱର୍ଣ୍ଣ, ମଳୟ ବେହେରା, ଅନସୂୟା ସେଠୀ, ସର୍ବେଶ୍ୱର ସାହୁ, ସୁଶୀଲ ବେହେରା ଓ ଆଶିଷ ସାମନ୍ତସିଂହାର (ସିଲ୍‌ଭର), ଶ୍ରୀକୃଷ୍ଣ ଖଟେଇ, ଦୀପକ ସାମଲ, ସୂର୍ଯ୍ୟଶେଖର ପୃଷ୍ଟି ଓ ଗୁରୁପ୍ରସାଦ ବଳବନ୍ତରାୟ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ଉଷୁ କ୍ରୀଡ଼ାରେ ମେଡାଲ ଜିତିଥିବା ଖେଳାଳିମାନଙ୍କୁ ଡେଲାଙ୍ଗ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ଆମ୍ବାର ପୂର୍ବତନ ଅଧକ୍ଷ ବସନ୍ତ ବେହେରା, ପୂର୍ବତନ ସରପଞ୍ଚ ନବଘନ ପ୍ରଧାନ ଓ ପରିଚାଳନା କମିଟି ସଭାପତି ପ୍ରମୋଦ ପ୍ରଧାନ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

■ବିମଳାଙ୍କ ଲାଗି ସରକାରୀ ଯୋଜନା ସାତ ସପନ

# ୨୦ ବର୍ଷ ପରେ ବି ମିଳିନି ଆବାସ ଗୃହ

**ଗୋପ,୨୧।୧୦(ଡି.ଏନ.ଏ.)**

ବର୍ଷେ କି ଦୁଇ ବର୍ଷ ନୁହେଁ। ଦୀର୍ଘ ୨୦ ବର୍ଷ ଧରି ଗୋଟିଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଛନ୍ତି ଗୋପ ଥାନା ଅଧୀନ ପୟରା ପଞ୍ଚାୟତ ନିର୍ଗୁଣ୍ଡି ଗ୍ରାମର ୭୦ ବର୍ଷୀୟା ବୃଦ୍ଧା ବିମଳା ସ୍ୱାଇଁ। ସରକାର ଯୋଜନା ତାଙ୍କ ପାଇଁ ଯେପରି ପାଲଟିଛି ସାତସପନ। ଫନୀ ପରେ ବିମଳା ପୁଅ ବୋହୂ ଓ ନାତି ନାତୁଣୀଙ୍କୁ ନେଇ ଏକ ଭଙ୍ଗା କୁଡ଼ିଆ ଘରେ ଜୀବନ ବିତାଉଥିଲେ ମଧ ତାଙ୍କର ଏହି ଅଭିଯୋଗ ଯେମିତି କାହା କାନକୁ ଶୁଭୁ ନାହିଁ। ୨୦ବର୍ଷ ଭିତରେ ବିଧାୟକଙ୍କଠାରୁ ଆରମ୍ଭ କରି ଜିଲାପାଳ ବିଡିଓ ଓ ପଞ୍ଚାୟତ ଲୋକ ପ୍ରତିନିଧିଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ ତାଙ୍କ କଥା କେହି ଶୁଣୁ ନ ଥିବା ବିମଳା କହିଛନ୍ତି।

ସୂଚନାଯୋଗ୍ୟ, ୧୯୯୯ ମହାବାତ୍ୟାରେ ବିମଳାଙ୍କ ଘର ଭାଙ୍ଗିରୁଜି ଯାଇଥିଲା। ପରେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଗୋଟିଏ ଘର ପାଇଁ ସେ ବ୍ଲକଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଯାଇଥିଲେ। କିନ୍ତୁ ଅଧିକାରୀମାନେ ଦିନ ଗଡ଼ାଇ ଚାଲିଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ପରେ ବିଘରଟିଏ ପାଇପାରିଲେ ନାହିଁ। ଇତି ମଧ୍ୟରେ ଫାଇଲିନ, ହୁଡହୁଡ, ତିତିଲିଓ ଫନୀ ଭଳି ବାତ୍ୟା ହୋଇଯାଇଥିଲେ ମଧ ବହୁ ଅଧିକାରୀ କେବଳ ତଦନ୍ତ କରି ଯାଉଥିବାବେଳେ ଏପର୍ଯ୍ୟନ୍ତ ଘରଟିଏ ମିଳିପାରିଲା ନାହିଁ। ସେ ଗରିବ ହୋଇଥିବାରୁ ତଥା ହାତଗୁଞ୍ଜା ନ ଦେଇ ପାରିବାରୁ ସରକାରୀ ଯୋଜନାରେ ତାଙ୍କୁ ସାମିଲ କରାଯାଉ ନାହିଁ ବୋଲି ବିମଳା କହିଛନ୍ତି। ଗୋପ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ମୋ ନିକଟରେ ସେପରି କିଛି ଅଭିଯୋଗ ଆସି ନାହିଁ। ତଥାପି ଏପରି ଏକ ଗୁରୁତର ଅଭିଯୋଗ ପ୍ରତି ଦୃଷ୍ଟି ଦେଇ ସରକାରୀ ନିୟମ ଅନୁସାରେ ପାଇବାରଥିଲେ ନିଶ୍ଚିତ ଗୋଟିଏ ଗୃହ ତାଙ୍କୁ ମିଳିବ ବୋଲି କହିଛନ୍ତି।

# ଘରଭଙ୍ଗା ସହାୟତା ନେଇ ସର୍ବାଧିକ ଅଭିଯୋଗ

**ପୁରୀ ଅଫିସ,୨୧।୧୦:**

■ଶୁଣାଣିରେ ପ୍ରବଳ ଭିଡ଼: ପୋଲିସ ନାକେଦମ୍



ଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଲୋକେ ।

ବାତ୍ୟା ଫନୀକୁ ଇତିମଧ୍ୟରେ ସାଢେ ୫ମାସ ପୂରିଯାଇଛି। ହେଲେ ଏବେ ବି ଅନେକ କ୍ଷତିଗ୍ରସ୍ତଙ୍କୁ ଘରଭଙ୍ଗା ସହାୟତା ମିଳିନାହିଁ। ପୁଣି ଏହି ସହାୟତା ପ୍ରଦାନରେ ପାତରଅନ୍ତର ହୋଇଛି। ଏମିତି ନାନା ଅଭିଯୋଗ ଆଣି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରକୁ ଆସିଥିଲେ ହଜାର ହଜାର ଲୋକ। ସ୍ଥିତି ଏମିତି ହୋଇଥିଲା ଯେ, ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଶିବିରରେ ହୋଇଥିବା ୧୬୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ବାତ୍ୟା ଘରଭଙ୍ଗା ସହାୟତା ସଂକ୍ରାନ୍ତ ବୋଲି ଜଣାପଡ଼ିଛି।

ପୂର୍ବାହ୍ନ ୧୦ଟା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରବଳ ଭିଡ଼ ଲାଗିଥିଲା। ଏତେ ସଂଖ୍ୟକ ଲୋକ ଆସିବେ ବୋଲି ପ୍ରଶାସନ ଆକଳନ ବାହାରେ ଥିଲା। ଲୋକେ ୩ଟି ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇ ଅଭିଯୋଗପତ୍ର ଦାଖଲ କରିଥିଲେ। ଘରଭଙ୍ଗା ସହାୟତାକୁ ନେଇ ସବୁଠୁ ଅଧିକ ଅଭିଯୋଗ ରହିଥିଲା। ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତଙ୍କୁ ୯୫ହଜାର ଏବଂ ଆଂଶିକ କ୍ଷତିଗ୍ରସ୍ତଙ୍କୁ ୫,୨୦୦ ଟଙ୍କା ସହାୟତା ରାଶି ଦେବା ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଛି। ତେବେ ସର୍ଭେ କରିବାକୁ ଯାଇଥିବା ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଅନିୟମିତତା କରିଛନ୍ତି। ଅନେକ ଲୋକଙ୍କର ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଛି ବୋଲି ସେମାନେ ମିଥ୍ୟା ରିପୋର୍ଟ ଦେଇଛନ୍ତି। ଫଳରେ ସମ୍ପୃକ୍ତ ହିତାଧିକାରୀମାନେ ୯୫ ହଜାର ଟଙ୍କା ପାଇଛନ୍ତି। ମାତ୍ର ଅନେକ ଗରିବ ଲୋକଙ୍କ ଘର ନିଶ୍ଚିହ୍ନ ହୋଇଯାଇଥିଲେ ମଧ ସେମାନଙ୍କୁ ଆଂଶିକ କ୍ଷତିଗ୍ରସ୍ତ ବୋଲି ଦର୍ଶାଯାଇଛି। ତେଣୁ ସେମାନଙ୍କୁ ୫ହଜାର ଟଙ୍କା ମିଳିଛି। ସେହିପରି ଅନେକ ପ୍ରକୃତ କ୍ଷତିଗ୍ରସ୍ତଙ୍କ ନାଁ ତାଲିକାରେ ନ ଥିବାରୁ ସହାୟତା ପାଇବାରୁ ବଞ୍ଚିତ ରହିଛନ୍ତି। ଏମିତି ଶହ ଶହ ଅଭିଯୋଗ କରାଯାଇଛି। ତହସିଲଦାର, ଆର୍‌ଆଇ ଏବଂ ଅନ୍ୟ ସରକାରୀ କର୍ମଚାରୀଙ୍କ ନାଁରେ ବି ଲୋକେ ଅଭିଯୋଗ ଆଣିଛନ୍ତି।